ମନମୋହନ ମିଶ୍ର

ଗ୍ରନ୍ଥାବଳୀ

(ପ୍ରଥମ ଭାଗ)

Digitized by srujanika@gmail.com

ମନମୋହନ ମିଶ୍ର

ଗ୍ରନ୍ଥାବଳୀ

(ପ୍ରଥମ ଭାଗ)

ସଂକଳନ ଓ ସଂପାଦନା

ରବି ଦାଶ

Digitized by srujanika@gmail.com

ମନମୋହନ ମିଶ୍ର ଗ୍ରନ୍ଥାବଳୀ
(ପ୍ରଥମ ଭାଗ)

Manmohan Mishra Granthabali
(Vol.I)

ସଂକଳନ ଓ ସଂପାଦନା : ରବି ଦାଶ

Compiled and Edited by : Rabi Dash

ପ୍ରକାଶକ : **ବିଦ୍ୟାରତ୍ନ ପ୍ରକାଶନ**
ଗ୍ରାମ/ପୋ: ତାରପୁର, ଜି. ଜଗତ୍‌ସିଂହପୁର, ଓଡ଼ିଶା

© ପ୍ରକାଶକ

Publisher : Bidyaratna Prakashan
Vill/P.O. Tarpur, Dist: Jagatsinghpur, Orissa.

ମୁଖ୍ୟ ବିତରକ : **ଶିକ୍ଷା ସଂଧାନ**
ଏ-୧୨, ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା,
ଭୁବନେଶ୍ୱର - ୭୫୧ ୦୦୩

ପ୍ରଥମ ସଂସ୍କରଣ : ୨୦୦୬

First Edition : 2006

ପ୍ରଚ୍ଛଦ : ସରୋଜ ମହାରଣା

Cover : Saroj Moharana

ମୁଦ୍ରଣ : ଗ୍ରାଫିକ ଆର୍ଟ ଅଫସେଟ୍ ପ୍ରେସ, କଟକ

Printer : Graphic Art Offset Press, Cuttack.

ମୂଲ୍ୟ : ଟ.୧୨୦
Price : Rs.120

Digitized by srujanika@gmail.com

ଆବିର୍ଭାବ : ୨୩.୦୩.୧୯୨୦

ତିରୋଧାନ : ୧୯.୧୧.୨୦୦୦

Digitized by srujanika@gmail.com

ସଂପାଦକୀୟ

ପରାଧୀନ ଭାରତକୁ ସ୍ୱାଧୀନ କରିବା ପାଇଁ ଏବଂ ତତ୍‌କାଳୀନ ସାମନ୍ତବାଦୀ ଓ ଔପନିବେଶିକ ସମାଜରେ ଏକ ବୈପ୍ଲବିକ ପରିବର୍ତ୍ତନ ହାସଲ କରିବା ଲକ୍ଷ୍ୟ ନେଇ ମନମୋହନ ମିଶ୍ର କବିତା ଲେଖିବା, ସ୍ୱର ସଂଯୋଜନା କରିବା ଏବଂ ସ୍ୱରଚିତ କବିତାଗୁଡିକୁ ଆବୃତ୍ତିକରି ଦେଶର ଅଗଣିତ ଖଟିଖିଆ, ମୁକ୍ତିକାମୀ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିପାରୁଥିଲେ। ସେଥିପାଇଁ ବ୍ରିଟିଶ ଶାସନ ବିରୁଦ୍ଧରେ ଏବଂ ବିଦେଶୀ ଶାସନର ପଦଲେହୀ ରାଜା, ଜମିଦାରଙ୍କ ସାମନ୍ତବାଦୀ ଶୋଷଣ, ପୀଡନ ବିରୋଧରେ ଖୋଲମଖୋଲା କବିତା ରଚନାକରିବା ଯୋଗୁ ତାଙ୍କୁ ଜେଲ ଯିବାକୁ ପଡିଥିଲା। ତାଙ୍କ ରଚିତ 'କୋଟିକଣ୍ଠ' କବିତା ପୁସ୍ତକ ବେଆଇନ ଘୋଷିତହୋଇ ବାଜ୍ୟାପ୍ତ ହୋଇଥିଲା।

ଅଗଷ୍ଟ ୧୫, ୧୯୪୭। ଦେଶ ରାଜନୈତିକ ସ୍ୱାଧୀନତା ଲାଭ କଲା। ଜମିଦାରୀ ଉଠିଲା, ଗଡଜାତି ଶାସନ ଲୋପପାଇଲା। ମାତ୍ର ସାମନ୍ତବାଦୀ ଭୂସଂପର୍କ, ଉତ୍ପାଦନ ପ୍ରଣାଳୀ, ବୈଦେଶିକ ଶୋଷଣ, ଲୁଣ୍ଠନ, ପ୍ରଭାବ, ପ୍ରଭୁତ୍ୱ ଅବ୍ୟାହତ ରହିଲା। ତେଣୁ ମନମୋହନବାବୁଙ୍କ କବିତାରେ ବାରମ୍ବାର ପ୍ରଶ୍ନ ଉଠୁଥିଲା "କାହିଁ ମୁକ୍ତି, କାହିଁ ଶାନ୍ତି, କାହିଁ ସ୍ୱାଧୀନତା" ?

କବି ମନମୋହନ ଦୀର୍ଘ *୬୬* ବର୍ଷ ଧରି ଅସଂଖ୍ୟ ବିପ୍ଲବୀ କବିତା ରଚନା କରି ଯାଇଛନ୍ତି। ପୀଡିତ ଲୋକର ପ୍ରାଣର ସ୍ୱର, ମର୍ମବେଦନା ତାଙ୍କ କବିତାର ଛତ୍ରେ ଛତ୍ରେ ପ୍ରତିଫଳିତ ହୁଏ। ମୁକ୍ତି, ଶାନ୍ତି, ସ୍ୱାଧୀନତା ପାଇଁ ଆହ୍ୱାନ ଥିଲା ତାଙ୍କ କବିତାର ଆଧାର।

୧୯୩୪ରେ ତାଙ୍କର 'ପ୍ରଥମ କବିତା' ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଲକ୍ଷ୍ୟରେ ପ୍ରକାଶ ପାଇଥିଲା ଏବଂ ସେଥିପାଇଁ ସେ ପୁରସ୍କୃତ ହୋଇଥିଲେ। ଶିକ୍ଷା ଲାଭ ସଂଗେ ସଂଗେ ସ୍ୱାଧୀନତା ସଂଗ୍ରାମରେ ସେ ନେତୃତ୍ୱ ନେଲେ। ସୃଷ୍ଟି କରି ଚାଲିଲେ ଅବିରତ ବିପ୍ଲବୀ କବିତାର ପ୍ରବାହ। ମୁକ୍ତି ଓ ସ୍ୱାଧୀନତା ସଂଗ୍ରାମର

Digitized by srujanika@gmail.com

ପରିପ୍ରେକ୍ଷୀରେ ପ୍ରକାଶ ପାଇ ଚାଲିଲା 'କୋଟିକଣ୍ଠେ', 'ଆବାଜ', 'ମୁକ୍ତି ଡାକରା', 'ଜୀବନର ଜୟଗାନ', 'ଆଗାମୀ କାଲି', 'ନୂଆ ଗପଟିଏ ଲେଖ', 'ସୀମାନ୍ତଗାନ୍ଧୀ', ଆଦି କବିତା ପୁସ୍ତକମାନ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ପରିସ୍ଥିତି ସହିତ ତାଳଦେଇ ସେ କବିତା ଲେଖୁଥିଲେ ଏବଂ ଗାଉଥିଲେ। ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲେ। ତାଙ୍କର ରଚନା ଓ ଆବୃତ୍ତି ପାଇଁ ତାଙ୍କୁ 'ବିପ୍ଳବୀ କବି' ଓ 'ଚାରଣ କବି'ର ମର୍ଯ୍ୟାଦା ମିଳିଥିଲା। ତାଙ୍କ ରଚିତ କବିତାଗୁଡିକ ସହିତ ତାଙ୍କର ଆତ୍ମୀୟତା ଅତିମାତ୍ରାରେ ଥିଲା ଏବଂ କବିତାଗୁଡିକ ସହିତ ସେ ଏକାତ୍ମ ହୋଇପଡିଥିଲେ। ତାଙ୍କ ରଚିତ କବିତାଗୁଡିକ ସତେ ଯେପରି ତାଙ୍କର ପ୍ରାଣ, ଜୀବନ। ଦଳ, ମତ ନିର୍ବିଶେଷରେ ସେ ସମସ୍ତଙ୍କ ପାଖରେ ଥିଲେ ବିପ୍ଳବୀ କବି। ତାଙ୍କ ମତାଦର୍ଶ ସହିତ ଯେଉଁମାନଙ୍କର ରାଜନୈତିକ ଦ୍ୱନ୍ଦ ଥାଏ, ଯେଉଁମାନେ ତାଙ୍କ ସହିତ ଭିନ୍ନମତ ପୋଷଣ କରନ୍ତି, ସେମାନେ ମଧ ମନମୋହନଙ୍କ କବିତାକୁ ଆପଣେଇ ସଭାସମିତିରେ ଆବୃତ୍ତି କରୁଥିଲେ। ତାଙ୍କ କବିତା ବାସ୍ତବରେ କୋଟିକଣ୍ଠରେ ଝଙ୍କୃତ ହେଉଥିଲା। ଆଜି ସେ ନାହାନ୍ତି, ମାତ୍ର ତାଙ୍କ କଣ୍ଠରୁ ସ୍ୱରଲାଭ କରିଥିବା 'ଏକ ହୁଅ', 'କେତେଦୂର ତୋର ଓଡ଼ିଶା ମାଟିରେ' 'ଲୁହକୁ ତୋର ସମ୍ଭାଳ' ଆଜି ମଧ ମୁକ୍ତିକାମୀ ଆନ୍ଦୋଳନର ମଇଦାନରେ ପ୍ରାଧାନ୍ୟ ଲାଭ କରିଛି।

ମାତ୍ର ଦୁର୍ଯ୍ୟୋଗ! ୨୦୦୦ ମସିହା ପ୍ରାରମ୍ଭରେ ସେ ସଚେତନ ହେଲେ ଯେ ତାଙ୍କ ରଚିତ ସମଗ୍ର କବିତା ସମ୍ଭାର ତାଙ୍କ ନିକଟରୁ ଅନ୍ତର୍ଦ୍ଧାନ ହୋଇଯାଇଛି। ତାଙ୍କ ବ୍ୟକ୍ତିଗତ ଲାଇବ୍ରେରୀରେ ଖଣ୍ଡିଏ ହେଲେ ସ୍ୱରଚିତ କବିତା ପୁସ୍ତକ ନାହିଁ। ଏପରିକି କୌଣସି ପ୍ରକାଶିତ କବିତାର କାଗଜ କଟିଂ ଖଣ୍ଡିଏ ମଧ ନାହିଁ। ଅନ୍ୟ ପକ୍ଷରେ 'ବିସ୍ମରଣ' ରୋଗରେ ସେ ଆକ୍ରାନ୍ତ। ଗ୍ରନ୍ଥାବଳୀ ପ୍ରକାଶ ପାଇଁ ଯେଉଁମାନେ ତାଙ୍କ ଠାରୁ କବିତା ବହି, ପ୍ରକାଶିତ କବିତାର କଟିଂ ଓ ସ୍ୱହସ୍ତ ଲିଖିତ ଲେଖାଗୁଡିକର 'ପାଣ୍ଡୁଲିପି' ନେଇଥାନ୍ତି ସେମାନେ ଅସ୍ୱୀକାର କରନ୍ତି। ସେ ମହା ଦ୍ୱନ୍ଦ୍ୱରେ ପଡିଥାନ୍ତି।

ଯେଉଁ କବି ଶତ ଶତ ବିପ୍ଳବୀ ଗୀତି କବିତାର ସ୍ରଷ୍ଟା, ମୁକ୍ତି ସଂଗ୍ରାମର ଦିଗ୍‌ଦର୍ଶକ, ଅସାଧାରଣ ସ୍ମରଣ ଶକ୍ତିର ଆଧାର - ସେ 'ବିସ୍ମରଣ'ରେ ଆକ୍ରାନ୍ତ, ଏହା ସହଜରେ ବିଶ୍ୱାସ କରିହୁଏନାହିଁ। କେବଳ କବିତା, ଗୀତି କବିତା ରଚନା କରିନାହାନ୍ତି, ନିଜେ ସ୍ୱର ଦେଇଛନ୍ତି, ଆବୃତ୍ତି କରିଛନ୍ତି, ଗାଇଛନ୍ତି ସାଧାରଣ ସଭା,

Digitized by srujanika@gmail.com

ରେଡିଓ ଷ୍ଟେସନରୁ ବୈଠକଖାନା ଯାଏ। ଆବୃତ୍ତି କରି ଲୋକଙ୍କ ମନରେ ଉନ୍ମାଦନା ସୃଷ୍ଟି କରିବା ସଂଗେ ସଂଗେ ସେ ନିଜେ ମଧ୍ୟ ମନ୍ତ୍ର ମୁଗ୍ଧ ହୋଇଯାଉଥିଲେ। ଆଶ୍ଚର୍ଯ୍ୟର କଥା ପାଖରେ ଖଣ୍ଡିଏ ହେଲେ ସ୍ୱରଚିତ କବିତା ବହି ନଥିଲା। ସବୁ ଦୁଷ୍ପ୍ରାପ୍ୟ!

ଜାନୁଆରୀ ୮, ୨୦୦୦ରେ ମନମୋହନବାବୁଙ୍କର ଖଣ୍ଡେ ପୋଷ୍ଟକାର୍ଡ ପାଇଲି। ଲେଖିଥାନ୍ତି 'ମୁଁ ତୁମକୁ ଦେଖିବା ପାଇଁ ଆଗ୍ରହୀ ଏବଂ ଏ ଚିଠିକୁ ଜରୁରୀ ମନେକରି ଶୀଘ୍ର ମୋ ଘରକୁ ଆସିବ।' ଜାନୁଆରୀ ୧୧ରେ ତାଙ୍କ କଟକସ୍ଥ ନିଳାଦ୍ରୀବିହାର ଘରେ ପହଞ୍ଚିଲି। ଶ୍ରୀମତୀ ନିର୍ମଳା ମିଶ୍ର ପ୍ରଥମେ ମୋତେ କହିଲେ ସେ କେଉଁଠି ଅଛନ୍ତି ମୁଁ ଜାଣେନାହିଁ। ହତବାକ୍ ହେଲି। ମାତ୍ର ବୁଝିପାରିଲି ଶ୍ରୀମତୀ ମିଶ୍ର ନିଜେ ଅସୁସ୍ଥ। ମନମୋହନବାବୁ 'ବିସ୍ମରଣ'ରେ ଆକ୍ରାନ୍ତ। ଏ ପରିସ୍ଥିତିରେ ନିର୍ମଳା ଦେବୀ ଚାହାନ୍ତି ନାହିଁ ଯେ ସେ ଦୂରରେ ରୁହନ୍ତୁ। ସେ କହିଲେ, ଲୋକଟି ଜୀବନର ଚାରିଭାଗରୁ ଭାଗେ ଦିନ ଜେଲରେ ରହିଲେ, ସବୁ ସମ୍ଭାଳିଲି। ଆତ୍ମଗୋପନ କରି ବହୁଦୂରରେ ରହିଲେ, ସବୁ ସମ୍ଭାଳିଲି। ଏବେ ମୁଁ ଅସୁସ୍ଥ, ଗୋଡ ଭାଙ୍ଗିଯାଇଛି, କୁଆଡେ ଖୋଜିବାକୁ ଯିବି? ପ୍ରଚଣ୍ଡ ଅଭିମାନ!

ନିର୍ମଳା ଦେବୀଙ୍କ ଠାରୁ ସବୁ ବୁଝି ମୁଁ ତାଙ୍କ ପୁଅ, ବୋହୂ ଶ୍ରୀ ସଂଜୟ ମିଶ୍ର ଓ ଶାନ୍ତି ମିଶ୍ରଙ୍କ ଭୁବନେଶ୍ୱର ଘରେ ମନମୋହନ ବାବୁଙ୍କୁ ଭେଟିଲି। ଠିକ ସେହି ହସ ହସ ମୁହଁ। ଖୁବ୍ ସୁସ୍ଥ, ସବଳ। ରୋଗ, ବୈରାଗ୍ୟର ସୂଚନା ଚେହେରାରେ ସାମାନ୍ୟତମ ନଥାଏ। ଦେଖିଲା ମାତ୍ରେ ହସ ହସ ମୁହଁରେ ମୋତେ କହିଲେ 'ତମ ନାମ ମୋର ମନେପଡୁନାହିଁ। କଅଣ କହିବାକୁ ଚାହୁଥାନ୍ତି; ମାତ୍ର କହିପାରୁନଥାନ୍ତି।' ମୁଁ ପଚାରିଲି ଆପଣଙ୍କ ନାମ କଅଣ? ସେ କହିଲେ, ମନମୋହନ ମିଶ୍ର। ପଚାରିଲି 'ଏକହୁଅ' କବିତା ମନେ ଅଛି? ସେ ସଂଗେ ସଂଗେ ଆବୃତ୍ତି କଲେ 'ଏକ ହୁଅ, ଏକ ହୁଅ ତୁ ଭାରତର ଜନତା ସଂଗ୍ରାମର ମଇଦାନରେ', ମାତ୍ର ପଙ୍‌କ୍ତିଗୁଡିକ ଏପାଖ ସେପାଖ ହେଲା। ପୁଣି କହିଲେ, 'ତୁମ ନାମ ମୋତେ ମନେପଡୁନାହିଁ'। ମୁଁ କହିଲି, 'ଆପଣ ଖଣ୍ଡେ ପୋଷ୍ଟକାର୍ଡରେ ମୋତେ ଲେଖିଥିଲେ ଯେ ଏହାକୁ ଅତି ଜରୁରୀ ମନେକରି ମୋତେ ଭେଟିବ'। ମୋ ଘର ତାରପୁର। ସେ ଆବେଗଭରା କଣ୍ଠରେ କହିଉଠିଲେ, 'ଓଃ, ତୁମେ ରବି ଦାସ। ବିସ୍ମରଣ ଯୋଗୁ ତୁମ ନା ମନେପଡୁନଥିଲା। ଆଚ୍ଛା ଶୁଣ, ମୁଁ ଗୋଟାଏ ଅତି ସଂକଟରେ ପଡିଛି। ଶହ ଶହ କବିତା ରଚନାକରିଛି, ଗାଇଛି, ସଭା ସମିତିରେ ଆବୃତ୍ତିକରିଛି, ବର୍ତ୍ତମାନ ଖଣ୍ଡେ କବିତା ବହି ମୋର

Digitized by srujanika@gmail.com

ନାହିଁ। କବିତାଗୁଡିକ ମୋର ଆତ୍ମା, ପ୍ରାଣଠାରୁ ବଳୀ। ମୋ ପାଖରୁ, ମୋ ଲାଇବ୍ରେରୀରୁ ମୋ ରଚିତ ସବୁ କବିତା ବହି ଅନ୍ତର୍ଦ୍ଧାନ! ପ୍ରତିଟି କବିତା ସହିତ ମୋର ଏତେ ଆତ୍ମୀୟତା ଥିଲା ଏବଂ ମୁଁ ସେଗୁଡିକ ସହିତ ଏତେ ମାତ୍ରାରେ ଏକାତ୍ମ ହୋଇପଡିଥିଲି ଯେ କାହାକୁ ଭୁଲିପାରୁନାହିଁ। ଭାବୁଛି ଗୋଟାଏ 'ଗ୍ରନ୍ଥାବଳୀ'ରେ ସବୁଯାକ ଛାପିଦେବା। ହୋଇପାରିବ ? ମୁଁ ଜବାବ ଦେଲି, 'ନିଶ୍ଚିତ ହୋଇପାରିବ। ଆପଣଙ୍କ କବିତା, ସ୍ୱର ସଂଯୋଜନା ମୁକ୍ତି, ଶାନ୍ତି, ସ୍ୱାଧୀନତା ସଂଗ୍ରାମର ଅମୂଲ୍ୟ ସଂପଦ। ଏହାର ସୁରକ୍ଷା ଆମ ସମସ୍ତଙ୍କର ଏକ ଦାୟିତ୍ୱ।' ସେ କହିଲେ ମୋ ପାଖରେ ଖଣ୍ଡିଏ ହେଲେ କବିତା ବହି ଛାପା ଅକ୍ଷରରେ ନାହିଁ। ଗ୍ରନ୍ଥାବଳୀ ସଂପର୍କରେ ଅନେକ ବନ୍ଧୁଙ୍କ ସହିତ ଆଲୋଚନା କରିଲି। କେତେକଙ୍କୁ ପାଣ୍ଡୁଲିପିର ଫଟୋକପି ମଧ୍ୟ ଦେଇଛି। ମାତ୍ର ବର୍ତ୍ତମାନ ସର୍ବତ୍ର ଅସ୍ୱୀକାରର ସ୍ୱର।

ତାଙ୍କର ଉଜ୍ଜ୍ୱଳ ହସ ହସ ମୁହଁ ସାମାନ୍ୟ ବିରସ, ବିଷାଦଗ୍ରସ୍ତ ହୋଇଉଠିଲା। ମୁଁ ସଂଗେ ସଂଗେ କହିଲି, ଆପଣ ସିନା କବିତା ରଚନା କରୁଥିଲେ, ଆବୃତ୍ତି କରୁଥିଲେ, ମାତ୍ର ସେସବୁ କବିତା ଆଜି ମଧ୍ୟ କାରଖାନା, ଖଳାବାଡି, ଖାଦାନ, ବାଗାନ, ମୁକ୍ତି ସଂଗ୍ରାମର ମଇଦାନରେ ସର୍ବତ୍ର ମିଳିପାରିବ। ଆମେ ସଂଗ୍ରହ କରିପାରିବା।' ସେ ହସ ହସ ମୁହଁରେ ପୁଣି ପଚାରିଲେ, ଆସନ୍ତା ୬ ମାସ ମଧ୍ୟରେ 'ଗ୍ରନ୍ଥାବଳୀ' ପ୍ରକାଶ କରିପାରିବା। ମୁଁ ଜବାବ ଦେଲି, 'ହୋଇପାରିବ'। ତେବେ ମୂଳରୁ ପୁଣି ସବୁ ଲେଖା ସଂଗ୍ରହ କରିବାକୁ ହେବ।

ସେଦିନ ମନମୋହନବାବୁ 'ଆମେ ଓଡ଼ିଶାର ଜନତା' ଗୀତଟି ଗାଇଲେ। ମୁଁ ଟିପି ଆଣିଲି। ପରେ ସଂଜୟ ମିଶ୍ର ମଧ୍ୟ କେତୋଟି କବିତା ବୋଲିଲେ, ତାକୁ ମଧ୍ୟ ଟିପିଲି। ଶ୍ରୀ ଶରତ ବିଶ୍ୱାଳ ଓ ସବିତା ମହାପାତ୍ର କେତୋଟି କବିତା ସେମାନଙ୍କ ଡାଇରୀରୁ ଉଠାଇ ପ୍ରକାଶନ ପାଇଁ ଦେଲେ। ମୁଁ ମୋ ଟିପାଖାତାରୁ କେତେକ କବିତା ଉଦ୍ଧାର କଲି।

ନିଜେ ମନମୋହନବାବୁ ଅନେକ କବିତା ଗାଇଲେ। ସେସବୁ କ୍ରମେ କ୍ରମେ ଟେପ କରାଗଲା। ଗ୍ରନ୍ଥାବଳୀ ପାଇଁ ପାଣ୍ଡୁଲିପି ପ୍ରସ୍ତୁତି ଚାଲିଲା। ଟେପରୁ ସଂଗୃହୀତ କବିତାରୁ ସ୍ପଷ୍ଟ ହେଲା ଯେ ସଂପୃକ୍ତ କବିତାର ପଙ୍‌କ୍ତିଗୁଡିକ ଏପଟ ସେପଟ ହେଉଛି।

Digitized by srujanika@gmail.com

ମୂଳ କବିତା ସହ ମେଳରଖିବା ପାଇଁ ପାଣ୍ଡୁଲିପିକୁ ମାର୍ଜିତ କରିବାକୁ ବହୁ ଚେଷ୍ଟା କରିଛୁ।

ଦୁଇ ମାସ ପରେ ମନମୋହନବାବୁ ପ୍ରଶ୍ନ ଉଠାଇଲେ ଭୁବନେଶ୍ୱର ପୁସ୍ତକମେଳା ୨୦୦୦ରେ 'ଗ୍ରନ୍ଥାବଳୀ' ପ୍ରକାଶିତ ହୋଇନପାରିଲେ ବି ଖଣ୍ଡେ ବହି ଉନ୍ମୋଚିତ ହୋଇପାରନ୍ତା ନାହିଁ?

ଏ ପର୍ଯ୍ୟନ୍ତ ଖୁବ୍ କମ କବିତା ସଂଗୃହୀତ ହୋଇଥାଏ। ଯେଉଁମାନଙ୍କଠାରୁ ଆଶା କରାଯାଉଥାଏ, ସେମାନଙ୍କ ଠାରୁ କୌଣସି କବିତାର ଫଟୋକପି ମିଳୁନଥାଏ। ମନମୋହନବାବୁ ଯେଉଁମାନଙ୍କ ଠାରୁ ମିଳିବ ବୋଲି ସୂଚନା ଦିଅନ୍ତି, ସେମାନେ ସମସ୍ତେ ମନା କରନ୍ତି। ଏହା ଭିତରେ କୌଣସି ପ୍ରକାଶିତ କବିତା ବହିର ରୂପ ଦେଖାଯାଉ ନଥାଏ। ତଥାପି ଯେତିକି ସଂଗ୍ରହ ହୋଇଥାଏ ସେଥିରୁ କେତେକ କବିତା ନେଇ ଖଣ୍ଡେ ବହି ପ୍ରକାଶକରିବା ସ୍ଥିର ହେଲା। ସଂଗେ ସଂଗେ ଗ୍ରାମସେବକ ସମବାୟ ପ୍ରକାଶନ ଲିଃରେ ମୁଦ୍ରଣ ଆରମ୍ଭ ହେଲା। ଏକ ସପ୍ତାହ ମଧ୍ୟରେ ଛାପା ଶେଷ। ମନମୋହନବାବୁ ନିଜେ ଫାଇନାଲ ପ୍ରୁଫ ଦେଖିଲେ। ସେ ନିଜେ ବହିର ନାମକରଣ କଲେ 'କୌମିନାରା' - ଜୀବନର ଜୟଗାନ। 'ଭୁବନେଶ୍ୱର ପୁସ୍ତକମେଳା ୨୦୦୦' ମାର୍ଚ୍ଚ ୭, ୨୦୦୦ରେ ଉଦ୍‌ଘାଟିତ ହେଲା। ମନମୋହନବାବୁ ଖୁବ୍ ଆଶ୍ୱସ୍ତ ହେଲେ, ଖୁବ ଉତ୍ସାହିତ ହେଲେ। ସେ କହି ପକାଇଲେ 'ମୋର ପୁନର୍ଜନ୍ମ ହେଲା'।

ଆମେ ଗ୍ରନ୍ଥାବଳୀ ପାଣ୍ଡୁଲିପି ପ୍ରସ୍ତୁତ କରିବାରେ ଲାଗିଲୁ। ଆଗେଇଥିବା ବେଳେ ମନମୋହନବାବୁ ଅଗଷ୍ଟ ୧୨, ୨୦୦୦ରେ ଆଉ ଗୋଟିଏ ପୋଷ୍ଟକାର୍ଡ ମୋତେ ଲେଖିଲେ। ମୁଁ ଚିଠି ପାଇ ତାଙ୍କ ଘରକୁ ଗଲି। ଆଲୋଚନା କଲି। ମନମୋହନବାବୁଙ୍କ ଆବେଗ ଓ ବ୍ୟାକୁଳତାକୁ କଳନା କରିବା ପାଇଁ ସେ ଚିଠିଟିକୁ ପରପୃଷ୍ଠାରେ ପ୍ରକାଶକରୁଅଛୁ। 'ମନମୋହନ ମିଶ୍ର ଗ୍ରନ୍ଥାବଳୀ' ପ୍ରକାଶକରିବା ପାଇଁ ଓଡ଼ିଶାର ପ୍ରତିଷ୍ଠିତ ପ୍ରକାଶକମାନେ ଆଗ୍ରହ ପ୍ରକାଶ କରୁନଥିବାରୁ ଆମେ ପ୍ରକାଶ କରିବୁ ବୋଲି ସ୍ଥିର ହେଲା। 'କୌମିନାରା' ଏ ଦିଗରେ ବାଟ କଢେଇଲା।

ପ୍ରକାଶନ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମନମୋହନବାବୁଙ୍କ ଚିଠି ନେଇ ମୁଁ ଶ୍ରୀ ଗୁରୁଚରଣ ପଟ୍ଟନାୟକ, ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତି (ଦିବଂଗତ),

Digitized by srujanika@gmail.com



Digitized by srujanika@gmail.com

ଲକ୍ଷ୍ମୀନାରାୟଣ ରାୟ ସିଂହ, ଡକ୍ଟର ବିଜୟ ଶତପଥୀ, ଆଶିଷ ମହପାତ୍ର, କବି ରବି ସିଂ, ବ୍ରଜନାଥ ରଥ ଆଦି ସାହିତ୍ୟିକ, କବି ବନ୍ଧୁ ମାନଙ୍କୁ ଭେଟିଛି। ଶ୍ରୀ ଗୁରୁଚରଣ ପଟ୍ଟନାୟକ ଓ ଗୋବିନ୍ଦ ମହାନ୍ତି କେତେକ ଅନୁକୂଳ ସୂଚନା ନେଇଥିଲେ। ମାତ୍ର କୌଣସି କବିତାର ଫଟୋକପି ଦେଇପାରିଲେ ନାହିଁ। ଅନ୍ୟବନ୍ଧୁମାନେ କେହି ହେଲେ ମନମୋହନବାବୁଙ୍କର କୌଣସି ଗୋଟିଏ ଲେଖା ଦେଇ ପାରିଲେ ନାହିଁ। ସମସ୍ତେ କହିଲେ ମନମୋହନ ମିଶ୍ରଙ୍କ କବିତାଗୁଡିକୁ ଗୋଟିଏ ଗ୍ରନ୍ଥାବଳୀରେ ପ୍ରକାଶ କରିବା ଓଡ଼ିଶା ସାହିତ୍ୟ ପାଇଁ ଅତି ଜରୁରୀ।

ଶ୍ରୀ ଗୋବିନ୍ଦ ମହାନ୍ତି ମନମୋହନ ବାବୁଙ୍କ ସହିତ ୧୯୪୨ରେ ଆସାମ ଚା' ବଗିଚାରେ ଦାଦନ ଖଟୁଥିବା ଓଡ଼ିଆ କୁଲିମାନଙ୍କୁ ସଂଗଠିତକରିବା ପାଇଁ ଆସାମ ଯାଇଥିଲେ। ଦାଦନ କୁଲିମାନଙ୍କ ସମସ୍ୟା ସଂପର୍କରେ ଆଜି ଯେଉଁ ପ୍ରକାରର ନୀତିଦିନିଆ ବିଭତ୍ସ ସମ୍ବାଦସବୁ ପ୍ରକାଶ ପାଉଛି ସେତେବେଳେ ଏହାଠାରୁ ଅଧିକ ହୃଦୟବିଦାରକ, ଅଧିକ କରୁଣ, ଅଧିକ ବିଭତ୍ସ ଅବସ୍ଥା ଥିଲା। ଦାଦନ କୁଲିମାନଙ୍କୁ ଶୋଷଣ, ନିର୍ଯ୍ୟାତନାରୁ ମୁକ୍ତି ପାଇଁ ସଂଗ୍ରାମର ଶୁଭାରମ୍ଭ ମନମୋହନବାବୁ କରିଥିଲେ କହିଲେ ଭୁଲ ହେବନାହିଁ। ମନମୋହନବାବୁଙ୍କ ମୃତ୍ୟୁପରେ ଗୋବିନ୍ଦବାବୁ ଗାଇଥିଲେ 'କେତେଦୂର ତୋର ଓଡ଼ିଶା ମାଟିରେ କାହିଁ ମହାନଦୀ ପାଣି'। ଶେଷରେ ଡକ୍ଟର ବିଜୟ ଶତପଥୀ ଗତ ୨ ମାସ ତଳେ 'ଆବାଜ' ପୁସ୍ତକର ଏକ ଫଟୋକପି ଆମକୁ 'ଗ୍ରନ୍ଥାବଳୀ' କାମ ପାଇଁ ଦେଇଛନ୍ତି। ଏହା ଗ୍ରନ୍ଥାବଳୀ ପ୍ରକାଶନ ପାଇଁ ଖୁବ ସାହାଯ୍ୟକାରୀ ହେଲା। ଏଥିରୁ ୧୨ଟି ପୁରୁଣା ଦୁଷ୍ପ୍ରାପ୍ୟ କବିତା ଗ୍ରନ୍ଥାବଳୀରେ ସନ୍ନିବେଶିତ କରାଗଲା ଏବଂ 'କୌମିନାରା'ରେ ପ୍ରକାଶିତ କେତୋଟି କବିତାର ପଙ୍‌କ୍ତି ସଜାଡିବାରେ ସହାୟକ ହେଲା। ସେଥିପାଇଁ ଆମେ ଡକ୍ଟର ବିଜୟ ଶତପଥୀଙ୍କ ପାଖରେ କୃତଜ୍ଞ।

ଏହା ମଧ୍ୟରେ ଆମେ ଗ୍ରନ୍ଥାବଳୀ ପାଣ୍ଡୁଲିପି ପାଇଁ ୯୦ଟି କବିତା ସଂଗ୍ରହ କରିପାରିଛୁ। ଆହୁରି ବହୁ କବିତା ଓଡ଼ିଆ ଦୈନିକ, ସାପ୍ତାହିକ, ମାସିକ, ଦ୍ୱିମାସିକ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିବା ଆମେ ଜାଣିବାକୁ ପାଇଛୁ। ଏସବୁକୁ ସଂଗ୍ରହ କରିବା ସମୟସାପେକ୍ଷ। ମନମୋହନ ମିଶ୍ରଙ୍କ ଦରଦୀବନ୍ଧୁମାନଙ୍କ ପରାମର୍ଶ, ଆମ ସହିତ ଗ୍ରନ୍ଥାବଳୀ ପ୍ରକାଶନ କାର୍ଯ୍ୟରେ ସଂପୃକ୍ତ ସାଥୀମାନଙ୍କ ନିଷ୍ପତ୍ତି ଓ ଶ୍ରୀ

Digitized by srujanika@gmail.com

ବିଜୟମୋହନ ମିଶ୍ରଙ୍କ ପ୍ରେରଣାରେ ଆମେ ୯୦ଟି କବିତାକୁ ନେଇ 'ମନମୋହନ ମିଶ୍ର ଗ୍ରନ୍ଥାବଳୀ' ପ୍ରଥମ ଭାଗ ପ୍ରକାଶ କରୁଅଛୁ। ସ୍ୱର୍ଗତ ଭଗବତୀ ଚରଣ ପାଣିଗ୍ରାହୀଙ୍କ ମୃତ୍ୟୁରେ ମନମୋହନ ବାବୁ ଲେଖିଥିବା 'ନୂଆ ଗପଟିଏ ଲେଖ' ପୁସ୍ତିକାଟି ଏପର୍ଯ୍ୟନ୍ତ ଦୁଷ୍ପ୍ରାପ୍ୟ। ମନମୋହନବାବୁଙ୍କ କଣ୍ଠରୁ ଯେତିକି ଅଂଶ ଟେପ କରାଯାଇଛି ସେତିକି 'ଭଗବତୀ ପ୍ରିୟ ସାଥୀ' ଶୀର୍ଷକ ଅଂଶିକ କବିତା ଏହି ଗ୍ରନ୍ଥାବଳୀରେ ସନ୍ନିବେଶିତ କରୁଛୁ। ଗ୍ରନ୍ଥାବଳୀର ୨ୟ ଭାଗରେ ସଂପୂର୍ଣ୍ଣ ପୁସ୍ତିକାଟି ମିଳିଲେ ପ୍ରକାଶ କରିବୁ।

କୋଟିକଣ୍ଠର ବିପ୍ଳବୀ କବୀ ମନମୋହନ ମିଶ୍ର ଆଜି ନାହାନ୍ତି। ମାତ୍ର ତାଙ୍କ ଦୀର୍ଘ ୬୬ ବର୍ଷର ସାହିତ୍ୟ ସାଧନାର ବିପ୍ଳବୀ ଗୀତିକବିତା ଓ ଅଗଣିତ ଆଧୁନିକ କବିତା ଯୁଗ ଯୁଗ ପାଇଁ ଓଡ଼ିଆ ସାହିତ୍ୟରେ ଭାସ୍ୱର ହୋଇ ରହିବ। ତାଙ୍କ ଶେଷ ଇଛା ଅନୁସାରେ ତାଙ୍କର କବିତା ଓ ଲେଖାଗୁଡିକ 'ଗ୍ରନ୍ଥାବଳୀ' ଆକାରରେ ପ୍ରକାଶ କରିବା ଆମ ପିଢ଼ୀ ପାଇଁ ଥିଲା ଏକ ଆହ୍ୱାନ। ଆଜି 'ଗ୍ରନ୍ଥାବଳୀ' ପ୍ରଥମ ଭାଗ ପ୍ରକାଶକରି ଆମେ ସେ ଆହ୍ୱାନର ସାମନା କରିବାକୁ ଆଗେଇଛୁ।

ଏଥିରେ ଆମେ କେତେଦୂର ସଫଳ, ପାଠକମାନେ ବିଚାର କରିବେ।

ରବି ଦାଶ
ସଂପାଦକ

Digitized by srujanika@gmail.com

ମୁଖବନ୍ଧ

ଅଭିଜାତ-ସାହିତ୍ୟର ଲେଖକମାନେ କେବଳ ଶିକ୍ଷିତ ଓ ସଚେତନ ପାଠକ ଗୋଷ୍ଠୀ ମଧ୍ୟରେ ପରିଚିତ ହେବାର ସୌଭାଗ୍ୟ ଲାଭ କରିଥାଆନ୍ତି। ସେହି ପାଠକମାନଙ୍କର ସଂଖ୍ୟା ଅଙ୍ଗୁଳିମେୟ। ଇତିହାସର ଲେଖକମାନେ ସେହିମାନଙ୍କର ଅବଦାନକୁ ଶତମୁଖରେ ସ୍ୱୀକୃତି ଦେବା ପାଇଁ ବ୍ୟାକୁଳ। କବି ମନମୋହନ ମିଶ୍ର ଏହି କ୍ଷେତ୍ରରେ ଏକ ବଳିଷ୍ଠ ବ୍ୟତିକ୍ରମ। ଯେଉଁମାନେ ସମାଜରେ ଦଳିତ, ଶୋଷିତ ଓ ଲାଞ୍ଛିତ, ସେମାନେ ରୟତ, ଉଠାଦୋକାନୀ, ଗରିବ କର୍ମଚାରୀ, ଖଟିଖିଆ ଓ କିଣିଖିଆ ମୂଲିଆ, ସେମାନେ ବି ହୋଇପାରନ୍ତି କାଳିମାଟିର ଶ୍ରମିକ, ଶିଳ୍ପନଗରୀର ଶ୍ରମିକ- ବସ୍ତିର ସନ୍ତୁଳିତ ବାସିନ୍ଦା ଅଥବା ସେମାନେ ଦୁର୍ନୀତିଖୋର ନେତା ଓ ଅତ୍ୟାଚାରୀ ସାଉକାର କିମ୍ବା ଉତ୍ପୀଡ଼କ ଅମଲା ଶ୍ରେଣୀ; ଏହିମାନଙ୍କର ଜୀବନର ଆଲେଖ୍ୟ ରୂପାୟିତ ହୋଇଛି ମନମୋହନଙ୍କ କବିତାରେ। ଅତ୍ୟାଚାରୀତ ଜନତାକୁ ଆହ୍ୱାନ ଜଣାଇଛନ୍ତି ଏହି ଦୁର୍ଗତି ଓ ଅପସଂସ୍କୃତିର ମୁକାବିଲା କରିବାପାଇଁ। ଦରିଦ୍ର ଜନତାର ସଂଗ୍ରାମକୁ ବୈପ୍ଲବିକ ପ୍ରେରଣା ପ୍ରଦାନ କରି ଆସିଛନ୍ତି ମନମୋହନ।

କବି ନିଜେ ଜଣେ ସଂଗ୍ରାମୀ ବ୍ୟକ୍ତିତ୍ୱ। ସେଥିପାଇଁ ସମକାଳୀନ ସାମାଜିକ ଓ ରାଜନୀତିକ ଘନଘଟାର ଚିତ୍ର ତାଙ୍କର କବିତାର ଆଙ୍ଗିକ ଭାବରେ ପ୍ରତିଫଳିତ ହୋଇଥିବାରୁ ଅନେକ ସମୟରେ ତାଙ୍କର କବିତାଗୁଡ଼ିକରେ ତାତ୍‌କାଳିକ ଦୃଶ୍ୟପଟର ଆଧିକ୍ୟ ଅନୁଭୂତ ହୋଇଥାଏ। ଏହା ଅତ୍ୟନ୍ତ ସ୍ୱାଭାବିକ। ମାତ୍ର ସେହି କବିତାରେ ଜନସାଧାରଣଙ୍କ ପାଇଁ କବିଙ୍କର ଦରଦୀ ଭାବନା ଓ ଅନ୍ତରଙ୍ଗ ଅଭିବ୍ୟକ୍ତି ଅନନ୍ୟସାଧାରଣ।

ଅତୀତରେ ''କୋଟିକଣ୍ଠେ'' "ମୁକ୍ତିତ୍ୱାକରା'', "ଆବାଜ୍'', ''ଆଗାମୀକାଲି'' ପ୍ରଭୃତି କବିତା ସଂକଳନରେ କବିଙ୍କର ଯେଉଁ କେତେକ କବିତା ସଂକଳିତ ହୋଇଥିଲା, ତାହା କବିପୁରୁଷର ଆକଳନ ପାଇଁ ଯଥେଷ୍ଟ ନୁହେଁ। କାରଣ ସମକାଳୀନ ରାଜନୈତିକ ଦୃଶ୍ୟପଟକୁ ଆଖି ଆଗରେ ରଖି ଉଦ୍ଦେଶ୍ୟମୂଳକଭାବରେ କେତୋଟି ସଂକଳନ ପ୍ରକାଶିତ ହୋଇଥିଲା ବାମପନ୍ଥୀ ଆନ୍ଦୋଳନକୁ ଆଗେଇ ନେବାପାଇଁ। ତେଣୁ ଅନେକ କବିତା ଯୁଗଧର୍ମୀ ଚେତନାର ବାହକ ହେଲେହେଁ ସେଗୁଡ଼ିକରେ ଚିରନ୍ତନ ଭାବାବେଗକୁ ଅନୁସନ୍ଧାନ କରି ଉପଭୋଗ କରିବାକୁ ହେବ।

Digitized by srujanika@gmail.com

କବି ମନମୋହନ ନିଜର କାବ୍ୟସାଧନାର ଆଭିମୁଖ୍ୟ ଅତ୍ୟନ୍ତ ମାର୍ମିକ ଭାବରେ ପ୍ରକାଶିତ କରିଛନ୍ତି ତାଙ୍କର ''ଆହେ ଓଡ଼ିଶାର ଜନତା'' କବିତାରେ। ଅଧିକାଂଶ କବି ଓ ଲେଖକ କଳ୍ପନାବିଳାସୀ। କବିତାଲେଖିବା ସେମାନଙ୍କର ଏକ ମାନସିକ ବିଳାସ। ସାମାଜିକ ସମ୍ମାନ ଓ ସ୍ୱୀକୃତିଲାଭ ଉଦ୍ଦେଶ୍ୟରେ ସେମାନେ ଲେଖନୀ ଧାରଣ କରିଥାଆନ୍ତି। ପୁରସ୍କାର ଓ ଉପଢ଼ୌକନ ଲାଭ ଉଦ୍ଦେଶ୍ୟରେ ପ୍ରତିଯୋଗିତା-ଦୌଡ଼ରେ ମଧ୍ୟ ସେମାନେ ଲବି କରିବାକୁ ପଶ୍ଚାତପଦ ହୁଅନ୍ତି ନାହିଁ। ଏପରି ବିକୃତ କାବ୍ୟସାଧନା କବି ମନମୋହନଙ୍କ ପାଇଁ ସଂପୂର୍ଣ୍ଣ ଅବ୍ୟାପାର ଓ ଅଶାଳୀନ। ତେଣୁ ଅବୋଧ ବା ଦୁର୍ବୋଧ ହେବା ସେମାନଙ୍କ ପାଇଁ ଏକ ଅହଂକାର ଓ ଆଭିଜାତ୍ୟ ବୋଲି ମନେ ହୋଇଥାଏ। ଅଧିକାଂଶ ଲେଖକଙ୍କର ପାଠକ ସମାଜପ୍ରତି ସହାନୁଭୂତି ଓ ଦରଦର ଅଭାବ। ତେଣୁ ଅବୋଧ ବା ଦୁର୍ବୋଧ ହେବା ସେମାନଙ୍କ ପାଇଁ ଏକ ଅହଂକାର ଓ ଆଭିଜାତ୍ୟ ବୋଲି ମନେ ହୋଇଥାଏ। ତେଣୁ ମନମୋହନ ଲେଖିଛନ୍ତି—

''ମୋ' ଗୀତ ପଢ଼ିକେ ତୁମର କାହାଣୀ
ତୁମେ ଯଦି ବୁଝି ନପାର
ଧିକ ଧିକ ମୋର କବି ବୋଲାଇବା
ଧିକ ମୋ ଲେଖକ ହେବାର।''

ଆଜିର ସାହିତ୍ୟକ ପାଣିପାଗ ବିଷୟରେ କବିଙ୍କର ପ୍ରତିକ୍ରିୟା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ। କେତୋଟି ଲେଖା ପ୍ରକାଶ କରି ସାରି ଲେଖକମାନେ ତାର କୌଣସି ଉପାୟରେ ସମୀକ୍ଷା କରିବାପାଇଁ ବ୍ୟାକୁଳ। ସତେ ଯେପରି ସେମାନଙ୍କର ସାହିତ୍ୟ ଓ ସମାଜପ୍ରତି ଅବଦାନ ଅଭାବନୀୟ। ପାଠକୀୟ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ନଗ୍ନ ଯୌନବିକାର ସମ୍ବଳିତ ସାହିତ୍ୟ ପ୍ରଚାର କରିବାପାଇଁ କେହି କୁଣ୍ଠିତ ନୁହନ୍ତି। ତାହା ପାଠ କରି ମା' ଭଉଣୀଏ ଲାଜସରମରେ ପଛକେ ମୁହଁ ଲୁଚାଇ ଦିଅନ୍ତୁ, ତହିଁକି ତାଙ୍କର ଭୂକ୍ଷେପ ନାହିଁ। ଆହୁରି ଅନେକ ନିଜର କବିତାରେ ବିଲାତି କବି ଏଲିୟଟ, ଏଜରାପାଉଣ୍ଡଙ୍କ ଛବି ଦେଖନ୍ତି ତ ଆଉ କେହି ନିଜର ଗଳ୍ପରେ ମୋପାଁସାର ପ୍ରତିଭାକୁ ଅନୁଭବ କରି କୃତ୍ୟକୃତ୍ୟ ହେଉଥାଆନ୍ତି। ଆଜିର ଲେଖକ କାହାପାଇଁ ଲେଖେ, ସେ ନିଜେ ସଚେତନ ନୁହେଁ। ତାର ଲେଖାରେ ଭୋକିଲା ଲୋକର ବେଦନାବୋଧ ପ୍ରକାଶିତ ହୁଏ, କିନ୍ତୁ ସେହି ଭୋକିଲା ଦଳ ତାକୁ ପାଠ କରି ଉଦ୍‌ବୁଦ୍ଧ ହୁଅନ୍ତି କି? ଆମ ଲେଖାକୁ ଆମେହିଁ ପାଠକରି ଗଦ୍‌ଗଦ୍ ହେଉଛୁ ଏବଂ ପରସ୍ପରର ବୁଝାମଣା ରୀତିରେ ପ୍ରଶଂସକ ସାଜିଛୁ। ମନମୋହନଙ୍କର

Digitized by srujanika@gmail.com

ଅନୁଭବର ଅଭିବ୍ୟକ୍ତି ଏହିପରି—

"ନ ହେଉ ପଛେ ମୋ ରବୀନ୍ଦ୍ର ହେବାର
ଭାବ ବିନୋଦିଆ ପରବ
ନହେଉ ପଛେ ମୋ ଅଭିଜାତ ପୁର
କବି ତୁମେ ଗଣା ଗରବ"
ନ ପଡୁ ପଛେ ସେ ଏକାଡ଼େମୀ ଘରେ
ମୋ ନାଆଁର ଗାର ନ ପଡୁ;
ଭାନୁମତୀ ଦେଶ ଉପମା ଫସଲେ
ମୋ ଭାବ ଅମାର ନ ବଢୁ।
ଯେତିକି ପାରିବ ସେତିକି ତୁମକୁ
ଯେସନେ ପାରେ ମୁଁ ଫୁଟାଇ"
ସେଥିପାଇଁ ଯେତେ ପୋଲା ବାହାଦୁରି
ସବୁତକ ଦେଲି ଉଡାଇ।"

କବି ମନମୋହନ ଜନତା ଦରବାରରେ ଦରଦୀ କବି। ସେମାନଙ୍କର ଦୁଃଖ ସୁଖ, ଆଶା ଅଭିଳାଷ, ସାଧନା ଓ ସଂଘର୍ଷର ସେ ଅନ୍ତରଙ୍ଗ ସାଥୀଟିଏ। ତେଣୁ ତାଙ୍କର କବିତାରେ ଖଟିଖିଆ, ଚାଷୀ, ମଜଦୁର ଓ ଅବହେଳିତ, ଉତ୍ପୀଡ଼ିତର ମରମର କଥା ରୂପାୟିତ ହୋଇଥାଏ।

କବିଙ୍କର କବିତାରେ ନବଯୁଗର ଆହ୍ୱାନ। ଯୁଗ ଯୁଗ ବ୍ୟାପି କଳଙ୍କ ବିରୁଦ୍ଧରେ କବି କଣ୍ଠରେ ବିଦ୍ରୋହର ଝଙ୍କାର। କୋଟି ଦଳିତ ଓ ଅତ୍ୟାଚାରିତର ହୃଦୟରେ ସେ ଆନୟନ କରିଛନ୍ତି ଆଶା ଓ ଭରସାର ଆଲୋକ। ତେଣୁ ସେ ଲେଖିଛନ୍ତି:

"ଡରନା ତୁ'ରେ ଦେଖି ଜୀବନ-ପଥ ବାଲି
ମରନା ତୁ'ରେ ମିଛେ ନିରାଶା ଲୁହ ଢାଳି।"

ତାଙ୍କର ଆହ୍ୱାନ—

"ଚାଲ ଜୀବନ ପଥେ, ବିଜୟ ରଥେ,
ଅତ୍ୟାଚାରେ ଦଳି ଚରଣ ତଳେ।"

ରାଜନୈତିକ ସ୍ୱାଧୀନତା ଆସିଲା ସିନା, ଅର୍ଥନୈତିକ ଓ ସାମାଜିକ ସ୍ୱାଧୀନତା ଏବେ ମଧ୍ୟ ବହୁତ ଦୂରରେ। ସ୍ୱାଧୀନ ଭାରତରେ ଘିଅ ମହୁର ପ୍ରବାହ

Digitized by srujanika@gmail.com

ସୃଷ୍ଟି ହେବ, ଦୁଃଖ ଅତ୍ୟାଚାର ରହିବ ନାହିଁ; କେହି ଭୋକିଲା ରହିବେ ନାହିଁ। ସମସ୍ତଙ୍କ ପାଇଁ ଏହି ମାଟିଗୋଡ଼ିର ଧରା ହେବ କଳ୍ପଲୋକର ସ୍ୱର୍ଗଭୂମି। ମାତ୍ର ପରିଣତି ହୋଇଛି ଅତ୍ୟନ୍ତ ଭୟଙ୍କର।

ଏବେ ମଧ ଏ ଦେଶର ଅର୍ଦ୍ଧାଧିକ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ। ନିରକ୍ଷରତାର ଅମା ଅନ୍ଧକାର ମଧରେ ଘାଣ୍ଟି ହେଉଛନ୍ତି ଜନସାଧାରଣ। ତେଣୁ କବି ଲେଖିଥିଲେ:

"ଏବେବିତ ଦିଲ୍ଲୀ ବହୁ ଦୂରେ
ଏବେବିତ ସ୍ୱାଧୀନତା ଝୁରେ।
ଯୁଗଯୁଗର ସେ ଉପବାସୀ
କାରଖାନା କୁଲି, ଆସ ମଜୁର ଚାଷୀ
ତୋର ଆୟୁଷ ନେଉଚି କଳ ଚିମିନି ଶୋଷି।
ଆସରେ ଗଡ଼ଜାତି
　　ଆସ ସମର ସାଥୀ
　　କର ଜୀବନ ପଣ ସମ-ସୁରେ।"

ସାଂପ୍ରତିକ କାଳର ରାଜନୀତିକ ଜୀବନ ଅତ୍ୟନ୍ତ ବିଷମୟ ହୋଇ ଉଠିଛି। ସମସ୍ତେ ଆଜି ହୀନ ସ୍ୱାର୍ଥ ସାଧନ ପାଇଁ ଅହରହ ବ୍ୟସ୍ତ ଅଛନ୍ତି । ସେମାନଙ୍କର ଦେଶ ପ୍ରତି ଦରଦ ନାହିଁ କି ଜନତା ପାଇଁ ଦୟା ନାହିଁ। ସ୍ୱାଧୀନ ଭାରତରେ ଧନୀର ଅମାର ଆକାଶଛୁଆଁ ହେଲାବେଳେ ଦରିଦ୍ର ହେଉଛି ଦରିଦ୍ରତର। ଜାତିଆଣ ଭାବନା, ଗୋଷ୍ଠୀଗତ ବିଚାର ଏବଂ ସାଂପ୍ରଦାୟିକ ସଂଘର୍ଷକୁ ଉତ୍ସାହିତକରି ରାଜନୈତିକ ପଶାପାଲିରେ ବାଜିମାତ୍ ଚାଲିଛି। ତେଣୁ କବି ମନମୋହନଙ୍କର ସେହି ଉଦାତ୍ତବାଣୀ ଜନଗଣଙ୍କୁ ଏକତାର ମନ୍ତ୍ରରେ ଦୀକ୍ଷିତ କରିବାପାଇଁ:

'କାରଖାନା, ଖଳାବାଡ଼ି, ଖାଦାନ, ବାଗାନରେ
ଏକ ହୁଅ, ଏକ ହୁଅ ତୁ ଭାରତ ଜନତା
　　ସଂଗ୍ରାମର ମଇଦାନରେ
ପୁରୁଷ, ନାରୀ, ବା ତୁହି ହିନ୍ଦୁ, ମୁସଲମାନରେ
ଭାତ, ଭୂଇଁ, ସ୍ୱାଧୀନତା ଦାବୀ ତୋ ସମାନରେ
ହେଉ ପଛେ ଶତ ପାର୍ଟି ଶତ ଅନୁଷ୍ଠାନରେ
ଏକ ହୁଅ, ଏକ ହୁଅ ତୁ ଭାରତ ଜନତା......

Digitized by srujanika@gmail.com

କବି ମନମୋହନ ଗଭୀର ଆଶାବାଦୀ। ତାଙ୍କର ବହୁ କବିତା ଦେଶବିଦେଶର ରାଜନୀତି, ଅର୍ଥନୀତି, ପ୍ରାଚୀନ ସଂସ୍କୃତିର ଆଲେଖ୍ୟ ବହନକରି ରୂପାୟିତ। ବହୁ କବିତାରେ ବିଦ୍ରୋହର ବାଣୀ ଝଂକୃତ; ନିବିଡ଼ ମମତାବୋଧ ଓ ମାନବ ଧର୍ମର ଉଚ୍ଚାଟନରେ ତରଙ୍ଗାୟିତ। ଆଗାମୀ ଉଷାଲୋକର ଆବାହନକରି କବି ଲେଖିଛନ୍ତି:

ଉଠ ଉଠ ହେ କୁନି ସିପାହୀ
ହେଇଟି ସେ ଆସିଗଲା, ଜାଣ
ଚତୁର୍ଦ୍ଦିଗେ ଭରି ଉଠେ
ତା'ର ଆବାହନ
ଗଛେ ବୃଛେ ମନ୍ଦିର ଚୂଡ଼ାରେ
ପକ୍ଷୀର ନୀଡ଼ରେ ଆଉ ପୋଖରୀ ହୁଡ଼ାରେ;
ପିନ୍ଧାଉଛି ରଙ୍ଗୀନ ପଗଡ଼ି,
ଆସିବ ସେ ପଟୁଆର କରି,
ଆଉ ମାତ୍ର ବାକୀ ଦୁଇ ଘଡ଼ି
ମୋ ଦେଶର ହେ ଟିକି ସିପାହୀ
ଆଉ ଡେରି ନାହିଁ।

କବି ମନମୋହନ ଆଜୀବନ ବିପ୍ଳବୀ ଓ ସଂଗ୍ରାମୀ ଥିଲେ। ତାଙ୍କର ଲେଖନୀ ଥିଲା ସର୍ବଦା ଚଳଚଞ୍ଚଳ ସମାଜ ଜୀବନର ସୁଖଦୁଃଖକୁ ରୂପାୟିତ କରି। ସେଠାରେ କଳ୍ପନାର ମିନାର ନଥିଲା। ଉଠପଡ ଜୀବନର ଜର୍ଜରିତ ଜୀବନ-ଆଲେଖ୍ୟ ହୋଇଛି ତାଙ୍କ କାବ୍ୟ ସାଧନାର ମର୍ମକଥା। ଶୋଷିତ, ଲାଞ୍ଛିତ, ଅତ୍ୟାଚାରିତ ମଣିଷର କଥା ତାଙ୍କ ପରି ଆଉ କେହି ଏତେ ଅନ୍ତରଙ୍ଗ ଭାବରେ ପ୍ରକାଶ କରିନାହାନ୍ତି। ଶେଠ, ସାଉକାର, ଜମିଦାର ମାନଙ୍କର ଅତ୍ୟାଚାର ଓ ଉତ୍ପୀଡ଼ନର ମୁଖା ସେ ଖୋଲି ଦେଇଛନ୍ତି ତାଙ୍କର ରାଶି ରାଶି କବିତାରେ। ସେ ଥିଲେ ଚାରଣ କବି। ଏକ ଆତ୍ମବିସ୍ମୃତ ଖଟିଖିଆ ସମାଜ ଜୀବନରେ ସେ ବିପ୍ଳବ ହେବାପାଇଁ ଆହ୍ୱାନ ଦେଇଥିଲେ। ତାଙ୍କର କବିତା ମାଧ୍ୟମରେ ସେହି ଉଦାତ୍ତବାଣୀ ପ୍ରଚାରିତ ହୋଇ ପୀଡିତ ପ୍ରାଣୀକୁ ଜାଗ୍ରତ ଓ ଉନ୍ମେଷିତ କରୁଥିଲା।

ସ୍ୱାଧୀନତା ସଂଗ୍ରାମ ବେଳରେ ନେତାମାନେ ଏକ ରାମରାଜ୍ୟର କଳ୍ପନା କରି ବିଦେଶୀ ଶକ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ସମୟକ୍ରମେ

Digitized by srujanika@gmail.com

ଔପନିବେଷିକ ଶକ୍ତି ବିଦାୟ ନେଇଗଲେ। ଗୋରା ଲୋକଙ୍କ ପରିବର୍ତ୍ତେ ଆମ ଦେଶର ଲୋକପ୍ରତିନିଧିମାନେ ସଂଚାଳକ ହେଲେ ସରକାରୀ କଳର। ରାମରାଜ୍ୟ ରହିଲା କାହିଁ କେତେ ଦୂରରେ।

ପରାଧୀନତା ସମୟରେ ନିଜ ରାଜ୍ୟରେ ପେଟପୋଷିବାର ଉପାୟ ନଦେଖି ଲକ୍ଷଲକ୍ଷ ସଂଖ୍ୟାରେ ଓଡ଼ିଆ ପୁଅ ଗୋଟି ଖଟୁଥିଲେ ସୁଦୂର କାଳିମାଟି, ଆସାମର ଚା' ବଗିଚା ଓ କଲିକତାର ଚଟକଳରେ। ସ୍ୱାଧୀନତା ଆସିଲେ ଏ ଦୁଃଖ ଚାଲିଯିବ ଏବଂ ଘରପୁଅ ଦେଶକୁ ଫେରିଆସିବ ବୋଲି ଆଶାକରାଯାଉଥିଲା। ସ୍ୱାଧୀନତା ଆସିଲା ସତ, ଏହି ଅଭିଶପ୍ତ ଜୀବନ ଏବେ ମଧ୍ୟ ଲାଗି ରହିଛି। କେତେ ବିକଳ ହୋଇ କବି ଗାଇଛନ୍ତି:

''କେତେ ଦୂରେ ତୋର ଓଡ଼ିଶା ମାଟିରେ କାହିଁ ମହାନଦୀ ପାଣି
ଗୋରା ସରକାର ଦାଉରୁ ଏ ଦେଶେ ଆସିଲୁ ଭୋକି ପରାଣୀ
ନଥିଲା କି ତୋର ପାଣିରେ ମାଛରେ ନଥିଲା କି ବିଲେ ଧାନ
ନଥିଲା କି ତୋର ପାହାଡେ କାଠରେ ଝାଳବୁହା ଅରଜନ।
ସବୁ ଅରଜନ କାହା ପାଶେ ଦେଲୁ ଏକଥା ନପାରୁ ଜାଣି
ଆରେ ଭାଇ ଏ କଥା ନପାରୁ ଜାଣି
କେତେ ଦୂରେ ତୋର ଓଡ଼ିଶା ମାଟିରେ କାହିଁ ମହାନଦୀ ପାଣି।''

ସ୍ୱାଧୀନତା ପରେ ସୁଦ୍ଧା ଏହି ଅବସ୍ଥାର ପରବର୍ତ୍ତନ ହୋଇନାହିଁ। ଦେଶର ଚାରିଆଡେ ଦୁର୍ନୀତିର ଭସ୍ମାସୁର ରାଜପଣ କରିବାର ଦେଖାଯାଉଛି। ଅନେକ କବିତାରେ କବି ବିପ୍ଳବର ମନ୍ତ୍ର ଶୁଣାଇଛନ୍ତି। ତାଙ୍କରି ଭାଷାରେ :

''ଚାଲରେ, ମୁକ୍ତିବାହିନୀ ଚାଲରେ
ଯୁଗ ଯୁଗ ବଞ୍ଚିତରେ ଧରଣୀର ସନ୍ତାନ
ତୋଳ ତୋର ଅଗ୍ରଭାଗେ ମୁକତିର ନିଶାଣ
ସମୁନ୍ନତ ଭାଲରେ
ଛିନ୍ନ କର ଜୀର୍ଣ୍ଣ ଯେତେ ପୁଞ୍ଜିତ ଜଞ୍ଜାଳରେ। (ଚାଲରେ)

ଗରିବ ଚାଷୀ ଖଟି ଖଟି ମରେ। ଆଜୀବନ ପଶୁଠାରୁ ହୀନ ଜୀବନ ଯାପନ କରେ। ନ୍ୟସ୍ତସ୍ୱାର୍ଥଗୋଷ୍ଠୀ, ଅଭିଜାତବର୍ଗ ଶ୍ରମିକର ଲୁହ ଲହୁକୁ ପୁଞ୍ଜି କରି ଆଜି ଐଶ୍ୱର୍ଯ୍ୟର ସୋପାନରେ ଅଧିଷ୍ଠିତ ହୋଇଛନ୍ତି। ଦରିଦ୍ର, ଖଟିଖିଆ ନିରନ୍ତର ଅସହାୟ ଜୀବନଯାପନ କରିବା ଯେପରି ବିଧିନିର୍ଦ୍ଦିଷ୍ଟ।

Digitized by srujanika@gmail.com

ସରକାର, ଶିଳ୍ପପତି, ସାଉକାରମାନଙ୍କର ଅତ୍ୟାଚାର ସହିତ ପ୍ରକୃତିର ଅତ୍ୟାଚାର ହେଉଛି ବେଡି ଉପରେ କୋରଡା ମାଡ। ବର୍ଷ ପରେ ବର୍ଷ ଏହି ଦେଶରେ ବନ୍ୟା, ମରୁଡି ଓ ପ୍ରଳୟଙ୍କରୀ ବାତ୍ୟା ଲାଗି ରହିଛି। ଏଥିରେ ବିଚଳିତ ନହେବାପାଇଁ କବି ଚେତାବନୀ ଦେଇଛନ୍ତି। ସ୍ମରଣ କରାଇ ଦେଇଛନ୍ତି ଏହି ଜାତିର ଅତୀତର କୀର୍ତ୍ତିରାଜି। ଯେଉଁ ଓଡ଼ିଆର ହାତ ଦିନେ କୋଣାର୍କ ମନ୍ଦିରର ବିସ୍ମୟ ସୃଷ୍ଟି କରିଥିଲା, କାଠଯୋଡି ପଥର ବନ୍ଧରେ ନିଜର ଇଞ୍ଜିନିୟରିଂ କୌଶଳ ପ୍ରକଟନ କରିଥିଲା, ତାହା ଆଜି ଜାଗ୍ରତ ହେଉ। କବିଙ୍କର ଆହ୍ୱାନ - 'ନୈରାଶ୍ୟଠାରୁ ଦୂରରେ ରହ। ଭାଙ୍ଗି ପଡ଼ନାହିଁ। ଗୋଟିଏ ବାକ୍ୟ 'ବିପ୍ଳବ ଦୀର୍ଘଜୀବୀ ହେଉ। ଇନକିଲାବ ଜିନ୍ଦାବାଦ।' "ନୁହେଁ କାନ୍ଦଣା ବେଳ" କବିତାରେ କବି ସେହି ଭରସା ଆଣି ଦେଇଛନ୍ତି।

"ମନେ ହେଜ ଥରେ କିସ କରିପାରେ
ଅଢେଇ ଦିନିଆ ତୋଫାନ ଝଡ଼
ତୋ ମାଟିର କୋଳେ ଅମାପ ସମ୍ପତ୍ତି
ପ୍ରକୃତିର ଦାନ ତାଠାରୁ ବଡ଼।
ତା ତୁଳନାରେ କି କରିପାରେ ?
ଅଢେଇ ଦିନିଆ ତୋଫାନ ଝଡ଼ରେ
ଲୁହକୁ ତୋର ସମ୍ଭାଳ।"

କବି ଏଠାରେ ଜାତିର ଜାଗ୍ରତ ପ୍ରହରୀ। ତାଙ୍କର ସମଗ୍ର କାବ୍ୟ ସଂସାର ଜୀବନଧର୍ମୀ ସଂଗୀତରେ ଅନୁରଣିତ। ପାଠକ ସେଠାରେ ଆପଣାର ଦେଶ ଲୋକଙ୍କୁ ଭେଟେ, ସେମାନଙ୍କ ହସକାନ୍ଦରେ ସାମିଲ ହୁଏ।

ବିଳମ୍ବରେ ହେଉ ପଛକେ, କବି ମନମୋହନଙ୍କର କେତୋଟି ଶ୍ରେଷ୍ଠ କବିତାର ଗ୍ରନ୍ଥାବଳୀ (ପ୍ରଥମଭାଗ) ପ୍ରକାଶିତ ହେବା ଅତ୍ୟନ୍ତ ଆନନ୍ଦର ବିଷୟ। ଓଡ଼ିଆ ସାହିତ୍ୟର ବିଦଗ୍ଧ ପାଠକ ଗୋଷ୍ଠୀ ଏହି ବିପ୍ଳବୀ କବିଙ୍କର ସାରସ୍ୱତ ଅବଦାନ ସମ୍ପର୍କରେ କିଞ୍ଚିତ ଅବଧାରଣ କରିବାର ସୁଯୋଗ ଲାଭ କରିପାରିବେ ବୋଲି ଆଶା କରାଯାଏ।

ଅଧ୍ୟାପକ ପଠାଣୀ ପଟ୍ଟନାୟକ

Digitized by srujanika@gmail.com

ଜନଗଣର କବି : ମନମୋହନ ମିଶ୍ର

''କାରଖାନା, ଖଳାବାଡ଼ି, ଖାଦାନ, ବାଗାନରେ
ଏକ ହୁଅ,
ଏକ ହୁଅ ତୁ ଭାରତ ଜନତା ସଂଗ୍ରାମର ମଇଦାନ୍‌ରେ''

ଏଇ କବିତାର ପଙ୍‌କ୍ତି କବି କଣ୍ଠରେ ଉଚ୍ଚାରିତ ହେଲା ମାତ୍ରେ ଶ୍ରୋତାମାନଙ୍କ ହୃଦୟରେ ଅଗ୍ନିବୃଷ୍ଟି ହେଉଥିଲା। ସାମ୍ୟବାଦୀ ବିପ୍ଳବର ଅଗ୍ନିକଣିକା ବିଚ୍ଛୁରିତ ହୋଇ ପଡୁଥିଲା ଅଗଣିତ ଶିଳ୍ପ କାରଖାନା, ଖଳାବାଡ଼ି, ଖାଦାନର ଶ୍ରମିକ, କୃଷକ ଏବଂ ଦିନ ମଜୁରିଆଙ୍କ ପ୍ରାଣରେ। କାର୍ଲ ମାର୍କ୍ସ, ଲେନିନଙ୍କ ସାମ୍ୟବାଦୀ ତତ୍ତ୍ୱ ବହି ପଢି ବୁଝିବାର କ୍ଷମତା ନଥିଲେ ମଧ୍ୟ ଏଇ ବୈପ୍ଳବିକ ସଂଗୀତ ସେମାନଙ୍କୁ ପ୍ରଚଳିତ ସାମନ୍ତବାଦୀ ସମାଜ ଏବଂ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ଉଦ୍‌ବୁଦ୍ଧ କରୁଥିଲା।

ଏହି କବିତାର କବି ଓ କଣ୍ଠଶିଳ୍ପୀ ଥିଲେ ମନମୋହନ ମିଶ୍ର। ସୋଭିଏତ ଋଷର ମାୟାକୋଭସ୍କି ଏବଂ ବଙ୍ଗଳାର ସୁଭାଷ ମୁଖୋପାଧ୍ୟାୟଙ୍କ ଭଳି ସେ ଥିଲେ ଜନଗଣଙ୍କ କବି। ମାୟାକୋଭସ୍କି ଓ ସୁଭାଷ ମୁଖୋପାଧ୍ୟାୟଙ୍କ ଭଳି ତାଙ୍କର ସଂଗୀତଧର୍ମୀ କବିତା ଦିନେ ଲକ୍ଷ ଲକ୍ଷ ଦଳିତ, ପତିତ, ଶୋଷିତ ଜନଗଣଙ୍କୁ ବିପ୍ଳବର ମନ୍ତ୍ରରେ ଅଭିମନ୍ତ୍ରିତ କରିଥିଲା। ତାଙ୍କର ଶତ ଶତ ଗୀତି କବିତା ଅଲିଭା ଅକ୍ଷରରେ ଲିପିବଦ୍ଧ ହୋଇ ରହିଯାଇଥିଲା ଲକ୍ଷ ଲକ୍ଷ ଶ୍ରୋତାଙ୍କ ମନର ପାଣ୍ଡୁଲିପିରେ। ସେଥି ପାଇଁ ବ୍ରିଟିଶ ସରକାର ତାଙ୍କର ବିପ୍ଳବୀ କବିତା ବହି ବାଜ୍ୟାପ୍ତ କରିନେଲା ପରେ ମଧ୍ୟ ଶୁଣି ଶୁଣି ମନେ ରଖିଥିବା ବହୁ ଶ୍ରୋତାଙ୍କ ଠାରୁ ସେ କବିତା ଲେଖିନେଇ ଲୋକେ ସଭା ସମିତିରେ ଗାନ କରୁଥିଲେ।

ରାଜନୀତିରେ ଅଂଶଗ୍ରହଣ କରିବା ଆଗରୁ ମନମୋହନ ବାବୁ ଛାତ୍ର ଜୀବନରୁ ବ୍ରିଟିଶ ବିରୋଧୀ ହୋଇ ଯାଇଥିଲେ। ୧୯୩୮-୩୯ ମସିହାରେ ପୁରୀରେ ଗୋଟିଏ ସଭାରେ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ମାତ୍ର ତିନୋଟି ବାକ୍ୟ ଉଚ୍ଚାରଣକରି ତାଙ୍କୁ ଜେଲ ଯିବାକୁ ହୋଇଥିଲା। ବ୍ରିଟିଶ ସାମାଜ୍ୟବାଦର ଅନ୍ତ ନହେଲେ ଭାରତବର୍ଷର ରକ୍ଷା ନାହିଁ - ଏହାହିଁ ଥିଲା ତାଙ୍କ ତିନୋଟି ବାକ୍ୟର ସାରାଂଶ।

Digitized by srujanika@gmail.com

କିନ୍ତୁ ତାଙ୍କର ଉଚ୍ଚାରିତ ବାକ୍ୟରେ ଏପରି ଆଗ୍ନେୟ ସ୍ପର୍ଶ ଥିଲା ଯେ ଅଠର ଉଣେଇଶି ବର୍ଷର ସେଇ ସଦ୍ୟ-ଯୁବକଙ୍କୁ କାରାଗାରର ଅନ୍ଧକାରରେ ନିକ୍ଷେପ କରିବା ଭିନ୍ନ ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କର ଅନ୍ୟ ଉପାୟ ନଥିଲା।

ବ୍ରିଟିଶ ସାମାଜ୍ୟବାଦ ଓ ଜମିଦାର-ସାହୁକାରମାନଙ୍କ ଶୋଷଣ ବିରୁଦ୍ଧରେ ବିଦ୍ରୋହୀ ମାନସିକତା ତାଙ୍କୁ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେବା ପାଇଁ ଅନୁପ୍ରାଣିତ କରିଥିଲା। ଓଡ଼ିଶା କମ୍ୟୁନିଷ୍ଟ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ଭଗବତୀଚରଣ ପାଣିଗ୍ରାହୀ ତାଙ୍କୁ ମାର୍କ୍ସବାଦରେ ଦୀକ୍ଷିତ କରାଇଥିଲେ। ସେତେବେଳେ ଭାରତରେ କମ୍ୟୁନିଷ୍ଟ ପାର୍ଟି ବେଆଇନ ଘୋଷିତ ହୋଇଥିଲା। ଭଗବତୀ ଏବଂ ତାଙ୍କର ଅନ୍ୟ ସାଥିମାନେ ଅଣ୍ଡରଗ୍ରାଉଣ୍ଡରେ ରହି ସାମ୍ୟବାଦୀ ଆନ୍ଦୋଳନ ପରିଚାଳନା କରୁଥିଲେ। ଛାତ୍ର ମନମୋହନ ସେତିକିବେଳେ ସାମ୍ୟବାଦୀ ତତ୍ତ୍ୱ କଥା ଶୁଣିବା ପାଇଁ ଯାଇଥିଲେ ଭଗବତୀଙ୍କ ପାଖକୁ। ଭଗବତୀ ବାବୁ ତାଙ୍କୁ ବୁଝାଇଥିଲେ "ମାର୍କ୍ସବାଦୀ ଚେତନା ଆକାଶରୁ ଖସିପଡେନାହିଁ। ତାହା ଆମର ଏହି ମାନବ ସମାଜରୁ ହିଁ ଆୟତ୍ତ କରାଯାଏ। ମନୁଷ୍ୟ ସମାଜ ଆଦିମ ଅବସ୍ଥାରୁ ଆଧୁନିକ ଯୁଗରେ ପହଞ୍ଚିବା ପାଇଁ ବିଭିନ୍ନ ସ୍ତର ଦେଇ ଗତିକରିଛି। ଯେପରି ଦାସ ପ୍ରଥାରୁ ସାମନ୍ତବାଦ ଓ ସାମନ୍ତବାଦରୁ ପୁଞ୍ଜିବାଦୀ ସମାଜରେ ଆମେ ପହଞ୍ଚିଛୁ, ସେହିପରି ଭାବରେ ପୁଞ୍ଜିବାଦୀ ସମାଜରେ ଥିବା ଶୋଷିତ, ଶ୍ରମିକ ସର୍ବହରାର ବିପ୍ଳବ ଫଳରେ ପୁଂଜିବାଦୀ ଶାସନକଳ ଚୁରମାର ହେବ ଏବଂ ସର୍ବହରା ଶାସନ ଆସିବ। ଏହା ହେଉଛି ସାମାଜିକ ବିଜ୍ଞାନର ସ୍ୱତଃସିଦ୍ଧ ଧାରା। ସୂର୍ଯ୍ୟକୁ ବନ୍ଧୁକ ଦେଖାଇ ଯେପରି ସକାଳେ ପୂର୍ବଦିଗରେ ତାର ଉଦୟକୁ ଅଟକାଇ ହୁଏନାହିଁ ସେହିପରି ସାମାଜିକ ବିପ୍ଳବର ଧାରାକୁ ଲାଠି, ଗୁଳି, ଜେଲ, ଜୋରିମାନା ଦ୍ୱାରା କେହି ବନ୍ଦ କରିପାରିବ ନାହିଁ।''

ଭଗବତୀଙ୍କ ସମାଜ ବିବର୍ତ୍ତନର ଏହି ବୈଜ୍ଞାନିକ ବିଶ୍ଳେଷଣ ମନମୋହନଙ୍କୁ କମ୍ୟୁନିଷ୍ଟ ପାର୍ଟି ସଭ୍ୟପଦ ଗ୍ରହଣକରିବା ପାଇଁ ଅନୁପ୍ରାଣିତ କରିଥିଲା।

ଭଗବତୀ ଚରଣ ପାଣିଗ୍ରାହୀ କେବଳ ତତ୍ତ୍ୱବିଦ୍ କମ୍ୟୁନିଷ୍ଟ ନଥିଲେ, ଥିଲେ ଜଣେ ପ୍ରଗତିଶୀଳ ସାହିତ୍ୟ ଶିଳ୍ପୀ। ସେ ନିଜେ ସଂଗୀତ ରଚନା କରି ଗାନ କରୁଥିଲେ। କବି ମନମୋହନ ନିଜ ରାଜନୈତିକ ଦୀକ୍ଷାଗୁରୁଙ୍କ ଅନୁସରଣ କରି ଗଣସଂଗୀତ ଓ କ୍ରାନ୍ତିକାରୀ କବିତା ରଚନା କରିବା ଆରମ୍ଭ କରିଥିଲେ। ଆଗରୁ ତାଙ୍କର ଜ୍ୱାଳାମୟୀ ଭାଷଣ ଶୁଣି ଲୋକେ ମୁଗ୍ଧ ହୋଇ ପରେ ତାଙ୍କ ବିପ୍ଳବୀ ସଂଗୀତ ଶୁଣି ଜନସମୁଦ୍ର ଉଦ୍‌ବେଳିତ ହୋଇ ଉଠୁଥିଲା।

Digitized by srujanika@gmail.com

ଜଣେ କମ୍ୟୁନିଷ୍ଟ ଭାବରେ ଚେତନାରେ ସେ ଆର୍ନ୍ତଜାତିକ ହେଲେ ହେଁ ଜଣେ କବି ଭାବରେ ସେ ଥିଲେ ଭାରତୀୟ ଏବଂ ଅନେକ ପରିମାଣରେ ଉତ୍କଳୀୟ। 'ମୁହିଁ ହିନ୍ଦୁସ୍ଥାନ', 'କେତେ ଦୂର ତୋର ଓଡ଼ିଶା ମାଟିରେ' ପ୍ରଭୃତି ବହୁ କବିତାରେ ତାଙ୍କର ଏହି ମାତୃଭୂମି ଓ ମାତୃଭାଷା ପ୍ରୀତି ଉତ୍‌କୀର୍ଣ୍ଣ ହୋଇଛି। ଓଡ଼ିଶାର ମହାବାତ୍ୟା ଠାରୁ ଆରମ୍ଭ କରି ବନ୍ୟା, ଦୁର୍ଭିକ୍ଷର ଅବିକଳ ଛବି ତାଙ୍କ କବିତାରେ ପରିସ୍ଫୁଟିତ ହୋଇଛି।

ମନମୋହନ ମିଶ୍ରଙ୍କ କବିତା ପାଠକ ଓ ଶ୍ରୋତାମାନଙ୍କ ହୃଦୟକୁ ଏତେ ନିବିଡ ଭାବରେ ସ୍ପର୍ଶ କରିବାର ପ୍ରଧାନ କାରଣ ଏସବୁ କବିତା ବୌଦ୍ଧିକ ଭାବନାରୁ ଉଦ୍ଭରିତ ହୋଇନାହିଁ। ଏହା ତାଙ୍କ ହୃଦୟର ସ୍ୱତଃସ୍ଫୁର୍ତ୍ତ ଅଭିବ୍ୟକ୍ତି। ଜୀବନର ଶେଷ ଦିନଗୁଡିକରେ ତାଙ୍କର ସ୍ମୃତି ଶକ୍ତି ଦୁର୍ବଳ ହୋଇଯାଇଥିଲେ ହେଁ ସ୍ୱରଚିତ କବିତାର ପଙ୍‌କ୍ତି ବିସ୍ମୃତ ହୋଇ ନଥିଲା। ଦେଖାହେଲେ ମୁହେଁ ମୁହେଁ ସେ କବିତା ସ୍ୱତଃ ଆବୃତ୍ତି କରିଯାଉଥିଲେ।

ତାଙ୍କ ଜୀବନର ଚଉଠ ଭାଗ ଜେଲରେ କଟିଥିଲା। ବ୍ରିଟିଶ ଶାସନ କାଳ ଅପେକ୍ଷା କଂଗ୍ରେସୀ ଶାସନ କାଳରେ ସେ ବେଶି ଦିନ ଶୋଷଣ, ଅତ୍ୟାଚାର, ଅବିଚାର ବିରୁଦ୍ଧରେ ଲଢେଇକରି ଜେଲ ଭୋଗି ଥିଲେ। ତାଙ୍କର କବିତା ଗୁଡିକ ଭଳି ତାଙ୍କ ଜୀବନ ଜନତାଙ୍କ ସେବାରେ ଉତ୍ସର୍ଗୀକୃତ ଥିଲା।

ସେ ବଞ୍ଚିଥିଲାବେଳେ ମଧ୍ୟ ତାଙ୍କର ଅନେକ କବିତା, ପ୍ରବନ୍ଧ ଓ ଗଳ୍ପ ପୁସ୍ତକ ଦୁଷ୍ପ୍ରାପ୍ୟ ଥିଲା। ତାଙ୍କ ବିପ୍ଳବୀ ସାଥୀ ରବି ଦାସ ୨୦୦୦ ମସିହାରେ ତିରୋଧାନ ପରେ ତାଙ୍କର ସକଳ ରଚନାକୁ ଗ୍ରନ୍ଥାବଳୀ ଆକାରରେ ପ୍ରକାଶ କରିବା ପାଇଁ ଉଦ୍ୟମ କରୁଥିବା ମୋ ପାଇଁ ଆନନ୍ଦ ଓ ଆଶ୍ୱାସନାର କଥା। ଗ୍ରନ୍ଥାବଳୀର ପ୍ରଥମ ଭାଗରେ ମନମୋହନ ବାବୁଙ୍କ ୯୦ଟି କବିତା ସନ୍ନିବିଷ୍ଟ ହୋଇଛି। ପରବର୍ତ୍ତୀ ଭାଗରେ ତାଙ୍କର ଅବଶିଷ୍ଟ କବିତା, ବିଭିନ୍ନ ପତ୍ରପତ୍ରିକାରେ ବିକ୍ଷିପ୍ତ ହୋଇ ରହିଥିବା ଗଳ୍ପ, ପ୍ରବନ୍ଧ ଏବଂ ତାଙ୍କର ଭାଷାତାତ୍ତ୍ୱିକ ଓ ଅନୁବାଦ ଗ୍ରନ୍ଥ ଅନ୍ତର୍ଭୁକ୍ତ ହେବ ବୋଲି ମୁଁ ଆଶା କରୁଛି।

ବିଭୂତି ପଟ୍ଟନାୟକ

ତା.୬.୩.୨୦୦୬

୩, ଏଚ୍, ଲୁଇସ ରୋଡ,
ଭୁବନେଶ୍ୱର-୧୪

Digitized by srujanika@gmail.com

କେଉଁ କବିରେ ଗଣା ସେ ?

> ଦିବଂଗତ ମନମୋହନ ମିଶ୍ରଙ୍କ ଗ୍ରନ୍ଥାବଳୀ ପ୍ରକାଶ ଉପଲକ୍ଷେ ମନମୋହନଙ୍କ ସାଥୀ, ସହଯୋଦ୍ଧା ଶ୍ରୀ ଗୋବିନ୍ଦ ମହାନ୍ତି ଏହି ଲେଖାଟି ଦେବାର କିଛି ଦିନ ପରେ ମୃତ୍ୟୁବରଣ କଲେ। ସତେ ଯେପରି ଡକାଡକି ହୋଇ ଦୁହେଁ ଚାଲିଗଲେ। ପ୍ରାସଙ୍ଗିକତା ଦୃଷ୍ଟିରୁ ଏହି ଅପ୍ରକାଶିତ ଲେଖାକୁ ଏଠାରେ ପ୍ରକାଶ କଲୁ।
>
> **ସଂପାଦକ**

ଷାଠିଏ ବର୍ଷ କାଳର ସାଙ୍ଗ ସାଥୀ ସହଯୋଦ୍ଧା। ବହୁକାଳ ଏକାଠି ରହିବା ଓ କିଛି ବର୍ଷ ବିଚ୍ଛିନ୍ନ ହୋଇ ରହିବା ପରେ ସହକର୍ମୀ, ସହବନ୍ଦୀ, ମନମୋହନ ମିଶ୍ର ଚାଲିଗଲେ। ସଂଜ୍ଞାହୀନ ଅବସ୍ଥାରେ ଓ ଅନ୍ତିମ ଶୟନରେ ଆତୁର ଗୁରୁଚରଣ ପଟ୍ଟନାୟକଙ୍କ ସହ ମୋର ଉପସ୍ଥିତିକୁ ସେ ଜାଣିପାରିଲେ ନାହିଁ। ତାଙ୍କ ପତ୍ନୀ, ପୁତ୍ର, କନ୍ୟା ପରିବାର ବାହୁନିବେ। ତେବେ ଆମେ ତାଙ୍କ ପରିବାରର ନୁହଁ। କାହିଁକି ଆମେ ତାଙ୍କ ସ୍ମୃତିଚାରଣ କରିବୁ, ଗୋଟିଏ ଦି'ଟା ଶୋକସଭା କରିଦେବୁ। ଗୋଟିଏ ସ୍ମରଣିକା ପ୍ରକାଶ କରିଦେବୁ। ତେବେ କ'ଣ ଦିବଂଗତ ବ୍ୟକ୍ତିଟି ପ୍ରତି ଆମର କର୍ତ୍ତବ୍ୟ ଶେଷ ହୋଇଗଲା ?

ମନମୋହନ ମିଶ୍ର ଏହାର ବ୍ୟତିକ୍ରମ ହେବେ। ତାର କାରଣ ଅନେକ। କିନ୍ତୁ ତାଙ୍କର ଗୋଟିଏ ଅବଦାନ ହିଁ ତାଙ୍କୁ ସ୍ମରଣରେ ରଖିଚାଲିବ। ଯେପର୍ଯ୍ୟନ୍ତ ସମାଜରେ ଓ ଦେଶରେ କ୍ଷୁଧା, ଅନାହାର, ଶୋଷଣ, କଷଣ, ବେକାରୀ, ପ୍ରବଂଚନା, ମଣିଷ ମଣିଷ ମଧ୍ୟରେ ସୃଷ୍ଟି କରାଯାଉଥିବା ଅନୈକ୍ୟ, ସାଂପ୍ରଦାୟିକ ଦଂଗା, ଦୁର୍ନୀତି, ପରମାଣୁ ଓ ବିଭିନ୍ନ ମାରଣାସ୍ତ୍ରର ଗନ୍ତାଘରିଆଙ୍କ ମାନବ ସମାଜକୁ ନିଃଶେଷ କରିବାର ଧମକ ଥିବ, ସେ ଯାଏ ମନମୋହନ ସ୍ମରଣୀୟ, ବରଣୀୟ ହୋଇ ରହିବେ ତାଙ୍କର ଉଦ୍ଦୀପନାମୟୀ କାବ୍ୟିକ ସୃଷ୍ଟି ଲାଗି।

କେଉଁ କବିରେ ଗଣା ଯେ ସେ ଅଭୁଲା, ଅମର ରହିବେ ? ସେ ତ କାଳିଦାସ ନୁହଁନ୍ତି, ରବୀନ୍ଦ୍ରନାଥ ନୁହଁନ୍ତି, ସେ ତ ଆମ ଓଡ଼ିଶାର କବି ସମ୍ରାଟ ଉପେନ୍ଦ୍ର ଭଂଜ, କବିସୂର୍ଯ୍ୟ ବଳଦେବ, ଭକ୍ତକବି ମଧୁସୂଦନ, କବିବର ରାଧାନାଥ, ସ୍ୱଭାବ କବି ଗଙ୍ଗାଧର, ପଲ୍ଲୀକବି ନନ୍ଦ କିଶୋରଙ୍କ ଭଳି ବନ୍ଦିତ କବି ବର୍ଗର ସେ ନୁହଁନ୍ତି। ତେବେ ସେ କେଉଁ ବର୍ଗର କବି ? ପୁଣି ଚାରଣ କବି ? ଗାୟକ କବି ? ତାଙ୍କ ସେହି ବର୍ଗର ପୂର୍ବସୂରୀ ଥିଲେ ଓଡ଼ିଶାର ମଉଡ଼ମଣି ଉତ୍କଳମଣି ଗୋପବନ୍ଧୁ ଦାସ ଓ ତାଙ୍କ ପଥ ଆଦର୍ଶ ଅନୁସରଣକାରୀ ଜାତୀୟ କବି ବୀର କିଶୋର ଦାସ, ଜାତୀୟ କବି ବାଞ୍ଛାନିଧି ମହାନ୍ତି। ବିଦେଶୀ ଶାସନରୁ ମୁକ୍ତି

Digitized by srujanika@gmail.com

ପାଇଁ କବିତା ମାଧ୍ୟମରେ ସୁପ୍ତ ଜନତାକୁ ଜାଗ୍ରତ କରିବାର କାବ୍ୟ କବିତା ସୃଷ୍ଟି ଥିଲା ସେମାନଙ୍କର ବର୍ଗ ପରିଚୟ।

ସେହି ବର୍ଗର ଉତ୍ତରାଧିକାରୀ ଯେଉଁମାନେ ହେଲେ, ସେହି ବର୍ଗର ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ, ରାଧାମୋହନ ଗଡ଼ନାୟକଙ୍କ ମେଳରେ ମନମୋହନ ସାମିଲ ହେଲେ ଓ ଏକ ଆରେକକୁ ମାନବ ମୁକ୍ତିକାରୀ, ମାନବତାବାଦୀ କାବ୍ୟିକ ସୃଷ୍ଟିରେ କୁଣ୍ଢେଇ ଧରିଲେ।

ଓଡ଼ିଶାର ସାରସ୍ୱତ ଭଣ୍ଡାରକୁ ଭିନ୍ନ ଭିନ୍ନ ଭାବରେ ସମୃଦ୍ଧ କରିଥିବା କବି, ସାହିତ୍ୟିକ ମହଲ ଥିଲେ, ଅଛନ୍ତି ଏବଂ ଆସିବେ। କିନ୍ତୁ ଏହି ନିଆରା କିସମର କବି ମନମୋହନଙ୍କ ବୈପ୍ଳବିକ ସାଲିସ୍‌ହୀନ କାବ୍ୟ କବିତାର ଆକଳନ, ଏହି କ୍ଷୁଦ୍ର ସ୍ମୃତିଚାରଣ ଲେଖାରେ ଅସମ୍ଭବ। ତେବେ ଏପରି କବି ହେବାର ପ୍ରଚ୍ଛଦପଟଟି ତାଙ୍କ ଜୀବନରେ କ'ଣ ଥିଲା, ତାଙ୍କୁ ଆଜିର ଜାଣିଥିବା ବ୍ୟକ୍ତିମାନଙ୍କ ଛଡ଼ା ଅଜାଣିଲା ବ୍ୟକ୍ତି ଓ ଆଗାମୀ ପିଢ଼ୀର ନବୀନମାନଙ୍କୁ ଜଣାଇବା ପ୍ରୟୋଜନ ମନେକରୁଛି।

ସ୍ୱାଧୀନତା ସଂଗ୍ରାମ କାଳର ୧୯୩୮ରେ ଛାତ୍ର ସଂଘ ଆହ୍ୱାନରେ ମେଡ଼ିକାଲ ଧର୍ମଘଟ ଆନ୍ଦୋଳନରେ କଟକ କାରାବାସରେ ବନ୍ଦୀ, ୧୯୪୦ ବ୍ୟକ୍ତିଗତ ସତ୍ୟାଗ୍ରହ କାଳରେ ପୁରୀ ମାହାର (ମେହେନ୍ତର) ଆନ୍ଦୋଳନରେ ଭାଗ ନେଇ ବ୍ରହ୍ମପୁର ପୁରୁଣା ଜେଲ୍‌ରେ ବହୁ ସଂଗ୍ରାମୀ ଯୋଦ୍ଧାମାନଙ୍କ ସହିତ ୭ ନମ୍ବର ଓ୍ୱାର୍ଡ଼ରେ ବନ୍ଦୀ, ୧୯୪୨ ଅଗଷ୍ଟ ଆନ୍ଦୋଳନ କାଳରେ ବ୍ରହ୍ମପୁର ନୂଆ ସଂଗ୍ରାମୀମାନଙ୍କ ଲାଗି ଗଢ଼ା ନୂଆ ଜେଲର ୯ ନମ୍ବର 'କ' ଓ୍ୱାର୍ଡ଼ରେ ବନ୍ଦୀ ଜୀବନରେ ତାଙ୍କ କାରାବାସ। ଏତିକିରେ ସୀମିତ ନଥିଲା। କମ୍ୟୁନିଷ୍ଟ ମତବାଦୀ କବିଙ୍କୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ଅନ୍ୟ ବିପ୍ଳବୀଙ୍କ ସହିତ ଦୁଃଖ ଉପାସର ଗୋପନବାସ ପରେ କଟକ ଜେଲରେ, ସୀମା ଆନ୍ଦୋଳନ କାଳରେ ଅଜ୍ଞାତବାସ, ଚୀନ-ଭାରତ ସଂଘର୍ଷ କାଳରେ ତାଙ୍କ ବନ୍ଦୀ ଜୀବନ ଶେଷ ହେଲାନି। କବି ହୋଇ ଶ୍ରମିକ ଆନ୍ଦୋଳନ କାଳରେ ତାଙ୍କ ବିରୁଦ୍ଧରେ ମନଗଢ଼ା ହତ୍ୟା ମକଦମା କରାଯାଇ ଦୀର୍ଘ ନିର୍ଯ୍ୟାତିତ ବନ୍ଦୀ ଜୀବନ ତାଙ୍କୁ କଟାଇବାକୁ ହେଲା।

ସେ କଟକ ମ୍ୟୁନିସିପାଲଟିର କଂଗ୍ରେସ ଚେୟାରମ୍ୟାନ ହେଲେ, 'କଳିଙ୍ଗ' ଦୈନିକର ସମ୍ପାଦକ ହେଲେ, ଏହା ତାଙ୍କର ଅସଲ ଭୂଷଣ ନୁହେଁ। ପରବର୍ତ୍ତୀ କାଳରେ ସେ ଅନୁଶୋଚନା କରିଛନ୍ତି। ସେ କବିତା ଲେଖିଲେ ସାମ୍ୟବାଦୀ ଚିନ୍ତାଧାରାର ବଶବର୍ତ୍ତୀ ହୋଇ ମାଟିର୍ ମଣିଷଙ୍କ ପାଇଁ। ଯେଉଁ କୋଟି କୋଟି ମଣିଷ ଆସାମ ଚା ବଗିଚାରେ; ଖଣି ଖାଦାନରେ, ପାହାଡ଼ କନ୍ଦରରେ, ଦୁଃଖ ଜର୍ଜରିତ ବନ୍ୟା, ବାତ୍ୟା, ଜମିଦାର, ମହାଜନ ଓ ବ୍ରିଟିଶ୍ ଶାସନ, ପୁଲିସ ନିର୍ଯ୍ୟାତନାରେ ଦଳିତ ଚାଷୀ, ମୂଲିଆଙ୍କ ଦୁର୍ଦ୍ଦଶା ମୋଚନର ପଥ ନିର୍ଦ୍ଦେଶକାରୀ ବର୍ଗର ସଂଗ୍ରାମ ପାଇଁ ତାଙ୍କର କାବ୍ୟ କବିତାର ସୃଷ୍ଟି। ସୌଖୀନ, ଆରାମପ୍ରଦ ପରିବେଶରେ ନୁହଁ, କାଦୁଅ ପଙ୍କର ଗାଁ ଗଣ୍ଡାରେ, ଜଙ୍ଗଲରେ ବାସ କରୁଥିବା ଲୋକଙ୍କ ପାଇଁ ବାଟରେ, ଘାଟରେ ଭିକ୍ଷାଥାଳ ଧରି ଅନ୍ନ ଦିଅ, ବସ୍ତ୍ର ଦିଅ, ଭୂମିଖଣ୍ଡେ

Digitized by srujanika@gmail.com

ଦିଅ, ମୁଣ୍ଡ ଗୁଞ୍ଜିବାକୁ ଚାଳିଆ ଖଣ୍ଡେ ଦିଅ, ଏଥିପାଇଁ ତାଙ୍କର କବିତା ନୁହେଁ। ଜମିଦାର, ସାହୁକାର, ମହାଜନ ହଟାଅ, ରାଜରାଜୁଡ଼ାଙ୍କ କାଳ କାଳର ଅତ୍ୟାଚାର ହଟାଅ ଥିଲା ତାଙ୍କର ଆହ୍ୱାନ। ପରମାଣୁ ଧ୍ୱଂସରୁ ମଣିଷ ସମାଜକୁ ରକ୍ଷା କର। ଭାଇର ବେକରେ ଭାଇ ଛୁରିମରା, ସାମ୍ପ୍ରଦାୟିକତା ଦୈତ୍ୟର ଦୌରାତ୍ମ୍ୟରୁ ମାନବର ମାନବିକତାକୁ ରକ୍ଷା କର, ଏହାହିଁ ସବୁ ଥିଲା ତାଙ୍କ କାବ୍ୟ କବିତାର ଆଧେୟ, ଉପଜୀବ୍ୟ।

ସେ ଲେଖୁଥିଲେ, ସୁଲଳିତ କଣ୍ଠରେ ନିରନ୍ନ ଜନ-ସମୁଦ୍ର ସମୀପରେ ଗାଉଥିଲେ। ବାଗ୍ମୀତାରେ ସମସ୍ତ ମାନବର ମୁକ୍ତି ପାଇଁ ମାନବର ଶତ୍ରୁମାନଙ୍କ ବିପକ୍ଷରେ ସଂଗ୍ରାମରେ ଠୁଳ ହେବାକୁ ଆହ୍ୱାନ ଦେଇ ମନ୍ତ୍ରମୁଗ୍ଧ କରିଦେଉଥିଲେ।

ନୂଆ କଂଗ୍ରେସ ସରକାର। କନିକା ଜମିଦାର ୬ ମାଇଲର ଭଙ୍ଗା ପଟିଆ ବନ୍ଧ କରେଇ ଦେଉନଥିଲା। ବିଲ ବାଡ଼ି ସବୁ ବର୍ଷ ଧୋଇଯାଉଥିଲା। ବନ୍ଧ ଲୋକେ ପକେଇବେ। ସମସ୍ତଙ୍କ ହାତରେ କୋଦାଳ ଓ ଟୋକେଇ। କାଳନ୍ଦୀ ଚରଣ ପାଣିଗ୍ରାହୀ ଆଗେ ଟୋକେଇ ମାଟି ପକେଇଲେ। ମନମୋହନ ନିଜ ରଚିତ ଗୀତ ଗାଇଦେଲେ :

"ଚଳା କୋଦାଳ, ଚଳା କୋଦାଳ,
ଛନ୍ଦେ ଛନ୍ଦେ ପଟିଆ ବନ୍ଧେ
        ଭରିଦେ ମାଟି ଲାଲ;
ବାର ବରଷର ବଂଶ ବାଲି
ହସିବ ଫସଲ ସୁନା ଥାଳି।"

ସେହି କୋଦାଳ କାବ୍ୟ ମତେଇଲା ୫୦ ବର୍ଷ ତଳର ଲୋକଙ୍କୁ। ସାଗର ତଟ ପାରାଦ୍ୱୀପର ଜଟାଧାରି ମୁହାଣ। ସାଗରର ଲବଣାକ୍ତ ଜଳ ଶତ ଶତ ଗାଁକୁ ଏହି ମୁହାଣ ବାଟେ ଆସି ଚାଷୀଙ୍କୁ ନିଃସ୍ୱ କରିଦିଏ। ମନମୋହନଙ୍କ ଗାନକୁ ଟିକିଏ ବଦଳେଇ ଲୋକେ ଗାଇଲେ, "ଜଟାଧାରୀ ମୁଣ୍ଡେ ଭରିଦେ ବାଲି"। ତିନି ହଜାର ଲୋକଙ୍କ ମଣିଷ ବନ୍ଧ ପାଣି ଅଟକାଇବାକୁ ବୁହା ଚାଲିଲା ବାଲି।

ଛାତ୍ର ଯୁବକ, ଶ୍ରମିକ, କିରାନୀ, ବୁଭୁକ୍ଷୁ ଜନତାର ମନର ହୃଦୟର ମୁକ୍ତି ପାଇବାର ଅଭିଳାଷକୁ ନିଜ ସଂଗ୍ରାମ, ଐକ୍ୟ ଓ ମେଣ୍ଟ ବଳରେ ଅର୍ଜନ କରିବାକୁ ପ୍ରେରଣାଦାୟକ ତାଙ୍କର କବିତାର ମହିମା ଅନନ୍ୟ।

ବହୁ କାଳ ଧରି ରହିଥିବା ତାଙ୍କର ଜଣେ ସାଥୀ ଭାବରେ ଅନ୍ତରର ମର୍ମ ବେଦନାକୁ ଚାପି ରଖି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। କିନ୍ତୁ ଆଜିର ନବୀନ କବି ବନ୍ଧୁମାନଙ୍କୁ ତାଙ୍କର ଏକ କାଳଜୟୀ, ମାନବବାଦୀ କବିତାର କେତୋଟି ପଂକ୍ତି ମନେ ପକାଇବାର ଧୃଷ୍ଟତା ଦେଖାଉଛି।

ଏ ପ୍ରଳୟଙ୍କରୀ ମହାବାତ୍ୟା ଖାଲି ଦୁଇ ସହସ୍ରାଧିକ ଜୀବନ ନେଲା ନାହିଁ, ଶହ ଶହ ପରିବାରକୁ ନିଶ୍ଚିହ୍ନ କରିଦେଲା। ସବୁଜିମା ଚାଲିଗଲା; ଲକ୍ଷ ଲକ୍ଷ ଗୃହପାଳିତ ପଶୁ ଗଲେ। କାହିଁ ଆଜିର କବି ତ ସେହି ମର୍ମାନ୍ତିକ ବ୍ୟଥାକୁ ଭାଷାଦେଇ କବିତାଟିଏ ରଚନା

Digitized by srujanika@gmail.com

କରିପାରିଲେ ନାହିଁ ! ଏଇଠି ମନମୋହନ ମିଶ୍ରଙ୍କର ବୈଶିଷ୍ଟ୍ୟ। ୧୯୭୧ର ବାତ୍ୟା! ଅଶେଷ ଦୁଃଖ। ଅବଶ୍ୟ ୧୯୯୯ର ମହାବାତ୍ୟା ନୁହଁ! ତଥାପି କବି ଲକ୍ଷ ହୃଦୟର ବେଦନାକୁ ବ୍ୟକ୍ତକରି ଅଭୟ ଆହ୍ୱାନ ଦେଇଛି ନ କାନ୍ଦିବାକୁ, ସଂଗ୍ରାମ କରିବାକୁ।

ଲୁହକୁ ତୋର ସମ୍ଭାଳ, ନୁହଁ କାନ୍ଦଣା ବେଳରେ....
କନ୍ଦରପୁରରୁ ବନ୍ଦର ସେପାରି କାନ୍ଦିଛି ଫେନିଳ ଲହରୀମାଳ
ଭାଙ୍ଗିଛି ବନ୍ଦର, ତୁଟିଛି ଲଙ୍ଗର ବିପଣୀ ବୋଝାଇ ଜାହାଜ ଭେଳା,
ବିକଟାଳ ଦହ, ପାଲଟିଛି ଆହା
ଯାହାଥିଲା କାଲି ସାଗର ବେଳା
ଗଛ, ଦେଉଳ ମଥାନ ଚୂଳ
ହେଲା ପ୍ରସବିନୀ ଅନ୍ଧୁଡ଼ିଶାଳାରେ
ଲୁହକୁ ତୋର ସମ୍ଭାଳ .... ।
ଜମ୍ବୁଦ୍ୱୀପେ ହେଲା ଶମ୍ଭୁ ଅଭିଷେକ
ପାଣିର ଅତଡ଼ା ତଳେ ବୁଡ଼ିଛି
ହଜାର ହଜାର ଘରଦ୍ୱାର ଚାଳ
ଗଗନେ ପବନେ କାହିଁ ଉଡ଼ିଛି,
ଝନ୍‌କାର ଛାଟ ନିରାଟ ଘାତ
ଫସଲ ଲକ୍ଷ୍ମୀ ନିର୍ଘାତେ ମରିଛିରେ
ଲୁହକୁ ତୋର ସମ୍ଭାଳ..
ଓଡ଼ିଶାବାସୀଙ୍କୁ ଡ଼ାକଦେଇ ଲେଖିଲେ;
''ଜଗତଜିଣା ତୁ ମନକୁ ମନା
ଆଜି ବିପତ୍ତିରେ ହେବୁନି ବଣାରେ
ଲୁହକୁ ତୋର ସମ୍ଭାଳ..
ହେ ହଳୀ ମୂଷଳୀ ବଳରାମ ସେନା,
ଆହେ ଦେଢ଼କୋଟି ପାଇଟିଆଳ,
ଓଡ଼ିଆ ଜାତିର ହେ ପୋଷଣାହାରି
ଲକ୍ଷ ଲକ୍ଷ ବିନ୍ଧାଣୀ ମଜଦୁର;
ହେ ମଧ୍ୟବିତ୍ତ, ହେଉ ବିଜିତ
ଏ ଝଡ଼ର ଶିକ୍ଷା ମହାମନ୍ତ୍ରରେ
ଲୁହକୁ ତୋର ସମ୍ଭାଳ।

ଏହି ପ୍ରକାର କବିରେ ସେ ଗଣା। ତେଣୁ ରାଜ୍ୟ ବା କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସେ ଯୋଗ୍ୟ ନ ହେଲେ ବି ଯେତେଦିନ ଯାଏ କୋଟି କୋଟି ଆର୍ତ୍ତ ଜନ ଥିବେ, ତାଙ୍କର ସେ ବରେଣ୍ୟ ହୋଇ ରହିବେ।

ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତି

Digitized by srujanika@gmail.com

ସୂଚୀପତ୍ର

କ୍ର.ନଂ.	ବିଷୟ	ପୃଷ୍ଠା
	ସଂପାଦକୀୟ	କ
	ମୁଖବନ୍ଧ	ଝ
	ଜନଗଣର କବି ମନମୋହନ ମିଶ୍ର	ଡ
	କେଉଁ କବିରେ ଗଣା ସେ ?	ଧ

ପ୍ରଥମ ମର୍ମ : ଜାତୀୟତାବାଦ

ମନମୋହନ ମିଶ୍ରଙ୍କ ବିଚାରରେ ଜାତୀୟତାବାଦ କେବଳ ଭାରତର ମୁକ୍ତି ଓ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ସମଗ୍ର ବିଶ୍ୱର ନିପୀଡିତ ଜାତିଗୁଡିକର ମୁକ୍ତି ଓ ସ୍ୱାଧୀନତା ପାଇଁ ସଂପ୍ରସାରିତ

୧.	ମୁହିଁ ହିନ୍ଦୁସ୍ଥାନ	୦୧
୨.	ଶପଥ କର	୦୫

ଦ୍ୱିତୀୟ ମର୍ମ : ଗଣ ସଂଗ୍ରାମ ଓ ଗଣଚେତନା

ଦେଶର ସ୍ୱାଧୀନତା, ଜାତିର ମୁକ୍ତି ଓ ଗଣତାନ୍ତ୍ରିକ ଅଧିକାର ହାସଲ ପାଇଁ ଗଣସଂଗ୍ରାମ ସୃଷ୍ଟି କରିବା ଲକ୍ଷ୍ୟରେ ଶାଣିତ ଗଣଚେତନା ସୃଷ୍ଟିକାରୀ ଅନବଦ୍ୟ କବିତା ସମ୍ଭାରର ସ୍ରଷ୍ଟା ମନମୋହନ

୩.	ବିଜୟୀ	୦୬
୪.	କୌମିନାରା	୦୮
୫.	ପକାତୁ ପଛେ ଚିରା ସମାଜେ	୧୦
୬.	ମୁକତିର ସୂର୍ଯ୍ୟ ପରା ଉଇଁଲା	୧୧
୭.	ଶୁଣ ମୁର୍ଦ୍ଦାର, ଶାଗୁଣା, ଚିଲ	୧୨
୮.	ଚାଷୀ ରୟତ	୧୪

Digitized by srujanika@gmail.com

୯.	ଆମେ କାଠ ଘରର ଦୋକାନୀ	୧୬
୧୦.	କର୍ମଚାରୀ ଆମେ କର୍ମଚାରୀ	୧୮
୧୧.	ଶ୍ରମିକ	୧୯
୧୨.	କଟକ ଟ୍ୟାକ୍ସ ବଢା	୨୦
୧୩.	ହେ ନବ ପଥିକ	୨୧
୧୪.	ମୁକ୍ତିକାମୀ	୨୨
୧୫.	ଆମ ହାତେ ଦେଇ ଭିକାରୀ ଥାଳ	୨୫
୧୬.	ଆମେ କର୍ମୀ, ତୁମେ ନେତା	୨୭
୧୭.	ହୁଅ ଦୁର୍ନିବାର	୨୯
୧୮.	ଶଙ୍କର ସଂହିତା	୩୧
୧୯.	ବନ୍ଧୁକ ଦରକାର	୩୬
୨୦.	ଅମର୍ତ୍ତ୍ୟର ସନ୍ଧାନେ	୪୦
୨୧.	ଦୁଇ ଛାଉଣୀ ଏ ଦୁନିଆଁ	୪୩
୨୨.	ଭଲାରାମ ରାଇଜ ଏ !	୪୫
୨୩.	ଶ୍ରମିକ ସଂଗୀତ	୪୬
୨୪.	ହେଜରେ ହେଜରେ	୪୭
୨୫.	ଭଇରବ ଝଟିକାର	୪୮
୨୬.	ମନରେ ଭାଳ	୪୯
୨୭.	ବେଦୁଇନ କନ୍ୟା	୫୦

ତୃତୀୟ ମର୍ମ : ମା, ମାଟି, ମମତା

ଭାଗମାଟି ଅଧିକାରରୁ ବଂଚିତ ହୋଇ ଜନ୍ମମାଟିରେ ଜୀବିକା ହରାଇ ଯେଉଁ ଆଦିବାସୀ, ଦେଶିଆ, ପରଜାମାନେ ଗିରିମିଟିଆ ହେଲେ, ଦାଦନ ଗଲେ, ବଂଗଳା, ଆସାମରେ ଚା' ବଗିଚାରେ କୁଲି ହେଲେ, ସେମାନଙ୍କୁ ଦୁଃଖ ଦୁର୍ଦ୍ଦଶାରୁ ମୁକ୍ତ କରିବା ପାଇଁ ମାନବିକ ମମତାବୋଧର ଆହ୍ୱାନରେ ୧୯୪୨ରେ ଅବିଭକ୍ତ ଆସାମର ଅମରେଇ ହଟତା, ଶ୍ରୀମଙ୍ଗଳ ଆଦି ବ୍ୟାପକ ଅଂଚଳ ଗସ୍ତ କରି ଦାଦନ କୁଲିଙ୍କୁ ଯନ୍ତ୍ରଣାମୁକ୍ତ, ସ୍ୱାଧୀନ କରିବା ପାଇଁ 'ମା, ମାଟି, ମମତା'ର ସ୍ୱର ଝଂକାରର ଆଲୋଡନ ସୃଷ୍ଟି କରେ ।

୨୮.	କେତେ ଦୂର ତୋର ଓଡ଼ିଶା ମାଟିରେ	୬୪
୨୯.	ଭୁଲିନାହିଁ	୬୬

Digitized by srujanika@gmail.com

୩୦. ପଡ଼ିବ ପାଳି ୬୭
୩୧. କିଏ ସିଏ ୬୮
୩୨. ହେ ଜନମ ମାଟିର ବିନ୍ଧାଣୀ ୭୮
୩୩. ମାଡ଼ି ଆମେ ଘନଘୋର ଅନ୍ଧାର ୭୯
୩୪. ବୃନ୍ତାହତ ୮୦

ଚତୁର୍ଥ ମର୍ମ : ଉଦ୍‌ବୋଧନ

ସମଗ୍ର ଦେଶର ସଂପୂର୍ଣ୍ଣ ସ୍ୱାଧୀନତା ହାସଲ ପାଇଁ ଓ ସମସ୍ତ ପ୍ରକାରର ଶୋଷଣ, କଷଣ, ପୀଡ଼ନରୁ ମୁକ୍ତି ପାଇଁ ଚରମ ଉଦ୍‌ବୋଧନ ପ୍ରତିଟି କବିତାରେ ପ୍ରତିଧ୍ୱନିତ ।

୩୫. ଏକ ହୁଅ ୮୨
୩୬. ଲାଲ ଓଡ଼ିଆ ମାଟି ୮୬
୩୭. ଢାଲରେ ଢାଲରେ ୮୭
୩୮. ରକ୍ତ ତୋଫାନ ୮୮
୩୯. କାଠୁରିଆ ଗୀତ ୮୯
୪୦. ବାଜି ରାଉତ ପୁକାରେ ୯୦
୪୧. ସାଜରେ, ସାଜରେ ୯୧
୪୨. ଜାଗ ଯୁଗ ମାନବୀ ୯୩
୪୩. ଚାଲରେ ୯୪
୪୪. ମଉ ପହିଲା ୧୯୫୩ ୯୫
୪୫. ଶପଥ ସଂଗୀତ ୯୬
୪୬. ମୂଲିଆ ଭାଇ ୯୮
୪୭. କିଣିଖିଆ ଗୁହାରି ୯୯
୪୮. ଛାପାଖାନା ଶ୍ରମିକ ୧୦୦
୪୯. ଚଲା କୋଦାଳ ୧୦୧
୫୦. ଉଷାଲୋକ ୧୦୨
୫୧. ତରୁଣର ଆବାହନ ୧୦୪
୫୨. ଚାଲରେ ଚାଲରେ ଚାଲ ୧୦୫

Digitized by srujanika@gmail.com

୫୩. ଆଜି ମଇ ପହିଲାରେ ୧୦୬
୫୪. ନିକଳି ଯାଓ ୧୦୮
୫୫. ପ୍ରହରୀ ୧୦୯
୫୬. ଜାଗରେ ସର୍ବହରା ୧୧୦
୫୭. ଉଡାଇ ନିଶାଣ ୧୧୧
୫୮. ବାହ ନନ୍ଦିଘୋଷ ୧୧୨
୫୯. ହୁଅ ଆଗୁସାର ୧୧୪
୬୦. ନୁହେଁ କାନ୍ଦଣା ବେଳ ୧୧୬

ପଞ୍ଚମ ମର୍ମ : ସ୍ମାରକୀ

ଉତ୍କଳମଣି, ସୀମାନ୍ତ ଗାନ୍ଧୀ, ଷ୍ଟାଲିନ କବିତା ଗୁଡିକର ଐତିହାସିକ ତାତ୍ପର୍ଯ୍ୟ ରହିଛି। କବିଙ୍କର "ପ୍ରଥମ କବିତା"ଟି ବହୁ କାଳଜୟୀ କବିତାର ପ୍ରାରମ୍ଭ। ସେହିପରି ସ୍ୱଦେଶପ୍ରେମୀ ଆନ୍ଦୋଳନ ପରିପେକ୍ଷୀରେ ରଚିତ କବିତା ଓ ସଂଗୀତ ଗୁଡିକ ସୀମାହିନ ମୁକତିରେ ଦିଗ୍‌ଦର୍ଶନର ଭୂମିକାରେ ଗୋଟିଏ ଗୋଟିଏ ସ୍ମାରକୀ

୬୧. ମନେ ପଡ଼େ ୧୧୯
୬୨. ଷ୍ଟାଲିନ ୧୨୫
୬୩. ସ୍ୱାଗତ ସୀମାନ୍ତ ଗାନ୍ଧୀ ୧୨୭
୬୪. ଉତ୍କଳମଣି ତୁମ ଜୟ ଜୟ ୧୪୪
୬୫. ପ୍ରଥମ କବିତା ୧୪୫
୬୬. ଲାଲ ପତାକା ୧୪୭
୬୭. ସୀମାହୀନ ମୁକତୀର ୧୪୮
୬୮. ସେଇ ଦୁର୍ଦ୍ଦାନ୍ତ ଛିଣ୍ଡାହାତ ୧୪୯
୬୯. ପଟିଆବନ୍ଧ ୧୫୧
୭୦. ପଡିଲା ନେହେରୁ ପାଦ ଧୂଳି ୧୫୨
୭୧. ଜୟ କୃଷକ ସଭା ୧୫୪
୭୨. ପ୍ରାଚୀର ପତ୍ର ୧୫୬
୭୩ ତିନିବାର ସତ୍ୟ ୧୫୮
୭୪. ନଭେମ୍ବର ସାତ ୧୬୧

Digitized by srujanika@gmail.com

ଷଷ୍ଠ ମର୍ମ: ଆତ୍ମ ପରିଚିତି

ନିସ୍ୱାର୍ଥପର ଭାବେ ମୁକ୍ତି ସଂଗ୍ରାମୀ ଜନଗଣଙ୍କ ସ୍ୱାର୍ଥ ସପକ୍ଷରେ ଠିଆ ହେବାର ଭାବମାନସ ପ୍ରତିଟି କବିତାର ଛତ୍ରେ ଛତ୍ରେ ପ୍ରତିଫଳିତ।

୭୫.	ଅପଲକ ଦୁଇ ଆଖି	୧୬୪
୭୬.	ହେ ମୋର ଲେଖନୀ	୧୬୭
୭୭.	ମୋର ପରିଚୟ	୧୬୯
୭୮.	ସମ୍ମବାମୀ	୧୭୨
୭୯.	ଦୀପାବଳୀ	୧୭୫
୮୦.	ଆହେ ଓଡ଼ିଶାର ଜନତା	୧୭୮
୮୧.	ବିନିମୟ	୧୮୧
୮୨.	ସହାବସ୍ଥାନୀ କବିତା	୧୮୩

ସପ୍ତମ ମର୍ମ : ଲୋକସାହିତ୍ୟ

ପ୍ରତିକ୍ରିୟାଶୀଳ ଜନବିରୋଧୀ ଅପସଂସ୍କୃତି ବିରୁଦ୍ଧରେ ମନମୋହନଙ୍କ ସୃଷ୍ଟି କବିତା ଓ ସଂଗୀତର ଛତ୍ରେ ଛତ୍ରେ ସାଲିସହୀନ କୋଟିକଣ୍ଠର ସୃଜନଶୀଳ ସ୍ୱର ଏବଂ ପ୍ରଗତିଶୀଳ ଆବାଜ ଓଡ଼ିଶା 'ଲୋକସାହିତ୍ୟ'କୁ ସମୃଦ୍ଧକରିବା ସଂଗେ ସଂଗେ ଏକ ବୈପ୍ଳବିକ ଦିଗ୍‌ଦର୍ଶନ ଦେଇଆସିଛି।

୮୩.	ଟଟ୍ଟୁ ଘୋଡା	୧୮୫
୮୪.	ଅଛପରା ପାଷାଣ ଘରେ	୧୮୮
୮୫.	ଜଗନ୍ନାଥ ହୋ	୧୮୯
୮୬.	କଟକ ବସ୍ତିବାଲା	୧୯୦
୮୭.	କଳିର ପୁରାଣ	୧୯୨
୮୮.	ଜନତା ସାକ୍ଷୀ	୧୯୪
୮୯.	ଶୁକୁର ମାଝୀ	୧୯୬
୯୦.	ଭଗବତୀ ପ୍ରିୟ ସାଥୀ	୧୯୯

❖

Digitized by srujanika@gmail.com

ମୁହିଁ ହିନ୍ଦୁସ୍ତାନ

ଟେକିଲି ଏ ବଳିୟାର ଭୁଜ
ଏ ଉଦ୍ୟତ ବାହୁ
ସନ୍ଧାନିଲି ଶେଷ ଶରାସନ
ଅକ୍ଷୟ ତୃଣୀରୁ ଫିଟେ ଏକଘ୍ନି କମାଣ
ଉଦ୍ଧତ ଏ ମାଟିର ଜବାନ
ପ୍ରାଣେ ଭରେ ସଚ୍ଚାଳିଶ କୋଟି ପରମାୟୁ;

ହୁଅ ସାବଧାନ !
ଯକ୍ଷ, ରକ୍ଷ, ରାକ୍ଷସ ଦନୁଜ
ଟେକିଲି ଏ ବଳିୟାର ଭୁଜ.....

ମାନବର ଆଦିମାତା, ମୁହିଁ ହିନ୍ଦୁସ୍ତାନ
ଏକତାର ସମତାର ଅମୃତ ନିଶାଣ
ମୋହରି ଲାଳନେ ଝଳେ ଦୁର୍ବାର ବସୁଧା
ଶିହରଇ ଗିରିଶୀର୍ଷେ ବାଦଲ ପରଦା
ଧାନ-ରତ ପରବତୁ ଫିଟିପଡ଼େ ମହାନଦୀ ଗଙ୍ଗା
ତରଙ୍ଗିତ ଜନସିନ୍ଧୁ ଇନ୍ଦ୍ରଧନୁ ରଙ୍ଗା
ଭାଙ୍ଗିଯାଏ ଭେଦର ବୁରୁଜ ।
ଟେକିଲି ମୁଁ ବଳିୟାର ଭୁଜ...

ବରାଭୟ ଏହି ଭୁଜ, ବୁଦ୍ଧର ତପସ୍ୟା
ଗାନ୍ଧୀର ଅହିଂସା
ଲେନିନ୍‌ର ଆଶା ଆଉ ନାନକର ଭାଷା...
ଏହି ଭୁଜ କରେ ଏକାକାର
ଯିଶୁର ମମତା ଆଉ କବୀର ପିପାସା
ନିପୀଡ଼ିତ କ୍ରାନ୍ତିର ଏ ମହା କର୍ଣ୍ଣଧାର ।

Digitized by srujanika@gmail.com

ଅନନ୍ତ ପ୍ରହରୀ

ଏହି ଭୁଜେ ଅବତରେ ଶଙ୍କରର
ଆନନ୍ଦ ଲହରୀ;

ହଜରତ୍ ମହମ୍ମଦ ମହିମା କୋରାନ,
ଆଭେଷ୍ଟା ଓ ଗୀତା
ଏହି ଭୁଜ ସଂଘର ସଂହିତା।
ବାଲୁତ ଦରୋଟି କୋଟି ଜନତାର ଆୟୁ
ରକ୍ଷକ ଏ ଭୂଜ ମହାବାହୁ।
ତୀର୍ଥଭୂମି ନୀଳାଚଳ କୁତବ ମିନାର
ପ୍ରତିଧ୍ୱନି ମୁଖରିତ 'ଆଜାନିତ' ଜୁମା ମସ୍‌ଜିଦ
ଏ ବାହୁର ବରାଭୟେ ହୁଏ ସଂଜୀବିତ
ପ୍ରକୃତିର ଗନ୍ତାଘରୁ ଯେତେ ରତ୍ନ ଧାତବ ଖନିତ
ଏହି ବାହୁ କରିଅଛି ଦୂର
ହିନ୍ଦୁକୁଶ ହିମାଚଳେ ଏହିଂ ବାହୁ କରିଛି ମଞ୍ଜୁର!

ଏହି ବାହୁ
କୋଟି କୋଟି ଜନପ୍ରାଣେ ବାୟୁ
ଶତ ଭାଷା, ହଜାର ବିଶ୍ୱାସ;
ଅୟୁତ ପୀଡ଼ିତ ପ୍ରାଣ ଗଭୀର ଆଶ୍ୱାସ

ତୁଚ୍ଛ କରି ଅତ୍ୟାଚାରୀ ବିଭେଦକ କୂଟ,
ଏହି ବାହୁ କରେ ଏକଯୁଟ,
କୁମାରୀକା, ମାନସରୋବର
ଏ ବାହୁ କମ୍ପନେ ଥରେ ବିଶ୍ୱ ଚରାଚର।।
ଟେକିଲି ଏ ବଳିୟାର ଭୁଜ...।

ଛତ୍ରପତି ମୁହିଁ ଏ ଭାରତ
ଆସ ବିଶ୍ୱବାସୀ ଆସ ସକଳ ମନୁଜ;

Digitized by srujanika@gmail.com

ମୁକ୍ତଦ୍ୱାର ସ୍କନ୍ଧବାର
କରଇ ସ୍ୱାଗତ
ଛତ୍ରପତି ମୁଁ ମହାଭାରତ !
ଆସ ହେ ହୁସେନ୍, ଆସ ପଦ୍ମାର ଘାଟିଆ
କାଲିମ୍ପଙ୍ଗ ଜନପଥେ ହେ ଶେରପା ଗୁରୁଖା ମୋଟିଆ
ଶୀତଳ ନଡ଼ିଆମାଳେ, ଝୋଟବିଲେ, ଦ୍ରାକ୍ଷାବଣେ ଉଭା
କଲିଆରି ଖାଦାନର ଅଳନ୍ଧୁ ହେ ଶ୍ରମଜୀବୀ ଯୁବା ।
ମୁହିଁ ଘୋଷେ ତୁମ ଜୟକାର୍
ବିଶ୍ୱର ମାନବ ପ୍ରାଣେ ଜଗାଇଛି ଅପୂର୍ବ ଝଂକାର...
ତାଜ୍‌ର ମହଲ ଲାଗି ମାନସିଂହ ହୋଇବ ସହିଦ,
ଗୁରୁଦ୍ୱାର ଫାଟକରେ ପ୍ରହରୀ ସେ ଅବ୍‌ଦୁଲା ହମିଦ,
ଘାଲିବ ଗଜଲ ପାଇଁ ପ୍ରାଣଦିଏ ଖୋରଧା ପାଇକ,
ସଭିଙ୍କ ଜବାନ୍ ଲାଗି ଆମେ ସର୍ବେ ସାଜୁଁ ସଇନିକ ।
ଏ ଐତିହ୍ୟ ଏଡ଼ିକି ନିବିଡ଼
ବହୁଜନ ମୁଖରିତ ବିପୁଳ ଏ ହିନ୍ଦୁସ୍ଥାନୀ ନୀଡ଼
କରିଅଛି ଭିଡ଼
ଆଦିବାସୀ, ଆର୍ଯ୍ୟ ଓ ଦ୍ରାବିଡ଼
ଅଦ୍‌ଭୂତ ଏ ଅଭିନ୍ନତା ନାହିଁ ପଟାନ୍ତର
ଦକ୍ଷିଣର ଭାଷା ଯେବେ ନ ବୁଝେ ଉତ୍ତର
ପୂରୁବ ଉଦୟଗିରି ପଶ୍ଚିମରେ ଚାହିଁ
ଦେଖେ ଦୁଇ ସୀମାନ୍ତରେ କିଛି ମେଳ ନାହିଁ,
ତଥାପି ଉଦିଛି ଏଥି ଆଚମ୍ୱିତ ଏକତା ସୁରୂଜ
ସେ ଆଲୋକେ ଝଲସିଛି
ଦୀପ୍ତ ମୋର ବଳିୟାର ଭୁଜ...।
କୁରୁକ୍ଷେତ୍ର, ଗୟା, ଗଙ୍ଗା, ନର୍ମଦା, କାବେରୀ
ଚତୁର୍ଦ୍ଦିଗେ ଗର୍ଜେ ଏକାଭଳି ରଣଭେରୀ

Digitized by srujanika@gmail.com

ଲୁହା, ଶିସା, ତମ୍ବା, ରୂପା ଅସୁମାରୀ ଧାତୁ
ଏକାଠି ଆଉଟା ହୋଇ ଗଢ଼ା ଏଇ ସେତୁ
ଇତିହାସ ଥକିଲାଣି ଖୋଜି ଯା'ର ହେତୁ,

ଶାନ୍ତିରେ କପୋତ ଇଏ ଯୁଦ୍ଧେ କାଳକେତୁ !

ଅଦ୍ଭୁତ ଏ ରାଶିର ବନ୍ଧନ
ପଞ୍ଚବର୍ଣ୍ଣୀ ଏ ଜାତି-ମୁରୁଜ
ତା'ରେ ସ୍ମରି ଟେକିଲି ମୁଁ ବଳିୟାର ଭୁଜ ।
ଶବ୍ଦଭେଦୀ ବ୍ୟୋମଚାରୀ ଝଡ଼ର ତନୁଜ
ମହାବଳ ଟ୍ୟାଙ୍କ ଯେତେ ମୃତ୍ୟୁ ସହୋଦର
ସବୁ ଏଠି ହୋଇଛି ଖାରଜ ।
ଯେଣୁ ଧାତୁ ଏଥି ଧାତବ ମିଶା
ବହୁଜାତି, ଏକକ ନିଶାଣ,
ଅପୂର୍ବ ଆଶ୍ଚର୍ଯ୍ୟ;

ତେଣୁ, ଯାର ପରାଭବ ନୁହଁଇ ସମ୍ଭବ
ଦୁନିଆଁର ଯେତେ ଶକ୍ତି ଏହାସାଥେ ଯୁଝ.......
ଅଜେୟ ଏ ବଳିୟାର ଭୁଜ ।।

❖

Digitized by srujanika@gmail.com

ଶପଥ କର

ଲକ୍ଷ ମରଣର ଢେଉ କାଟି
ବକ୍ଷରେ ଧରିଛି ଯେ ମାଆଟି
ସେ ତୋ ଜନମ ମାଟି
କଲ୍ୟାଣମୟୀ, ପୁଣ୍ୟଭୂଇଁ
ତା'ରେ ଛୁଇଁ
ଶପଥ କର ସିପାହୀରେ।
ଶପଥ କର ଶପଥ କର,
ଆହ୍ୱାନେ ଜନନୀ ହିନ୍ଦୁସ୍ଥାନ
କିଏ ଭାଗ୍ୟବାନ ହୁଅ ଆଗୁଆନ
ଏଥି ସାର୍ଥକ ଜୀବନର ବଳିଦାନ,
ଆସ ବାଳୁତ ବୃଦ୍ଧ ନାରୀନର
ଶପଥ କର ସିପାହୀ ରେ।
ଶପଥ କର, କର ମରଣଜୟୀ
ସହିଦ ରକତେ ପୁଣ୍ୟମୟୀ
ଆସ ଦୁର୍ବାର ଜୀବନର ବାର୍ତ୍ତା ଗାଇ
ଜୀବନ ପାଇଁ ମରଣ ପାଇଁ
ତୁଚ୍ଛ କର, ତୁଚ୍ଛ କର।
ଶପଥ କର ସିପାହୀରେ
ଯେଉଁ ଜନନୀ ସ୍ତନ ତୁମେ ଭରିଛ ମୁଖେ
ଯେଉଁ ଭାଷା ଅମୃତ ବରିଛ ବୁକେ
ତାହାଲାଗି ତୁମେ ସିନା ଭାରତୀୟ।
ତୁମ ହିନ୍ଦୁ ବିଶ୍ୱପ୍ରୀତି ପରିଚୟ
ଶପଥ କର ସିପାହୀ ରେ;
ଶପଥ କର, ଶପଥ କର।

❖

ରଚନାକାଳ : ୧୯୫୩

Digitized by srujanika@gmail.com

ବିଜୟୀ

ବିଜୟୀ....
ବିଜୟ ତୋ ହୋଇନି ପୂରା
ଘନ ଘଟା ଯାଏ ଡାକି, ଆହୁରି ରହିଛି ବାକି
ଭାଇ ବୁକେ ଭାଇ ହାଣେ, ଭଗାରି ଛୁରା....
ବିଜୟ ତୋ ହୋଇନି ପରା,

ବିଜୟୀ, ବିଜୟ ତୋ ହୋଇନି ପୂରା।

ସେତୁବନ୍ଧ ବାନ୍ଧିଛୁ ତୁ ରାବଣପୁରେ
ଯହିଁ ରାଜୁଡ଼ା ରାଜୁତି, ଭୋକି ଆହାର ଲୁରେ
ଯହିଁ ମାତାଲ ହସୁଛି ପିଇ ଶୋଷଣ ସୁରା
ବିଜୟ ତୋ ହୋଇନି ପୂରା।

ଏକ ଦିଗେ ଏକ ହୁଏ କୋଟି ପରାଣି
ଡାକଘର କର୍ମଚାରୀ ଛୋଟ କିରାଣୀ
ଜାଗେ ରେଳବାଇ, ଜାଗେ ପାଣି ସେନାନୀ
ହିନ୍ଦୁ ବା ମୁସଲିମ୍ ବନ୍ଧ ବାଧା ନ ମାନି
କ୍ରାନ୍ତି ପଟୁଆରେ ହୁଏ ସେ ଆଗଡୁରା
ମୁକ୍ତି ପଟୁଆରେ ହୁଏ ସେ ଆଗଡୁରା
ବିଜୟୀ, ବିଜୟ ତୋ ହୋଇନି ପୂରା।
ଅନ୍ୟ ଦିଗେ ଦିଲ୍ଲୀ ବହୁଦୂରେ
କଙ୍କାଳ ଭୋକରେ ପୁରେ
କାଶ୍ମୀର ବୁଢ଼େ ଲହୁରେ
ରକତ ମାଖିଛି ଧୋବ ହିମାଦ୍ରୀ ଚୂଡ଼ା
ବିଜୟ ତୋ ହୋଇନି ପୂରା,

Digitized by srujanika@gmail.com

ବିଜୟୀ, ବିଜୟ ତୋ ହୋଇନି ପୂରା ।

ଆସ ଭାଇ ହିନ୍ଦୁ ଆସ ମୁସଲମାନ
ଆସରେ କଂଗ୍ରେସ ଆସ ଲିଗ୍ ଜବାନ
ଆସ ମଧ୍ୟବିତ୍ତ ଆସ କୁଲି ନିଶାନ
ମୁକତି ମିଳିଛି କାହିଁ ବିନା କୁର୍ବାନେ
ବିନା ରକତେ କି ବାନ୍ଧେ ଦ୍ରୌପଦୀ ଝୁଡ଼ା
ବିଜୟ ତୋ ହୋଇନି ପୂରା,

ବିଜୟୀ, ବିଜୟ ତୋ ହୋଇନି ପୂରା ।

ଶୋଷକର ସଙ୍ଗୀତରେ ଆଖି ନ ବୁଜ
ବିପ୍ଳବୀ ଦେଶର ଯେତେ ବୀର ଫଉଜ
ଗୋରା ପଲଟଣ ମାରି ଅଛି ମଉଜ
ତା ରକତେ ରଙ୍ଗା ତୋର ନିଶାଣ ଉଡ଼ା
ବିଜୟ ତୋ ହୋଇନି ପୂରା,
ବିଜୟୀ, ବିଜୟ ତୋ ହୋଇନି ପୂରା ।

❖

ରଚନାକାଳ : ୧୯୪୭

Digitized by srujanika@gmail.com

କୌମିନାରା

ଶୁଣରେ ଜୁଆନ୍, ହେ ତୋ ଇମାନ
ଆବାଜ ଏ କିସ୍‌ମତ
ଉଠାଅ ସୱାଲ, ନିକାଲୋ ଦଲାଲ
ହିମତ୍ ମେଁ କରାମତ୍।

ଭୋଟ ହତିଆର ଇଜ୍ଜତ କି କରାର୍
ଲୁଟ ଯାଏ ହକିକତ୍
ଥାପଡ଼କି ରେୱାଜ୍ ଧୋକା ଧପ୍‌ପାବାଜ
କଦମ୍ ଏ କୁଦରତ୍।

ଲଙ୍ଗଳ କି ହାତ୍ କଲିଜା କି ବାତ୍
ତୋଡ଼ ଡାଲୋ ଇମାରତ୍
ନୟା ଦୁନିଆ, ବନାଅ ଅପନା
ହଠାଅ, କୁଲ ଗଫଲତ୍

ଗରଜ ତୁମାରି ଗଜର ଭିଖାରୀ
ପୁକାର ଏ ସରାଫତ୍
ନବାବ କି ସାଜ ତାଜୁକେ ରାଜ୍
ବନାଦୋ ବେଇଜ୍ଜତ।

ଶହେ ଉଣା ଟଙ୍କା ଦଶ ପରାଣୀ ଯେତେ କିରାନୀ
କାଠ ଟିଣ ଛାତ ଉଠା ଦୋକାନୀ ଯେତେ ଦୋକାନି
ଜମିବାଡ଼ି ଛଡ଼ା ଯେ ଗାଆଁ ଚଷା ମୂଲିଆ ଭାଇ
ମଦ ଗୁଲି ତେଣ୍ଡି ଟାଣେ ରିକିସା ମୂଲିଆ ଭାଇ
ଦଶଟା ବରଷେ ରାସ୍ତା ଦାଢ଼େ ଯାହାର ଛୁଆ
ଭିକ ମାଗେ ଆଉ ପକେଟମାରେ ଯାହାର ଯୁଆ

Digitized by srujanika@gmail.com

ବିଦେଶୀ ବଣିକ ବେଭାରି ନାତେ   ଯାର ବଣିକେ
କପାଳେ ପିଟନ୍ତି ନୁଖୁରା ହାତେ   ଯାର ବଣିକେ
ସେ ଜାତିର ବୁକୁ ରକତ ଧାରେ

ଛାର ଗୁଳି ଗୋଳା ମାରିକି ପାରେ !
କୋଟି ଦେଶପ୍ରେମୀ ଆଖିର ତାରା
ବାନ୍ଧିକି ପାରିବ ପାଷାଣ କାରା

ମାଟିତଳେ ସଞ୍ଚୁ ଅଫିଟା ଖଣି   ଯେ ଦେଶ ମାଟି
ପାହାଡ଼ ଜଙ୍ଗଲ ଆକାଶ ପାଣି   ଯେ ଦେଶ ମାଟି
ପ୍ରତିପଦେ ଯାର ଭରିଛି ମହୁ   ଓଡ଼ିଶା ଦେଶ
ପ୍ରତି ଭୂମ ମୂଳେ ବୀରର ଲହୁ   ଓଡ଼ିଶା ଦେଶ
କିଳାପୋତା ଲୋଚା କାରବାରରେ ସେହି ଜାତିରେ
ବେଇମାନି କେବେ ମାରିକି ପାରେ ସେହି ଜାତିରେ
ବିଦେଶୀର ଦିଆ ବନ୍ଧୁକ ବଳେ   ସେହି ଜାତିକି
ବେଇମାନୀ କେବେ ମାରିକି ପାରେ ସେହି ଜାତିକି ।

❖

ରଚନାକାଳ : ୧୯୭୦

Digitized by srujanika@gmail.com

ପକା ତୁ ପଞ୍ଝେ ଚିରା ସମାଜେ

ପକାତୁ ପଞ୍ଝେ ଚିରା ସମାଜେ
ଯେତେ ତୋ ଇଚ୍ଛା ଡାକିରେ
ପଡ଼ିଛି ଯାର ପାଳି।
ଭୋକ ଯେଉଁଠି ମୂରତୀ ଧରେ
କୋଟି ମଣିଷ ପଞ୍ଜରା ତଳେ ରେ
ସେହି ପଞ୍ଜରା ତଳେ ଖେଳେ ମରଣ
ବିକଟ ଲୁଚକାଳି ରେ
ପଡ଼ିଛି ଯାର ପାଳି।
ପକା ତୁ' ପଞ୍ଝେ ଚିରା ସମାଜେ...।
ଡର ନା ତୁରେ
ଦେଖି ଜୀବନ ପଥ ବାଲି
ମରନା ତୁ'ରେ
ମିଛେ ନିରାଶା ଲୁହ ଢାଳି
ଏହି ଯେ ପଥେ ଗଲେଣି କେତେ
କେତେ ଅଗ୍ରଣୀ ବିଜୟ ରଥେ
ତାଙ୍କ ପୟର ଚିହ୍ନ ଅନୁସରିତୁ
ଲିଭାଅ ପାପ କାଳିରେ,
ପଡ଼ିଛି ଯା'ର ପାଳି।
ପକା ତୁ ପଞ୍ଝେ ଚିରା ସମାଜେ
ଯେତେ ତୋ ଇଚ୍ଛା ଢାଳିରେ
ପଡ଼ିଛି ଯାର ପାଳି।

❖

Digitized by srujanika@gmail.com

ମୁକତିର ସୂର୍ଯ୍ୟ ପରା ଉଇଁଲା

ତୋର ମୁକତିର ସୂର୍ଯ୍ୟ ପରା ଉଇଁଲା,
ଉଇଁଲା, ଆଖି ତୋର କିଆଁ ଛଳ ଛଳ।
ଯାହା ଲାଗି ଲଢ଼ିଲୁ ତୁ, କାରାଗାରେ ସଢ଼ିଲୁ ତୁ
ଫାସି ମଞ୍ଚେ ଚଢ଼ିଲୁ....
ପାଇଛୁ କି ତା'ରେ ଅବିକଳ।୧।
ଛୁଅଁମୁନ ଭୂମିପାଇଁ, ଘୁଞ୍ଚିଲାନି କୁରୁସାଇଁ
ବଞ୍ଚିତ ସେ ଭାବଗ୍ରାହୀ, ସାରଥି ହୋଇଲେ ଯାଇ
ଗୀତା ଛଳେ ଉଲୁସାଇ ଅରଜୁନ ବଳରେ......
ଆଖି ତୋର କିଆଁ ଛଳ ଛଳ।୨।
ବସ୍ତ୍ର ମାଗୁ ସେ ତ ବହୁଦୂର
ଅନ୍ନ ମାଗୁ ଗୁଳିତ ପ୍ରଚୁର
ଯୋଡ଼ି ହାତଗୋଡ଼ ଛୁଇଁ
ମାଗ ଭାତ, ମାଗ ଭୂଇଁ
ଦାନୀଷଣ୍ଢ ରାଜା ମହାବଳ ରେ...
ଆଖି ତୋର କିଆଁ ଛଳ ଛଳ।୩।
କଳିଯୁଗେ ପରା, ଧରମ ସ୍ୱରାଜ!
ବଳି-ଦାନୀ ହେଲେ, ରଜା ମହାରାଜ!
ଉଡିଗଲା ଲିଯା ହେଲା
ଗୋବିନ୍ଦାୟ ସ୍ୱାହାରେ
ହେଣ୍ଡିମାରେ ଅହିଂସା-ମାଦଳ
ଆଖି ତୋର କିଆଁ ଛଳ ଛଳ।୪।
ନୋହୁ ଯଦି ଭାଗ୍ୟବାନ
ନାହିଁ ଜମି ଦେବୁ ଦାନ
ପେଟ ପାଳିବାକୁ ତୋର
ନଅଣ୍ଟ କାଳରୁ
ଲଭ ବେଠି-ଶ୍ରମଦାନ ପୂଣ୍ୟ ଫଳରେ
ଆଖି ତୋର କିଆଁ ଛଳ ଛଳ।୫।
ଏ ବୁଦ୍ଧି ଦୁର୍ଲଭ ବଡ଼ ଶୋଷଣର ଇତିହାସେ
ଏ ଶୁଦ୍ଧି ସୁଲଭ ବଡ଼ ପାମର ଅରଥ-ଦାସେ
ପ୍ରଜା ସାମ୍ୟବାଦୀ ଆଉ ରଜା କଂଗରେସରେ...।
ନେତାଙ୍କୁ ଏ ଛାଇ ସୁଶୀତଳ
ଆଖି ତୋର କିଆଁ ଛଳ ଛଳ।୬।

❖

୧୯୫୧ ମସିହା କଟକ ଜେଲ ୧୫ ନମ୍ବର ୱାର୍ଡ

Digitized by srujanika@gmail.com

ଶୁଣ ! ମୁର୍ଦ୍ଧାର, ଶାଗୁଣା, ଚିଲ

ଶୁଣ ! ମୁର୍ଦ୍ଧାର ଶାଗୁଣା ଚିଲ
ଚାଷୀ ଲେଖୁଛି ଶାନ୍ତି ଦଲିଲ।୦।
ଜନମ ମାଟିରୁ ମାଣେ କି ପଦିକେ
ଭାତ ହାଣ୍ଡି ଖଣ୍ଡେ ବିଲ
ଚଷିଥିଲୁ ବୋଲି ବଣଜନ୍ତୁ ପରି
ଯା'ରେ ଗୋଡ଼ାଇ ମାଇଲ।
ଶୁଣ ! ମୁର୍ଦ୍ଧାର, ଶାଗୁଣା, ଚିଲ...
ଆମେ ପଞ୍ଜାବର ଗହଳ ପଲ୍ଲୀର
ଦାଢ଼ିବାଲା ଶିଖ ଚାଷୀ,
ଆସାମ ପାହାଡ଼ ହଂଜମ ଅଞ୍ଚଳ
ମନିପୁରୀ ଆଦିବାସୀ;
ଶୁଣ ! ମୁର୍ଦ୍ଧାର, ଶାଗୁଣା, ଚିଲ...
ଧୀରେ ବୋହିଯାଏ କଳା ଛଳ ଛଳ
କୃଷ୍ଣା ନଦୀ ଦରିଆରେ,
ତା'ରି ତଟ ପଠା, ମାଣ୍ଡିଆ କିଆରି
ସପନେ 'ରାମୁଡୁ' ଧୀରେ।
ଶୁଣ ! ମୁର୍ଦ୍ଧାର, ଶାଗୁଣା, ଚିଲ...
ରଇତ ଦୁଲାଳି ହେମ ନାମେ ବାଳୀ
ତାକରଡ଼ା ପଲ୍ଲୀଗ୍ରାମେ,
କେରଳ ଶୀତଳ ନଡ଼ିଆ ମାଳର
ନାୟାର ସେ କୁନିରାମେ;
ଶୁଣ ! ମୁର୍ଦ୍ଧାର, ଶାଗୁଣା, ଚିଲ..

Digitized by srujanika@gmail.com

ଯେତେ ଗଡ଼ଜାତ ନବାବ, ରାଣାରେ
ଲକ୍ଷ ବାଟି ଝଂଜା ଭୋଗ;
ଆମ ବୁକୁ ଲାଗି ଚିକଣ ଦଉଡ଼ି
ବଂଧୁକ ବାଟୁଳି ଯୋଗ,
ସରକାର ହୋ...।
ଶୁଣ ! ମୁର୍ଦ୍ଦାର, ଶାଗୁଣା, ଚିଲ..
ସେହି ଗୋରା ଫୁଜି ମାରକିନ ଆଉ
ରାଜୁଡ଼ା ରାଜୁତି ପାଇଁ,
ଦାନା କନା ହୀନ ଯବାନ ଲହୁରେ
ଢାଳିବାକୁ ଚାହୁଁ ନାହିଁ,
ସରକାର ହୋ...।
ଶୁଣ ! ମୁର୍ଦ୍ଦାର, ଶାଗୁଣା, ଚିଲ..
ଚାଷୀ ଲେଖୁଛି ଶାନ୍ତି ଦଲିଲ।

❖

Digitized by srujanika@gmail.com

ଚାଷୀ ରୟତ
(ଶରୀର ଭେଦ ଭଜନ ସ୍ୱରରେ)

ଚାଷୀ ରୟତ ହେଜ ତୋହରି ବଳ
କେତେ ଦଣ୍ଡ ନ ଦେଇଛି ଏ କଂଗ୍ରେସୀ କଳ । ଘୋଷା ।
ତେର ଲକ୍ଷ ଜମିଦାରୀ ରଇତ ଭାଇ
ତେର ଗୋଟି ଜମିଦାର ଶୋଷିଲା ଖାଇ
ହାଣ୍ଡି, ଖଲି, ଚୁଲ୍ଲିରେ
କର (ପାନୁ) ବସାଇ ଥିଲେ
ଏକରେ ଭୂମିପରେ ସତର ଟଙ୍କା କରେ
ଟଙ୍କାକେ ସୁଉକି ସୁଧ ଚକରି କଳନ୍ତରେ
ରୟତରେ ରୟତରେ
କାହିଁଗଲା ସେ ଦିନର ପାପର ଫଳ ।୧।
ହେଲେ ଜିରେଇତି ଅବା ରୟତବାରୀ
ବେଠି, ଭେଟି, ଜୁଲମୁଁ କି ଥିଲ ଉବୁରି
ବିଲାତି ଲାଟ ଠାରୁ ପୋଲିସର ହାକିମ
ହେଲେ ତୋ'ପରେ ରଜା ହେଲେ କଳିର ଭୀମ
ଇନାମଦାର ନେତା କଂଗରେସ କରତା
ଖଦଡ଼ ଖୋଳେ ଢ଼ାଙ୍କି ଯେତେକ ହେତା ଖେଟା
ରୟତରେ ରୟତରେ
ସବୁ ବୋଇଲେ ଆମର ଆମର ।୨।
ହେଜଥରେ ମୁସ୍ତାଦାରି ନିଲାମ କାଳ
ହେଜ ଥରେ ଲାଠିଗୁଳି ସଙ୍ଗୀନ ଫାଳ
ହେମ ବାଉରି ଝିଅ
କଂଗ୍ରେସୀ ହୋମେ ଘିଅ

Digitized by srujanika@gmail.com

ଛଅ ଶହୀଦ ଦିହ   ମାଟିରେ ହେଲା ନିହ
ପାପର ଭାରା ହେଲା   ବସୁଧାକୁ ଅସିହ
ରୟତରେ ରୟତରେ
ଢଳିଲା କଂଗ୍ରେସର ଦମନ କଳ   ।୩।
ଜମିଦାରୀ ଉଠି ରଜା ପାଏ ଭାତିଆ
ବନ୍ଦୋବସ୍ତେ ଚଢ଼ା ସିସ୍ତୁ ତୋ କର୍ମେ ଥୁଆ
ଲୋଡ଼ିଲେ ଜଳାଧାର
ଟିକସ ଗଣି ଦିଅ,
ପଞ୍ଚାୟତ ଗଢ଼ିଣ ହାଣ କୁରାଢ଼ି ନିଅ
କୁମ୍ଭାର ଉହାଠାରୁ ଭଣ୍ଡାରି ମୁଠିତକ
ଟିକସ ବସାଇଣ ନ କଲେ ଦକ ଦକ
କାହୁଁ ଚାଲିବୁ ବାଟ
କାହିଁ ପଢ଼ିବୁ ପାଠ
ପରପଞ୍ଚଙ୍କ ଶାସନର ଅଞ୍ଚଳ ।୪।
ଦୁନିଆର ଦେଖୁ ଦେଖୁ ଆସେ ବାରତା
ଶୁଣ ଚାଷୀ ମୁଲିଆ ଏ ମାଟି କରତା
କି ଛାର ଜଳାଧାର
ସିସ୍ତୁ କାଟ କି ଛାର ?
ଚାଇନା ରୁଷିଆରେ ତୋହରି ସରକାର
ଘୋଷଇ ଏ ଧରଣୀ ତୋହର ଜୟକାର
ଜନତାରେ ଜନତାରେ
ଡ଼ାକିଛି ଇତିହାସ ସନ୍ଧିର ବେଳ ।୫।

❖

ରଚନାକାଳ – ୧୯୫୩ ମସିହା
ସ୍ଥାନ – ବ୍ରହ୍ମପୁର ରୟତ ମେଳା

Digitized by srujanika@gmail.com

ଆମେ କାଠଘରର ଦୋକାନୀ
(ସୁର-ଖଣ୍ଡ ଭାଟିୟାଲି)

ଆମେ କାଠଘରର ଦୋକାନୀରେ ଆମେ
କାଠଘରର ଦୋକାନୀ;
ଆମ ଭାଗ୍ୟେ ନାହିଁ ହାକିମ ବୋଲାଇ
କରିବାକୁ ବାବୁଆନିରେ । ଘୋଷା ।

ଲାଇସେନ୍ସ କଲୁ ମ୍ୟୁନିସପାଲ୍‌ଟିରୁ
ଖାସ ମାହାଲିଆ ଜମି ପଟ୍ଟା ନେଲୁ
ମଣିଷ ବୋଲାଇ କୁରୁମ ସାଜିଲୁ
ଲହୁଝାଳ କଲୁ ପାଣିରେ । ୧ ।

କଟକ ସହର ଗାଆଁ ପରିମଳ
ରାସ୍ତା ବାଟରୁ ତ ଦିଶେ ଜଳ ଜଳ
ନିତି ପିଉ ଅଛୁଁ ନରଦମା ଜଳ
ନଇନ ଯୋଡିର ପାଣିରେ । ୨ ।

ପଚରା ଗାଡ଼ିଆ, ମଶାର ପୋଖରୀ
ସାହିରେ ସାହିରେ ମେଲେରିଆମାରୀ
ପିଳେହି ଗୋଦର ବସନ୍ତ ସୋଦର
ମଇତ୍ର କୁଟୀର ରାଣିରେ । ୩ ।

ପ୍ରତିଦିନ ସକାଳୁ ମୁହଁ ନାହିଁ ପଖାଳୁ
ସାଥୀ ପାନ, ତେଜରାତି, ଫଳ
ପାଞ୍ଚ ଛଅ ପରାଣୀ ବେକେ ବାନ୍ଧି ଉଜାଣି
ସୁଏ ଭାସିବୁ ଅବିରଳ ।

Digitized by srujanika@gmail.com

ଏଥିଲାଗି କିଏ ଅଛି ମାଆ ବାପା
କାଠ ଦୋକାନିକୁ ଦେଖାଅ ପ୍ରତାପ
କିଳାପୋତା ହାତୀ ଗଳି ଯାଏ ସୁଖେ
ପିମ୍ପୁଡ଼ିର ଡିମ୍ବ ଛାଣିରେ ।୪।

ଆମ ସଙ୍ଗେ ତୁମ ଯେଉଁ ବ୍ୟବହାର
ସେଥିରୁ ବ୍ୟବସ୍ଥା ହେବଟି ବିଚାର
ହେ ସ୍ୱାଧୀନ ଦେଶ କରତା ସର୍କାର
ସେହି କଥା ରଖ ଜାଣି ହେ ।୫।

ପ୍ରତିଦିନ ସକାଳୁ ମୁହଁ ନାହିଁ ପଖାଳୁ
ଜୀବିକାର ଦୁରଦଶା ଘୋର
ପାଞ୍ଚ ଛଅ ପରାଣି ପରିବାର ଦୋକାନି
ରାସ୍ତା କଡ଼େ କଲୁ କାଠଘର
ବାଡ଼ି ଗୋବେ ଗୋବେ ଜମି ନାହିଁ ଯାର
ନଥିଲା ସମ୍ବଳ ପାଠ ପଢ଼ିବାର
ତାକୁ ରଖିବାକୁ ଆଜନ୍ମ ବେକାର
ନୋହୁଁ ରାଜି କହୁଁ ଟାଣି ହେ । ।୬।

❖

ରଚନାକାଳ ୧୯୫୩ ଜାନୁଆରୀ
ସ୍ଥାନ – କଟକ ବସା

Digitized by srujanika@gmail.com

କର୍ମଚାରୀ ଆମେ କର୍ମଚାରୀ

(ସିଭିଲ୍ ସପ୍ଲାଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ)

କର୍ମଚାରୀ ଆମେ କର୍ମଚାରୀ
ଅନାଟନ ଘେରା ମୁଲକେ
ସକଳେ ଯୋଗାଇ ଜୀବନ ଖୋରାକ
ସହିଲୁ ଅଭାବ ପଲକେ । ଘୋଷା ।

ନୀଚ ପ୍ରଲୋଭନ, ଚୋରା କାରବାର
ପଦେ ପଦେ ଆମ୍ଭେ ମାଗିଲା ଶିକାର
ଯୁଝିଲୁଁ ସମାଜର ସକଳ କଳଙ୍କେ
ଯୁଝିଥିଲୁଁ ଅପଲକେ ।୧।

ଯୁଝିଲୁଁ ଯେ ଯାଏଁ ଅଭାବର ଅବସାନ
ଯୁଝିଲୁଁ ଯେ ଯାଏଁ ନ ହୋଇଲୁଁ ପ୍ରୟୋଜନ !
ଯୁଝି ଯୁଝି ଶେଷେ ହୋଇବୁଁ ବେକାର
ଏହାକି ଲେଖା ଜାତକେ ।୨।

ଆମର ବି ଅଛି ବୁଢ଼ି ମା ଘରେ
ରୋଗିଣୀ ଗୃହିଣୀ ସଙ୍ଗେ
ଦରୋଟି କଳରବ କରି ଆମରି ଶିଶୁ
ଜୀବନ ଆହାର ଲୋଡ଼େ
ତାଙ୍କୁ କେଉଁ ଭଳି କରିବ ଛଟେଇ
ଭାବିଛ କି ଦେଶ ପାଳକେ ।୩।

ବଡ଼ ଠାରୁ ଛୋଟ କର୍ମଚାରୀ କିରାନି
ହେଉଁ ଏକ ମେଳ ଏକତାର ବେଳ ଜାଣି
ତୁଟିବ ଛଟେଇ ବେକାରୀର ଦୁଃଖ
କେବେ ଦିନେ ଏ ମୁଲକେ ?।୪।

❖

ରଚନା କାଳ – ୧୯୫୩
ସ୍ଥାନ – କଟକ ବସା ।

Digitized by srujanika@gmail.com

ଶ୍ରମିକ

ତୁହିତ ସବୁରି ସାହା,
ସବୁରି ବାହା,
ତୋତେ କେ କରିବ ଅନ୍ତର;

ହାତେ ତୋ ନେ ହାତୁଡ଼ି
ମୁଖେ ଦେ ମୁକ୍ତି ତୂରୀ
ତୁ ଏକତା ମନ୍ତର । ଘୋଷା ।

ଚୋର କୁ ମାନ କରି ତୁ ଯଦି ରୁଷିବୁ ଆଜି,
ତୋ ପିଲେ ମରିବେ ଭୋକେ
ତୋ ଜାତି ପଡ଼ିବ ଭାଜି
ତୋ ମାଟି ଘେରିବ ପାଜି ମାର୍କିନ ଚସ୍କର ।୧।

ଅୟୁତ ଯୋଜନୁ ଯିଏ ଏ ମାଟି ଚଟାଣ ଲାଗି,
ଯୋଖଇ ପରମାଣୁର ବିଷାକ୍ତ ବାଣ ଦାଗି
ତୋ ବଳେ ଉଠୁରେ ଜାଗି
ଦୁନିଆ ଆପାଣାପର ।୨।

ଯା ତୁଲେ ଲଢ଼ିଛି ନିଶ୍ୱ ସେ କି ଖାଲି ତୋହର ଅରି
ତା'ତାପେ ଜଳିଛି ବିଶ୍ୱ ବିକଳେ ଯାଇଛି ଥରି
ସେତ ମରଣୁ ମୁନାଫା କରି
ଜୀବନ ମଣିଛି ସଲ ।୩।

❖

ପ୍ରଥମ ଲେଖା – ୧୯୪୪ ମସିହା ବ୍ରହ୍ମପୁର ଜେଲ
ପରିବର୍ତ୍ତିତ – ୧୯୫୧ ମସିହା ମଇପହିଲା ।

Digitized by srujanika@gmail.com

କଟକ ଟ୍ୟାକ୍ସ ବଢ଼ା

ନ ହେବୁ ଯଦି ଆଉ ତୁ ମଶାଣି ମଡ଼ା
ଆରେ ରାସ୍ତାକୁ ବଢ଼ା ତୋ ପାଦ ରାସ୍ତାକୁ ବଢ଼ା । ଘୋଷା ।
ହୁଅ ତୁ ପୁରୁଷ ନାରୀ ବୁଢ଼ା ବା ହଡ଼ା
ଆପଣାର ଭଙ୍ଗାଘର ହେଉ ବା ଭଡ଼ା,
ଭାଙ୍ଗିବାକୁ ବାସ ତୋର ଯୋଜନା ଗଢ଼ା
ରାସ୍ତାକୁ ବଢ଼ା ତୋ ପାଦ ରାସ୍ତାକୁ ବଢ଼ା ।
ମଣିଷ ବୋଲି ନିଜକୁ ହେଜନି ଥରେ
ମଥା ରଖିବାକୁ ଚାହୁଁ ମଥାନ ଘରେ
ଅଘୋରି କୁକୁର ବଢ଼ା ତୋ ପାଦ ରାସ୍ତାକୁ ବଢ଼ା ।
ରାସ୍ତାକୁ ବଢ଼ା ତୋ ପାଦ ରାସ୍ତାକୁ ବଢ଼ା ।
ଟିକସ ଦାଉରେ ଏବେ ଭାଙ୍ଗିବ ବାସ
ଗଛମୂଳେ ରଚିବୁ ତୋ ପ୍ରଣୟ ରାସ !
ବେକାର ମୁଣ୍ଡେ ଛପର କି ହେବ ଲୋଡ଼ା
ରାସ୍ତାକୁ ବଢ଼ା ତୋ ପାଦ ରାସ୍ତାକୁ ବଢ଼ା ।
କୋର୍ଟ କଚେରୀରେ ଖାଲି ଢ଼ାଳିଛୁ ମନ
ଥୋକେ ଲୋକଙ୍କର ସିନା ସରିବ ଧନ
ବାସି କାକରରେ କେବେ କି ପୂରିବ ଘଡ଼ା
ରାସ୍ତାକୁ ବଢ଼ା ତୋ ପାଦ ରାସ୍ତାକୁ ବଢ଼ା ।
ଦରବାରୀ ଯିଏ ହେଲୁ ତୁ ନିଉଛୁଣା
ସତ୍ୟ ଅହିଂସା ଭଙ୍ଗାଇ ଯେ କଲା ସୁନା
ତୋର ଭଙ୍ଗା ବାସେ ରାଜଧାନୀ ଖସଡ଼ା
ରାସ୍ତାକୁ ବଢ଼ା ତୋ ପାଦ ରାସ୍ତାକୁ ବଢ଼ା
ନୀତି ନାହିଁ ନାହିଁ ନାହିଁ ବାଛ ବିଚାର
ତୋର ଗରିବାନି ପରେ ଯେ ଦରବାର
ଗଢ଼ି ଅଛି ତା'ର ପାପ କରଛଡ଼ା
ରାସ୍ତାକୁ ବଢ଼ା ତୋ ପାଦ ରାସ୍ତାକୁ ବଢ଼ା ।

❖

Digitized by srujanika@gmail.com

ହେ ନବ ପଥିକ

ହେ ନବ ପଥିକ ଦିଗନ୍ତର ଦିଗ
ଝଲେ ଉଷା ରକ୍ତ ରାଗେ
ପୁରାତନ ଉଷା ବିଧୁରା ଲପନେ
ବୋଲ ଯଉବନ ପରାଗେ । ଘୋଷା ।

ଜୀବନରେ ଯେତେ ଛୁଇଁଥିଲ କେତେ
ପରପାଇଁ ପୁଅ ମଥା
ପରର ଚାବୁକେ କୁରୁମ ତୋ ବୁକେ
ନେଇ ବରି ଲହୁ କଣ୍ଟା
ଡର ନାହିଁ ଆରେ ମରୁପଥଯାତ୍ରୀ
ମରି ଯାଏ ଦେଖ ମହାକାଳ ରାତ୍ରୀ
ତୋ ଜନମ ମାଟି ତୋ ଜୀବନ ଧାତ୍ରୀ
ଡାକେ ତୋତେ ଅନୁରାଗେ ।୧।

ପଶୁବଳେ ଯେହୁ ନେଲା ତୋର ଦେହୁ
ପରାଣର ଆଶାବାଡ଼ି,
ହେଉ ବଳବାନ ଆଜିର ତୋଫାନ
ତା ବୁକୁରେ ପଡ଼େ ମାଡ଼ି ।
ସରଣୀ ସନ୍ଧାନେ ହେ ନବ ପଥିକ
ହୁଅ ଅବିନୀତ ହୁଅରେ ନିର୍ଭୀକ
ଭୀମ ମରଣରୁ ଆହୁରି ଅଧିକ
ଶାନ୍ତି ଜୀବନ ଜାଗେ ।୨।

❖

୧୯୫୪ ମଇପହିଲା – କଟକ ଟାଉନ୍‌ହଲ ।

Digitized by srujanika@gmail.com

ମୁକ୍ତିକାମୀ

ପଚାରୁଛ
ମୋତେ ଲଢ଼ିବାକୁ କିଏ କହିଥିଲା ?
ବିଧାନ ? କର୍ତ୍ତବ୍ୟ ?
ନାୟକ, ଜନସେବୀ, ଆଇଡ଼ିଓଲୋଜି ?
ନେତାର ଅରଦୋଳି ?
ଉତ୍ସାହୀ ଜନତାର କର ତାଳି ?
କେହି ନୁହେଁ ! କେବଳ
ଏକ ଉଚ୍ଛଳ ଉନ୍ମାଦନାର
ଏକାକୀ ତାଡ଼ନା;
ମୋ ପାଇଁ ଜଳଧର ମାନ
ଆକାଶ ପକ୍ଷୀର ଗାନ
ପରାଧୀନ ଜନ୍ମମାଟିର ସ୍ୱାଭିମାନ
ଉଦ୍‌ବେଳିତ ଧରଣୀରୁ ଧ୍ରୁବତାରା ଯାଏ
ସେତୁ ବାନ୍ଧିଥିଲା
ଶୃଙ୍ଖଳରେ ମୁକ୍ତିର ଗାନ ବାଜିଥିଲା ।
ଏବେ ମୁକ୍ତିରେ ଡ଼ାକୁଛି
ଶୃଙ୍ଖଳର ଝଣତ୍‌କାର
ଚଟକଳ କୁଲିର ପ୍ରମୋଶନ ହୋଇଛି
ଦାଦନ ଗୋଲାମ ।
କୁଳ ଲୁଆଣୁଣୀର ଉନ୍ନତି ହୋଇଛି
ହାଟରେ ନିଲାମ୍ !
ଏଣେ କୋଟି କୋଟି ଖାଡ଼ା ଉପବାସ;

Digitized by srujanika@gmail.com

ତେଣେ କୁତ୍ସିତ ପଞ୍ଚତାରକା ବିଳାସ !
ଆମରି ମଥାରେ
ସ୍ୱାଧୀନତାର,
ଏକତାର, ମମତାର
କଣ୍ଟାର ମୁକୁଟ ବିନ୍ଧୁଛି ।
କିଏ ,କାନ୍ଦୁଛି ?
ବାଲୁତ ବାଜି ରାଉତର
ଶହୀଦ୍ ଭଗତ୍ ସିଂହର
ଝାନ୍‌ସି ବଂଶଧାରିଣୀର ହାହାକାର ?
ଭୁଲ୍ କଥା !
ତୁମର ଏ ଭ୍ରାନ୍ତ ଅବଶୋଷ
ସ୍ୱୀକାର କର ଏ ତୁମର ଦୋଷ ।
ତୁମେ ଇତିହାସର ଆଇନ୍ ଲଙ୍ଘିଛ
ତୁମେ ମୁକ୍ତିର ଶପଥ ଭାଙ୍ଗିଛ
ପଛନ୍ତା ଦିନତକ, ବୃଥା
ଦୀର୍ଘଶ୍ୱାସ ଦୁହେଁ;
ସେ ତୁମର ଶିକ୍ଷକ
ଆଗନ୍ତ ଯୁଗ, ବ୍ୟର୍ଥ
ଅଣଆଶ ନୁହେଁ,
ସେ ତୁମର ରକ୍ଷକ
ତାକୁ ଭକ୍ଷକ ହେବାକୁ ଦିଅ ନାହିଁ ।
ଆଦିବାସୀର ଶିଶୁକୁ ମାତୃଭାଷାରୁ
ବଞ୍ଚିତ କର ନାହିଁ
ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ଭାଷା ଯୋଗୁ
କାହାକୁ ଲାଞ୍ଛିତ କର ନାହିଁ ।

Digitized by srujanika@gmail.com

ଶୋଷଣ ବିରୋଧୀ ସଂଗ୍ରାମ ଉପରେ
ମାଡ଼ ଚଢ଼ାଅ ନାହିଁ
ପ୍ରଜାସ୍ୱ-ରାଜସ୍ୱ ଦୁର୍ନୀତି ତସ୍କରଙ୍କୁ
ଗାଦି ମଡ଼ାଅ ନାହିଁ
ଅଞ୍ଚଳ ଭେଦରେ
ମନୁଷ୍ୟ ଭିତରେ
ବର୍ଦ୍ଧିଷ୍ଣୁ ବନ୍ଧୁରତାକୁ ବଢ଼ାଅ ନାହିଁ
ଏକତାର
ସମତାର
ଜନତାର
ଏହା ମହାସଂହିତା ।
ଏହାହିଁ ମୌଳିକ ଅଧିକାର
ଏହାହିଁ ଭାରତୀୟର ଗୁରୁଗ୍ରନ୍ଥ
ଧମ୍ମପଦ, ବାଇବେଲ, କୋରାନ୍ ଓ ଗୀତା
ଇତିହାସର ଅଲଂଘ୍ୟ ଇସ୍ତାହାର ।
ଅବଶୋଷ ନାହିଁ;
ଏ ଜୀବନକୁ ଆଉ ମୃତ୍ୟୁକୁ
ପାଦତଳର ଭୃତ୍ୟକର
ଆଗେଇ ଚାଲ, ଆଗେଇ ଚାଲ ।

❖

Digitized by srujanika@gmail.com

ଆମ ହାତେ ଦେଇ ଭିକାରୀ ଥାଳ

ଆମ ହାତେ ଦେଇ ଭିକାରୀ ଥାଳ ହୋ
ତୁମେ ପାଲଟିଛ ରାଜା,
ହୋ ବାବୁ ! ତୁମେ ପାଲଟିଛ ରାଜା
ତୁମ ଲାଗି ନୁହଁ ସୁନା ଖଟୁଲି ହୋ
ତୁମ ଲାଗି ବେଡି ସଜା ।
ଆମେ ଫଳାଇଲୁ ସୁନାର ଫସଲ
ତୁମେ ନେଇ ତାହା କାଟି
ଆମ ପୁଅ ଝିଅ ଭୋକେ କଲବଲ
ମରନ୍ତି ପଡର ଚାଟି;
ଆମ ହାଡେ ତୁମେ ପଲଙ୍କ ଗଢିଛ
ମାରୁଛ ସଉକ ମଜା;
ତୁମ ଲାଗି ନୁହଁ ସୁନା ଖଟୁଲି ହୋ
ତୁମ ଲାଗି ବେଡି ସଜା ।
ଆମ ହାତେ ଦେଇ ଭିକାରୀ ଥାଳ ହୋ ...
ଆମର ଜୀବନ ହୃଦ ରସ ତୁମେ,
ଆମକୁ ପରଦା କର
ଆମ କୁଡିଆରେ ଅନଳ ଲଗାଇ
ପୀୟୁଷେ ଗରଳ ଭର,
ଛାତିର ମାଉଁସ ଛେଲା ଛେଲା ନେଇ
କଇ ପାଉଁରୁଟି ଭଜା,
ତୁମଲାଗି ନୁହେଁ ସୁନା ଖଟୁଲି ହୋ
ତୁମ ଲାଗି ବେଡି ସଜା ।

Digitized by srujanika@gmail.com

ଆମ ହାତେ ଦେଇ ଭିକାରୀ ଥାଇ ହୋ ....
ଶିଇ ଶିଲୁପୁଆ ଗଗନେ ଉଡନ୍ତି
ଜମିଦାର ଦେଖେ ଚାହିଁ,
ଚରଚା କରିବୁ ଯେତେକ ଶୋଷଲେ
ଏକତାର ଗୀତ ଗାଇ,
ଚୂରୁଟ ଖସିବ ଚୋଟଲା ମୁହଁରୁ
ନିକାଲିବୁ ସବୁ ମଜା
ତୁମ ଲାଗି ନୁହଁ ସୁନା ଖଟୁଲି ହୋ
ତୁମ ଲାଗି ବେଡି ସଜା ।
ଆମ ହାତେ ଦେଇ ଭିକାରୀ ଥାଇ ହୋ
ତୁମେ ପାଇଚିଛ ରଜା
ତୁମଲାଗି ନୁହଁ ସୁନା ଖଟୁଲି ହୋ
ତୁମ ପାଇଁ ବେଡି ସଜା ।

❖

Digitized by srujanika@gmail.com

ଆମେ କର୍ମୀ, ତୁମେ ନେତା

ଆମେ କର୍ମୀ, ତୁମେ ନେତା
ଆମେ ଭୋକିଲା, ତୁମେ ଖାତା
ହାତଟେକି ଆମେ ହରିବୋଲି ଦେଉ; କାଟ ରାମାନନ୍ଦୀ ଚିତା,
ହାତେଟେକି ଆମେ ହରିବୋଲ ଦେଉ କାଟ ତିନିଗାର ଚିତା
ଜିଅନ୍ତା କଙ୍କଡା କୋଥଳି ଭିତରେ
ଚାଲେ ଡଗ ଡଗ ହୋଇ
ଆମେ ଗଡ଼ି ଯାଉ ଆହା ଆହା କହି
ଦିଅଙ୍କ ମହିମା ଗାଇ।
ହରିଙ୍କର ଗତି, ଝୁଲା ଠେଲୁଛନ୍ତି
କଙ୍କଡା ପୋଡ଼ାରେ ମତି,
ଥନ୍ତଲ ପେଟରେ ମାଲପା ମାଲିସ୍
ଚାଟୁ ରାଣ୍ଡିପୁଏ ଜୋତା।
ଭୋଟ ବେଳ ହେଲେ ଥାପୁଡା ଥାପୁଡି
ନୋଟ ବିଡ଼ାଟାଏ ଗୁଞ୍ଜି,
ମାଲିକ ପଣରେ ଦଲାଲ ବନାଇ
ବତାଅ ତୁମେ ବାରତା।
ପଣ୍ଡିତେ ମାଇଲ, ପୋଇଲି ପୋଷିଲ
ପୋଲିସ ଟାଣିଲେ ବୁଟି
ଅଇଁଠା ପତର, ଚଟା କୁକୁରଙ୍କ
କୁହାଟେ କୁହାଅ ଦାତା।
ମଧୁ, ଗୋପବନ୍ଧୁ ମହତ ବତାଇ
ତୁମେ ହୁଣ୍ଡା, ଗୁଣ୍ଡା ପଥେ

Digitized by srujanika@gmail.com

ନୀଳାଚଳ ପାଠେ, ଗଣ୍ଠି କାଟୁ ଅଛ
କେଉଟ ଘୋଡ଼ା ଚଢ଼ଇତା;
ଆମେ ଢୋଲ ପିଟି ମହୁରୀ ବଜାଉ
ମଜୁରୀ ବେଳକୁ ନାତ
ତମ ମାଇପର ପାଟ ପୀତାମ୍ବରୀ
ଆମ ଶାଢ଼ି ଗଣ୍ଠିପକା,
ଦଲାଲି ଗଣ୍ଡାକେ କାନ୍ଧ ଉଠାଇଲେ
ଛାତ କୁଦିବାକୁ କଟା
ତମ ଚିଟି ଚଟା ମାଇପାଣି ବିକା
ମହତକୁ କିଳା ପୋଟା
ପଞ୍ଚାଏତେ ବସି, କଟାଇଣ ଖାସି
କଲୁଯେତେ ସେବା ପୂଜା
ଶ୍ରୀଛାମୁ ଛାମୁଆ ବୋଲି ବଦନାମ
ସଂକୀର୍ତ୍ତନେ ଝାଞ୍ଜ ପିଟା ।

❖

Digitized by srujanika@gmail.com

ହୁଅ ଦୁର୍ନିବାର

ବିଲାତର ଲୋକେ, ତୃଷ କାହା ପାଇଁ ?
ଯେ ତୁମକୁ ଦିଏ ମାଟିରେ ମିଶାଇ ?
ମୁଣ୍ଡଝାଳ ମାରି ବୁଣିଛ ଯେ ଲୁଗା
ସେ ଝୀନ ବସନ କାହା ଅଙ୍ଗେ ଲଗା ?
ଜନମ କାଳରୁ ଶମଶାନ ଯାଏ
ତୁମ ଅନ୍ନେ ଯିଏ ପ୍ରତିପାଳି ହୁଏ
ତୁମ ଅରଜନେ ଯାର ବଡଲୋକି
ଯିଏ ପେଟା ମୋଟା ତୁମେ ମର ଭୋକି
କାହାପାଇଁ ଖଟି ମର ଦିନରାତି
ଶୀତଳ ଯେ କରେ ତୁମ ରକ୍ତ ତାତି ?
ଶେଷ ଟୋପା ତୁମ ଝାଳରେ ନିଗାଡି,
ବେଇମାନ ଯିଏ ବସେ ପେଟ କାଢ଼ି ?
ବିଲାତର ଆହେ ଶ୍ରମୀ ମହୁମାଛି
କାହାପାଇଁ ଗଢ ହତିଆର ବାଛି;
ହାତକଡା ଆଉ ପିଟୁଣୀ ଚାବୁକ ?
ଶୁଣ୍ଡହୀନ ଯେତେ ପେଟୁ ନପୁଂସକ
ହାତେ ଦେଇ ନିଜ ମରିବାର ବାଣ
କି ପାଇଁ ମରରେ ଖଟି ଅକାରଣ ?

    ଅଛି କି ଜୀବନେ ଶାନ୍ତି, ଅବସର
    ଘେନାଘେନି ସ୍ନେହବୋଳା ଖଣ୍ଡେଘର
    ତେବେ ଏ ବେଦନା ବୁକୁଭରା ଭୟ
    କେଉଁ ଚିଜ ପାଇଁ କର ବିନିମୟ ?

Digitized by srujanika@gmail.com

ତୁମେ ଯା ବୁଣିଲ, ପାଇଲା ଅପର
ତୁମ ଅରଜନେ ଭରେ ତା'ର ଘର
ତୁମେ କଲା ବସ୍ତ୍ରେ ଅଙ୍ଗଶୋଭା ତା'ର;
(ତୁମ) ତିଆରିଲା ଅସ୍ତ୍ରେ ବୋଲାଏ ସର୍ଦ୍ଦାର ।
ବିଲାତର ଲୋକେ, ବୁଣ ମନା ନାହିଁ
ଅତ୍ୟାଚାରୀ ଯେହ୍ନେ ନ ପାରିବ ପାଇ
ତୁମ ଅରଜିଲା ଧନେ ଦଗାବାଜ
ନଚଳାଉ ଏଥି ପାତକୀର ରାଜ,
ବସ୍ତ୍ର ତିଆର, ନ ପିନ୍ଧୁ ନିଖଟୁ
ଆପଣା ତିଆରି ଅସ୍ତ୍ରେ ହୁଅ ପଟୁ
ଜଗି ନିଜ ସ୍ୱାର୍ଥ, ନିଜ ଅଧିକାର
ତା'ର ସଂରକ୍ଷଣେ ହୁଅ ଦୁର୍ନିବାର ।

❖

(ଶେଲିଙ୍କ 'To the people of England' କବିତାର ମର୍ମାନୁବାଦ ।)

Digitized by srujanika@gmail.com

ଶଙ୍କର ସଂହିତା

ସାକ୍ଷୀ ପ୍ରମାଣ ନାହିଁ
ନାହିଁ ବିଲକୁଲ୍ କିଛି,
କେବଳ ଶୁଣିଛି ନୁହେଁ
ପଢ଼ିଛି, ଜାଣିଛି ।

ହଜାର ବରଷ ତଳ ସ୍ମୃତି କିମ୍ବଦନ୍ତୀ....
ବିଖ୍ୟାତ ଆଦି ଶଙ୍କର ଅଦ୍ୱୈତ ବେଦାନ୍ତୀ
ଏ ଭାରତେ ଚାରିଧାମ ପ୍ରତିଷ୍ଠାର ଛଳେ
ପର୍ଯ୍ୟଟନେ ପଦାର୍ପଣ କଲେ ନୀଳାଚଳେ
ପଥଶ୍ରାନ୍ତ, ଧୂସରିତ, ମସୀ-ଲିପ୍ତ, ଗଇରିକ ଲୁଙ୍ଗି
ଉତ୍ତରୀ ବସନ,
ଲୋକନାଥ (୧) ସଂଭୁଲିଂଗ ମଥାପରେ
କରେ ପ୍ରକ୍ଷାଳନ !
ଘୋର ବିଘଟନ !
କଂପିଲା ମେଦିନୀ
ଦିଗନ୍ତରେ ଘୋଟିଗଲା, ମହାଦେବ ଜଟା
ଘୂର୍ଣ୍ଣି ଘନଘଟା
ଦିଗଂବର ଆବିର୍ଭାବ ହେଲେ
ଅଶରୀରୀ ବଜ୍ର ନିର୍ଘୋଷିଲା;
ତାଣ୍ଡବର ନର୍ତ୍ତନ ଉଦ୍ଦାମ,
''ହେ ବିଜ୍ଞ ଆଚାର୍ଯ୍ୟ
କର କି ଅକାର୍ଯ୍ୟ !
ପବିତ୍ର ଏ ଲୋକନାଥ ପୀଠ, ପୁରୁଷତ୍ତମ ଧାମ
ପ୍ରତି ଶିଳା ଏ'ଠି ଶାଳଗ୍ରାମ ।''
''ଏହି ଲିଂଗ ପଥରର ମହିମା ଅଦ୍‌ଭୁତ
ବିଲ୍ୱପତ୍ର, ଚଂପକର ବାସେ ଆମୋଦିତ

Digitized by srujanika@gmail.com

ଶତ ଶତ ଭକ୍ତଙ୍କର ଚକ୍ଷୁଜଳେ ଧୌତ
ସର୍ଜନାର ଏ ମୌଳି ମୁକୁଟ
ଏହାକୁ କରିଲ ତୁମେ ଧୋବଣୀର
ସମାର୍ଜନୀ ତୁଠ ? !!!
ଉଠ ! ସଂବିତକୁ ଫେରିଆସ, ଉଠ !
ଛିଃ, ଛିଃ, ଚେତନା ହରାଇ ତୁମେ
ମୁଗୁନି ଲିଂଗରେ ତୁମ ମୈଳା ଲୁଗି କାଚ !"
ଶଙ୍କର ଉବାଚ,
"କିଏ ତୁମ୍ଭେ କରୁଛ କଟାଳ ?"
"ହେ ମହେଶ, ଘେନ ନମସ୍କାର
ଶ୍ୟାମଳ ଏ ଅରଣ୍ୟାନୀ
ସମୁଦ୍ର ବାଲୁକା
ପ୍ରାନ୍ତରର ଘାସ
ଧୋବଣୀ ତୁଠ ପଥର,
ମୁଗୁନିର ଲିଂଗ
ସବୁଥିରେ ଏକ ବ୍ରହ୍ମ,
ବିବିଧ ପ୍ରକାଶ ।
କ୍ଷିତି, ଅପ୍, ତେଜ, ବାୟୁ,ଅନନ୍ତ ଆକାଶ
ଏ ସମସ୍ତ ସେହି ଏକ ବ୍ରହ୍ମତତ୍ତ୍ୱ ନାଭିର ନିଶ୍ୱାସ
ନ ହୁଏ ବିଶ୍ୱାସ ?
ଭବିଷ୍ୟ ଦୃଷ୍ଟିରେ ଦେଖ ବିଜ୍ଞାନ ନଳୀରେ
କୀଟ ଠାରୁ ବ୍ରହ୍ମ ଗଢା ଗୋଟିଏ ଖଳିରେ
ଚରାଚର ବିଶ୍ୱବ୍ୟାପୀ ଆଦିମୂଳ ନ୍ୟାସ
ଯେତେ ଖ୍ରୀଷ୍ଟ, ବୁଦ୍ଧ, ଅହମ୍ମଦ, ଦଶଭୁଜା ଦେବୀ ଅବା ଦେବ
ଗୋଟିଏ ତତ୍ତ୍ୱରେ ଗଢା ପରମାଣୁ ଉର୍ଜାରୁ ସଂଭବ
ଦୈର୍ଘ୍ୟ ନାହିଁ, ପ୍ରସ୍ଥ ନାହିଁ; ନାହିଁ ଆୟତନ,
ନାହିଁ ପରିମାପ ପରିମାଣ
ନୁହେଁ ଜଳ, ନୁହେଁ ସ୍ଥଳ, ବାଷ୍ପ ଅବା ବାୟୁ
ଏ ବିଶ୍ୱର ଅସ୍ତିତ୍ୱର ମୂଳ ପରମାୟୁ
ତେଜ, ପରମାଣୁ

Digitized by srujanika@gmail.com

ତୁମ ପକ୍ଷେ ଭ୍ରମିବାର ନୁହେଁ ଆହେ ମହାଗୁରୁ ଦେବ ମହେଶ୍ୱର
ସବୁ ଜାଣୁ ଜାଣୁ
ଆହେ ମହାଭାଗ,
ମନେରଖ ଆପଣା ସରାଗ
ଧୋବା ତୁଠ ପଥରରୁ ଅଧିକ ମସୃଣ
ମୁଗୁନି ପଥର ଲିଙ୍ଗ ତେଣୁ ତା'ର ଗୁଣ
ଉତ୍ତରୀୟ କରିଛି ନିର୍ମଳ।
ଏ ନୁହେଁ ଅଧ୍ୟାତ୍ମ ତତ୍ତ୍ୱ, ବସ୍ତୁ କର୍ମଫଳ।''
ସ୍ତବ୍ଧ ହେଲେ ଶୂଳପାଣି,
''ସତ୍ୟ ଏହି ଆଦି ସୃଷ୍ଟିବେଦ
ଉର୍ଜା ଅଟେ ଆଦିମୂଳ,
ଉର୍ଜା ପୂର୍ଣ୍ଣଚ୍ଛେଦ!
''ହେ ଶଙ୍କର, ଅଦ୍ୱୈତ ଏ ସୃଷ୍ଟିର ଏ ସତ୍ୟ
ତୁମ୍ଭ ସଙ୍ଗେ ମୁହିଁ ଏକମତ।
''ଏହି ସତ୍ୟ, ଭବିଷ୍ୟତ ବିଜ୍ଞାନ ସମ୍ମତ।
ଭାଗବତବାଣୀର ଏ ସରଳୀକରଣ
''ବସନ୍ତି ଅନାଦି କାରଣ
ସକଳ ଘଟେ ନାରାୟଣ।'' (୨)
ସହସ୍ର ବର୍ଷତଳର ଏହି ନୀତିକଥା
ଆଜି କିନ୍ତୁ ହୋଇଛି ଅନ୍ୟଥା
ସାରା ଦୁନିଆର ଯେତେ ସହର ଓ ଗ୍ରାମ
ଅନ୍ନ, ବସ୍ତ୍ର, ଜମିଜମା, ଦେବାଳୟ ଧାମ
ମନ୍ଦିର, ମସଜିଦ, ଗୁରୁଦ୍ୱାର, ଧୂମଧାମ୍
ବେପାରୀର ତରାଜୁରେ ହୋଇଛି ନିଲାମ
ଶ୍ରମିକର ଶ୍ରମଝାଳ ନାରୀର ଇଜ୍ଜତ
ବିଦ୍ୟା, ଜ୍ଞାନ, କାରିଗରୀ, ବୁଦ୍ଧି କରାମତ
ସବୁ ପାଇଁ ବଂଧା ଅଛି ନିର୍ଦ୍ଦିଷ୍ଟ କିମ୍ମତ।
ଜଳ,ସ୍ଥଳ, ଆକାଶ ବା ସମୁଦ୍ର ସୈକତ
ସବୁରି ଉପରେ ଆଜି ବେପାରୀ ରାଜତ୍ୱ

Digitized by srujanika@gmail.com

ସେଥିପାଇଁ ଉଦ୍‌ଭାବନ ଚାଲିଛି ଅଜସ୍ର
ଅବାରିତ କୋଟି କୋଟି ମାରଣର ଅସ୍ତ୍ର।
ପଚାରଇ ଆଜି ପାଇକାରୀ
କଳିକାଳ ପୁଞ୍ଜି ସାହୁକାର
"କେତେ ଦାମ ଦେଲେ ଭଗବାନ
ହେବେ ବଟସ୍ବର
ଆମ୍ଭାର ଚାକର ?"
ହେ ଧର୍ମିଷ୍ଠ ଭକ୍ତ
"ଏଥିକି କି ଅଛି ପ୍ରତିକାର ?
ଆପଣାକୁ ପଚାର ପଚାର !"
ପ୍ରତିକାର ନାହିଁ–
ଦେଉଳର ହରିବୋଲେ
ନାହିଁ ଜୁମା ଆଜାନରେ
ପ୍ରାର୍ଥନା ସମାଜ ଆଉ ସବୁ ନୀରାଜନା, ଗୁରୁବାଣୀ
ଥକିଲେଣି ଡାକି ଡ଼ାକି
ଏକମାତ୍ର ପ୍ରତିକାର–
ପାଦତଳ ଧୂଳି ଯାର ନୁହେଁ ଆପଣାର,
(ଯେ) ସର୍ବସ୍ୱହରାର
ଯା'ର ସଂଖ୍ୟା ଦିନୁ ଦିନ ଅପ୍ରମିତ ହେବାରେ ଲଗିଛି
ତାହାରି ଏକତାବଦ୍ଧ ଏକାଘ୍ନି ଆଘାତ
ଅଗାମୀ ବିଶ୍ୱର ଯାହା ଅଶନି ସଂକେତ।
ଏହାହିଁ ଆଜିର ଏହି
ଶଙ୍କର ସଂହିତା
ଏକୋଇଶ ଶତାବ୍ଦୀର ଗୀତା
"ମତର୍ଣ୍ଣ କବିତା"
ଭୟେ ଈଶ୍ୱର ପାର୍ବତୀଙ୍କ (ପୁରୁଣା କାଳିଆ)
କୋଟି କୋଟି ରାଣ
(କାରଣ, ଜନତାର ଚେତନାରୁ ଆଗକୁ ବଢ଼ିବା ହେଉଛି ବାହାପିଆପଣ)

Digitized by srujanika@gmail.com

ଏହାହିଁ ସତ୍ୟ ସତ୍ୟ
ତ୍ରିବାର ସତ୍ୟ
ମାରକିନ କବି ପୂର୍ବସୁରୀ ହ୍ୱିଟମ୍ୟାନଙ୍କୁ ସଲାମ୍
ଏଜରା ପାଉଣ୍ଡ (୩) ଙ୍କୁ ରାମ ରାମ
ସେମାନେ ଜ୍ଞାନପିଠା ଖିଆ ଓଡ଼ିଆ ସଚି ରାଉତରାଙ୍କୁ
ଟିକିଏ ଚେତାନ୍ତୁ
ସେ ତାଙ୍କର ଆଧୁନିକ ନିଉଛାଳି
କାତର ଆର୍ଦ୍ଧୋଳି ଛାଡନ୍ତୁ ।
''ଓହ୍ଲାଅ ନାହିଁ ପତାକା, ଏ ଲାଲ ପତାକା'' ତୋଷାମଦ
ଏ'ତ ମାର୍କିନ ସାହୁ-ରାଜ ରଥର ଡ଼ାହୁକର ଚାଲ
ନେହୁରା ଲହୁଣିଆ ଲାଳ ।
ଏ ନୁହେଁ ଆଜିର ଭଗବତ୍‌ଗୀତା
'ଯୁଦ୍ଧାୟ କୃତ ନିଶ୍ଚୟ'
ଆଜିର ଏ'ଶଂକର ସଂହିତା–
''ଯେଣୁ ଖଟି ଖଟି ଆମ ଖାଲି ପେଟ
ନିଶ୍ଚେ ଋଣ ଅଗଣାରେ ହେବ ଭେଟ
ଦେଖାଯିବ ସାହୁକାର ଦଂଭ କେତେ
ସୁମରିବ ତା ବିଲାତ ଆମେରିକା
ଜାଗ ଜାତି ଲଲାଟର ରକ୍ତ ଟିକା
ଜାଗ ମଜଦୂର ଚାଷୀର ମୁକ୍ତିଶିଖା

❖

୧. ପୁରୁଷୋତ୍ତମ କ୍ଷେତ୍ରରେ ବିଶ୍ରୁତ ଶିବ ଆସ୍ଥାନ - ବାଲିଲୋକନାଥ ।
୨. ''ଆକାଶାତ୍ ପତିତମ ତ୍ୱୋୟଃ ସାଗରମ୍ ପ୍ରତିଗଛତି ।'' -ଆଦି ଶଙ୍କର
''ସର୍ବଦେବଂ ନମସ୍କାରଃ କେଶବମ୍ ପ୍ରତିଗଛତି ।'' - ଦାସେ ଆପଣେ
୩. ବିଖ୍ୟାତ ଇଂରାଜୀ କବି ।

Digitized by srujanika@gmail.com

ବନ୍ଧୁକ ଦରକାର !

ବନ୍ଧୁକ ଦରକାର
ବେଶ ଭାରୀ, ଶକ୍ତ, କଳା ମଚ୍ ମଚ୍ ବନ୍ଧୁକ୍
ଖାଲି ଟାକରାରେ ଘୁରିବ ନାହିଁ ଘୋଡା
ଯେତେ କାକର ଭରୁ, ଟାକରା ଫୁଟୁ
ତେବେ ବି ଦାନାପାଣି ଲୋଡ଼ା ।
ତେଣୁ ବନ୍ଧୁକ ଦରକାର !
ଓଜନଦାର ହତିଆର !
ରାଇଫଲ୍
ଶକ୍ତ, ସଙ୍ଗୀନଦୀପ୍ତ, ଧୂମାନ୍ତ ରାଇଫଲ୍
ବନ୍ଧୁକ ଦରକାର, କାରଣ ସାହସ ଦରକାର ସାହସ ।
ଦର୍ଶକର ମଶକ ସାହସ ନୁହେଁ,
ଭାବଭୋଳା,
ଚକାଡୋଳା ର ସହସ୍ର ନାମୀ,
ଅକର୍ମ କାମୀ
ସାହସ ନୁହେଁ ।
କଳା କଳା ମୃତ୍ୟୁକୁ
ବଳା ବଳା ଚକ୍ଷୁରେ
ମୁକାବିଲା କରିବାର
ସଙ୍ଗୀନ୍
ଗାଢା ଗାଢା ତାଜା ରକ୍ତରେ ହୋରିଖେଳା
ରଙ୍ଗୀନ୍ ।
ସାହସ ଦରକାର
ବନ୍ଧୁକ ଆଉ ସାହସ ଏକ କଥା

Digitized by srujanika@gmail.com

ଯେପରି ସିନ୍ଦୁକ ଆଉ ପଇସା ଏକା କଥା ।
ଏମିତି ବନ୍ଧୁକ ଦରକାର
ଯେଉଁଥିରେ କିଳାପୋତା ଚର୍ବିରୁ ପାଣି ଝରିଯିବ
ଯେଉଁଥିରେ ପୁଞ୍ଜିର ପର୍ବତରେ ନିଆଁ ଚରିଯିବ
ଏପରି ବନ୍ଧୁକ ଦରକାର;
ଯାହା ନାମାବଳି,
ମାତା କାଳି, ବାବାଭକ୍ତି, ନିଉଛାଳିକୁ
ଫାଳ ଫାଳ କରିଯିବ ।
ବନ୍ଧୁକ ଯାହାକୁ କହନ୍ତି
ସେ ବନ୍ଧୁକ ଆଣ,
ଜୀଅନ୍ତା ନଳୀ, ରାଇଫଲ୍
ରକ୍ତ, ଶକ୍ତ,ଦୀପ୍ତ ବୀର୍ଯ୍ୟବନ୍ତ, ଜୀବନ୍ତ
ଦୁଶମନର ବୁକୁ ଝୁଣି ଯିଏ ମାତାଲ ହେବ
ଶତ୍ରୁର କବନ୍ଧ ବୁଣି ଯିଏ ଫସଲ ଦେବ ।
ରାଇଫଲ କାଢ,
ଫିସାଦ୍ ଛାଡ଼;
ଉତ୍‌ପାଦନ ! ଉତ୍‌ପାଦନ !
ଉନ୍ମାଦନା, ଉନ୍ମାଦନାର ଝଡ଼ର
ଦଧିଚୀର ହାଡ଼ର
ରାଇଫଲ କାଢ ...
ଫିସାଦ ଛାଡ଼
ପ୍ରତ୍ୟେକ ଚାଷୀ ଯୁଆନର ଜୁଆଳି
ବନ୍ଧୁକ ହେଉ,
ଗଉଡ଼ ପିଲାର ଲଗୁଡ଼
ବନ୍ଧୁକ ହେଉ,
ଖାଦାନୀ କୁଲି କାମୀନ୍‌ର ହାତରେ ସଂଗୀନ୍ ଶୋହୁ

Digitized by srujanika@gmail.com

କାରଖାନା କାମଗର କାନ୍ଧରେ ସଳଖି ରହୁ।
ବନ୍ଧୁକ !
ସଳଖି ରଖ;
ଟିକିଏ ସଳଖି ରଖ
ଉଞ୍ଚାଇ ରଖ
ଏ ରାଇଫଲ୍।
ତା'ର ତେଜ
ଧୂମା ଧୂମ ଗୋଧୂମ ବରଷିବ
ସୁନା ଥାଳି ଧାନ ପରଷିବ
ଅନ୍ଧାରୀ ଅମାର ଝଲସିବ
ତାମ୍ବିରୀ ଚୋରାମାଲ ଉଲସିବ .....
ଶୋଷକର ବୁକୁ ପଲାସିବ
ଏପରିକି ଖରାପ ସରାପରେ ମିଳିଲେ ବି ଖାଲି
ଟୋପେ ନଳାପାଣି ମିଶିବ।
ମାର୍କିନ ଗହମ ନ ହେଲେ ବି ରୁଚିବ
ହାରକିନ୍ ତେଲ ନହେଲେ ବି ଅନ୍ଧାର ଘୁଞ୍ଚିବ ....।
ତେଣୁ ଏ କବି କହୁଛି
ହୁସିଆର
ଧର ଓଜନ ଦାର ହତିଆର।
ସାହେବ ଯାଇଥିଲେ
ଏ କମନ୍‌ଓୟେଲଥର ବିବି ଯିବେ
ଆଉ ଆସୁଛି ଗୋଲାମ
ଡ୍ରାଗନ୍ ପିଠିରେ ସବାର !
ହୋସିଆର !
ଇସ୍ତକ କାବାର ହେବ।
ଏ ଗୋଲାମକୁ ତୁମେ ଚିହ୍ନ ନାହିଁ ?

Digitized by srujanika@gmail.com

ଏ ବିଲାତର ଦଣ୍ଡାଧାରୀ
ଏ ପ୍ୟାଟନ୍ ଟ୍ୟାଙ୍କର ଭିକ୍ଷାକାରୀ,
ସେବରଜେଟ୍‌ର ଆଶ୍ରିତ
ଅତି ପରିଚିତ ଏହାର ଗୋତ୍ର !
ନିର୍ବୋଧ ଅନୁପ୍ରବେଶକାରୀ
ଜନତାର ହତ୍ୟାକାରୀ ।
ଦୌଲତାବାଦର ସୌଦାଗରୀ
ଏ ଗୋଲାମକୁ
ଲଣ୍ଡନରେ, ନିଉୟର୍କରେ ନିଲାମ କରେ ।
ସାହେବ, ବିବିର ମ୍ୟୁଜିୟମ୍‌ରେ ଏହାକୁ ଠାବ ଦିଅ ।
ଆଉ ଡ୍ରାଗନ୍ !
ତା'ର ମୁଣ୍ଡ ମଦୁଆ ନିଶାରେ
ଆଘାତ୍ କର ।
ଆପଣାର ଲୁହ ପିଇ ସେ ମରୁଭୂମିରେ କାତ୍‌ହେଉ ....।
ଭାରତକୁ ରାଇଫେଲ ଧରାଅ
କେବଳ ଜବାନ୍‌କୁ ନୁହେଁ;
ଜନତାକୁ ....
ବନ୍ଧୁକ ଧରାଅ
ଶାନ୍ତିର କପୋତକୁ ବଞ୍ଚାଅ,
ଡ୍ରାଗନ୍‌ର ଦଫା ରଫା କର .... ।
କ୍ରାନ୍ତିର ପଥ ସଫା କର ।

❖

Digitized by srujanika@gmail.com

ଅମର୍ତ୍ତ୍ୟର ସନ୍ଧାନେ

(ସେବ୍‌ଟେଙ୍କୋଙ୍କ ପ୍ରତି)

ଜନସାଧାରଣ
ସବୁବେଳେ ସାଧାରଣ
ଗ୍ରହର ସୁନିଆଁ ପରି ସେମାନଙ୍କର ଦୁନିଆଁ
ଅତି ଦୟନୀୟ ଭାଗ୍ୟ
ଉପଭୋଗ୍ୟ ..।
ହଁ, ସାଧାରଣ, ସତ
ଅସାଧାରଣ କ'ଣ ଅସତ୍ୟ ନୁହେଁ ...।
ଗ୍ରହଠାରୁ ଗ୍ରହ
ଟିକିଏ କରୁଣା ଆଉ ସାମାନ୍ୟ ଅନୁଗ୍ରହର ଚାତକ
ସାଧାରଣ, ଲୋକ ଲୋଚନର ଅଗୋଚର
ତା'ର ମଇତ୍ର ସୋଦର
ଅଜାନିତ ଅବାନ୍ତର ....
ତୁମର କବିତାର ଯୋଗ୍ୟ,
ତେଣୁ ଉପଭୋଗ୍ୟ
ପ୍ରତି ଲୋକ ପାଇଁ
ତାହାରି ଦୁନିଆଁରେ
ପ୍ରତିବର୍ଷ ସୁନିଆଁ ଆସେ,
ସେ ସୁନିଆଁ ଏକ ରୁଦ୍ଧ ଦେହ ଦୁର୍ଗର
ଅତ୍ୟନ୍ତ ଆପଣାର
ବିଷାଦ ଓ ହର୍ଷର
ସାରା ଦୁନିଆଁକୁ ବିଚ୍ଛିନ୍ନ ରେଖା ଆଗ୍ରହର
ଅତ୍ୟନ୍ତ ଆପଣା ହର୍ଷର,
ସେହି ଗୋଟିଏ ମୁହୂର୍ତ୍ତ

Digitized by srujanika@gmail.com

ସାଗରକୁ ଛାଡି ଜଳକଣା ପଳାୟନ କରେ କାହିଁକି ?
ସେଇ ପଳାୟନର ନିଶା
କେବଳ ଗୋଟିଏ ମୁହୂର୍ତ୍ତ ....
ସେହି ତା'ର ଭାଗ୍ୟ, ତା'ର ଜୀବନର ବୃତ୍ତ ...।
ସେହି ଲୋକ ମରେ
ମରିବା ତ ନିଶ୍ଚିତ
ପୂର୍ବ ପୁରୁଷର ପବିତ୍ର ଶ୍ମଶାନ ପାଇଁ ମରୁ
ଦେଶର, ଜାତିର ଗଉରବ ଗାନ ପାଇଁ ମରୁ
କିମ୍ବା ଗ୍ରହଣୀରେ ଅଥବା ଅପଣାର ବ୍ୟାଧିର ନର୍କରେ ପଚିଯାଇ ମରୁ
ତାହା ହିଁ ତା'ର ନିୟତ
ସେହି ମରଣ ସତ୍ୟ ।
ତୁମ ପାଇଁ ମୋ ପାଇଁ କବି ଆଉ ତା'ର- ଶ୍ରୋତା ପାଇଁ
ଜନ୍ମ ମୃତ୍ୟୁ ହିସାବ ରକ୍ଷକର ହାଜିରିଖାତା ପାଇଁ ।
ସେହି ମରଣ ସାଥେ ହୁଏ ଲୟ
ତା'ର ପ୍ରଥମ ପ୍ରଣୟ,
ମରେ ତା'ର ପ୍ରଥମା ଚୁମ୍ବନ ଓ ସଂଘର୍ଷ
ତା'ର ବିଷାଦ, ଫିସାଦ, ହର୍ଷ
ହେତୁର ସଂପାଦ୍ୟ ପୁସ୍ତକ
ଚଉତରାର ଆବକ୍ଷ ମସ୍ତକ
ପଡିରହେ ....
ପଡ଼ିରହେ ଚିତ୍ରିତ କ୍ୟାନଭାସ,
ଗୋଟିଏ ଅଶ୍ରୁ ଦୀର୍ଘଶ୍ୱାସ
କୃତିର କଳକବଳା
ଅପମୃତ୍ୟୁର ସଜା
ପାଏ ନାହିଁ।
ଜୀବନ ଖେଳର ଏହି ବିଧି
ତା'ର ଦୁନିଆରେ ତା'ର ପ୍ରତିନିଧି

Digitized by srujanika@gmail.com

ଆପଣାର ଆତ୍ମମୟ ନିଧି
ନିଃଶେଷରେ ମରିଯାଏ ...।
ତାର ତ୍ରୁଟିମୟ ସମ୍ବାଦରେ
କଲମ ବନ୍ଦହୁଏ।
ତା'ର ପରିଚୟର ଯବନିକା ....
ଅପଣାର ଅହଂର ଶିଖାରେ ନିର୍ବାଣ ହୁଏ।
ଭାଇର ଭାଇ ମିଳେ ନାହିଁ
ବନ୍ଧୁର ବନ୍ଧୁ ହଜି ଯାଏ;
ପ୍ରେମୀର ପ୍ରାଣର ପ୍ରତିମା
ସେଇ ସାଧାରଣ ଭାବରେ
ଜନର ପରିଚୟ
ସେତିକି ଯଥେଷ୍ଟ ..।
ଏ କବିର କହିବାର
ଯାହା ଯାଏ ତାହା ଯଦି ଏତେ ବେଶି
ଯାହା ରହେ ତାକୁ ବଢ଼ାଅ ...।
ଅପାର ଆନନ୍ଦର ନିଜସ୍ୱ ମୁହୂର୍ତ୍ତକୁ ଛୁଟି ଦିଅ
ସଂସାରରେ ଅନେକ ଜିନିଷ ବଳକା ରଖିଯାଅ।
ମାୟାବୀ ଦୁନିଆର ମୁରଦାର ଜଳିବ
ଯଦି ଜଳିଯାଉ।
ତଥାପି ପ୍ରକାଶ୍ୟ
ଅବଶେଷକୁ
ବଡକର, ଦୀର୍ଘକର
ତାହାହିଁ ଐତିହ୍ୟ, ତାହାହିଁ ଅଭିଜ୍ଞା ସ୍ୱାକ୍ଷର।

❖

Digitized by srujanika@gmail.com

ଦୁଇ ଛାଉଣୀ ଏ ଦୁନିଆଁ

(ଘନ ବରନ ମଦନ ମୋହନଙ୍କୁ ଛାୟାରେ)

ଦୁଇ ଛାଉଣୀ ଏ ଦୁନିଆଁ ସାଥୀରେ
ଦୁଇ ଛାଉଣୀ ଏ ଦୁନିଆଁ । ଘୋଷା।
ଏକ ଆଡ଼େ ମୁକ୍ତି ସରହଦ
ନମାନେ ଶୋଷଣ ବାଲିବନ୍ଧ
କୋଟି ଜନତାର ବିପୁଳ ହୁଙ୍କାରେ
ସାହୁକାର ରାଜ ଛାନିଆଁ ।୧।
ଦେଶେ ଦେଶେ ରକତ ପ୍ରଭାତ
ଆଖି ଆଗେ ହୁଏ ପରଭାତ
ଆଟମ ବୋମାର ମଉରସୀ କାହିଁ
କାନ୍ଦେ ଆମେରିକା ବଣିଆ ।୨।
ଏସିଆ, ଆଫ୍ରିକା କଲୋନିରେ,
ପୋଛି ମାଟି ଶିଶୁ ଆଖି ନୀରେ
ଦୁର୍ବାର ମାନବ ଜୟ ପଟୁଆର
ଗଢ଼ିଛି ନୂତନ ସୁନିଆଁ ।୩।
ମହାଚୀନ ବୁକେ ନରନାରୀ
ଆଣିଛି ନବ ଜୀବନ ବରି
ଧରିତ୍ରୀ ମାତାର ପଝୁଁଆ ସେ ଦେଶ
ଉଚ୍ଛୁଳିଛି ପୀତ ଦରିଆ ।୪।
ମରୁର ସୀକତା ଭରି ଭରି
ଚମକିଛି କାପାସ ଲହରୀ
ମେରୁର ଶୀତଳ କୁଆଁରୀ ଶୂନ୍ୟତା
ଜୀବନ-ଉତ୍ସବେ ହାଲିଆ ।୫।

Digitized by srujanika@gmail.com

ଧଳା ଜମାଟ ଲହୁର ସରି
ରବରେ ଯେ ମାଟି ଯାଏ ଭରି
ଗହଳ କାନନେ ସେ ମାଲୟ ବାସୀ
ରଣେ ଥରାଏ ଅରି ହିୟା ।୬।
ଧଳା, କଳା, ପୀତ ବା ବାଦାମୀ,
ନାନା ଜାତି ଧର୍ମ ଅନୁଗାମୀ,
ହୁତାଶନେ ଘିଅ ସମ ତରଳିଛି
ମାନବର ମହା ଦରିଆ ।୭।
ମାରକିନ କୃଷ୍ଣକୁ ଆଶ୍ରା କରି
ତୁର୍କୀ, ପାକିସ୍ଥାନ, ସିଂମାନେରୀ
''ଚାଇ୍ କାଇଶେକ ପରେ ମୋ କୁଞ୍ଜକୁ''
ପ୍ରେମିକା ଭଳି ଗୁହାରିଆ ।୮।
ମାରକିନ, ଫରାସୀ, ବିଲାତ,
ମଉସବ ମେଳାରେ ତ୍ରିନାଥ,
ମାରକିନ ବାବା ସବୁ ଚଳୁକରେ
ଲାଗିଛି ଡ଼ାକୁଙ୍କ କଜିଆ ।୯।

❖

ପ୍ରଥମ ରଚନା କାଳ - ୧୯୪୯ ନଭେମ୍ବର ସାତ
ସ୍ଥାନ ରେଭେନ୍‌ସା କଲେଜ ପଢ଼ିଆ
ପରବର୍ତ୍ତୀ ସଂଶୋଧନ - ୧୯୫୧ ମସିହା
(କଟକ ଜେଲ ୧୫ ନମ୍ବର ଓ୍ୟାର୍ଡ)

Digitized by srujanika@gmail.com

ଭଲା ରାମ ରାଇଜ ଏ !

ଭଲାରାମ ରାଇଜ ଏ
ଚାଷୀ ପାଏ ସଜା,
କ୍ଷତିପୂରଣ ପାଆନ୍ତି
ଜମିଦାର ରଜା ।୦।

ଛଳ ଛଳ ଛଳ ତୋର
ବିକଳ ପେଟ
ଭାତ, ଲୁଗା ଲାଗି ତୁହି
ବାନ୍ଧରେ ମେଣ୍ଟ;
ଲୁଟି କରି ନିଏ ଯିଏ ତୋ ଧନ
ତାହାରି ସଙ୍ଗତେ କରିବୁ ରଣ
ବଜାଇ ଦେ ତୋ ସମର ବାଜା ।୧।
ଭଲାରାମ ରାଇଜ ଏ
ଚାଷୀ ପାଏ ସଜା..

ତୋ ପିଠିରେ ବଜାଏ ବାଜା
ବିରଲା ସ୍ୱଦେଶୀ ରାଜା
ସେ ବିଲାତି ବନ୍ଧୁକ ନେଇ
ସେ ମାର୍କିନୀ ବନ୍ଧୁକ ନେଇ।୨।
ଭଲାରାମ ରାଇଜ ଏ
ଚାଷୀ ପାଏ ସଜା..

Digitized by srujanika@gmail.com

ଶ୍ରମିକ ସଙ୍ଗୀତ

ଆଜି ଆସିଛି ଆହ୍ୱାନ ସମରେ
　　ଚାଲରେ ଶ୍ରମିକ ଚାଲ,
ତୋର ଜୟରଥେ ତୋର ଯାତ୍ରାପଥେ
ପାତେ ସେ ଘୃଣିତ ଜାଲ
　　ସଞ୍ଚୟୀ, ପାଜି, ଦଲାଲ୍
　　ତାର ଲାଗି ତୋଳ ହତିଆର,
　　　　ଅବିଚଳ ତଲୱାର।
ଦେଶେ ଦେଶେ ଆଜି ଜାଲିମ୍‌ର ରାଜ୍
ଶୋଷଣ ସାଜ୍, ଲୁଣ୍ଠନ୍ ତାଜ୍
ମାଟି ଛୁଏଁ ବାଜି ଏକତା ଢାଲ......
　　ଚାଲରେ ଶ୍ରମିକ ଚାଲ।
କଲକି ଫାଶ ଫିଙ୍ଗି ପବନେ
ଭୀମ ହାତମୁଠା ହାଣୁ ଗଗନେ
ଶପଥ ଯାଚେ ତୋ ପତାକା ଲାଲ୍
　　ଚାଲରେ ଶ୍ରମିକ ଚାଲ୍।

❖

ରଚନାକାଳ : ୧୯୪୦

Digitized by srujanika@gmail.com

ହେଜରେ ହେଜରେ

ହେଜରେ, ହେଜରେ
ତୋ ମଉଜ ଉଜାଁଇବୁ ଆମ ଯୁକ୍ତ ତେଜରେ
ଦିନେ ଗରହାଜିରିରେ ଦୁଇଦିନ ପଇସା
ଲୁଟିବାର ଫନ୍ଦି ତୋର ଶୋଷିବାର ନିଶା ।
ସରିଯିବ, ସରିଯିବ
ଶେଷହେବ ଦିନେ ନିଷ୍ଟେ
ତୋର ମୃତ୍ୟୁ ଶେଯରେ ।
ହେଜରେ ହେଜରେ ...
ଏ ଗଗନ ପବନ କରିଲାଣି ହୁଲ୍‌ସ୍ଥୁଲ
ମୁକତିର ତୋଫାନରେ ବିପ୍ଳବର ବିଗୁଲ
ମୁକତିର ଧାରାରେ
ଚୁମିଲାଣି ବିନ୍ଧ୍ୟ ହିମାଚଳରେ
ଧରାରେ ଧରାରେ
ଚୁମିଲାଣି ପାଷାଣର କାରାରେ
ଚୁମିଲାଣି ବିନ୍ଧ୍ୟ ହିମାଚଳରେ
ହେଜରେ, ହେଜରେ...
ତୋ ମଉଜ ଉଜାଇଁବୁ ଆମ ଯୁକ୍ତ ତେଜରେ
ଆମ ଯୁକ୍ତ ତେଜରେ ।

❖

ରଚନାକାଳ : ୧୯୪୩

Digitized by srujanika@gmail.com

ଭଇରବ ଝଙ୍କାର

ଭଇରବ ଝଙ୍କାର
କେଉଁଠେ ହେଲେ ଶୋଇବାର
ଅଧିକାର ତୋର ଅଛି କାହିଁରେ ?
ନାହିଁ ନାହିଁ ନାହିଁ ନାହିଁ ନାହିଁରେ ।

ଫାଟକ ଦୁଆରେ ତୋର ଅଟକିବ ହେ
ଦୁନିଆର ବିକଳ ଅଳି
ଯା ଧରମ ଅନୁଗ୍ରହେ ତୋ ପାଠପଢ଼ା
ପିଟୁ ତାର ଶୁଭ ଜୟ ତାଳି ।
କୋମଳ ତୋର ଇଚ୍ଛୁ ଆନନ୍ଦରେ
ପ୍ରତିଭାର ସୁବାସ ଝରି ମରେ
ଝୁରେ ଅନ୍ଧକାରେ ତୋର ସୁଯୋଗ ପକ୍ଷୀ
ମୁକ୍ତ ଗଗନ ପାଇଁରେ
ଚାହିଁ ଚାହିଁ ଚାହିଁ ଚାହିଁ ଚାହିଁରେ ।
ଭଇରବ ଝଙ୍କାର......

ସରଣୀ ସନ୍ଧାନେ ହେ ନବ ପଥିକ
ହୁଅ ଅବିନୀତ ହୁଅରେ ନିର୍ଭୀକ
ହାତଠାରି ଡାକେ ଦିଗନ୍ତର ଦିକ
ଆସ ବିଜୟ ତରଣୀ ବାହିରେ;
ବାହି ବାହି ବାହି ବାହି ବାହିରେ
ଭଇରବ ଝଙ୍କାର...

କେଉଁଠେ ହେଲେ ଶୋଇବାର
ଅଧିକାର ତୋର ଅଛି କାହିଁରେ ?
ନାହିଁ ନାହିଁ ନାହିଁ ନାହିଁ ନାହିଁରେ ।

❖

ରଚନାକାଳ : ୧୯୪୫

Digitized by srujanika@gmail.com

ମନରେ ଭାଳ

ମନରେ ଭାଳ,
ଟିକେ ମନରେ ଭାଳ
ଲୋକ ଦରବାର ବୁଝେ ତୁମରି ହାଲ।
କଳପ କଳପ ଗଲା କଳପି ଭାବି
କାରଖାନା ଘରେ ଶେଷେ ଆଣିଲ ଚାବି
ରୋକିବ କେ ଅଛି ରୋକୁ ଆମର ଦାବି
ତୁଣ୍ଡେ ନିଗାଡ଼ିବୁ ଆମେ ମୁଣ୍ଡର ଝାଳ।
ଟିକେ ମନରେ ଭାଳ..........
ଗରିବ ସମ୍ପତ୍ତି ଯେତେ ବାଡ଼ପଦର,
ହାତ ପୈଠ କରିବାକୁ କଲ ହୁନ୍ଦର
କେତେ ଆଶା କରିଥିଲେ ସାଆନ୍ତେ ମୋର
ମୂଲିଆ ମୁଣ୍ଡେ ଭାଙ୍ଗିବ ନଡ଼ିଆ ଫାଳ।
ଅଦଭୂତ ରୀତି ଏବେ ହେଲାଣି ଜାରି
ପାଳ ମକଚିବେ ଏବେ ବୁଢ଼ୀ ବକରୀ
ଭେଣ୍ଡା ବୁଲିବେ ଦାଣ୍ଡରେ କଣ୍ଠା ବେକାର
ସରିଲାଣି ସେ ଦିନର ସବୁ ପଖାଳ
ଟିକେ ମନରେ ଭାଳ......
ପଚାରୁଁ ମୂଲିଆ ଶୁଣ ମାଲିକ ସାଇଁ
କର୍ମଚାରୀ ସଙ୍ଗେ ଲଢ଼ି କେ ଜିଣେ କାହିଁ
ଶିଳ ଶିଳପୁଆ ଲାଖେ, ଗଗନେ ଯାଇଁ
ଖିମିଳି ତୁଳା ବୁଝଇ କେ ତୁମ ହାଲ?
ଏତେ କାଳ ଶୋଷି ଶୋଷି ନ ଛାଡେ ଲୋଭ,
ଆମ ହାଡ଼େ ମଶାଣି ତ ନହେବ·ଧୋବ?
ଆମରି ଏକତା ଆମ ଆୟୁଧ ଢାଲ
ମାଉଁସ ଯାଇଛି ସିନା ଅଛି କଂକାଳ
ହସୁଅଛି ଏବେ ଚାହିଁ ପତାକା ଲାଲ।
ଟିକେ ମନରେ ଭାଳ.......

❖

ରଚନା କାଳ - ୧୯୫୨

Digitized by srujanika@gmail.com

ବେଦୁଇନ୍ କନ୍ୟା

* ସୋରା କହିଲା—"ଝିଅ ସାରା ଜାତିର। କୌଣସି ଗୋଟିଏ ମରଦର ନୁହେଁ। ଫରାସୀ ସାମ୍ରାଜ୍ୟବାଦୀମାନେ ଯେପରି ଆମକୁ ସବୁ ଗୋଲାମ କରି ରଖିଛନ୍ତି, ତୁମେ କଣ ମୋତେ ସେପରି ପୁରୁଷର ଗୋଲାମ କରି ରଖିବାକୁ ଚାହିଁ?"

ଗୋଟିଏ ରାଇଜ ଅଛି, ନାଁ ତା'ର ଆଲଜିରିଆ
ସେଠାରେ ଗୋଟିଏ ବାଳିକା, ନାଁ ତା'ର ସୋରା
ଦେଖିବାକୁ ଗୋରା ନୋରା
କାଟିଲା ବେଲଫାଳ ପରି ମୁହଁ
ଜୀବନରେ ଲାଗିଥିଲା ବୟସର ସୁଅ।
ସେମାନେ ଆରବ ଲୋକ ଯାଯାବର ବେଦୁଇନ୍
ତେବେ ଘର କରି ରହି ଗଲେଣି ଅନେକ ଦିନ୍
ଏବେ ସୋରା ମନ୍ତ୍ରୀ ହେଲାଣି
ସେ କାଳର କାହାଣୀ ଭୁଲି ଯିବଣି
ତେବେ ସଂସାର ମନେ ରଖିଥିବ
କାରଣ ଏହା ଆଜି ବି ଘଟୁଛି
ଆଜି ବି ସମ୍ଭବ।
ଦେଶ ନାଁ ଆଲଜେରିଆ
ବାପ ନାଁ ବେନ ଜେଭିଆ
ମା' ନାଁ ମନେ ନାହିଁ
କେହି ବୁଝେ ନାହିଁ ମନେରଖେ ନାହିଁ।
ଚାରି ଭାଇ ପ୍ରଚୁର ଭଉଣୀ, ତାଙ୍କ ଭିତରେ ସବା ବଡ଼ ସୋରା
ତାକୁ ଯେଉଁ ଦିନ ତେର ବର୍ଷ ହେଲା
ସେ ଦିନ ସେ ପରଦାରେ ରହିଲା
ସେ ହେଉଛି ଆରବ ରାଇଜ ବିଧି
ସେଇଦିନୁ ଘରୁ ପଦାକୁ ଯିବା ମନା।
ଗଲେ ସାଙ୍ଗରେ ଯିବେ ବାପ ଭାଇ
ନୋହିଲେ ବାହାରକୁ ଯିବା ବନ୍ଦ

Digitized by srujanika@gmail.com

ଯାହା ଦେଖିବାକୁ ଅଛି ତାହା ପରଦା କନା
ତଳେ ଘୋଡ଼ଣୀ ....।
ଘର କରଣା ବେଳେ ପରଦା ନ ଥାଏ
ଘରେ ମାଆକୁ ସାହାଯ୍ୟ କରିବା ହେଲା କାମ
ବେଳେ ବେଳେ ମସ୍‌ଜିଦ୍ ବା ଆତ୍ମୀୟ ଘରକୁ ଯିବା
ତା’ ଘର ସାଙ୍ଗେ ଯାହାଙ୍କର ପରିଚୟ ଅତୁଟ
ସେମାନେ କେବଳ ତା’ର ନାଁ ଜାଣୁଥିଲେ
ଅନ୍ୟମାନେ ସେ ନାଁ ଧରିବା ତ ଦୂରର କଥା
ଉଚ୍ଚାରିଲେ କୁଳ ପ୍ରତି ଅପମାନ।
ନୀରବରେ ସୋରାର ଦିନ କଟେ
କିନ୍ତୁ ସଂସାରରେ ନାନା ଘଟଣା ଘଟେ
ଆଉ ତାହା ବି ଖୁବ୍ ନୀରବ ନୁହେଁ।
କାହାକୁ କଥା କହିବା ତ ମନା
ବାପ ନ ଥିଲେ ସେ ମା’ ଭଉଣୀଙ୍କ ସଙ୍ଗେ କଥା କହେ
ଭାଇମାନେ ତ ତା’ ସାଙ୍ଗରେ କଥା ହେବାକୁ ଘେନା କରନ୍ତି ନାହିଁ
ଭଉଣୀମାନେ ତା’ ଠାରୁ ଛୋଟ
ତା’ଠାରୁ ମୂକ।
ଘରେ ଆଗ ବାପ ଭାଇଙ୍କର ପଙ୍ଗତ ପଡେ
ତାଙ୍କର ଖାଇବା ପାଖରେ
ସୋରା ହେଉଛି ମା ସାଥୀରେ ଖଟଣୀ ଦାସୀ
ତେଣୁ ଖାଇଲା ବେଳେ ଯାହା କଥାଭାଷା ହୁଏ
ସେଥିରୁ ପଦେ କି ବିପଦ ତା’ କାନରେ ପଡ଼େ
ଏତିକି ମାତ୍ର।
ହଠାତ ସୋରା ଶୁଣିଲା ନୂଆ କଥାଟିଏ, ‘ବିପ୍ଳବ’
ବାପା କହୁଥାଏ ‘ଆଲ୍ଲା ମାଲିକ’! ‘ଆଲ୍ଲା ମଙ୍ଗଳମୟ!’
ଶାନ୍ତିରେ ରଖ ଆଲ୍ଲା! କାହାର ଶାନ୍ତି?
ବାପର, କୁଳର, ଘରର, ଆଉ ବିଲ ବାଡ଼ିର
ତାର ଶାଗସବଜୀର; ତା’ର ବେପାର ବଣିଜର
(ବାପ ତାର ଶାଗସବଜୀ ବେଭାର କରି ଚଳେ)
ତିନିଭାଇ ବାପର ବ୍ୟବସାରେ ତାକୁ ସାହାଯ୍ୟ କରନ୍ତି
ସବା ସାନ ଭାଇ କନଷ୍ଟାଣ୍ଟିନ୍ ସହରରେ ଡାକ୍ତରୀ ପଢ଼େ

Digitized by srujanika@gmail.com

ଦିନକର ସବା ସାନ ଭାଇ କହିଲା 'ଡାକ୍ତରୀ ସ୍କୁଲରେ ଧର୍ମଘଟ'
ସୋରା ଆଶ୍ଚର୍ଯ୍ୟ ହେଲା 'ଧର୍ମଘଟ କ'ଣ ?'
ମାକୁ ପଚାରିଲା, 'ଧର୍ମଘଟ କ'ଣ ?'
ମା କହିଲା ' ଲୋକେ କାମ କରିବାକୁ ନାହିଁ କଲେ ଧର୍ମଘଟ ହୁଏ।'
ତେବେ ଛାତ୍ର ଧର୍ମଘଟ କ'ଣ ?
ମା କହିଲା, 'ମୋତେ ଲାଗୁଛି ପିଲାଏ ବି ପଢ଼ିବାକୁ ନାହିଁ କରନ୍ତି।'
ବିଶ୍ୱବିଦ୍ୟାଳୟରେ ପିଲେ ପାଠ ପଢ଼ିବାକୁ ମନା କରନ୍ତି ?
'କାହିଁକି ?'
ମା କହିଲା, 'ମୁଁ କହି ପାରିବି ନାହିଁ କାହିଁକି ?'
ସୋରା ପଚାରିଲା, 'ବିପ୍ଳବ ଯୋଗୁ କି ?'
ମା କହିଲା,'କହିଲି ପରା ମୁଁ କହି ପାରିବି ନାହିଁ।'

ଘଟଣା ପରେ ଘଟଣା ଘଟିଲା।

ଥରକର ସୋରା ଶୁଣିଲା—ଗୋଟିଏ ଡ଼ାକ୍ତରଖାନାର ବେହେରା ଔଷଧ ଚୋରି କଲାବେଳେ ଧରା ପଡ଼ିଛି। ତା' ଉପରେ ଆଗରୁ ସନ୍ଦେହ କରାଯାଉଥିଲା। ତାକୁ ଛକି ରହିଥିଲେ। କେତେ କାଳ ହେଲା ଏଭଳି ଔଷଧ ଡ଼ାକ୍ତରଖାନା ଆଲମାରୀରୁ ଉଭାନ୍ ହୋଇ ଯାଉଛି।

ଚାକରଟି ଚୋରା ଔଷଧକୁ ଜେବେଲକୁ ନେଇଯାଏ। ଜେବେଲ ହେଉଛି ପହାଡରେ ବିପ୍ଳବୀଙ୍କ ଘାଟୀ। ସେଇଠି ରହି ଆଲଜେରୀୟମାନେ ବିଦେଶୀ ଫରାସୀ ସରକାର ବିରୁଦ୍ଧରେ ଲଢ଼ୁଛନ୍ତି। ସୋରା ଘରର ଚାରିପଟେ ଏପଟ ସେପଟ ହେଉଥାଏ–ଜାଣିବା ପାଇଁ ବିଚରା ବେହେରାଟି ଉଦ୍ଧାର ପାଇଲା କି ନାହିଁ। ତା' ବାପ ଏ କଥା ଜାଣି ପାରି କହିଲେ, "କିଲୋ, ଆଜି ଏମିତି ଅଳସ ଅଳସ କାହିଁକି ?"

ସୋରା ଜାଣି ପାରିଲା ନାହିଁ, ବେହେରାଟିର କଣ ହେଲା। ସେ ଉଦ୍ଧାର ପାଇଗଲା ନା ତାକୁ ଧରିନେଲେ।

ଆଉ ଦିନକର ଘଟଣା। ରୋଷଘରୁ ସେ ହାତରେ ଥାଳି ଧରି ଖାଇବା ଆଣୁଥାଏ। ତା' ଭାଇ କହୁଥିବାର ସେ ଶୁଣିଲା, "ସେଥିପାଇଁ ଭଲଘରର ଝିଅକୁ ପାଠ ପଢିବାକୁ ଛାଡ଼ିବା ବିପଦ। ଭଲ ଘରର ଝିଅ ପାଠ ପଢ଼ିଲେ, ପୁଣି ଡାକ୍ତରୀ ପଢ଼ିଲେ; ଏଣିକି ଭୋଗ। ଏବେ କେତେ ଝିଅ ପାହାଡ଼କୁ ପଳେଇ ସୈନ୍ୟଙ୍କ ସାଙ୍ଗରେ ମିଳିଲେଣି।"

ଏ କଥା ଶୁଣି ସୋରା କାଠ ହୋଇଗଲା। ତା' ହାତରୁ ଥାଳିଟା ତଳେ ପଡ଼ି ନପଡ଼ି ଅବସ୍ଥା।

Digitized by srujanika@gmail.com

ବାପା ଗର୍ଜନ କରି ଉଠିଲେ, ''କୁଆଡେ ଗଲା ସେ ଝିଅ । କଣ ଥାଳିଟା କଚାଡ଼ି ଦେବୁ କି ?''

ସୋରା ତଳକୁ ମୁହଁ ପୋତି କ୍ଷମା ମାଗିଲା । ଥାଳିକୁ ଚଟାଣରେ ଥୋଇଲାବେଳେ ତା' ହାତ ଥରୁଥାଏ ।

''ହାତରେ ଆଉ ଟିକିଏ ଜୋର ଦରକାର ।'' ଝିଅ ବାପ ଅସନ୍ତୁଷ୍ଟ ଗଳାରେ ଏବେ ଖିଙ୍କାରି ଦେଲା ।

କିନ୍ତୁ ସେ ଘଟଣା ସୋରା ଭୁଲିଲା ନାହିଁ । ତେବେ ଝିଅମାନେ ବି ପାହାଡ଼କୁ ପଳାଉଛନ୍ତି । ସେମାନେ ନିଶ୍ଚୟ ତା'ଠାରୁ ସଂସାର ବିଷୟରେ ବେଶି ଜାଣୁଛନ୍ତି । ସେମାନେ ରୋଗୀମାନଙ୍କର ସେବା ଶୁଶ୍ରୁଷା କରି ଶିଖୁଛନ୍ତି ଆଉ ଘା' ଘାଉଡ଼ ହେଲେ ତାକୁ ସାଫ କରି ପୋଛି ପଟି ବାନ୍ଧି ପାରୁଛନ୍ତି । ସେଥିପାଇଁ ସିନା ସେମାନେ ପର୍ବତକୁ ପଳାଇ ଯାଉଛନ୍ତି । ଯେଉଁମାନେ ଦେଶ ପାଇଁ ଗୁଳି ଖାଇ ଘାଉଡ଼ ହେଉଛନ୍ତି ବା ଗୁଳି କରି ଶତ୍ରୁକୁ ମାରୁଛନ୍ତି, ସେମାନଙ୍କୁ ସାହାଯ୍ୟ କରିବା ତ କଥା । ତା' ଭାଇ ସେମାନଙ୍କୁ ଏପରି ତୁଚ୍ଛ ତାଚ୍ଛଲ୍ୟ କରି ତ କହିବ । କାରଣ ପୁରୁଷ ଆଖିରେ ଏଭଳି ଝିଅମାନେ ଅସତୀ, କୁଳଟା । ଯେଉଁ କାମ ସେମାନେ କରୁଛନ୍ତି, ବାପ ଆଖିରେ ତାହା ବଡ଼ ଅପରାଧ । ଅପରାଧ ନ ହେଲେ ବି ବଡ଼ ଶୋଚନାର କଥା ।

କିନ୍ତୁ ସୋରାର ମନେ ହେଲା–ଏହା ଝିଅମାନେ ଠିକ୍ କରୁଛନ୍ତି । ସେମାନଙ୍କୁ ସେ ମନେ ମନେ ଆଦର୍ଶ କରି ବାଛିଲା । ସେମାନଙ୍କର ସାହାସକୁ ସେ ପ୍ରଶଂସା କଲା । ସେମାନେ ତା' ଭଳି ହୀନକପାଳୀ ନୁହନ୍ତି । ଘରର ଅନ୍ଧାର କୋଣରେ ସଢ଼ି ସଢ଼ି ସେମାନେ ମରୁ ନାହାନ୍ତି । ସେମାନଙ୍କ ଜୀବନର ଗୋଟାଏ ଉଦ୍ଦେଶ୍ୟ, ଗୋଟାଏ କାରଣ ଅଛି । ସେମାନଙ୍କର ଏଡ଼ିକି ସାହସ !

ସେ ଦିନ ଶୁକ୍ରବାର । ହପ୍ତାକିଆ ବିଶ୍ରାମ ଦିନ । ତା'ର ବାଂଧବ ଭିତରୁ କେତେଜଣ ତା' ଘରକୁଆସିଥାନ୍ତି । ସେମାନଙ୍କର ଘର ମଫସଲରେ । ସେଠାକୁ ଷାଠିଏ ମାଇଲ ଦୂର । ଆପଣାର ଅଳପିକା ଖଣ୍ଡେ ଚାଷ ଜମିରେ ସେମାନେ ଚାଷ କରି ଚଳନ୍ତି । ତା'ର କକା ମରଦ ଲୋକଙ୍କ ସଙ୍ଗେ ଉପର ଘରକୁ ଗଲେ । ଖୁଡ଼ି ରହିଲେ ମା' ସାଙ୍ଗରେ ରୋଷ ଶାଳରେ । ସୋରାର ବୟସ ସେତେବେଳକୁ ସତର ବର୍ଷ । ତେଣୁ ମାଇପି ମେଳରେ ତା'ର ବସିବାର ଅଧିକାର ଆସିଯାଇଥାଏ । ନାନା କଥା ପଡ଼ିଥାଏ । କୁଟୁମ୍ବ ବାଟମ୍ବ କଥା, ଚାଷବାସ, ଲୁଗାପଟା, ଶେଷରେ ପଡ଼ିଲା ଦେଶରେ ଯେଉଁ ଗୋଳମାଳ ଲାଗିଛି–ସେହି ଗୋଳମାଳ କଥା । ଖୁଡ଼ୀ କହିଲେ, ''ମଫସଲରେ ଏ ଗୋଳମାଳ ବେଶୀ । ତୁମ ସହରରେ ଏହା ତ କମ୍ ।'' ମା କହିଲା, ''ସେସବୁ ମରଦଙ୍କ କଥା । ଆମେ ମାଇପି ଲୋକେ ସେଥିରୁ କଅଣ ପାଇବା ।''

Digitized by srujanika@gmail.com

ସୋରା ଚାହିଁଥାଏ। ତାର ଖୁଡ଼ୀ ଖୁବ୍ ସନ୍ତର୍ପଣରେ ତା' ମାଆକୁ ଦେଖୁଥାଆନ୍ତି। ତା'ପରେ କିଛିକାଳ ଚୁପ୍ ରହି ଖୁଡ଼ୀ ପୁଣି କହିଲେ, ''କିନ୍ତୁ ମଫସଲରେ ଗୋଳମାଳ ଖୁବ୍ ବଢ଼ୁଛି''।

ସୋରାର ମନେ ପଡ଼ିଲା ପାହାଡ଼କୁ ପଳେଇ ଯାଇଥିବା ବାଳିକା ଛାତ୍ରୀଙ୍କ କଥା। କିନ୍ତୁ ଖୁଡ଼ୀକୁ ପଚାରିବାକୁ ସେ ଭରସି ପାରୁ ନଥାଏ। ମାଆଙ୍କ ସାମନାରେ ଏକଥା ପଚାରିଲେ କେଜାଣି ମା' କଅଣ ଭାବିବେ।

ଏହାର କିଛି ଦିନ ଗଲା ପରେ ମରଦଙ୍କ ଭିତରେ କଥା ପଡ଼ିଲା। ସେ କଥାରେ ତା' ବାପା ଅଗ୍ନିଶର୍ମା। ତା'ର ଜଣେ ଭାଇ କଥାଟି କହୁଥାଏ। ଏତିକି ବେଳେ ଖାଇବା ଥାଳି ଧରି ସୋରା ହାବୁଡ଼ି ଗଲା। ଭାଇଟି କହୁଥାଏ, ''ଛୁଟି ସରିଲାରୁ ଭିଏଟ୍‌ନାମ ସୈନ୍ୟଟି ପୁଣି ଫରାସୀ ସରକାରୀ ବାହିନୀରେ ଯୋଗଦେବାକୁ ବାହାରିଲା।'' ସୋରା ଏକାବେଳକେ ମୂଷାଟିଏ ପରି କାଠ ହୋଇ ଶୁଣୁଥାଏ। ମରଦମାନଙ୍କର ତା'ଆଡ଼କୁ ନଜର ନଥିଲା। ତା' ମା ତାକୁ କହିଲା, 'ତୁ ମୋର ଏକୋଇର ବଳା, ତୁ ଯଦି ପର୍ବତରେ ଯାଇ ବିପ୍ଳବୀମାନଙ୍କ ସଙ୍ଗେ ନ ମିଶୁ, ଆଉ ଯାଇ ଫରାସୀ ଡ଼କେଇତ ବାହିନୀରେ ପୁଣି ସାମିଲ ହେଉ, ତେବେ ତୁ ମୋର ପୁଅ ନୋହୁଁ।'

ସୋରା ଦୁଆର ମୁହଁରେ ପହଞ୍ଚି ଗଲାବେଳେ ତା' କାନରେ ପଡ଼ିଗଲା। ବାପ କହୁଛି, ''ସେ ମା' ପିଲାର ମା' ନୁହେଁ।'' ବାପର ଏ କଥା ଅଭିଶାପ ଭଳି ତାକୁ ଲଗିଲା। ଦୂଆର ଆଡ଼ୁଆଳରେ ସେ କଥାଟିର ଶେଷଯାଏ ଶୁଣିଲା।

''ସେଠୁ ସେ ପୁଅ କଣ କଲା ?''

''ସେ ଯାଇ ପର୍ବତରେ ବିପ୍ଳବୀମାନଙ୍କ ସାଙ୍ଗରେ ମିଶିଲା।''

ସୋରା ରୋଷେ ଘରକୁ ପଳାଇ ଗଲାବେଳେ ତା' ମୁହଁ ଯେପରି ଜଳି ପୋଡ଼ି ଯାଉଛି। ମା' ପଚାରିଲା, ''ତୋର କଣ ହେଲା ଲୋ; ଦେହ କଣ ସୁଖ ଲାଗୁନାହିଁ ?''

ସୋରା କହିଲା, ''କିଛି ନାହିଁ ମା, ମୋର କିଛି ହୋଇନାହିଁ। ହଠାତ୍ କାହିଁକି ଦେହଟା ଗରମ ହୋଇ ଶୀତେଇ ଉଠିଲା।''

ମା' ମନେ ମନେ ଭାବିଲା–ଝିଅର ବୟସ ହୋଇଗଲା। ଏବେ ହାତକୁ ଦି ହାତ ଛନ୍ଦି ଦେବା ଦରକାର।

ସେହି ଦିନଠାରୁ ସୋରା ନିଷ୍ପତ୍ତି କଲା ମରଦ ପୁଅ ହୋଇଥିଲେ, ସେ ନିଶ୍ଚୟ ଏତେବେଳକୁ ପର୍ବତକୁ ଯାଇଥାଆନ୍ତା, ମାତ୍ର ସେ ମାଇକିନା ଝିଅ, ପୁଣି ଘର କୋଣର ପର୍ଦ୍ଦାନସୀନ୍। ତାକୁ ଘାଉଡ଼ ଜାଗାରେ ପଟି ବାନ୍ଧିବା ତ ଆସେ

Digitized by srujanika@gmail.com

ନାହିଁ। ବାଟ ଘାଟ ତ ତା'ର ପରିଚୟ ନାହିଁ। ତେବେ ସେ କଣ ଶିଖି ପାରିବ ନାହିଁ ? ଲୋକେ ତ ପୁଣି ବନ୍ଧୁକ ଚଳା ଶିଖି କରି ଲଢୁଛନ୍ତି। ତା' ଛଡ଼ା ଖାଲି ବନ୍ଧୁକ ଚଳା ଆଉ ପଟି ବଂଧା ଛଡ଼ା ବି'ତ ଅନ୍ୟ କାମ ଥିବ। ଲୋକେ ସେଠି ଖାଉଥିବେ, ପାଣି ପିଉଥିବେ, ତାଙ୍କ ପାଇଁ କିଏ ତ ରାନ୍ଧୁଥିବ, ପାଣି ଆଣୁଥିବ। ମୋ ଭଳି ଅଧମ ବାଳିକା ପାଇଁ ବି ସେଠି ତ କାମ ଥିବ। ତା'ଛଡ଼ା ସବୁ ବନ୍ଧୁକବାଲା ଲୋକ କଣ ପାଠ ପଢ଼ିଛନ୍ତି। ତେବେ ସେ ପାଠ ନ ପଢ଼ିଲେ ଶୋଚନା କଣ ?

ଶେଷରେ ସେ ମନ ସ୍ଥିର କରିନେଲା। ସେ ପାହାଡ଼କୁ ଯିବ। ତେବେ ଭୟ ହେଉଥାଏ–ଏତେ ବାଧା ବଂଧକୁ ଡେଇଁବ କିପରି ? ଏଣେ ବାପ, ମା, ଭାଇ। ସେ ଯାହା କରିବାକୁ ବସିଛି, ତାହା ଭାବିଲା ମାତ୍ରେ ସେମାନଙ୍କର ସଂସାର ବୁଡ଼ି ଯିବ। ଏ ତ କୁଳ କଳଙ୍କିନୀର କାମ। କୂଳରେ କଳା ଲେପିବା କଥା ବୋଲି ସେମାନେ ଭାବିବେ।

ତେବେ ସେମିତି ବସିବାଠାରୁ ଉଠି ଆସିବ ବା କେଉଁଠିକି ? କୁଆଡେ ଯିବ, ତାହା ବି ତାକୁ ଅଜଣା। ସହରର ନିଶ୍ଚେ ଏକ ଗୋପନ ଆଡ୍‌ଡା ଥିବ ବିପ୍ଳବୀମାନେ ତାହା ସହିତ ଯୋଗ ସୂତ୍ର ରଖିଥିବେ । କିନ୍ତୁ ସେଠାକୁ ତାକୁ ବାଟ ବତାଇବ କିଏ ? ତା'ର ଏ ସଂସାରରେ ସେ ଭଳି ସାଙ୍ଗସାଥୀ କେହି ନାହାନ୍ତି, ଯିଏ ତାକୁ ବତାଇ ଦେବେ। ଆଉ ଯେଉଁଠା ତା' ଲୋକଙ୍କୁ ପଚରାଉଚରା କଲେ ବିପଦ ହିଁ ସାର ହେବ। ଥରେ ସେ ଏଭଳି ଉପରଠାଉରିଆଭାବେ ତା' ମାକୁ ପଚାରି ଦେଇଥିଲା। ତା' ମା' ତ ନିଆଁ ବାଣ। ସେ ସବୁ ମାଇକିନା ଲୋକର ବୁଝିବା କି ଦରକାର ?

ଥରକର କୁମା ଦିନରେ ତା'ର ବାପ, ମା, ତାର ଦାଦୀ ଖୁଡୀଙ୍କ ଘରକୁ ଲେଉଟାଣୀ ସଂଖୋଳି ଯାଇଥିଲେ। ସେଠୁ ଫେରିଲା ପରେ ସୋରା ମା'କୁ ତାଙ୍କର ଯିବା ଆସିବା କଥା ପଚାରିଲା। ଯିବାକୁ ବହୁତ ପଥଶ୍ରମ ନାଁ ? ବସ୍ କେଉଁଠୁ ଛାଡ଼େ ? କେତେ ଲୋକ ବସିଥାନ୍ତି ? କେତେ ଲୋକ ସେ ଦିନ ଯାଉଥିଲେ ? କେତେଥର ଏଭଳି ବସ୍ ଯାଏ ? କେତେ ଭଡ଼ା ପଡ଼େ ? ସେଥିରୁ ସେ ବୁଝିଲା ଯେ ସକାଳ ସାତଟା ବେଳକୁ ଗୋଟିଏ ବସ୍ ଛାଡ଼େ। ଏଇଟା ଭଲ ବେଳ। କାରଣ ଏତିକିବେଳେ ବାପ, ଭାଇମାନେ ଘରୁ ବାହାରି ଯାଇଥାନ୍ତି। ଘରେ ମା ଆଉ ସେ ଛୋଟ ଭଉଣୀମାନଙ୍କୁ ହେପାଜତରେ ରଖନ୍ତି। ତା' ପାଖରେ ଅଳ୍ପ କିଛି ପଇସା ଥିଲା। ଏ ପଇସା ସଞ୍ଚ ରଖିବାକୁ ତା' ବାପା ତାକୁ ବେଳେ ବେଳେ ଦେଉଥିଲେ। ଦିନକର ସକାଳେ ସୋରା ଘର ଛାଡ଼ିଲା। ପରଦାରେ ରହିଲା ଦିନୁ ଏହି ତାର ପ୍ରଥମ ଏକୁଟିଆ ବାହାରକୁ ଯିବା। ସବୁରି ନଜର ଏଡ଼ାଇ ସେ ରାସ୍ତାକୁ ବାହାରି ପଡ଼ିଲା, ଦେହର ସର୍ବାଙ୍ଗ ଗୋଟିଏ କଳା ପୋଷାକରେ ଘୋଡେଇ ଦେଇଥାଏ।

Digitized by srujanika@gmail.com

ଆଉ ମୁହଁରେ ଥାଏ ପରଦା। ତା'ର ଚାଲିର ଢଙ୍ଗକୁ ଜାଣିବା ଲୋକ ହେଲେ ସିନା ଠଉରାଇ ପାରନ୍ତା। ନୋହିଲେ ତାକୁ ଚିହ୍ନିବା କଷ୍ଟ ହୋଇ ଥାଆନ୍ତା। କେହି ତା' ଆଡ଼କୁ ନଜର ଦେଲେ ନାହିଁ। ବସ୍ ଛାଡ଼ିବା ଯାଗାରେ ଅନେକ ଲୋକଙ୍କର ମେଳା। ଲୋକେ ସବୁ ବସ୍‌ରେ ଜାଗା କରି ବସିବାରେ ବ୍ୟସ୍ତ, ଏତିକି ବେଳେ ଲାଇନ୍‌ର ଶେଷ ଲୋକ ପଛରେ ଝପଟିପଡ଼ି ସେ ଲୋକଟି ପାଖରେ ବସ୍‌ରେ ବସି ପଡ଼ିଲା। ବସ୍ ଛାଡ଼ିଦେଲା।

ଏବେ ଟିକଟ କିଣିବାର ପାଳି। ଏତିକି ବେଳେ ଧରା ପଡ଼ିଲେ ସର୍ବନାଶ। ତା' ହାତରେ କଣ୍ଟେ କଣ୍ଟେ ଭଡ଼ା ଲାଗି ପଇସା ଥାଏ। କଣ୍ଡକ୍‌ଟର ତା' ଠାରୁ ଭଡ଼ା ନେଇ ତାକୁ ଟିକଟ ଦେଲା। ଆଉ ପଇସା ଥାଏ। ଆଉ ସବୁ ଯାତ୍ରୀଙ୍କ ଟିକଟ ପାଇଁ ସେ ଆଗେଇ ଗଲା। ଏପର୍ଯ୍ୟନ୍ତ ସବୁ ସୁରୁଖୁରେ ଚାଲିଥାଏ। ସେ ଆପଣାର ଓହ୍ଲାଇବା ଥାନରେ ବସ୍‌ରୁ ଓହ୍ଲାଇ ପଡ଼ିଲା। ଆଗେ ବହୁଦିନ ତଳେ ସେ ଖୁଡ଼ୀ ଘରକୁ ଆସିଥିଲା। ଗାଁ ବାଟ ତା'ର ଅଧାପନ୍ତରିଆ ହୋଇ ମନେ ଥାଏ। ତେଣୁ ସେ ନିଃଶବ୍ଦରେ ବନ୍ଧୁ ଦ୍ୱାରକୁ ଚାଲିଲା।

ଖୁଡ଼ୀ ଘରେ ଏକୁଟିଆ ଥାଆନ୍ତି। ପରଦା ଫୋପାଡ଼ି ଦେଇ ସୋରା କହି ଉଠିଲା, ''ସଲାମ୍।'' ଖୁଡ଼ୀ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ, ''କିରେ, ସୋରା, କେମିତି ଆସିଲୁ ?''

''ଏକା ଏକା ପଳେଇ ଆସିଲି।''

''ବାପା ଜାଣିଛନ୍ତି ?''

''ନା'', ତା'ପରେ ବିଳମ୍ବ ନ କରି କହିଲା, ''ତୁମେ ଆମ ଘରଠିକି ଆସିଲା ବେଳକୁ ମାଆକୁ କହୁ ନ ଥିଲ ମଫସଲରେ ଗୋଳମାଳ ବେଶି। ମୁଁ ପର୍ବତକୁ ଯିବାକୁ ଚାହେଁ। ମୋତେ ଟିକିଏ ବତେଇ ଦେବ ?''

ଖୁଡ଼ୀ କହିଲେ, ''ଆଚ୍ଛା ବସ, ବସ।'' ଏହା କହି ଗୋଟିଏ ଆସନ ଦେଲେ। ପଚାରିଲେ, ପର୍ବତକୁ ଯିବାକୁ କାହିଁକି ତୁ ମନ ବଳାଇଛୁ ? ସେଠି ତୁ କ'ଣ କାହାକୁ ଚିହ୍ନୁ ?'' ସୋରା ତା' କଥା କହିଗଲା– ଯାହା ଶୁଣିଥିଲା, ଯାହା ଭାବିଥିଲା, ଆଉ କହିଲା ତାର ପରିଚିତ କେହି ନାହିଁ।

ଖୁଡ଼ୀ ସବୁ ଶୁଣିଲେ। ତା' ପରେ କିଛି କାଳ ଗୁମ୍ ମାରି ରହିଲେ। କହିଲେ, ''ତୋ ମା ବାପକୁ ଏଇଟା ବଡ଼ ବାଧା ହେବ। ସେମାନେ ଭାବୁଥିବେ, ତୋର କ'ଣ ଗୋଟିଏ ବଡ଼ ବିପଦ ଘଟିଲା। ତୋତେ କିଏ ଭୁଲେଇ ଭଣ୍ଡେଇ ନେଇ ଯାଇଛି ବା ତୋତେ ହରଣଚାଳ କରି ନେଇଛି। ସେମାନେ ଅବା ଭାବୁଥିବେ ତୁ ଆଉ ଜୀବନରେ ନାହୁଁ। ସେମାନେ ତ ବଡ ଆତୁର ହେଉଥିବେ।''

Digitized by srujanika@gmail.com

"ଓଃ, ମୁଁ ତ କେତେଟା ଝିଅରେ ଗୋଟିଏ ଝିଅ, ଆଉ କ'ଣ...."

ଖୁଡ଼ୀ ତାକୁ ଭର୍ତ୍ସନା କଲା ପରି କହିଲେ, "ଯେତେ ହେଲେ ଝିଅ ତ ?"

ସୋରା ନିରୁତ୍ତର ରହିଲା।

ଖୁଡ଼ୀ କହିଲେ, "ତେବେ ମୁଁ ସାହାଯ୍ୟ କରିବି।"

ସୋରା ଆନନ୍ଦରେ ତାଙ୍କର ଗୋଡ଼ ତଳେ ପଡ଼ିଗଲା।

"ହଁ, ତେବେ ମିନିଟଏ ରହିଯା। ମୁଁ ତୋତେ ଏକ୍ଷଣି ତ ହଠାତ କହି ପାରିବି ନାହିଁ ଏହି ବାଟରେ ବା ସେହି ବାଟରେ ପାହାଡକୁ ବାହାରି ଯାଆ ବୋଲି– ସେଥି ପାଇଁ ସମୟ ଲାଗିବ। ତୋର ବାପ ତୋତେ ଖୋଜୁଥିବେ। ତୋର କକା ବି ନାନା କଥା ପଚାରିବେ। ଆମ ମାଇପି ଲୋକକୁ କେତେ ପ୍ରକାର ଫନ୍ଦି ଫିକର କରିବାକୁ ପଡ଼ିବ। ତେବେ ତୁ ବର୍ତ୍ତମାନ ପାଇଁ ଏଇଠି ରହ। ଏଇଠି ପରଦା ନାହିଁ। ଲୋକେ ଜାଣି ପାରିବେ ଯେ ତୁ ଏଠାରେ ପରଦେଶୀ। ତେଣୁ ନାନା ପ୍ରକାର କଥା ଉଠିବ। କିଏ ଯାଇ ତୋ ଭାଇମାନଙ୍କୁ ଯଦି କହିଦେଲା, ତେବେ କଥା ସଇଲା। ତୁ କ'ଣ ଏଇଠି ରହି ପାରିବୁ ଯେତେ ଦିନ ଦରକାର ପଡ଼ିବ ସେତିକି ଦିନ ?"

"ହଁ ଖୁଡ଼ୀ, କାହିଁକି ରହି ନ ପାରିବି ?"

"ତେବେ ମୁଁ ତୋ କକାଙ୍କ ସାଙ୍ଗରେ କଥା ଭାଷା ହୁଏ। ସେ କାହାକୁ କିଛି କହିବେ ନାହିଁ। ଏବେ ଚାଲ ଯିବା, ଖାଇବା ତିଆରି କରିବା।"

ମାସେ ଚାଲିଗଲା, ସୋରାର ଖୁଡ଼ୀ ବଡ଼ ଦୟାଳୁ ମଣିଷ। ସୋରାର ଆଶା ଆଉ ସ୍ୱପ୍ନ ସବୁ କଥା ସେ ଶୁଣିଲେ, ସବୁ ବୁଝିଲେ। କିନ୍ତୁ ସବୁବେଳେ ସେ ପର୍ବତ ଉପରର ଦୁଃଖ କଷ୍ଟ କଥା କହୁଥାନ୍ତି। ତା'ର କକା କିଛି କହୁ ନ ଥାନ୍ତି। ଦିନ ପରେ ମାସ ସମାନ ଭାବରେ ଗଡ଼ି ଯାଉଥାଏ।

ଦିନେ ସକାଳେ ଖୁଡ଼ୀ ତାକୁ କେତେ ଗୁଡ଼ିଏ ମଇଳା କପଡ଼ା କାଚି ଦେବାକୁ କହିଲେ। କପଡ଼ା ଭିତରେ ମରଦ ଲୋକଙ୍କ ମୋଟା ଅଙ୍ଗବସ୍ତ୍ର, ରଙ୍ଗକରା କମିଜ ଆଉ ତଉଲିଆ ଇତ୍ୟାଦି ଥାଏ। ଏହି ଲୁଗାପଟା ଭିତରେ ସୋରା ଗୋଟିଏ ରକ୍ତବୋଳା ପଟି ବି ଦେଖିବାକୁ ପାଇଲା। ସେ ବିନା ଦ୍ୱିଧାରେ ସବୁତକ କାଚି ଦେଲା। କାରଣ ସେ ଅନୁମାନ କରିନେଲା ଏସବୁ କେଉଁଠୁ ଆସିଛି। ତେବେ ତାର ଖୁଡ଼ୀ ତାକୁ କହି ନ ଥିଲେ ସେମାନଙ୍କ ଘରକୁ ତା' ଆଗ ଦିନ ରାତିରେ ପାହାଡ଼ରୁ ଜଣେ କିଏ ଆସିଥିଲା। ସେ ଭାବିଲା, ସେମାନେ ଜାଣି ପାରିବେ ଯେ ମୁଁ ଏଇଠି ଅପେକ୍ଷା କରି ବସିଛି।

ଦିନେ ଖୁଡ଼ୀ କହିଲେ ଯେ ତା'ର ବାପ ତାକୁ ଖୋଜୁଛନ୍ତି। ତା'ପରେ କେତେ ଦିନ ବିତିଗଲା। ପ୍ରାୟ ଦୁଇ ମାସ କଟିଗଲା ପରେ ଖୁଡ଼ୀ ତାକୁ ବିଛଣାରୁ

Digitized by srujanika@gmail.com

ଉଠାଇଲେ। ''ଲୁଗାପଟା ପିନ୍ଧି ପକା''–ସମୟ ଆସିଗଲା। ରୋଷେଇ ଶାଳରେ ଗୋଟିଏ ଯୁବକ ଲୋକ ବନ୍ଧୁକଟିଏ ଧରି ଅପେକ୍ଷା କରିଥାଏ। ତା' ନିକଟରେ ଗୋଟିଏ ଲୁଗାର ବଣ୍ଡିଲ ଆଉ ଖାଇବା ଚିଜ ଭର୍ତ୍ତି ଗୋଟିଏ ବ୍ୟାଗ। ଏହି ଖାଦ୍ୟ ପଦାର୍ଥ ସୋରାର ଖୁଡ଼ୀ ସେହି ଗାଁରୁ ସଂଗ୍ରହ କରିଥାଆନ୍ତି। ପ୍ରଥମ ଥର ପାଇଁ ଚାରି ବର୍ଷ ପରେ ସୋରା ବିନା ପରଦାରେ ପଦାକୁ ବାହାରିଲା।

ସୋରା ପାହାଡର କଠୋର ଜୀବନ କଟାଇ କିଛି କାଳ ରହିଲା। ତା'ପରେ ଶୁଣିଲା ଯେ ତାର ବାପ ବିପ୍ଳବୀ ଦପ୍ତରକୁ ଲେଖି ପଠାଇଛନ୍ତି, ତାଙ୍କର ଝିଅକୁ ଘରକୁ ଆଣିବାକୁ। ସୋରା ମାସକର ଛୁଟି ମାଗିଲା ଆଉ ଛୁଟି ପାଇ ଘରକୁ ଫେରିଲା। ସନ୍ଧ୍ୟା ପ୍ରାୟ ଗତ ହୋଇଯାଉଥାଏ। ଏଭଳି ବେଳାରେ ସେ ଆପଣା ଘର ଦୁଆରେ ଯାଇ ଧକ୍କା ମାଇଲା। ବାପା ଦୁଆର ଖୋଲି ଦେଲେ। ସେ ଭିତରକୁ ଖସିଗଲା।

ସେ କହିଲା, ''ଭଗବାନ ତୁମକୁ ଶାନ୍ତିରେ ରଖନ୍ତୁ ବାପା।'' ଘରର ଅଁଧାର ଅଗଣାରେ ସେ ମୁହଁରୁ ପରଦା କାଢ଼ି ଦେଲା। ପାହାଡ଼ରୁ ଓହ୍ଲାଇଲା ବେଳେ ଅପଣା ଗଣ୍ଠିଲିରେ ସେ ତାହା ରଖିଥିଲା। ଯେତେବେଳେ ନ ଲଗାଇଲେ ବିପଦ, ସେତିକିବେଳେ ତାକୁ ପିନ୍ଧି ପକାଉଥିଲା।

ବାପା ତା'ର ହାତକୁ ଧରି ପକାଇ ଗୋଟିଏ ଛୋଟ ଘରକୁ ନେଇଗଲେ। ସେଇଟା ତା' ବାପା ମା'ଙ୍କର ଶୋଇବା ଘର। ମୃଦୁ ସ୍ୱରରେ ସୋରା ଡ଼ାକିଲା, ''ମା।''

''ମୋ ଧନ ଲୋ, ତୁ ଆମକୁ ଛାଡ଼ି କିପରି ରହିଲୁ।'' ମା' ଧୀରେ ଧୀରେ କହି କାନ୍ଦିବାକୁ ଲାଗିଲେ।

''ହେଲା, ହେଲା, ସେତିକି ହେଉ। କାଲି ସକାଳୁ ଭଲକରି ଚାହିଁବୁ ଆଉ କଥା ଗପିବୁ। ଆଜି ରାତି ଅନେକ ହେଲାଣି। ଏଇଠି ଶୋଇପଡ ସୋରା।''

ସୋରା ବାପକୁ ବଧାଇ ଦେଇ ପଚାରିଲା, ''ପୋଲିସ କ'ଣ ମୋତେ ଖୋଜୁଥିଲା ?''

''ନାଇଁ ତ।''

''ତଥାପି ବାପା, ମୁଁ ଏଇଠି ଅଛି ବୋଲି କାହାକୁ କହିବ ନାହିଁ। ଏପରିକି ଝିଅମାନଙ୍କୁ ବି ନୁହେଁ।''

ଧୀର ଗଳାରେ ମା' ପଚାରିଲା, ''କାହିଁକି ?''

''କହିଲେ ପୋଲିସ ଆସି ମୋତେ ଧରି ନେଇଯିବ। ମୁଁ ତୁମର ଏଇ ଘରେ ରହିବି। ଘରେ କେହି ନ ଥିଲା ବେଳେ ମୁଁ ତୁମକୁ କିଛି କଥା କହିବି।''

ସେ ଏପରି ଦୃଢ଼ ହୋଇ କହିଲା ଯେ ମା'ବି ଏତିକିରେ ଦବିଗଲା। କିନ୍ତୁ ବାପ ବିରକ୍ତ ହୋଇ କହିଲା, ''ଏବେ ଯାଅ ଶୁଅ।''

Digitized by srujanika@gmail.com

ତା’ ଆରଦିନ ବାପ ଯେଉଁ ପୁଅ ତା’ ସାଙ୍ଗରେ ପ୍ରତି ଦିନ ବଜାର କରିବାକୁ ଯାଏ ତାକୁ ନିଦରୁ ଉଠାଇ କହିଲା, ‘‘ମୋ ଦେହ ଖରାପ, ତୁ ଆଜି ଏକା ହାଟକୁ ଯାଅ।’’

ପୁଅମାନେ ଘର ଛାଡ଼ି ଯେଝା କାମରେ ଗଲେ। ସାନ ଝିଅମାନେ ଖେଳିବାକୁ ବାହାରିଗଲେ। ସେମାନେ ଦି’ପହର ଯାଏ ଘରକୁ ନ ଫେରିବାକୁ ତାଙ୍କୁ କୁହାଗଲା। କାରଣ ବାପ ଟିକିଏ ଶାନ୍ତିରେ ଶୋଇବ! ସୋରାର ମାଆ ଦୁଆରଟା ବନ୍ଦ କରିଦେଲା। ତିନି ଜଣ ଯାକ ଚକାମାରି ପକାଇ ପରସ୍ପରକୁ ଚାହିଁ ରହିଲେ। ମା କହିଲା, ‘‘ତୁ ଝଡ଼ି ଯାଇଛୁ। ଦେହ କଳାକାଠ ପଡ଼ି ଯାଇଛି।’’

ସୋରା କିଛି କହିଲା ନାହିଁ।

‘‘ତୁ ଶୀଘ୍ର ବାହା ହୋଇ ପଡ଼ିବୁ; ଖୁବ୍ ଶୀଘ୍ର।’’

ତଥାପି ସୋରା ନୀରବ।

‘‘ତୋ ମାଉସୀ ପୁଅ ଭାଇ ଆସି ତୋତେ ବିଭା ହେବ। ମୁଁ ତା’ ବାପକୁ ଆଜି କହିବି। ଅଳ୍ପ ଦିନରେ ବିଭାଘର ହୋଇଯିବ।’’

ସୋରା କିଛି ଉତ୍ତର ନ ଦେଲାରୁ ସେମାନେ ଧରି ନେଲେ ଯେ, ସୋରା ରାଜି! ସେ ଯାହା ହେଉ, ବାପକୁ ବିଭା ଦେବାକୁ ହେବ ଓ ତାକୁ ରାଜି ହେବାକୁ ପଡ଼ିବ। କିନ୍ତୁ ସୋରା କିଛି ତ କହି ନ ଥିଲା କି ମୁଣ୍ଡକୁ ବି ତଳକୁ ପୋତିଲା ନାହିଁ। ବରଂ ସେ ବାପ ମୁହଁକୁ ସିଧା ସଳଖ ଚାହିଁଲା। ବାପ ଗୋଟିଏ ମୁହୂର୍ତ୍ତ ଅପେକ୍ଷା କରି ଉଠି ପଡ଼ିଲା। ମା ଝିଅ ଦୁହେଁ ଉଠି ପଡ଼ିଲେ।

‘‘ଭଲ ହେବ ସୋରା।’’ତା’ ମା ଏତକ କହିଲା, କାରଣ ଏହି ଚୁପ୍‌ଚାପ୍ ଅବସ୍ଥା ଭାଙ୍ଗିବାକୁ ହେବ।

‘‘ସେମାନେ ଏଠାରୁ ପ୍ରାୟ ଚାରି ଘଣ୍ଟାର ବାଟରେ ରହନ୍ତି। ବସ୍‌ରେ ଯିବାକୁ ହୁଏ। ତୁ ଯେ ଘର ଛାଡ଼ି ଯାଇଥିଲୁ—ଏ କଥା ସେମାନଙ୍କ ଭିତରେ କେହି ଜାଣନ୍ତି ନାହିଁ।’’

ସୋରା ଶେଷରେ କହିଲା, ‘‘ମାଫ୍ କର ବାପା, ତୁମେ ମୋତେ ବାନ୍ଧି ନେଇ କାହାକୁ ଦେଇପାର। କିନ୍ତୁ କୌଣସି ମରଦ ମୋତେ ସବୁ କାଳଯାକ ବାନ୍ଧିରଖି ପାରିବ ନାହିଁ।’’

ବାପା ତାର ବଡ଼ ପାଟିରେ କହିଲା, ‘‘ତୁ ଆମକୁ ଲାଜରେ ବୁଡ଼ାଇ ଦେବୁ ?’’

Digitized by srujanika@gmail.com

"ନାଁ, ମୁଁ ତୁମ ଘର ପାଇଁ ଇଜ୍ଜତ ଆଣି ଦେଇଛି।"

ବାପ ସେମାନଙ୍କୁ ଛାଡ଼ି ବାହାରି ଗଲା। ମା' ତାକୁ ନାନା ଭାବରେ ବୁଝାଇବାକୁ ଲାଗିଲା। କେତେବେଳେ ଗାଳି, କେତେବେଳେ ବା କାନ୍ଦିକରି କହୁଥାଏ, "ବିଭା ହୁଅ, ନୋହିଲେ ଆମ ଇଜ୍ଜତ ସରିଲା।"

"ବାପାଙ୍କୁ କହ ଟିକିଏ ଧକାନ୍ତୁ। ମୁଁ ନିଜ ଇଚ୍ଛାରେ ଘରକୁ ଫେରିଛି। ମୁଁ ମୋ ଇଚ୍ଛାରେ ତୁମ ସାଙ୍ଗରେ ସବୁ କଥା ଠିକ୍ କରିବି। ମୁଁ ଯଦି ସେତକ କରି ନ ପାରେ, ତେବେ ମୋତେ ଘର ଛାଡ଼ି ଯିବାକୁ ହେବ। ତାହା ହେଲେ ତାହା ଆମ ସମସ୍ତିଙ୍କ ପାଇଁ ଅସୁବିଧା ହେବ।"

ତାର ମା' ବି ବାହାରିଗଲା ବଡ଼ ବ୍ୟସ୍ତ ଓ ବଡ଼ ଦୋ ଦୋ ପାଞ୍ଚ ଅବସ୍ଥାରେ।

ସୋରା ମୁଣ୍ଡ ତଳେ ହାତ ରଖି ଶୋଇଲା। ଭାବୁଥାଏ, ଘରେ ରହିଲେ ବେଶ୍ ଆରାମ ଲାଗୁଛି। ବହୁଦୂର ପଥଶ୍ରମ କରି ଆସିଛି। ଦୂର ପଥ ପୁଣି ଏତେ ବିପଦ। ବିପ୍ଳବୀମାନଙ୍କର ନିୟମ ହେଲା ଯେ ପର୍ବତରୁ କେହି ତଳକୁ ଗଲେ ସାଧାରଣ ବସ୍ ବା ଯାନବାହାନ ବ୍ୟବହାର କରିବ ନାହିଁ। ରାସ୍ତାଯାକ କୋରଖ ହେଉଛି। ସ୍ତ୍ରୀ ଲୋକ ବି ତନଖିରୁ ଉଦ୍ଧାର ପାଉ ନାହାନ୍ତି। ସହରର ସବୁ ସାବାଳକ ଲୋକଙ୍କ ପାଇଁ ପରିଚୟ ପତ୍ର ଖଣ୍ଡିଏ ଖଣ୍ଡିଏ ମିଳିଛି। ଗୋଳମାଳ ଲାଗିଲା ଦିନୁ ଗାଁ ଗହଳ ଲୋକଙ୍କର ଫଟ ବି ନିଅଯାଇଛି। ସେମାନଙ୍କର ପରିଚୟପତ୍ର ନ ଥିଲେ ବି ପୋଲିସ ଫାଇଲରେ ସେମାନଙ୍କର ସମସ୍ତ ବିଷୟରେ ଟିକିନିଖି ଲେଖା ହୋଇ ରହିଛି। ସୋରାର ପରିଚୟ ପତ୍ର ନାହିଁ। ତେଣୁ ତାକୁ ଷାଠିଏ ମାଇଲ ବାଟ ଗାଁକୁ ଗାଁ ଚାଲି ଚାଲି ଆସିବାକୁ ପଡ଼ିଛି। ବର୍ତ୍ତମାନ ଟିକିଏ ବିଶ୍ରାମ ନେବା ଦରକାର। ବିଶ୍ରାମ ନେଇ ସେ ଯେତେବେଳେ ଦୁଆର ଖୋଲିଲା, ସେତେବେଳକୁ କେତେ ସମୟ ହେଲାଣି, ତାର ଖିଆଲ ନାହିଁ। ସେ ହଠାତ୍ କହି ଉଠିଲା, "ଏତେ ବେଳ ହେଲାଣି, ବହୁତ ବେଳଯାଏ ଶୋଇ ପଡ଼ିଥିଲି ବାପା।" ଅନୁନୟ କଣ୍ଠରେ ସେ ଏତକ କହିଲା।

ବାପା କହିଲେ, "ଉଠିବା ଦରକାର ନାହିଁ। ତୁ ମୋତେ କ'ଣ କହିବୁ ବୋଲି କହିଥିଲୁ।"

ସୋରା କହିଲା, "ମୁଁ ଆଗ ଗୋଟିଏ କଥା ପଚାରିବି। ଆମ ଦପ୍ତରରେ ଖବର ମିଳିଲା ଯେ ତୁମେ ଦେଖିବାକୁ ଚାହଁ। ମୁଁ ପର୍ବତରେ ଅଛି ବୋଲି ତୁମେ ଜାଣିଲ କିପରି?"

"ଆରେ ତୁ ଜଣକୁ ପଠେଇ ଥିଲୁ। ପଠେଇ ନ ଥିଲୁ?"

"ତେବେ ସେ ଆସିଥିଲା, ବେଶ୍। ତେବେ କିପରି ମୁଁ ଗଲି, କ'ଣ କଲି ତାହା କହୁଛି।"

Digitized by srujanika@gmail.com

ସେ ସବୁ କଥା ଅମୂଳଚୂଳ କହିଗଲା। କିପରି ଭାବେ ସେ ପର୍ବତର ବିପ୍ଳବୀଙ୍କ ବିଷୟ ଶୁଣିଥିଲା, କିପରି ସେ ଡାକ୍ତରଖାନାର ବେହେରା କଥା ଜାଣିଲା, ଭିଏଟନାମ ସୈନ୍ୟ ଓ ଛାତ୍ରୀମାନଙ୍କ କଥା ଜାଣି କିପରି ସେ ପର୍ବତକୁ ଯିବା ପାଇଁ ନିଷ୍ପତ୍ତି କଲା, ତା' ମନ ଭିତରେ ଯେଉଁ ଦୁନିଆର ସ୍ୱପ୍ନ ରହିଥିଲା, ସେ ସବୁ କଥା ପ୍ରକାଶ କରି କହିଲା।

ବାପା ପଚାରିଲା,"ଏଠୁ ତୁ ଖୁଡ଼ୀ ଘରକୁ ପଳାଇଲୁ।"

ସୋରା ଦେଖିଲା, ତା' ବାପା ଏଣିକି ବିରକ୍ତ ହେଲେଣି। ତେଣୁ ସେ ପର୍ବତ ଉପରେ ଜୀବନ କଥା କହିଲା। କିପରି ସେ ଜଣେ ଡାକ୍ତରୀ ଛାତ୍ରୀଠାରୁ ପ୍ରାଥମିକ ଚିକିତ୍ସା, ପଟିବନ୍ଧା, ରୋଗୀ ଶୁଶ୍ରୂଷା କଥା ଶିଖିଲା, କିପରି ଜଣେ ଦର୍ଶନ ଶାସ୍ତ୍ରର ଛାତ୍ର ତାକୁ ଓ ଅନ୍ୟାନ୍ୟ ଝିଅମାନଙ୍କୁ ବିପ୍ଳବର ତତ୍ତ୍ୱକଥା ଶିଖାଇଲା, କିପରି ସେମାନେ ଖିଆପିଆ ଯୋଗାଡ଼ କରନ୍ତି। ତା' ପରେ କିପରି ସେ ବନ୍ଧୁକ ଚଳାଇବା ଶିଖିଲା, ସମସ୍ତ କଥା ସେ କହିଗଲା।

ବାପା ପଚାରିଲା, "ତୁ ଏତେ କଥା କଲୁ କାହିଁକି ?"

ସୋରା କହିଲା, "ବାପା, ଆମେ ହେଉଛୁ ବେଦୁଇନ୍ ଯାଯାବର। ଆମର ପୂର୍ବ ପୁରୁଷ ମରୁଭୂମିରେ ରହୁଥିଲେ। କେହି ସେମାନଙ୍କ ଉପରେ ହୁକୁମ ଜାରି କଲେ, ସେମାନେ ତାହା ମାନୁ ନ ଥିଲେ, ଲଢୁଥିଲେ। ସେମାନେ ବରଂ ସ୍ୱାଧୀନତା ପାଇଁ ମରିବେ, କିନ୍ତୁ କାହାର ଗୋଲାମ ବିନିବେ ନାହିଁ। ଏହା ଥିଲା ସେମାନଙ୍କର ପଣ। ଆଜି ଠିକ୍ ସେପରି ଏକ ଅବସ୍ଥା ଆମ ପାଇଁ ଆସିଛି।"

ମା' ଆସିଲା। ପଚାରିଲା, "ପିଲାମାନେ ଘରକୁ ଫେରିବା ପୂର୍ବରୁ ଖାଇବା ଆଣିବି କି ?"

ବାପା କହିଲେ, "ହଁ, ଆଉ ସୋରା ପାଇଁ ବି ଆଣ।"

ମା' ଟିକିଏ ଦୋ ଦା ପାଞ୍ଚ ହେଲେ। ଏଭଳି କଥା ତ ଏକ ବିପ୍ଳବ। ଏ ପର୍ଯ୍ୟନ୍ତ ସ୍ତ୍ରୀଲୋକେ ପୁରୁଷମାନେ ଖାଇ ସାରିଲେ ତାଙ୍କର ପତରରେ ଖାଇବା ହେଲା ରୀତି।

ବାପ ଗର୍ଜନ କରି କହିଲେ, "ମୁଁ ଯେମିତି କହୁଛି, ସେମିତି କର।" କାରଣ ବାପା ଚାହୁଁଥାନ୍ତି ଯେ ଘରର ଆଉ କେହି ଯେପରି ସନ୍ଦେହ ନ କରନ୍ତି। ବେଗି, ବେଗି, "ନୋହିଲେ ଆମେ ଖାଇ ସାରି ନ ଥିବୁ, ପିଲାମାନେ ପହଞ୍ଚିଯିବେ।"

ତା'ପରେ କେତେ ଦିନ ଗଲା। ସୋରାର ବାପ ଦେହ ଖରାପ ଛଳନା କରି ଘରେ ରହିଥାଏ ଓ ସୋରାକୁ ଘରେ ରଖିବା ପାଇଁ ସବୁ ପ୍ରକାର ଯନ୍ତ୍ର ଫନ୍ଦି କରୁଥାଏ। ଆଉ ଆପଣା ପରିବାରର ଇଜ୍ଜତ ବଞ୍ଚାଇବା ପାଇଁ ଲାଗିଥାଏ। ସୋରା

Digitized by srujanika@gmail.com

ସାଙ୍ଗରେ ପ୍ରାୟ ତାର ସାରା ଦିନଟାଯାକ କଟିଯାଏ । ସେ ତାରି କଥା ଶୁଣେ, ଗାଳି ଦିଏ, କେଉଁ କେଉଁ କଥାରେ ଇଚ୍ଛା ବା ଅନିଚ୍ଛାରେ ରାଜି ହୁଏ, କେତେ କଥାରେ ତା' ସହିତ ମତ ମିଳେ ନାହିଁ । ମୁହଁରେ ତା' ପ୍ରତି ଶ୍ରଦ୍ଧା ଦେଖାଏ କିନ୍ତୁ କଥା କଥାକେ ତାକୁ ଶୋଧେ । ଆଉ ସବୁବେଳେ ସେ କିପରି ଜାତି କୁଳ ମାନକୁ ଜଳାଞ୍ଜଳି ଦେଇଛି, ସେ କଥା ବକୁଥାଏ । କିନ୍ତୁ ଯେତେ ଚେଷ୍ଟା କଲେ ବି ସେ ସୋରାକୁ ଟଳାଇ ପାରିଲା ନାହିଁ ।

ସେ ନିଜେ ଅବଶ୍ୟ ସ୍ୱୀକାର କରୁ ନ ଥାଏ । କିନ୍ତୁ ତା' ମନେ ମନେ ସୋରାର ନିରାପତ୍ତା ପାଇଁ ଖୁବ୍ ଆଶଙ୍କା ଥାଏ । ତଥାପି ସେ ଭାବୁଥାଏ କିପରି ସେ ସୋରାକୁ ମଙ୍ଗେଇ ପାରନ୍ତା କି ?

ସେ ସୋରାକୁ ବୁଝେଇବାକୁ ଚେଷ୍ଟା କଲା ଯେ, ପର୍ବତରେ ଖୁବ୍ ବିପଦ । ବରଂ ତା'ର ମଉସା ପୁଅ ଭାଇକୁ ବିଭା ହେଲେ ତା'ର ପୂର୍ବର ସବୁତକ କଥା ପୋଛି ହୋଇଯିବ । ଆଉ ସୋରାର କିଛି ବିପଦ ନ ଥିବ ।

କିନ୍ତୁ ଯୋରା କହିଲା, ‘‘ସେ କଥା କି ହୁଏ ? ମୁଁ ତାକୁ ବିଭା ହେଲେ ସବୁ କଥା ତାକୁ କହିବାକୁ ପଡ଼ିବ ।’’

ବାପା କହିଲେ, ‘‘ କହ, ବିଭା ଘର ରାତିରେ କହ । ତାହା ହେଲେ ତୋର ସ୍ୱୀକାରରେ ବିଭାଘର ଖୁବ୍ ମଧୁମୟ ହେବ ।’’

ସୋରା କହିଲା, ‘‘ଓଲଟା କଥା । ମୋତେ ତ ପୋଲିସ ଜାଣିଛି । ତେଣୁ ମୁଁ ମୋର ସେଇ ମାଉସୀ ପୁଅ ଭାଇ, ତା'ର ବାପ, ମା, ଭାଇ ଭଉଣୀ ସମସ୍ତଙ୍କୁ ବିପଦରେ ପକାଇବି କାହିଁକି ? ସେମାନଙ୍କର ଚୂଲି ଚାଳ ସବୁ ଫରାସୀ ସାମ୍ରାଜ୍ୟବାଦୀମାନେ ଉପାଡ଼ି ଦେବେ । ବରଂ ତାହା ଅପେକ୍ଷା ମୋତେ ପାହାଡକୁ ଯିବାକୁ ହେବ ।’’

ବାପା କହିଲେ, ‘‘ତା ହେଲେ ଆମ ପାଇଁ ବିପଦ ନୁହେଁ ।’’

ସୋରା କହିଲା, ‘‘ତୁମ ଘରୁ ତ ମୁଁ ପଳାଇ ଯାଇଛି । ତେଣୁ ମୋ ପଳାଇ ଯିବାରେ ତୁମର କୌଣସି ହାତ ନାହିଁ । ତେଣୁ ତୁମର କିଛି ବିପଦ ନାହିଁ ।’’

‘‘ତେବେ ଝିଅର ସ୍ଥାନ ତ ଘରେ । ମାଇକିନା ଝିଅ ତ କୌଣସି ମରଦ ପୁଅର ହେବା ଉଚିତ ।’’

Digitized by srujanika@gmail.com

ସୋରା କହିଲା, ''ଝିଅ ସାରା ଜାତିର। କୌଣସି ଗୋଟିଏ ମରଦର ନୁହେଁ। ଫରାସୀ ସାମ୍ରାଜ୍ୟବାଦୀମାନେ ଯେପରି ଆମକୁ ସବୁ ଗୋଲାମ କରି ରଖିଛନ୍ତି, ତୁମେ କ'ଣ ମୋତେ ସେପରି ପୁରୁଷର ଗୋଲାମ କରି ରଖିବାକୁ ଚାହଁ ?''

ତଥାପି ବାପର ମନ ବୁଝିଲା ନାହିଁ। ସେ ଜିଦ୍ ଧରିଲା, ''ପର୍ବତକୁ ଗଲେ ତୋର ବିପଦ ବେଶି। ବରଂ ଘରେ ରହିବା ଭଲ।''

''ଯଦି ମରିବାର ହୁଏ ତେବେ ମୁଁ ଆଲଜିରିଆର ମୁକ୍ତି ପାଇଁ ଲଢ଼ି ମରିବି। ମୋ ପୂର୍ବରୁ ବହୁ ବେଦୁଇନ୍ ଯାହାକୁ ମୁକ୍ତି ବୋଲି ମନେ କରିଥିଲେ ତାହା ପାଇଁ ସେମାନେ ଯେପରି ଲଢ଼ି ମରିଥିଲେ, ମୁଁ ସେଇ ମୁକ୍ତି ପାଇଁ ଲଢ଼ିବି। ଏଇଠି ରହିଲେ ଆଜି ହେଉ ବା କାଲି ହେଉ ମୋତେ ସେମାନେ ପଶୁ ପରି ହାଣି ଦେବେ।''

ବାପା ତା' ଆଡ଼େ ଅନେକ ବେଳଯାଏ ଚାହିଁ ରହିଲେ। ତା'ପରେ ଶେଷରେ କହିଲେ, ''ତେବେ ପାହାଡ଼କୁ ଫେରି ଯା''। ସୋରା ବାପାଙ୍କ ଆଗରେ ଆଣ୍ଠୁ ମାଡ଼ି କହିଲା, ''ମା'କୁ କେବେ ପୋଲିସର କଥା ବା ମରଣର କଥା କହିବ ନାହିଁ। ଏକଥା କେବଳ ମରଦମାନେ ହିଁ ଜାଣିବା ଉଚିତ।'' ପ୍ରଥମ କରି ସେ ଏତକ କହି ଦୁଷ୍ଟ ହସଟିଏ ହସି ଦେଲା।

ତା'ବାପ ଗଣ ଗଣ ହୋଇ ଗୁଞ୍ଜନ କଲେ, ''କେବଳ ମାଇକିନା ଲୋକେ ଜାଣିବା ଉଚିତ। ମୁଁ ତୋ କଥାରେ ରାଜି ହୋଇ ଅଧା ମାଇକିନା ହୋଇଗଲିଣି''।

ସୋରା ହସି ହସି ଗାଲରେ ଚୁମା ଦେଇ କହିଲା, ''ନାଁ, ନାଁ ବାପା, ତୁମେ ଆଜି ପ୍ରକୃତ ମରଦ ପୁଅ ହୋଇଯାଇଛ।''

❖

Digitized by srujanika@gmail.com

କେତେଦୂରେ ତୋର ଓଡ଼ିଶା ମାଟିରେ

କେତେ ଦୂରେ ତୋର ଓଡ଼ିଶା ମାଟିରେ
କାହିଁ ମହାନଦୀ ପାଣି
ଗୋରା ସରକାର ଦାଉରୁ ଏ ଦେଶେ
ଆସିଲୁ ଭୋକି ପରାଣୀ।
ନଥିଲା କି ତୋର ପାଣିରେ ମାଛରେ
ନ ଥିଲା କି ବିଲେ ଧାନ
ନ ଥିଲା କି ତୋର ପାହାଡ଼େ କାଠରେ
ଝାଳ ବୁହା ଅରଜନ;

ସବୁ ଅରଜନ କାହା ପାଶେ ଦେଲୁ
ଏ କଥା ନ ପାରୁ ଜାଣି,
ଆରେ ଭାଇ ଏ କଥା ନ ପାରୁ ଜାଣି,
କେତେ ଦୂରେ ତୋର ଓଡ଼ିଶା ମାଟିରେ
କାହିଁ ମହାନଦୀ ପାଣି।୧।
ଖଳାରୁ ତୋ' ଧାନ ରଜା ନେଲା ଅଧେ
ଅଧେ ନେଲା ସାହୁକାର
ସାହା ହେଲା ତାକୁ ବିଲାତି ବନ୍ଧୁକ
ସଇତାନ ସରକାର
ବଡ଼ ଦେଉଳରେ କାନ୍ଦେ ତୋ' ଠାକୁର
କାନ୍ଦେ ଲକ୍ଷ୍ମୀ ଠାକୁରାଣୀ,
କେତେଦୂରେ ତୋର ଓଡ଼ିଶା ମାଟିରେ
କାହିଁ ମହାନଦୀ ପାଣି।୨।
ପଚାରଇ ଥରେ ଚା' ବାଗନାରେ
ପରବାସୀ ମୋର ଜାତି,
ପେଟଲାଗି ପରା ଛାଡ଼ିଲୁ ତୋ ଭାଷା
ଛାଡ଼ିଲୁ ତୋ ଭିଟାମାଟି।
ପାଞ୍ଚ ଅଣା ରୋଜେ ପୂରେକି ପେଟରେ
ମିଳେ କି ବାସୀ ତୋରାଣୀ
ଆରେ ଭାଇ ମିଳେ କି ବାସୀ ତୋରାଣୀ ।୩।
ଓଡ଼ିଶା ମୂଲକୁ ଦେଶ ଭାଇ ଡାକେ
ଡାକେ କପିଳାସ ବଣ

Digitized by srujanika@gmail.com

ଏବେ ମିଳେ ଟିକି ଓଡ଼ିଆ ଭାଇରେ
ପେଟପୂରା ଅରଜନ ?
ପଚାରଇ ତୋର ଧଉଳି ପାହାଡ଼
ନେଳିଆ ଚିଲିକା ପାଣି
କେତେ ଦୂରେ ତୋର ଓଡ଼ିଶା ମାଟିରେ
କାହିଁ ମହାନଦୀ ପାଣି ।୪।
ଦେଢଶ ବରଷ ତୋ ଦେଶୁ ଛାଡ଼ିଲୁ
ସେ କଥା କି ମନେ ନାହିଁ
ଆଡକାଟି ବୋଲେ ନିଜ ଲହୁଧାରେ
ଗିରିମିଟି କଲୁ ସହି;
ଫୁଲ ଟୋକାଇଏ ତୋଳିତୁ ଆଣିବୁ
ଟୋକାଇଏ ସୁନା ଛାଣି
ପ୍ରବଞ୍ଚନା କଥା ହେଜୁଁ ହେଜୁଁ ନେଡ଼ି
ଗୁଡ଼ ବୋହିଲା କହୁଣୀ ।୫।
ଯେ ଭଗାରୀ ଲାଗି ଦେଶ ଛାଡ଼ିଥିଲୁ
ହୋଇଥିଲୁ ପରବାସୀ
ବିଲାତି ସର୍କାର ଗୋରା ମାଲିକର
ପଲଟଣ ଚପରାଶୀ
ତୋ ଦେହୁ ରକତ ମାଉଁସ ନିଗାଡ଼ି
ଖାଇନିକି ସେହୁ ଟାଣି
ଆରେ ଭାଇ ଖାଇନିକି ସେହୁ ଟାଣି
କେତେ ଦୂରେ ତୋର ଓଡ଼ିଶା ମାଟିରେ
କାହିଁ ମହାନଦୀ ପାଣି ।୬।
ଆକାଶେ ଜାଗିଛି କଳା ବଉଦରେ
ଆସିଛି ତୋଫାନ ବାଆ
ତୋରି ହାତ ମୁଠା ସୁଦୃଢ଼ ଏକତା
ହୋଇଅଛି ଚଉବାହା
ତୋ ରକତ ପିଇ ଜିଇଁଛି ଯେ ଡାକୁ
ତାର ପିଳେହି ହେଲାଣି ପାଣି
ଡ଼ାକିଅଛି ଆଜି ଶୋଷିତର ଢ଼େଉ
ସାତ ଦରିଆ ଉଜାଣି ।୭।

❖

'ଆବାଜ' କବିତା ପୁସ୍ତକରେ ଚା' ବଗିଚାର କୁଲି ଶିରୋନାମାରେ ଏହି କବିତାଟି ପ୍ରକାଶ ପାଇଥିଲା। ପରେ ସ୍ୱୟଂ କବି କବିତାର ନାମ ଉପରୋକ୍ତ ଶିରୋନାମା ରଖିଛନ୍ତି। ଆସାମର ଚା' ବଗିଚାରେ ଖଟୁଥିବା ଦୁର୍ଦ୍ଦଶାଗ୍ରସ୍ତ ଓଡ଼ିଆ ଦାଦନ କୁଲିମାନଙ୍କ ସମ୍ପର୍କରେ ଅନୁସନ୍ଧାନ କରିବାକୁ ଯାଇଥିଲା ବେଳେ ୧୯୪୨ରେ କବିତା ରଚିତ ହୋଇଥିଲା। —ସମ୍ପାଦକ

Digitized by srujanika@gmail.com

ଭୁଲି ନାହିଁ

ଭୁଲି ନାହିଁ,   ଭୁଲି ନାହିଁ,
ଜନମ ମାଟି ମୋ ଭୁଲି ନାହିଁ।
ଛତର ଭାତରେ   ଅମୃତ ମଣୋହି
ଭୁଞ୍ଜେ ମୋର ଦେଶ ଭାଇ,
ଗଛମୂଳେ ଥାପି   ରାଜ ସିଂହାସନ
ବିକଳେ ରହେ ଅନାଇ
ଭୁଲି ନାହିଁ,
ଜନମ ମାଟି ମୋ ଭୁଲି ନାହିଁ।

କଂସ ରାଜୁତି ଆଜି
ଏବେ ଯାଇ ନାହିଁ ଭାଜି,
ନୟନେ ଲୋତକେ ଦେବକି ମାଆ ମୋ
ଖାଙ୍କୋଳି ବସେ ମାଜି,
ମୁକତି ଆସିନାହିଁ,
ଭୁଲି ନାହିଁ, ଜନମ ମାଟି ମୋ ଭୁଲି ନାହିଁ।
କେତେ ସୀତା ସତୀ କାଚ କାଢ଼ି ବସେ,
କୁସୁମ କୋମଳ ଶିଶୁ ଝଡ଼ି ଖସେ,
ବାଡ଼ି ବଢ଼ି ବୁଢ଼ି   ତୋ ଅଙ୍ଗେ ପରଶେ
ଶୀତଳ ମରଣ ଛାଇ
କୁକୁର ସାଥୀରେ   ମଣିଷ ଯୁଝଇ
ଅଇଁଠା ପତର ପାଇଁ।
ଭୁଲି ନାହିଁ,   ଭୁଲି ନାହିଁ
ଜନମ ମାଟି ମୋ ଭୁଲି ନାହିଁ।

❖

ରଚନାକାଳ : ଅକ୍ଟୋବର ୧୯୪୩, ବ୍ରହ୍ମପୁର ଜେଲ

Digitized by srujanika@gmail.com

ପଡିବ ପାଳି

(ରବୀନ୍ଦ୍ରନାଥଙ୍କର 'ଶେଷ ଖେୟା' ଗୀତର ପଙ୍କଜ ମଲ୍ଲିକଙ୍କର ସୁରରେ)

ପଡ଼ିବ ପାଳି, ଜୀବନ ଖାଲି
ନୁହେଁରେ ସୁଖ ପୁଷ ମାସ
ଫେରିବରେ ଫେରିବ ତୋ ଦିନ
ଯେଉଁ ମାଟିରେ ଲହୁ ଦେଇଛୁ ଯେ କଲେ ଢ଼ାଲୁ ନିଶ୍ୱାସ
ଅରଜନୁ ତୋ କେ କରେ ତୋତେ ଭିନ୍ନ
ତୋଳି ଧର,
ଏକତାର ଅବତାର ନିଶାଣ ତୋହର (ପଡ଼ିବ ପାଳି) । ଘୋଷା ।
ଗୁଳି କମାଣ ମେରୁ ପ୍ରମାଣ ଭାଙ୍ଗିଛି ତୋର ହାତ ମୁଠା
ଚୁରିଛି ଶତ ବନ୍ଧନ ଅମାରାତି
ଫୁତ୍‌କାର ତୋ ଅତ୍ୟାଚାର
ଜଳିଛି ଯେହ୍ନେ କୁଟାକାଠି
ମଶକ ଦଳ ଚୁମିଛି ଧରା ମାଟି
ତୋଳି ଧର,
ଏକତାର ଅବତାର ନିଶାଣ ତୋହର
ପଡ଼ିବ ପାଳି ।୧।
ତୋ ଜୀବନ ହୁଡ଼ କରି ଯେ ହୁଡ଼ିଲା ନିଜ ଜୀବନରେ
ତିଳ ତିଳ ମରଣ ତା'ର ହକ,
ପିଷ୍ଟ ଯେତେ ଖପୁରି ଖୋଳ
ପୂରିଲା ଯାର ବଦନରେ
ତ୍ରାହି କେବେ ପାଇବ ସେ ଅରକ୍ଷ ।
ତୋଳିଧର
ଏକତାର ଅବତାର ନିଶାଣ ତୋହର
ପଡ଼ିବ ପାଳି ।୨।

❖

୧୯୪୫ ମଇ ପହିଲା, କଟକ ସହର ।

Digitized by srujanika@gmail.com

କିଏ ସିଏ ?

ଭୂମିକା

କେନ୍ଦୁଝରର ଗୋନାସିକା ପାହାଡ଼ ଆଉ କୋରାପୁଟର ଦେଓମାଳି ଯୋଡ଼ିକ ଦୂରରୁ ଯୋଡ଼ିଏ ବିରାଟ ଗଣ୍ଡଭୈରବ ଚଢ଼େଇ ପରି ଦିଶନ୍ତି ।

ଏମାନଙ୍କର ଭିତରେ ବ୍ୟବଧାନ ବହୁଦୂର । ଯୁଗ ଯୁଗରୁ ଏହି ତଥାକଥିତ ଚଢ଼େଇ ଦୁଇଟି ଆପଣାର ଡେଣା ତଳେ ଅଜସ୍ର ଖଣି ସମ୍ପତ୍ତିକୁ ଉହାଡ଼ କରି ରଖିଛନ୍ତି ।

ବୈତରଣୀ ନଦୀ ଗୋନାସିକାରୁ ବାହାରିଛି । ଏଠାରେ ଗୋନାସିକା ପକ୍ଷିଣୀଟି ବୈତରଣୀର କଥା ଛଳରେ ଦେଓମାଳୀ ପକ୍ଷୀ ପାଖକୁ ଆପଣାର ପ୍ରେମଦୂତ ପଠାଉଛି ବୋଲି କଳ୍ପନା କରାଯାଇଛି ।

କିନ୍ତୁ ଏ ପର୍ଯ୍ୟନ୍ତ ବୈତରଣୀ ଦେଓମାଳି ପାଖରେ ପହଞ୍ଚି ପାରିନାହିଁ । ତେଣୁ ଓଡ଼ିଶା ଏବେ ବି ଶସ୍ୟ ଫଳ ସମ୍ଭାରରେ ଯେତେ ଉର୍ବରା ହୁଅନ୍ତା ତାହା ହୋଇପାରି ନାହିଁ ।

ଋଷିଆ ଦେଶର ମଝାଳରେ ୟୁରାଲ ବୁଦା ପାହାଡ଼ ଏଭଳି ଦୁଃଖ ଅଙ୍ଗେ ନିଭେଇ ଥିଲା । ସେହି ପାହାଡ଼ ଗୋନାସିକା ଆଉ ଦେଓମାଳିକୁ ପ୍ରବୋଧ କରୁଛି ।

ତା ୨୦ ଜାନୁଆରୀ, ୧୯୫୪
କଟକ ପ୍ରେସ

ଅନେକ କାଳର କଥା
ତେବେ ବି କହିଲି ରଖି
ଗହନ ବନରୁ ମଥା
ଟେକିଲେ ଦୁଇଟି ପକ୍ଷୀ ।୧।
ପକ୍ଷୀପରି ସିନା ଡେଣା
ପକ୍ଷୀ ପରି ପର ଗୋଡ଼
ଗୋରୁ ନାକ ପରି ହଣା –
ହୋଇଛି ଜଣକ ଥୋଡ଼ ।୨।

Digitized by srujanika@gmail.com

ଗୋନାସିକା ବୋଲି ତା'ରେ
ଚିଡ଼ାନ୍ତି ଦୁନିଆ ଯାକ
ଏଡ଼େ ମନୋହର ପକ୍ଷୀ
ଏଡ଼େ ଅସୁନ୍ଦର ନାକ ! ।୩।
ପାହାଡ ମାଳରେ ତେଣେ
ପୁରୁଷ ପକ୍ଷୀଟି ଥାଏ
କୋରୁଆଁ, ମହୁଲ ବଣେ
ପୀରତି ସଙ୍ଗୀତ ଗାଏ ।୪।

ନାମ ତା'ର ଦେଓମାଳି
ଶାଳଗଛ ମାଳାହାର
ସବୁଜ-ବରଣ ବାଳି
ରଚେ କି ତା' ଅଭିସାର ।୫।

ପକ୍ଷୀ ପରି ସିନା ବେନି
ଦିଶନ୍ତି ଆଖିକି ଭଲା
ପାଷାଣ ପାଷାଣୀ ଦିହେଁ
ଯେସନେ ନାରୀ ଅହଲ୍ୟା ।୬।
ଆଖିରୁ ଗଡାଇ ନୀର
ଗୋନାସିକା ଲେଖେ ଭାଷା;
ଉଚ୍ଛୁଳା ବଇତରଣୀ
କୂଳେ କୂଳେ ଭରି ଆଶା ।୭।

ଦେଓମାଳି ଦିଗେ ବହି
ବହି ପାରେ ନାହିଁ ବାଟ
କେତେ ସେ ଚିଟାଉ ଧାରା
ଭେଟଇ ଆପଣା ଘାଟ ।୮।
କାହିଁ ସାଳନ୍ଦୀ କାହିଁ
ବ୍ରାହ୍ମଣୀ ସଙ୍ଗେ ଜଡ଼େ
କେତେଦୂରେ ଦେଓମାଳି
ପାଦ ଥକି ଥକି ପଡ଼େ ! ।୯।

Digitized by srujanika@gmail.com

ବାଟ ଯାକ ଯାଏ କହି
''କେଡ଼େ ଅପରୁବ ଧନେ
ଗରଭେ ରଖିଛି ବହି
ଗୋନାସିକା ସଯତନେ'' ।୧୦।

''ଗୋନାସିକା ଦେଓମାଳି
ମିଳନରୁ ଏହି ଦେଶ
ସୁନାର ଫସଲ ଥାଳି
ଧରି ହେବ ନୂଆ ବେଶ'' ।୧୧।

ଚିଟାଉ ଧରିଣ ଦୂତ
ବଇତରଣୀର ଧାର
ସହର ଓ ଜନପଥ
ଉଛୁଳାଏ ବାରବାର ।୧୨।

''କେ ଅଛ ମଣିଷ ଛୁଆ
ମଣିଷର ହିତପାଇଁ
ଗୋନାସିକା ଗରଭରୁ
ଦଉଲତ ନେବ ବାହିଁ'' । ।୧୩।

''କେ ଅଛ ଅମର ଜୀବ
ନଦୀ ଧାରେ କରି ବେଣୀ
ଏହି ମାଟି ଆଲୋକିବ
ହସାଇ ଫସଲ ଶ୍ରେଣୀ''? ।୧୪।

ପ୍ରଥମେ ଆସିଲେ ଦଳେ
ଧନୁତୀର ଧରି ହାତେ
ପାହାଡ ତଇଲା ତଳେ
ଥରିଲା ଅନଳ ବାତେ ।୧୫।

ତା'ପରେ ଆସିଲେ ହଳ
ଲଙ୍ଗଳଧାରୀ ଚାଷୀ

Digitized by srujanika@gmail.com

କୁରାଢ଼ିର ଶାଣ ଫାଳ
ପତ୍ର-କୁଡିଆ-ବାସୀ ।୧୬।

ତାଙ୍କରି ପଛେ ପଛେ
ଆସିଲେ କେତେକେ ଜନ
ବାଳୁତର କୁତୂହଳ
ଭରିଥିଲା ଅପଘନ ।୧୭।

ଗୋନାସିକା ଦେହୁ ଚିରି
ରତନ ଗନ୍ତାଘର ।
କେତେ ମାଣିକ୍ୟ ଛିରି
ମୁଣି ହେଲା ଭରାଭର ।୧୮।

ସୁଦୂର ଦରିଆ ପାରି
ସାତ ସମୁଦର ବାହି
ଆସିଲେ କେତେ ବେଭାରି
ଗୋନାସିକା ପଥ ଚାହିଁ ।।୧୯।।

ଡାକିଲା ସେ ଗୋନାସିକା
ଆବର ସେ ଦେଓମାଳି
"କର ନାହିଁ କିଣା ବିକା
ମଣିଷର ଭାତଥାଳି ।୨୦।

"ମଣିଷର ହିତ ଲାଗି
ନ ଲାଗିବ ଯଦି ଧନ
ଆମରି ଆଖିର ନୀରେ
ହୋଇଯିବ ସିନା ଲୀନ ?" ।୨୧।

ବିଦ୍ରୂପ ହସ ହସି
ଚାହିଁଲେ ପକ୍ଷୀ ପାହାଡ
ସେ ମଣିଷ ଗଲେ କାହିଁ
ମାଟିରେ ଜମିଛି ହାଡ଼ ।୨୨।

Digitized by srujanika@gmail.com

ଅନେକ ଦୂର ଉତ୍ତରେ
ୟୁରାଲ ପାହାଡ଼ ବୁଢ଼ା
ମଧୁ ମାସ ଖରାବେଳେ
ବାନ୍ଧି ବସେ ଧଳା ଜୁଡ଼ା ।୨୩।

ଆକାଶେ ତାରକା ଭଳି
ତା' ଦେହେ ଆଲୋକ ଜଳେ
ତରଳ କଣ୍ଠ ଗଳି
ସଙ୍ଗୀତ ରୋଳ ଝଳେ ।୨୪।

ଦିନୁ ଦିନ ସେ ସଙ୍ଗୀତ
ମଧୁର ନିଘୋଷେ ଉଠେ
ତେଣୁଁ ସେ ପରଶ ଶୀତ
ଆସିଛି ଏ ନଦୀ ତୁଠେ ।୨୫।

ୟୁରାଲ କହଇ ଡାକି
"ଶୁଣ ଆରେ ଗୋନାସିକା
ଦୁଃଖର ଯେତେ ସାକ୍ଷୀ
ଯେତେ ହେଲ କିଣାବିକା ।୨୬।

"ତୁମ ପରି ମୁହିଁ ଦିନେ
ହୋଇଥିଲି ହିନିମାନ
ମୋହରି ବଣ ପୁଲିନେ
ଲଭିଥିଲି ଅପମାନ ।୨୭।

"କେତେ ଲୋଭୀ ସାହୁକାର
ଗରିବ କରିଲେ ମୋତେ
ବୋହିଲେ ମୋ ଗନ୍ତାଘର
ଅନଳ ବାମ୍ପ ପୋତେ ।୨୮।

"ମରାମରି ହୋଇ ମଲେ
ହେଲି ମୁ ବୁଢ଼ା, ପାହାଡ଼ ।

Digitized by srujanika@gmail.com

ମୋହରି ବାଟରେ ଏବେ
ଜମିଛି ତାଙ୍କରି ହାଡ଼ ।୨୯।

"ତା ପରେ ଆସିଲା ଜଣେ,
ହାତେ ନାହିଁ ହତିଆର;
ନଥିଲା ଖଣତି ଲୁହା
ନଥିଲା ବନ୍ଧୁକ ତା'ର ।୩୦।

"ଆଖିରେ ମଶାଲ ଜାଳି
ପିଠିରେ ବେଦନା ଝୁଲି
ଚନ୍ଦା ଠୁରା ଲୋକଟି
ଏ ବାଟରେ ଗଲା ବୁଲି ।୩୧।

"ହେ ୟୁରାଲ ପିତାମହ
ନମସ୍କାର, ନମସ୍କାର'
ଡାକନ୍ତେ ସେ ଲୋକ ଧୀରେ
ଜଡ ହାତ ମୁଠା ମୋର ।୩୨।

"ଅକସ୍ମାତ ପାଇ ଜୀବ
ଭୀମ ବେଗ ବିଜୁଳିର
ଉଠିଲା ଆକାଶ ଭରି
ପାଇଗଲା ସିନ୍ଧୁ ତୀର ।୩୩।

ୟୁରାଲ – "କିଏ ତୁମେ, କିଏ ତୁମେ
ମଣିଷର ଆଶାବାଡୀ
ହତଶୀରା ବନଭୂମେ
କାହିଁକି ଆସିଲ ଚାଲି" ।୩୪।

"କହିଲା ସେ ହସି ହସି
ଆସିଛି ଦେଖିବା ପାଇଁ
ତୁମରି ଧନରୁ ନେବି
ମଣିଷର ହିତ ପାଇଁ ।୩୫।

Digitized by srujanika@gmail.com

''ହଠାତ୍ ମୋତେ ଲାଗିଲା
ଠିକଣା ମଣିଷ ପିଲା
ଆସିଛି, ଏତେ ଦିନକେ
ଆମର ଦୁଃଖ ସରିଲା ।୩୬।

''କହିଲି ତାହାରେ ଡାକି
'ତୁମକୁ ଖୋଜିଛି ବାବୁ,
ଲୋଭୀ ଧନୀ ଯେତେ ଡ଼ାକୁ
ଦୁନିଆକୁ କଲେ କାବୁ'' ।୩୭।

''ଖାଲି ତ ଆପଣା ପାଇଁ
ଖାଲି ତ ଖୋଜିଲେ ସୁନା
ସୁନାଠାରୁ ଅପରୂବ
ଧାତୁ ମୋ ଗରଭେ ବୁଣା'' ।୩୮।

''ନ ଦେଖି ଅନ୍ଧ ଚୋର
ମଲେ ହୋଇ ହଣାହଣି
ରକତେ ବୁଡ଼ିଲା ଘୋର
ମୋ ଆଖି ଝୁରାଇ ପାଣି ।୩୯।

''ଧନ୍ୟ ସେ ମାଆ ପୁଅ
ଧନ୍ୟ ସେ ମାଟି କୁଆ
କହିଲା 'ପିତାମହ
ପୁରଣା ହେଲା ଉଜୁଆଁ'' ।୪୦।

''ତା କଥା ସରୁ ନସରୁ
ମାରିଲି ମୁହଁ କୁହାଟ
ଡାକିଲି 'ହେ ମହାମେରୁ
ହେ ଘୋର କାନନ ପାଟ ।୪୧।

''ଆସିଛି ଠିକଣା ଲୋକ
ଠିକଣା ମଣିଷ ପିଲା
ଏତେ ଦିନ ପରେ ଆମ
ପହରା ଦିଆ ସରିଲା ।୪୨।

Digitized by srujanika@gmail.com

''ତାହାରି ହାତରେ ସଁପି
ଆମ ଦଉଲତ ଭାର
ବିଶ୍ରାମ ନେବା ଏବେ
ପାହାଡ଼ କାନନ ମାଳ ।'' ।୪୩।

''ତରଳ କଣ୍ଠ ଭରି
ଯୁଗ ଯୁଗାନ୍ତ ଆଶା
ବୁକୁର କଳିକା ଥରି
ମଣିଷର ମହାଭାଷା ।୪୪।

ପୁକାରିଲା 'ପିତାମହ
ଭୟ ନାହିଁ ଭୟ ନାହିଁ
ଏହିଥର ଗଢାହେବ
ଆମରି କର୍ମଭୂଇଁ ।୪୫।

''ଯଦି ମୋ ଜୀବନ କାଳ
ସରିଯିବ ଆଗତୁରା
ମୋହର ଯୋଗ୍ୟ ସାଥୀ
ମୋ କାମ କରିବେ ପୁରା'' ।୪୬।

ଏତିକି କହି ସେ ବୀର
ଚାଲିଲା ଲମ୍ବା ବାଟେ
ଯେତେ ସେ ଚଳିଲା ଦୂରେ
ଆହୁରି ଝଟକି ଉଠେ ।୪୭।

ପର୍ବତ ଆଉ ବଣ
ତାକୁ ନ କରେ ଉହାଡ଼
ଯେତେଦୂର ଯାଏ ଚାଲି
ତେତେ ଦେଖାଯାଏ ବଡ଼ ।୪୮।

Digitized by srujanika@gmail.com

ଚାଲିଛି ସେ ସଇକତେ
ମେରୁର ବରଫ ପାରେ
କୋରିଆ ଫସଲ କ୍ଷେତେ
ଲୋହିତ ନଦୀର ଧାରେ ।୪୯।

''ବରଲିନ କଳଘରେ
ଶୁଭେ ତା ହାତୁଡ଼ି ଚୋଟ
ଚିଲି ଦେଶ ଖଦାନରେ
ହୋଇଛି ମଶାଲ ହାତ ।୫୦।

''ସେ ଆସିବ, ସେ ଆସିବ
ସବୁଦିନ ସାଜେ ଧରା
ଆଗୋ ଗୋନାସିକା ରାଣୀ
ସାଜ ଗୋ ବରଣ ମାଳା ।୫୧।

''ପ୍ରପାତର ଲୁହଧାର
ଛନ୍ଦିବ କରି ବେଣୀ
ବାନ୍ଧିବ ନଇ ନାଳ
ହସିବ ଫସଲ ଶ୍ରେଣୀ ।୫୨।

''ମଣିଷର ପୁରେ ପୁରେ
ଶାନ୍ତିର କୋଳାହଳ
ସବୁରି ମଥାନ ଚୂଳେ
କପୋତ ଭରିବ ନୀଡ ।୫୩।

ଜୀବନର ଜୁଆଖେଳ
ମରଣର ବିଭୀଷିକା
ପାଦେ ଦଳି ହସି ଦେବୁ
ଆଗୋ ରାଣୀ ଗୋନାସିକା ।୫୪।

(ତୁମେ ବିଚାରୁଥିବ ଏଟା ଗୋଟାଏ କାହାଣୀ । ପାହାଡଟାଏ ଚଢ଼େଇପରି । ଆଉ ଗୋଟାଏ ପାହାଡ ପୁଣି ବୁଢ଼ା ମଣିଷ । ସେ ପୁଣି କଥା କହୁଛି ।

Digitized by srujanika@gmail.com

ତା' ଛଡା ଯେଉଁ ଲୋକଟା ଦୂରକୁ ଚାଲିଗଲା ସେ ସିନା ଛୋଟ ହୋଇ ଲୁଚି ଯାଆନ୍ତା । ସେ ପୁଣି ବେଶି ବଡ଼ ହୋଇଗଲା କିପରି ?

ପୁଣି ଲୋକଟା ଦୁନିଆର ବିଭିନ୍ନ ଦେଶରେ ଏକାବେଳକେ ଚାଲିଛି, କାମ କରୁଛି, ଏ ବି କିପରି କଥା ?

ମୁଁ ମାନୁଛି ଏହା ଗୋଟିଏ କାହାଣୀ । କିନ୍ତୁ ଏମିତ ଯେ ଗୋଟିଏ ଲୋକ ଥିଲା, ତାହା ସତ୍ୟ । ସେ ଏବେ ମଧ ଅଛି । କିପରି ?

ଗୋଟିଏ ଲୋକର ଯୋଡ଼ିଏ ପୁଅ ଥିଲେ । ମଲାବେଳକୁ ଲୋକଟି ପୁଅ ଦୁହିଁଙ୍କୁ ଡାକି କହିଲା "ଆରେ ପୁଏ, ତୁମେ ଯେଉଁଠିକି ଏ ସଂସାରରେ ଯିବ ସେଇଠି ଗୋଟାଏ ଗୋଟାଏ ଘର ତୋଳିବ । ତାହାହେଲେ ମୁଁ ଶାନ୍ତିରେ ମିରିବି ।" ପୁଅ ଦୁହେଁ ବାପା କଥାରେ ହଁ ଭରିଲେ । ବାପ ମଲାରୁ ବଡପୁଅ ଯେଉଁଆଡ଼େ ଗଲା ସେଇଠି ସଡକୁ ସଡ ଗୋଟାଏ ଘର ତୋଳିଲା । ଏମିତି ତୋଳୁ ତୋଳୁ ତାର ସବୁତକ ସମ୍ପତ୍ତି ସରିଗଲା, ସେଠିଁ ସେ ଭୟରେ ଆଉ ଘରୁ କୁଆଡେ ବାହାରିଲା ନାହିଁ । କାରଣ ଘରୁ ବାହାରିଲେ ତ ଯେଉଁଠିକି ଯିବ ସେଠାରେ ଗୋଟାଏ ଘର ତୋଳିବାକୁ ପଡିବ ।

ଏଣେ ସାନପୁଅ କ'ଣ କଲା ନାଁ ଯେଉଁଠିକି ଗଲା ସେଇଠି ତାର ଗୋଟିଏ ଗୋଟିଏ ବନ୍ଧୁ କରି ନେଲା । ତେଣୁ ସବୁଠିଁ ସେ ଘର ତୋଳିଲା ପରି ଆଦର ପାଇଲା । ଆଉ ସେ ବେଶି ବେଶି ବାହରକୁ ଗଲା ।

ଠିକ ସେହିପରି ଏହି ମଣିଷ ଜଣକ ଯଦି ଏକାବେଳକେ ସବୁଆଡ଼େ ଯାଇଥାଆନ୍ତେ ତେବେ କ'ଣ ଯାଇପାରନ୍ତେ ? ଜଣେ ଲୋକ ତ ! ଆଉ ସେ ଯେତେ ଭଲ ଭାବରେ ରହିଲେ କ'ଣ ଚିରକାଳ ବଞ୍ଚିପାରନ୍ତେ । କିନ୍ତୁ ସେ ଏପରି ଭଲଲୋକ ଥିଲେ, ଏପରି ପରହିତକାରୀ ଥିଲେ ଯେ ତାଙ୍କ ଭଳି ହଜାର ହଜାର ଲୋକଙ୍କୁ ଗଢ଼ି ଦେଇଗଲେ । ଆଉ ସେମାନେ ବି ଆହୁରି ହଜାର ହଜାର ଲୋକଙ୍କୁ ଗଢ଼ିଲେ । ଏଭଳି ସେ ସଂସାର ଯାକ ବ୍ୟାପୀ ଗଲେ ଆଉ ଏଭଳି ବି ସେ ସବୁକାଳେ ବଞ୍ଚି ରହିଲେ ।

ତୁମେ କ'ଣ ତାଙ୍କ ଭଳି ହେବାକୁ ଇଚ୍ଛା କର ନାହିଁ ?

❖

Digitized by srujanika@gmail.com

ହେ ଜନମ ମାଟିର ବିନ୍ଧାଣୀ

ହେ ଜନମ ମାଟିର ବିନ୍ଧାଣି
ହେଜ ତୁ ମନେ ହେଜ ହେଜରେ
ଲଢ଼ିଲୁ ସଢ଼ିଲୁ କାରାଗାରେ ବରିନେଲୁ ମୃତ୍ୟୁ ଶେଯରେ ।ଘୋଷା।
ସାତ ପର ହାତେ ଦେଶ ମାଟି
ଭାତ ପାଇଁ ଗଲା ଗଲା ଫାଟି
ମାତିଲ ମୁରୁଛି ଜୀବନ ସୋହାଗ, ଜାତିର ଲଢ଼ାଇ ତେଜରେ ।୧।
ବନ୍ଧନ ଘୋର ଅମା କାଟି
ରକତ ସକାଳ ସିନ୍ଦୁରାଟି
ଫୁଟାଇଲୁ ତୋର
ଲହୁର ସାଗରେ, ତୁଟାଇ ବିଲାତ ରାଜରେ ।୨।
ପାର ହେଲୁ କେତେ ସତ୍ୟାଗ୍ରହ
କେତେ ସେ କରୁଣା ଅନୁଗ୍ରହ
କେତେ ନାଲି ଆଖି ପଗଡ଼ି ପିଆଦା ନିଲାମ କଚେରୀ ମେଜରେ ।୩।
ସାମନ୍ତବାଦର ପୋଷା ମୂଷା
କେତେ ବହୁରୂପୀ ବେଶଭୂଷା
ନୀତିବଚନିକା ବଖାଣି ହେଲେଣି ଉଦ୍ଧରିବା ଲାଗି ସଜରେ ।୪।
ଭାଇ ହାତେ ଭାଇ ହାତ ଛନ୍ଦି
ଆପଣା ହାଡ଼ରେ ସେତୁ ବାନ୍ଧି
ଗଢ଼ିଲ ଏକତା କୃଷକର ସଭା, ଦେଶ ପ୍ରେମ ଗରଜରେ ।୫।
ଶ୍ରମିକ, କୃଷକ, ମଧ୍ୟବିତ୍ତ
ଯେତେକ ଅଛୁଆଁ, ନିର୍ଯ୍ୟାତିତ
ସବୁରି ହାତର ପ୍ରଚଣ୍ଡ ପ୍ରହାରେ
ଭାଙ୍ଗିଛି ଶୋଷକ ତେଜରେ ।୬।
ଆକାଶେ ସିନ୍ଦୁରା ଫାଟିଲାଣି
ଶୁଭ କୁମ୍ଭାଟୁଆ ରଟିଲାଣି
ନବୀନ ଉଷାରେ ସୈନିକ ଦଳ
ଗଢ଼ିବ ଶ୍ରମିକ ରାଜରେ। ।୭।

ରଚନାକାଳ : ଜୁଲାଇ ୧୯୪୮

Digitized by srujanika@gmail.com

ମାଡ଼ିଆସେ ଘନଘୋର ଅନ୍ଧାର

କେଉଁ ଦୂର ବନସ୍ତରେ ବାହୁନି ବାହୁନି କାନ୍ଦେ
କପୋତ ଜନନୀ ହାୟ, ହାୟରେ !
ମାଣ ପୁରିଗଲା, ପୁଅ ନ ଉଠିଲା
ବେଳ ବୁଡ଼ି ସଞ୍ଜ ରତ ରତ,
ମାଡ଼ି ଆସେ ଘନ ଘୋର ଅନ୍ଧାର ।
କେଉଁ ବନସ୍ତରେ ନିରୋଳା କୁଟିରେ
ଏକାକିନା ଝୁରେ ମାତା,
ନାଆ ବୋହିଗଲା ଆଉ ନ ଫେରିଲା
ଭୁଲିଲା ଜନନୀ କଥା ।
ଖର ନଈ ପାଣିରେ ବାହିଲା ଉଜାଣିରେ
ବାଜି ଗଲା କାହିଁ କେତେ ଦୂର ।
ମାଡ଼ିଆସେ ଘନ ଘୋର ଅନ୍ଧାର !
ବଡ଼ ସେ ଅଝଟ ପୁଅ ବଡ଼ ଅମାନିଆ
ମାନେନା ସେ କଳାରାତି
ବନ, ଝଡ଼, ବାଆ ଲୋ
ବାଲୁତର ହିଆ ଲୋ
ବନ, ଝଡ଼ ବାଆ ।
ନିହାତି ସେ ହିନିମାନୀ ନାଉରିଆ ଛୁଆ,
ବୁଝେ ନା ସେ ଏତେ ଅବା ବାଲୁତର ହିଆ;
ସଇନିକ ସାଜି କାହିଁଗଲା ବାଜି
ସମର ହେବକି ଶେଷ;
ଆଉ କେତେ କାଳ ଜଳିବ ଅନଳ
ବାଜିଆ ଫେରିବ ଘର,
କେତେ ଶତ ଜନନୀ ଚାହିଁଛି ଏ ଧରଣୀ
ବାଜିଆ ଫେରିବ ଘର,
ମାଡ଼ିଆସେ ଘନ ଘୋର ଅନ୍ଧାର !

❖

ରଚନାକାଳ : ୧୯୫୩

Digitized by srujanika@gmail.com

ଚନ୍ଦ୍ରାହତ

ମୁଁ ତୁମକୁ ଚାହେଁ
 ଆଖିରେ ନୁହେଁ ପ୍ରାଣରେ;
କେବଳ ମନର ହରଷ ପାଇଁ ନୁହେଁ
 ଦେହର ପରଶ ପାଇଁ
ବହୁ ଜନମର ଏ ମୋର ସାଧନା
 ବହୁ ଜନତାର
ବହୁ କବିର ଏ ଯେ ଯୁଗ ଯୁଗର ବାସନା
 ବହୁ କବିତାର
ବହୁ ବାଲୁତର ଏ ଯେ
 ଆରତ ଆକୁଳ କାନ୍ଦଣା।
ବହୁ ବାଲୁତର
ବହୁ ବିରହୀର ଏ ଯେ ସ୍ମରଣ ବିଧୁର ଯାତନା
 ବହୁ ନିଶିଥର।
କେବଳ ଆଖିରେ ନୁହେଁ
 ଦେହରେ
କେବଳ ମନର ହରଷ ପାଇଁ ନୁହେଁ
 ଦେହର ପରଶ ପାଇଁ
 ମୁଁ ତୁମକୁ ଚାହେଁ।
କେତେ ଜ୍ୟୋସ୍ନାରେ ତୁମକୁ
 ସାକ୍ଷୀ ମାନିଛି,
କେତେ ଆତ୍ମୀୟତାର
 ରାକ୍ଷି ଟାଣିଛି
କେତେ ବାଲୁତର ମାତୁଳ କରିଛି
 ବନ ହରିଣୀକୁ ବାତୁଳ କରିଛି।
ତଥାପି ତୁମକୁ
 ଯେପରି ପାଇବାର ପାଇ ନାହିଁ,
ଯେପରି ଚାହିଁବାର ଚାହିଁ ନାହିଁ,

Digitized by srujanika@gmail.com

କେବଳ ମନର ହରଷ ପାଇଁ ନୁହେଁ,
ତୁମକୁ ମୁଁ ଚାହେଁ
ଦେହର ପରଶ ପାଇଁ.....
କେତେ ଅପବାଦର ନାଗରା
ତୁମ ନାଁରେ ନ ବାଜିଛି ?
ତୁମେ ଆଦର୍ଶ କଳଙ୍କିନୀ ?
ତୁମେ ହିଁ ତୁଳନାର ଉପମାନ
ତୁମେ ହିଁ ଜଡ
ନିଷ୍କରୁଣ ମରୀଚିକା,
ମେଘମାଳାରେ ତୁମର ଲୁଚକାଳି
ଏକ ଦୂରନ୍ତ ପ୍ରଲୋଭନ !
ତୁମେ ବର୍ଷବ୍ୟାପି ଧୂର୍ତ୍ତ ଅସ୍ଥିରତା,
ଚିର ରହସ୍ୟ ଘେରା ତୁମ ପୃଷ୍ଠ ଦେଶ
ନିଶିଥ କୃଷ୍ଣ କବରୀ
ଯେପରି ବିଶ୍ୱାସର ସୀମା ଶେଷ ।
ତଥାପି ମୁଁ ତୁମକୁ ଚାହେଁ
ଦେହର ପରଶରେ
ଖାଲି ମନର ହରଷରେ ନୁହେଁ
ଦଗ୍ଧ ହେବାର ଗର୍ବରେ
ମୃତ୍ୟୁର ଚରମ ପର୍ବରେ
ସ୍ଥିତି ରଶ୍ମି ବା ପରମାଣୁର
କ୍ଷୟିଷ୍ଣୁ ଆଘାତ ସତ୍ତ୍ୱେ
ମୁଁ ତୁମକୁ ଚାହେଁ
ସୁଧା ବୋଲି ହଳାହଳ ପିଇବାକୁ ଚାହେଁ ।

ଧରଣୀର ସଭ୍ୟତା ଠାରୁ
ତୁମର ଜନହୀନ ମରୁଭୂମିକୁ ଚାହେଁ,
ଏଠି ମୋର ଅକ୍ଷୟ ଜୀବନ ଥାଉ
ମୁଁ ତୁମ ବକ୍ଷରେ ଅନନ୍ତ ମୃତ୍ୟୁ ଚାହେଁ.. ।

❖

Digitized by srujanika@gmail.com

ଏକ ହୁଅ

କାରଖାନା, ଖଳାବାଡ଼ି, ଖାଦାନ, ବାଗାନରେ
ଏକ ହୁଅ
ଏକ ହୁଅ ତୁ ଭାରତ ଜନତା
ସଂଗ୍ରାମର ମଇଦାନରେ।

ନାରୀ ବା ପୁରୁଷ, ତୁବା ହିନ୍ଦୁ ମୁସଲମାନରେ
ଭାତ, ଭୂଇଁ, ସ୍ୱାଧୀନତା
ଦାବୀ ତୋ ସମାନରେ
ହେଉ ପଛେ ଶତ ପାର୍ଟି, ଶତ ଅନୁଷ୍ଠାନରେ
ଏକ ହୁଅ,
ଏକ ହୁଅ ତୁ ଭାରତ ଜନତା
ସଂଗ୍ରାମର ମଇଦାନରେ। ।୧।
ହପ୍ତାକ ଖୋରାକେ ସାରି ମାସକ ମଜୁରୀରେ
ମରନା ମରନା ତୁହି ପଡ଼ି ପାଇଁ ଝୁରୀରେ
ଗୋରା କଳା ସେଠ ଦଳ ବୁନିୟାଦ ଚୂରିରେ
ଉଠା ଉଠା ବନ୍ଧ ମୁଠା ହାଣୁ ଆସମାନରେ;
ଏକ ହୁଅ
ଏକ ହୁଅ ତୁ ଭାରତ ଜନତା
ସଂଗ୍ରାମର ମଇଦାନରେ । ।୨।

କାରଖାନା, ଖଳାବାଡ଼ି, ଖାଦାନ, ବାଗାନରେ...।
ଭୁଲନା ତୁ ଭୁଲନା
ବିପୁଳ ତୋ ଲଢ଼ାଇର ମୁକତିର ମୂର୍ଚ୍ଛନା,
ଭୁଲନା ତୁ ଭୁଲନା
ଯେ କୌଣସି ଜାତି ତୁଳେ
ହୁଏ ତୋର ତୁଳନା,
ଭୁଲନା ତୁ ଭୁଲନା
ବନ ଭୂମି ଜନପଦେ ରକତର ଝରଣା
ଅକାତରେ ବୁହାଇଛୁ ନକରି ତୁ ଶୋଚନା,

Digitized by srujanika@gmail.com

ଭୁଲନା ତୁ ଭୁଲନା
ଧନ୍ୟ ତୋର ଜନ୍ମମାଟି ବୀର ବଳିଦାନରେ
ହେଉ ହେଲେ କେତେ ଜଣ
ଲୋଟା ବେଇମାନରେ

ବିଦେଶୀ ଦଲାଲ ସିଏ ଜାତି ଅପମାନରେ
ଝୁଠା ସିଏ, କୁଟାଖିଏ ମୁକତି ତୋଫାନରେ
ଏକ ହୁଅ,
ଏକ ହୁଅ ତୁ ଭାରତ ଜନତା
ସଂଗ୍ରାମର ମଇଦାନରେ ।୩।
ଏ ଦେଶ ମାଲିକ ହୋଇ ରହିଲୁ ଗୋଲାମ
ଦର ବଢ଼ଇ ମଜୁରୀ ନ ବଢ଼େ ଛଦାମ
ଫସଲ ଫଳାଇ ଚାଷୀ ଦୁଃଖେ କାଟେ ଯାମ,
ଜିନିଷ ପତ୍ର ଭରିଛି ବିରଲା ଗୋଦାମ
ଭିଟାହରା କୁଲାବାଲା ମାଉଁସ ନିଲାମ
ମାନ୍ୟବର ସାଆନ୍ତଙ୍କ ଭୋଜି ଧୁମ୍ ଧାମ୍
ଭୋକି ତୁଣ୍ଡେ ଭରି ଦିଏ ରଘୁ ରାଜା ରାମ
ମନେ କରେ ଅନ୍ଧ ତୁ'ରେ ନାହିଁ ଆଖି କାନରେ
ନିଶବଦେ ଜଳେ ଜୁଇ
କୋଟି କୋଟି ପ୍ରାଣରେ ।
ଏସିଆର ପଥେ ଘାଟେ ମୁକତି ନିଶାଣରେ
କଲୋନୀର ଯୁଗଯୁଗ ରାତି ଅବସାନରେ
ଏକ ହୁଅ,
ଏକ ହୁଅତୁ ଭାରତ ଜନତା
ସଂଗ୍ରାମର ମଇଦାନରେ ।
କାରଖାନା, ଖଳାବାଡ଼ି, ଖାଦାନ, ବାଗାନରେ । ୪ ।
ଦୁନିଆର ଜନତାରେ ଜୁହାର ରେ ଜୁହାର
ମୁହାଣରେ ଲାଗିଛି ତୋ ଜୁଆରରେ ଜୁଆର
ଶାନ୍ତିର କପୋତ ଉଡ଼େ ଦୁଆରରେ ଦୁଆର
ଚାଇନା ଜନତା ମାତେ ହୋଇଲାଣି କାବାର
ଆମେରିକା ଯୁଦ୍ଧ ପେଟା ହୋଇଲାଣି ବାହାର
ତୋରି ବୁକେ ଅବଶେଷେ ଲୋଡ଼ିମରେ ଥାନରେ

Digitized by srujanika@gmail.com

ଏକ ହୁଅ ... ...
ଏକ ହୁଅ ତୁ ଭାରତ ଜନତା
ସଂଗ୍ରାମର ମଇଦାନରେ ।

କାରଖାନା ଖଳାବାଡ଼ି ଖାଦାନ ବାଗାନରେ......
ଏ ଆକାଶ ଏହି ବାୟୁ

ଯେବେ ତୁହି ଭଲପାଉ,
ଏକ ହୁଅ, ଏକହୁଅ

ମଣିଷର ପରମାୟୁ
ଯେବେ ତୁହି ଭଲପାଉ,
ଏକ ହୁଅ, ଏକ ହୁଅ
ଶାନ୍ତିକାମୀ, ମୁକ୍ତିକାମୀ
ଏକ ହୁଅ, ଏକ ହୁଅ
ତୋ' ଭୋକିଲା ପେଟ ଡାକେ,
ଏକ ହୁଅ, ଏକ ହୁଅ
ତୋ ଫସଲ ଲକ୍ଷ୍ମୀ ଡାକେ,
ଏକ ହୁଅ, ଏକ ହୁଅ
ତୋ ଖଣି, ଖାଦାନ ଡାକେ
ଏକ ହୁଅ, ଏକ ହୁଅ
ତୋ ବନ ଜଙ୍ଗଲ ଡାକେ,
ଏକ ହୁଅ, ଏକ ହୁଅ
ତୋ କୁଟିର ରାଣୀ ଡାକେ
ଏକ ହୁଅ, ଏକ ହୁଅ
ତୋ କୋଣାର୍କ, ତାଜ ଡାକେ
ଏକ ହୁଅ, ଏକ ହୁଅ
ତୋ ସ୍କୁଲ, କଲେଜ ଡାକେ
ଏକ ହୁଅ, ଏକ ହୁଅ

Digitized by srujanika@gmail.com

ତୋ ବଡ଼ ଦେଉଳ ଡାକେ
ଏକ ହୁଅ, ଏକ ହୁଅ
ଗିର୍ଜା, ଗୁରୁଦ୍ୱାର ଡାକେ
ଏକ ହୁଅ, ଏକ ହୁଅ
ମନ୍ଦିର, ମସ୍‌ଜିଦ୍ ଡାକେ
ଏକ ହୁଅ, ଏକ ହୁଅ
ତୋ ପିଲା କବିଲା ଡାକେ
ଏକ ହୁଅ, ଏକ ହୁଅ
ତୋ ଜନମ ମାଟି ଡାକେ
ଏକ ହୁଅ, ଏକ ହୁଅ
ମଣିଷକୁ ମାରିବାର ପରମାଣୁ ବାଣରେ
ଯେହୁ ଗଢ଼ି ଗଦା କରେ ମେରୁ ପରିମାଣରେ
ଅୟୁତ ଯୋଜନୁ ଯିଏ ଏ ମାଟି ଚଟାଣରେ
ମୁନାଫା ବଜାର ଲାଗି ଅସ୍ତ୍ର କରେ ଶାଣରେ
ତା' ବିନାଶେ ନିର୍ବିଶେଷେ ହୁଅ ତୁ ନିଶାଣରେ
ହେଉ ପଛେ ଶତ ମତ
ଏକ ଅଭିଯାନରେ....
ଏକହୁଅ,
ଏକ ହୁଅ ତୁ ଭାରତ ଜନତା
ସଂଗ୍ରାମର ମଇଦାନରେ
କାରଖାନା, ଖଳାବାଡ଼ି, ଖାଦାନ, ବାଗାନରେ.....।

❖

ମଇ ପହିଲା ୧୯୫୨, କଟକ ଜେଲ

Digitized by srujanika@gmail.com

ଲାଲ୍ ଓଡ଼ିଶା ମାଟି

ପ୍ରଣାମ ନିଅ, ସଲାମ ନିଅ
ଯେତେକ ବୀର ସାଥୀ ମୋ
ଲାଲ୍ ଓଡ଼ିଶା ମାଟି ।
ଖାଦ୍ୟ ବିନା ଯେ ମାତା ସ୍ତନୁ ଶୁଖିଛି ଆଜି କ୍ଷୀର
ବସ୍ତ୍ରାଭାବେ ଯେ ଜାତି ଦୁଃଖେ ନୟନୁ ଢାଳେ ନୀର ।
ଅଭାବ ଭୋକେ ଯେ ଶିଶୁ ଆଜି
ଜନନୀ କୋଳେ ପଡୁଛି ଭାଜିରେ
ସଲାମ ନିଅ, ସଲାମ ନିଅ, ଦୃପ୍ତ ବୀର ଜାତିରେ...
ଲାଲ୍ ଓଡ଼ିଶା ମାଟି ।
ଜାଗରେ ଜାଗ କ୍ଷୁଧିତ ଦଳ
ଜାଗରେ ବୀର ପାଇକ ବଳରେ...
ଭଙ୍ଗାହାଡ଼େ ଗଢ଼ ତୁ ଆଜି ନୂତନ ବାରବାଟିରେ...
ଲଲ୍ ଓଡ଼ିଶା ମାଟି ॥
ବାହାରେ ଆଜି ମାତିଛି ଝଡ଼, ଶୋଷକଦଳ ଗୁମାନ ବଢ଼ରେ...
ଇଗଲ ସମ ହଲାଇ ପର ତୋ ଭୂଇଁ ଯାଏ ଚାଟିରେ...
ଲାଲ୍ ଓଡ଼ିଶା ମାଟି... ।
ଆଖିରେ ତୋ' ମଶାଲ ଜଳା, ଅଫିମ ପରି ଭୀଷଣ କଳାରେ
ନିଭାଇ ଦେ ଅଶ୍ଲୀଳ ଏ ନିଷ୍ପ୍ରଦୀପ ରାତିରେ...
ଲାଲ୍ ଓଡ଼ିଶା ମାଟିରେ ।
ଜନମ ମାଟି ନାଆଁରେ ତୁହି, ଶପଥ କର ଛୁଇଁ ଏ ଭୂଇଁରେ
ପେଟର ଭୋକ ବାହାର ଝଡ଼ ସକଳ ଯିବୁ କାଟିରେ
ଲାଲ୍ ଓଡ଼ିଶା ମାଟି.... ।
ସଲାମ ନିଅ, ପ୍ରଣାମ ନିଅ, ଯେତେକ ବୀର ସାଥି ମୋ,
ଲାଲ୍ ଓଡ଼ିଶା ମାଟି.... ।

❖

ରଚନାକାଳ : ୧୯୪୩ ଏପ୍ରିଲ ୩୦ ତାରିଖ

Digitized by srujanika@gmail.com

ଜ୍ୱାଳରେ, ଜ୍ୱାଳରେ

ଜ୍ୱାଳରେ, ଜ୍ୱାଳରେ
ଅତ୍ୟାଚାର ଅବରୋଧେ ମୁକତି ମଶାଲରେ...
ଜୀବନର ପଥେ ଯେତେ ବାଧା ପରମାଦ ରେ
କାରାଗାର ଫାସିଖୁଣ୍ଟ ମାଡ଼ିଚାଲ ପାଦରେ
ଆଉ କେତେ କାଳରେ
ଏ ଧରା ହୋଇବ ଆମ ଲହୁଧାରେ ଲାଲରେ
ଜ୍ୱାଳରେ.... ଜ୍ୱାଳରେ....
ଅତ୍ୟାଚାର ଅବରୋଧେ ମୁକତି ମଶାଲରେ।

ଦେଶେ ଦେଶେ ଜଳିଲାଣି ମୁକତିର ଆଲୁଅ
ସାବଧାନ ତୁ ହୁଅ
ଧରାରେ.... ଧରାରେ....
ଚୁମିଲାଣି ପାଷାଣର କାରାରେ
ମୁକତିର ଧାରାରେ
ଚୁମିଲାଣି ବିନ୍ଧ୍ୟ ହିମାଚଳରେ।
ଜ୍ୱାଳରେ...., ଜ୍ୱାଳରେ....
ଅତ୍ୟାଚାର ଅବରୋଧେ ମୁକତି ମଶାଲରେ।

ପରଦେଶୀ ସରକାର, ସଇତାନ ପୋଲିସ
ସାବଧାନ ସାବଧାନ ଏହି ଆମ ନାଲିସ
ଟାଳରେ ଟାଳରେ
ଯୁଗ ଯୁଗ ଅତ୍ୟାଚାର ରକ୍ତ କରବାଳରେ॥
ଜ୍ୱାଳରେ...., ଜ୍ୱାଳରେ....
ଅତ୍ୟାଚାର ଅବରୋଧେ ମୁକତି ମଶାଲରେ॥

❖

ରଚନାକାଳ : ଜାନୁୟାରୀ ୧୯୪୭

Digitized by srujanika@gmail.com

ରକ୍ତ ତୋଫାନ

ରକ୍ତ ତୋଫାନ ବାଦଲ ତୁରେ
ତୁ ଧାରା ଶ୍ରାବଣର ବାରିଧାରା
ଶତ୍ରୁ ଲାଗି ମୁକ୍ତ ତରବାରୀ
ରଖିଲୁ ଶାଣିତେ ଅବଧାରୀ
ତୋ ଜନତାବତ୍ସଳ ପ୍ରିୟବୁକେ
ବରି ନେଲୁ ବନ୍ଧନ କାରା ।
ରକ୍ତ ତୋଫାନ ବାଦଲ ତୁରେ....

ଆର୍ତ୍ତ ଜନତାରେ ରଖି ସାକ୍ଷୀ
ଧନୀକ ଧରମେ ଦେଲୁ ଫାଙ୍କି
ନୀଳକଣ୍ଠ ସମ ଚଳୁ କଲୁ ତୁ
ଆପୋଷର ହଳାହଳ ସାରା ।
ରକ୍ତ ତୋଫାନ ବାଦଲ ତୁରେ....

ପୀଡ଼ିତର ମୁକତି ସଂଗ୍ରାମ
ଚାଲିଛି ଚାଲିବ ଅବିରାମ
ତୁ ପାଇଟିଆଳର ସର୍ବନାମ
ଜାତି ଯାତ୍ରା ପଥେ ଧ୍ରୁବତାରା
ରକ୍ତ ତୋଫାନ ବାଦଲ ତୁରେ......

ଆସୁଛି ସେଦିନ ନାହିଁ ଡେରି
ବଜାଇବୁ କ୍ଳାନ୍ତ ରଣଭେରୀ
ସର୍ବହରାର ମୁକତିର ଥାଟ
ଆଚ୍ଛାଦିବ ଏ ଦୁନିଆ ସାରା ।
ରକ୍ତ ତୋଫାନ ବାଦଲ ତୁରେ...
ତୁ ଧାରା ଶ୍ରାବଣର ବାରିଧାରା ।

❖

ରଚନାକାଳ : ୧୯୫୩

Digitized by srujanika@gmail.com

କାଠୁରିଆ ଗୀତ

ସୁପ୍ରଭାତ !
ଏ ସକାଳେ ଚାଲିଛୁରେ କାଠୁରିଆ
ବର୍ତ୍ତମାନ ଶୁଭୁନାହିଁ ପ୍ରଭାତୀ କୁକୁଟ୍‌ର ସ୍ୱନ,
ଅବିଶ୍ରାମ ଶୁଣେ ମୁହିଁ କୁଠାର ପତନ ଶବ୍ଦ.......
କୁଠାର ପତନେ ଯେଣୁ ଲାଲ ଆଜି ପୂର୍ବାଶାର ଛାତି ......।
କୁଠାର ପତନ ଶବ୍ଦେ ଭାସେ
ଆଲୋକିତ ଆକାଶର ବ୍ୟାପ୍ତି;
କୁଠାର ପତନ ଶବ୍ଦେ
ସ୍ୱର୍ଣ୍ଣ ରଶ୍ମିର ଦିନ ସବୁ ଆସେ।
ଦିନ ଶେଷେ କାଠୁରିଆ
ଖଦ୍ୟୋତର ଜଳନେଇ ଭରିଦିଅ ରାତ୍ରିର ଆକାଶେ।
ଉଦ୍ଦାମ ହେବ ଏ ହାଓ୍ୱା
ଚାଲ୍‌ବୁଲ୍ ଆରମ୍ଭିବ ପାହାଡ଼ ପର୍ଯ୍ୟନ୍ତ,
ଯଦିଚ୍ ଏ ନିବିଡ଼ ଅରଣ୍ୟ ଖୁବ୍ ଶାନ୍ତିପୂର୍ଣ୍ଣ
ତଥାପି ମୁଁ
କୁଠାର ପତନ ଶବ୍ଦ ଶୁଣେ ବାର ବାର.....।
ଶୁଣ କାଠୁରିଆ !
ମାନିବୁ କି ତୁ'ରେ ମୋର କଥା ?
ବର୍ତ୍ତମାନ ଆରମ୍ଭିକୁ ତୁହିକିରେ କୁଠାର ଆଘାତ ?
ତୋ'ର ଦେଶେ ଆଜି ଦେଖ
ଜ୍ୟୋତିର୍ମୟ ପ୍ରଭାତ ପ୍ରସ୍ତୁତ।

❖

ସୁ ସୁ-ରି
ଆଧୁନିକ ଚୀନ କବିତାର ଅନ୍ୟତମ ଶ୍ରେଷ୍ଠ ସ୍ରଷ୍ଟା।
କବିତାଟି ୧୯୬୦ରେ ପ୍ରକାଶିତ ଓ ସର୍ବତ୍ର ପ୍ରଶଂସିତ।

Digitized by srujanika@gmail.com

ବାଜି ରାଉତ ପୁକାରେ

ବାଜିରାଉତ ପୁକାରେ........
ବାଜିରାଉତ ପୁକାରେ........
ତାହାରି ଲହୁବୋଳା କ୍ରାନ୍ତିର ଜୟମାଳା
କପିଳାସ ମେଘାସନେ ଉଡାରେ,
କ୍ରାନ୍ତି ଚରଣ ଭାର ବ୍ରାହ୍ମଣୀ ନୀଳ ଜଳେ
ଛୁଟାଅ ତା ଅବିରଳ ସୁଅରେ ।୦।
ରାଜଛତି, ରାଜଛତି, ରାଜଛତି
ଶୂନ୍ୟେ ଉଡୁଛି ଦେଖ ଚଉକତି
ଜନତାର ପାଦଧୂଳି ଶୂନ୍ୟେ ପଚାରଇ ବୁଲି
କାହିଁରେ ରହିବୁ ଭୁଲି, ଅଗ୍ରଣୀରେ।୧।
ବାଜିରାଉତ୍ ପୁକାରେ.....
ଯୁଗାନ୍ତର ଘୋର ଅନ୍ଧାର ପାଷାଣ
ଫୁଟାଇ ତୋ ଅଭିଯାନ
ଜନତାର ମୁଖୁ ଛଡ଼ାଇ ନେଇଯା
ଜୀବନର ଜୟଗାନ ।୨।
ବାଜିରାଉତ୍ ପୁକାରେ....
ଗରଳ ନିଗାଡି ଅମୃତ ଆଣ
ନୀଳକଣ୍ଠ ତୁ ହୁଅ ମହିୟାନ,
ଆଜିର ଏହି କଣ୍ଢା ମୁକୁଟେ
ଗଢ କୋଣାରକ, ତାଜ୍‌ରେ ।୩।
ବାଜିରାଉତ୍ ପୁକାରେ.........

❖

Digitized by srujanika@gmail.com

ସାଜରେ-ସାଜରେ

ସାଜରେ, ସାଜରେ
ଛାତ୍ରସେନା ସାଜରେ
ପଦାଘାତେ ଦଳି ଯାଅ ଲାଠିଗୁଳି ରାଜ ରେ।
ଅନାହାର, ଅତ୍ୟାଚାର ନିପୀଡ଼ିତ ଜନତା,
ଜୀବନ ଜୀବିକା ପାଇଁ ଅଛି ଯଦି ମମତା
ଜାଗରେ, ଜାଗରେ
ଜଳିଉଠୁ ଜନ୍ମଭୂମି ଜ୍ୱାଳାମୁଖୀ ତ୍ୟାଗ ରେ।
ମୁନାଫା ପାହାଡ଼ ଶିଖେ ଯିଏ କରେ ରାଜୁତି
ଧର୍ଷଣ, ଶୋଷଣ, କଳା କାନୁନର ଦୁର୍ନୀତି
ହେଜରେ, ହେଜରେ
ଥର ଥର କମ୍ପିଲାଣି ତୋ ଏକତା ତେଜ ରେ
ଆରେ ଅନ୍ନଦାତା ଚାଷୀ ଧରଣୀର ସନ୍ତାନ
ହେ ଶ୍ରମିକ, ମଧ୍ୟବିତ୍ତ, ବୀର ଛାତ୍ର ଜୁଆନ
ଭୁଲନା, ଭୁଲନା
ଡିସେମ୍ବର ପାଞ୍ଚ ତୋର କାହିଁ ତାର ତୁଳନା ?
ଆକାଶର ମଥାନରେ ତୋ ଜୀବନ ନାଟିକା
ରଖେ ଯିଏ ଆତତାୟୀ ତା'ର ମୃତ୍ୟୁ ତାଲିକା
ଲେଖରେ, ଲେଖରେ
ଜାତି ଇତିହାସେ ତୋର ପୁଣ୍ୟ ଅଭିଷେକରେ।
କାଙ୍ଗାଳ ସମ୍ବଳହୀନ ବଳିଆର ବାହୁରେ
ଛେଦିଯାଅ ଅଶ୍ଳୀଳ ଏ ଭ୍ରଷ୍ଟାଚାରୀ ରାହୁରେ
ଏକତା କମାଣରେ
ଚୂର୍ଣ୍ଣକର ବର୍ବର ଏ ଦସ୍ୟୁ ସଇତାନ୍‌ରେ

Digitized by srujanika@gmail.com

ମୃତ୍ୟୁ ସୌଦାଗର ଶ୍ରେଣୀ ଚିତାନଳ ଜଳିବ
ଜୟଯାତ୍ରୀ ଜୀବନର ଉଷାଲୋକ ଝଳିବ
ଶିକ୍ଷା, ସ୍ୱାସ୍ଥ୍ୟ ଆରୋଗ୍ୟରେ ସିକ୍ତହେବ ଧରଣୀ
କୋଟି କୋଟି ଯୁବା ଶିଶୁ ଉଲ୍ଲସିତ ଧରଣୀ
ଆସରେ, ଆସରେ
ଜାତି ଭାଲେ ଲିହିଯାଅ ନୂଆ ଇତିହାସରେ;
ସାଜରେ ସାଜରେ, ଛାତ୍ରସେନା ସାଜରେ।

❖

ରଚନାକାଳ : ଡିସେମ୍ବର ୧୯୪୭

Digitized by srujanika@gmail.com

ଜାଗ ଯୁଗ ମାନବୀ

(୧୯୪୭ ମସିହାରେ ଅନୁଷ୍ଠିତ ଛାତ୍ରୀ ସମ୍ମିଳନୀ ପାଇଁ ରଚିତ ସଙ୍ଗୀତ)

ଶୁଭ ଦିଅ ଅଭିଯାନ
        ଦୁଆରେ ଉଭା ତୋ ରଥ
ବାହି ଚାଲ ଛାତ୍ରୀ ଦଳ
        ଦୁର୍ଗମ ଦୂର ପଥ । ଘୋଷା ।
ଘୋର ଅନ୍ଧ ନୀଡ଼େ ତୋର ସୁଯୋଗ ପକ୍ଷୀ
ଝୁରେ ଅବିଚାରେ ଅଭିଶାପ ଲେଖି
        ତେଣୁ ହାତେ ହାତେ ତୋର ମିଳନ ରାଖି
                ବାନ୍ଧ ନିବିଡ଼ ଶକତ ।   ।୧।
ଯୁଗେ ଯୁଗେ କ୍ରାନ୍ତିର ଉନ୍ନତ ପଟୁଆର
ଦେଶେ ଦେଶେ ଢ଼ାଳିଛି ମୁକତିର ଜୁଆର
ଏଣେ ନିଷ୍ପ୍ରଦୀପ ତୋର କୁଟୀର ଦ୍ୱାର
                ମୁକତ ପରା ଭରତ !   ।୨।
କବି କଳ୍ପନା କୁଞ୍ଜର କ୍ରୀଡ଼ନକ
        ପର ଅନ୍ନ ଦାସୀ !
ଜାଗ ଭୈରବୀ ଜାଗ ଯୁଗ ମାନବୀ
ଜାଗ ଶିଳ୍ପୀ ତୁଳିକାର ମ୍ଳାନ ଛବି,
ଜାଗ ଅରୁଣ ଆଲୋକର ଜ୍ୱଳନ ଲଭି
ମାନବୀର ଅଧିକାର ଘୋଷୁ ଆଜି ଏ ଧରାର
        ବଞ୍ଚିତା ଜନନୀର ସଂହତିରେ
        ହେଉ ବିପୁଳ ମାନବ ଜାତି ସମୁନ୍ନତ
                ହେଉ ଶାନ୍ତ ସୁନ୍ଦର ଜଗତ   ।୩।

❖

ରଚନାକାଳ – ୧୯୪୭ ଡ଼ିସେମ୍ବର ୩୧ ତାରିଖ ।
ସ୍ଥାନ – କଟକସହର ।

Digitized by srujanika@gmail.com

ଚାଲରେ

(ମାର୍ଚ୍ଚିଂ ଗୀତ)

ଚାଲରେ ମୁକ୍ତି ବାହିନୀ ଚାଲରେ
ଯୁଗ ଯୁଗ ବଞ୍ଚିତରେ ଧରଣୀର ସନ୍ତାନ
ତୋଳ ତୋଳ ଅଗ୍ରଭାଗେ ମୁକତିର ନିଶାଣ
ସମୁନ୍ନତ ଭାଲରେ
ଛିନ୍ନ କର ଜୀର୍ଣ୍ଣ ଯେତେ
ପୁଞ୍ଜିତ ଜଞ୍ଜାଳରେ ।୧।

ଡାକେ ଝଞ୍ଜା ଝଡ଼ରାତି, ପ୍ରଳୟର ତୋଫାନ
ବନ୍ଧ ହାତ ମୁଠା ତୋଳି ଭୀମ ରୋଷେ ତୁ ହାଣ
ଜନତାର ଢ଼ାଲରେ
ମୁକ୍ତ କର ଶକ୍ତ କର
ପ୍ରଗତିର ଧାରରେ ।୨।

ଏକ ଦା'ଥିଲା ଯା ଦୂର ସୁଦୂର ଅନାଗତ,
ଆଜି ଆଜି ତୋର ଦ୍ୱାରେ କର ତାରେ ସ୍ୱାଗତ
ଜୀବନର ତାଳରେ
ପଦେ ପଦେ ଫୁଟୁ ତୋର
ଅରୁଣ ସକାଳରେ ।୩।

❖

କଟକ ଜେଲ, ୧୯୫୧ ମାର୍ଚ୍ଚ ୮ ତାରିଖ ।

Digitized by srujanika@gmail.com

ମଇ ପହିଲା ୧୯୫୩

ଶୁଭ ପର୍ବ ଦିନ ଆଜି ସର୍ବହରାର
ଦୁନିଆର ଜନତାରେ
ଶାନ୍ତି ମୁକ୍ତି ଏକତାରେ
ଜାତି ଧର୍ମ ସମତାରେ
କର ଜୁହାର, କର ଜୁହାର,
କର ଜୁହାର । ଘୋଷା ।
ପରବର ଦିନ ଏ, କର ଜୁହାର
ଗରବର ଦିନ ଏ, କର ଜୁହାର
ସରବର ଦିନ ଏ, କର ଜୁହାର
ମରମର ଧରା ବୁକେ
ଜୀବନର ଜୁଆର ଏ
କର ଜୁହାର, କର ଜୁହାର,
କର ଜୁହାର ।୧।
ନୁହେ ଖାଲି ଭାଙ୍ଗିବାର ଏହି ପରବ
ନୁହେ ଖାଲି ଗଢ଼ିବାର ଏହି ଗରବ
ଭଙ୍ଗା ଗଢ଼ା ପାଳନର ସୁଖ ପ୍ରେମ ଶାସନର
ଏ ଅଙ୍ଗିକାର ।୨।
ଦୁଆରେ ଡ଼ାକିଛି ବିଶ୍ୱ ମୁକତିର ବାଇଦା
ଶାନ୍ତିର ସେ ଚାହିଦା
ଆପଣାରେ ଠୁଳ କର ଶତ୍ରୁରେ ନିର୍ମୂଳ କର
କୋଟି ମଣିଷର ଆଶା
କଲ୍ୟାଣର କାଇଦା,
ନିଖିଳ ଧରାର ବୁକେ
ଆକାଶ ଧରଣୀ ମୁଖେ
ଶୁଭେ ପୁକାର ।।୩।।

❖

୧୯୫୩ ମଇ ପହିଲା, ବ୍ରହ୍ମପୁର ।

Digitized by srujanika@gmail.com

ଶପଥ ସଙ୍ଗୀତ

(ବିଭିନ୍ନ ସୁରରେ ଗାଇବାକୁ ପଡ଼ିବ)

(୧ – ଆଷାଢ଼ ଶୁକ୍ଳ)

ଆଜି ଏ ପ୍ରଭାତେ ଉତ୍ତୋଳି ସୁଖେ
ମୃତ୍ୟୁ ନୀଳିମ ଆକାଶ ମୁଖେ
ଦଗଧ ଧରାରୁ ତୁଟାଇ ପ୍ରାସ
ଅରାତି ପରାଣେ ସରକି ତ୍ରାସ
ଏ ରକତ ହାସ,
ଜଳୁଛି ଏ ଜାତିର ଇତିହାସ ।୧।
(ଅନନ୍ତ ପଟ୍ଟନାୟକଙ୍କ କବିତାରୁ ଗାନ)

(୨–ନବ ନୀରଦ ନିନ୍ଦିତ ସୁରରେ)

ପଣ କରୁ ସୁମରଣା କରି ବାରେ
ଆଜି ଭରିଲା ବିଶ୍ୱ ଯେ ହାହାକାରେ
ମାତୃ ଆନନ ଶିଶୁର ରକ୍ତ ଧାରେ
ଯେହୁ ଲେପିଲା ନାରକୀ ଅବିଚାରେ
ଗଢ଼ି ଲୌହକାରା
ଚାହେଁ ବନ୍ଦୀ କରିବାକୁ ରକ୍ତ ତାରା ।

(୩ – ଚୋଖ୍ଯା)

ମାନବ ଅରାତି ଖଳ ଶୁଣ ଯୁଦ୍ଧ ଦାଗି ଦଳ
ଶପଥ କରୁଛି ଜାତି ଜନତା ନାମେ,
ଶତ ମୃତ୍ୟୁଗଡ଼ ଜିଣା ଆମରି ବିଜୟ ବାଣୀ
ଶତ ସଂଗ୍ରାମେ ବିଜୟୀ ସୈନିକ ଆମେ
କନ୍ଧେ ଶବ ଜନନୀ ଜାୟୀ
ଜୀବନ ଲାଗି ତେଜିଛୁଁ ଜୀବନ ମାୟା ।

Digitized by srujanika@gmail.com

(୪ ରାଗ – ରସକୁଲ୍ୟା)

ଶପଥ କରୁଛୁ ପତକା ଟେକି
ଧରଣୀ ଆକାଶେ ଲେଖି ଯା ଲେଖି

ପଲ୍ଲୀ ନଗରେ ଉଠାରେ ଉଠାରେ
ସୁଦୃଢ଼ ତୋର ଶପଥ ମୁଠାରେ

ଘେନି କଙ୍କାଳର ଦାବିରେ
ରଚି ଯାଅ ଖରେ ମୃତ୍ୟୁ ଗହଳେ
ମୁକତିର ମେହେରାବିରେ ।
(ଅନନ୍ତ ପଟ୍ଟନାୟକଙ୍କ କବିତାରୁ)

(୫ – ସଂନ୍ଧ୍ୟାରାଣି ଛାୟା ନଦୀ ପାରେ ସୁରରେ)

ଏହି ଜାତିର ତୀର୍ଥ ସାଗର ତୁଠେ
ଚାହିଁ ନବ କଣାରଖ ରବି ଫୁଟେ

ଛୁଇଁବାରେ ଏ ଜନନୀ ଜନ୍ମ ଭୂଇଁ
କୋଟି ଜୀଅନ୍ତା କଙ୍କାଳ ଛାଡି ଛୁଇଁ

ପୁକାରିଛୁ ଉଚ୍ଚେ ଏ ଶପଥ ବାଣୀ
ମୁକ୍ତି ପାଗଳ ଆମରି ଅଶ୍ୱ ଛୁଟେ ।

❖

Digitized by srujanika@gmail.com

ମୂଲିଆ ଭାଇ

(ବାଜୁଛି ସହି ବଜାରେ ଗୋପାଳ କୃଷ୍ଣ ସୁରରେ)

ଉଠା ତୋ ହାତ ମୁଠାରେ
ମୂଲିଆ ଭାଇ ।ଘୋଷା।
ପର ପାଇଁ ପୁଅ ମଥା   ଛୁଇଁବାର ହଟ ହଟା
ରକତ ମାଉଁସ କଣ୍ଟା
ହୋଇଛି ବାସି କଥାରେ ।୧।

ତୋର ପାରିବାର ପଣ   କାରଖାନା ରଣଝଣ
ତୋର ହାତୁଡ଼ି ବସା ନିଶାଣ
ମୋହିଛି ଦୁନିଆଁ ପ୍ରାଣ
ଦୁନିଆଁ ଅରି ଚିନ୍ତାରେ ।୨।

ସବୁରି ଦେହୁ ଉକୁଟି   ଶୋଷଣର ମଳିକୁଟି
ତୋରି ତେଜ ଦିଅ ଫୁଟି
ଦୁନିଆ ଅରି ଚିତାରେ ।୩।

❖

ବ୍ରହ୍ମପୁର ଜେଲ – ୧୯୪୩ ମସିହା, ମଇ ପହିଲା

Digitized by srujanika@gmail.com

କିଣିଖିଆ ଗୁହାରି

ଘେନାକର ସରକାର
କିଣିଖିଆ ଗୁହାରି
କିଣିଖିଆ ଗୁହାରି । ଘୋଷା ।

ଆଖା ପଟ ବୋହି ବୋହି କୁରୁମ ଆମେ,
ପଶୁଠୁଁ ହୀନ ବହିଛୁଁ ମଣିଷ ନାମେ
ଝାଳ ପୋଛି ଗୋଡ଼ ଭାଙ୍ଗି
ପଡ଼ି ଭିଖାରି ।୧।

କିଏ ଖଟିଲା କିଏ ସେ ଖାଇଲା ଲାଭ
ତେଲି ତେଲଙ୍କର ଏବେ ଲାଗିଛି ଭାବ
ଥୋଡ଼ିଆ ବଳଦ ମଲୁଁ ପିଢ଼ିଆହାରୀ ।୨।

ସଉକେ ହୋଇଛୁଁ ମାଛିମରା କିରାନି
ବେକରେ ବାନ୍ଧିଛୁଁ ପାଞ୍ଚ ଛଅ ପରାଣି
ପେଟେ ଭୋକ ମୁହେଁ ଲାଜ ହେଲା ଭଗାରି ।୩।

ବଳକା ପ୍ରଦେଶ ବୋଲି ଉଡ଼ିଲା ବାନା
ବିଦେଶେ ଠେଲିଲ ଆମ ପରାଣ-ଦାନା
ପାଖକେ ଖଳା ପାଖକେ ଛତରଖାନା
ପାଦୁକା ଦାନ ଲଭିଲ ଗୋଧନ ମାରି ।୪।

❖

୧୯୪୭ ଡ଼ିସେମ୍ବର କଟକ ।

Digitized by srujanika@gmail.com

ଛାପାଖାନା ଶ୍ରମିକ

ଟିକେ ମନରେ ଭାଳ
ଲୋକ ଦରବାର ବୁଝେ ତୁମରି ହାଲ ।ଘୋଷା।
କଳପ କଳପ ଗଲା କଳପି ଭାବି
ଛାପାଖାନା ଘରେ ଶେଷେ ଆଣିଲ ଚାବି
ରୋକିବ କେ ଅଛି ରୋକୁ ଆମରି ଦାବି
ତୁଣ୍ଡେ ନିଗାଡ଼ିବୁ ଆମେ ମୁଣ୍ଡର ଝାଳ ।୧।
ପଚାରୁ ମୁରୁଖ ଶୁଣ ମାଳିକ ଭାଇ
କର୍ମଚାରୀ ସଙ୍ଗେ ଲଢ଼ି କେ ଜିଣେ କାହିଁ ?
ଶିଳ ଶିଳୁପୁଆ ଲାଗେ ଗଗନେ ଯାଇଁ
ଶିମୁଳି ତୁଳା ବୁଝଇ କେ ତୁମ ହାଇ ।୨।
ଖଟି ଖଟି ଅଣ୍ଟା ପିଠି ସମାନ ଖାଲ
ଅନ୍ଧାରି ଦେଶରେ ଢାଳୁଁ ଶିକ୍ଷା ମସାଲ
ତା ବିରୋଧେ ତୁମେ କର ମିଥ୍ୟା ପ୍ରଚାର
ସରିଲାଣି ସେକାଳର ସବୁ ପଖାଳ ।୩।
ମୁଲକ ଯାକରେ ଏବେ ପଡ଼ିଛି ହୁରି
ପାଳ ମକଚିବେ ଏବେ ବୁଢ଼ି ବକୁରୀ
ଶିକ୍ଷା ନବିଶ ପାଇବେ ଅଧା ମଜୁରୀ
ମୂଲିଆ ମୁଣ୍ଡେ ଭାଙ୍ଗିବ ନଡ଼ିଆ ଫାଳ ।୪।
ଏତେ ଦିନ ଶୋଷି ଶୋଷି ନ ଛାଡେ ଲୋଭ
ଏ ହାଡ଼ରେ ମଶାଣି ତ ନହେବ ଧୋବ
ମାଉଁସ ଯାଇଛି ସିନା ଅଛିତ ହାଡ଼
ହସୁଅଛି ଏବେ ଦେଖ ପତାକା ଲାଲ ।୫।

❖

୧୯୪୭ ସାଲ, କଟକ

Digitized by srujanika@gmail.com

ଚ଼ଲା କୋଦାଳ

ଚଲା କୋଦାଳ, ଚଲା କୋଦାଳ
ଛନ୍ଦେ ଛନ୍ଦେ ପଟିଆ ବନ୍ଧେ
ଭରିଦେ ମାଟି ଲାଲ।
ତିଂଶ ବରଷର ବ୩୯ ବାଲି
ହସିବ ଫସଲ ସୁନା ଥାଳି
ଗଗନେ ଶୁଭିବ ଜୟ ତାଳି
ଉଡିବ ପତାକା ଲାଲ।
ଚଲା କୋଦାଳ, ଚଲା କୋଦାଳ।
ନିତି ଦିନକର ଗୋଟେ ବାଟ
ସହଜ ସରଳ ସେ ନିରାଟ
ଆମେ ହେବା ଯଦି ଏକଯୁଟ
ହେବା ଏ କଷଣ୍ଣ ପାର।
ଚଲା କୋଦାଳ, ଚଲା କୋଦାଳ।
ଏ ସହଜ ବାଟ ଯିଏ ଶିଖାଇଲା
ସେହି କମ୍ୟୁନିଷ୍ଟ ପାର୍ଟି
ସମସ୍ତେ କହିଲେ ଆମେ କରିଦେବା
ସେ କହିଲା କଥା ଖାଣ୍ଟି,
ନିଜ ଗୋଡେ ତୁହି ହୁଅ ଠିଆ
ଲୁହାରୁ ପଥର କରି ହିଆ
ନମାନ ଆଉରେ ବଡ ବଡିଆ
ନିଜ ବଳେ ବଳିୟାର।
ଚଲା କୋଦାଳ, ଚଲା କୋଦାଳ।
କନିକା ମୁଣ୍ଡରେ ଗାନ୍ଧି ଟୋପି
ତୋତେ କାଟି ଦେଲା ରାମାନନ୍ଦି;
ଖଦଡ ମୁଖାଟା ଖୋଲି ଦେ ଭାଇରେ
ଖୋଲି ଦେ ତା'ଝୁଟା ଚାଲ୍।
ଚଲା କୋଦାଳ, ଚଲା କୋଦାଳ
ଛନ୍ଦେ ଛନ୍ଦେ ପଟିଆବନ୍ଧେ
ଭରିଦେ ମାଟି ଲାଲ।

❖

Digitized by srujanika@gmail.com

ଉଷାଲୋକ

ଉଠ, ଉଠ ହେ ଟିକି ସିପାହୀ
ଉଠ ଉଠ
ଉଠ ଝଟପଟ !
ଆଉ ସବୁ ପିଲାଏ କାହାଁତି ?
ରାତି ଏବେ ପାହାଁତି ପାହାଁତି
କିଏ ଆସେ ବାରେ ଦେଖ ଚାହିଁ !
ଉଠ ଉଠ ହେ ଟିକି ସିପାହୀ !
ଲଂଘି ସେଇ ଦୂର ଜନପଥ
ସାଗର ସୈକତ
ପହଁରି ସେ ମେଘ ଗଡ଼ଖାଇ
ସେ ଆସୁଛି ସତେ ଅବା ପକ୍ଷିରାଜ ଚଢ଼ି
ଆସୁଛି ସେ ଉଷାଲୋକ
ସଫେଦ ଲହଡ଼ି ।
ସେ ଆସୁଛି, ଲହୁ ପାରାବାର ଉଛୁଳାଇ
ଚୂନା ଚୂନା ମଣିଷର ହାଡ଼
ଭୋକର ପାହାଡ଼,
ପାଦତଳେ ମିଳାଇ ଧସାଇ ।
ସେ ଆସୁଛି ଉଷାର ଆଲୋକ
ପାଦେ ଦଳି ଶତଶତ ନରଦେହୀ ଜୋକ,
ଉଠ, ଉଠ ହେ କୁନି ସିପାହୀ
ହେଇଟି ସେ ଆସିଗଲା, ଜାଣ
ଚତୁର୍ଦ୍ଦିଗେ ଭରି ଉଠେ
ତା'ର ଆବାହନ
ଗଛେ ବୃଛେ ମନ୍ଦିର ଚୂଡ଼ାରେ
ପକ୍ଷୀର ନୀଡରେ ଆଉ ପୋଖରୀ ହୁଡାରେ

Digitized by srujanika@gmail.com

ପିନ୍ଧାଉଛି ରଙ୍ଗୀନ ପଗଡି ।
ଆସିବ ସେ ପଟୁଆର କରି
ଆଉ ମାତ୍ର ବାକି ଦୁଇ ଘଡି ।
ମୋ ଦେଶର ହେ ଟିକି ସିପାହୀ
ଆଉ ଡେରି ନାହିଁ ।
ଆରେ ଆଚମ୍ବିତ ! ଅତି ଆଚମ୍ବିତ
କାହିଁକି ଥକିତ ହେଲା ପ୍ରଭାତୀ ସଙ୍ଗୀତ
ହଠାତ୍ ଅନ୍ଧାର କାହୁଁ ? ଗଦା ଗଦା ମୁରଦାର ସ୍ତୂପ
ବିକଳେ ଥମକି ପକ୍ଷୀ ନିର୍ବାକ ନିଶ୍ଚୁପ
ସସାଗର ଧରାଘୋଟି ଆସେ କି ବିରୂପ !
ଉଷାଲୋକ ଘୋଟିଗଲା ହାୟ
ଶୋଷଣର ଭଣ୍ଡ ଅନ୍ଧକୂପ ।
ଧାଇଁପଡ, ବେଗେ ଧାଇଁ ପଡ଼
କେ ଅଛ କେଉଁଠି ତୁମେ
ବଢ଼ାଅ ସେ ହାତ
ପାରଦ୍ୱୀପୁଁ ପଦ୍ମପୁର, ମେଘାସନୁ ଦେଓମାଳି ଘାଟି;
ଭରିଯାଉ ଭୀଷଣ କୁହାଟ ।
ଲଙ୍ଗଳା ଭୋକିଲା ବାହୁ, ଅଗଣିତ ହାତ
ଖଣ୍ଡେ ବି ନ ଥାଉ ଜାମା ପେଟେ ଗଣ୍ଡେ ଭାତ
ତଥାପି ତ ଲମ୍ବିଯାଉ ହାତର ବନସ୍ତ,
ଏ ଜାତିର
ଭରସାର ମହେନ୍ଦ୍ର ପର୍ବତ ।
ଆରେ ବଳିୟାର ଭୂଜ ଆରେ ଭବିଷ୍ୟତ
ଅନ୍ଧକୂପ ରାହୁଗ୍ରାସୁ ମୁକ୍ତକର ରକତ ପ୍ରଭାତ
ହେଉ ଶୁଭ୍ର ଉଷା ପ୍ରତିଭାତ
ଅଭିଶପ୍ତ ଏ ଜାତିର ରାତ୍ରି ହେଉ ଅନ୍ତ
ସେହି ତୋର ଆଗ୍ନେୟ ଶପଥ ।

❖

Digitized by srujanika@gmail.com

ତରୁଣର ଆବାହନ

ଆମେ ଗାଉଛୁଁ ଜନତାର
ବିପୁଳ ଏକତାର
ସାମ୍ୟ ସମତାର ଗାନ୍;
ଆମେ ତାରୁଣ୍ୟ ଆଗୁଆନ୍।
ଆମେ ହିଁ ହିମାଚଳ ଶିଖରୀ ସମତଳ
ମହାନଦୀ ତଟଭୂମି;
ଆମ ହିଁ ଝଞ୍ଜା,
ପାବନି ଗଙ୍ଗା
ଆମେ ହିଁ ମଉସୁମୀ
ଆମେ ନିର୍ମଳ ଆକାଶର ବର୍ଣ୍ଣିଳ ସୂର୍ଯ୍ୟ
ମନ୍ଦ୍ରିତ ତୂର୍ଯ୍ୟନାଦ,
ଅମେ ହିଁ ଜୀବନର ବିପୁଳ କଳରବ
ଅନାଗତ ସଂବାଦ
ମୃତ୍ୟୁର କରକା-ଶୀତଳ ବୁକେ
ଆମେ ହିଁ ବହ୍ନିମାନ୍,
ଆମେ ତାରୁଣ୍ୟ ଆଗୁଆନ୍।
ଅସିର ଫଳକେ ଝଲକୁ ନବ ନବ ଇତିହାସ
ଆମେ ହିଁ ରୁଦ୍ର-ବୀଣା ଝଂକାର
ମରଣର ସଂତ୍ରାସ;
ଆମେ ସୁମେରୁ ବୁକେ କୁମେରୁ ସ୍ୱପ୍ନ
କଳପନା ଗରୀୟାନ୍
ନିପୀଡିତ, ବଞ୍ଚିତ ମାଟିର ଶାବକେ
ଆମେ ବରାଭୟ ଦାୟୀ,
ଜାଲିମ ଜୁଲୁମ ବର୍ବର ଶୋଷଣ
ପଦାଘାତେ ଧରାଶାୟୀ।
ଦୁନିଆଁର ଯେତେ ପ୍ରବଳ ପ୍ରତାପୀ
ହୁଅ ସର୍ବେ ସାବଧାନ,
ଆମେ ତାରୁଣ୍ୟ ଆଗୁଆନ୍।

❖

Digitized by srujanika@gmail.com

ଚାଲରେ ଚାଲରେ ଚାଲ

ଚାଲରେ ଚାଲରେ ଚାଲ,
ଚାଲରେ ଚାଲରେ ଚାଲ ।୦।

ମୂଲକଯାକର ମାଲିକ ଚାଷୀ
ମଜୁରିଆ କୂଲି, ହେ ଆଦିବାସୀ
ତୋଳିଧର ତୋର ପତାକା ଆସି
ତୋହରି ରକତେ ଲାଲ।
ଚାଲରେ ଚାଲରେ ଚାଲ... ।୧।

ତୋ ମୁଖୁ ଉଠାଇ ତୋହରି ଗ୍ରାସ
କରିଲା ଯେ ତୋର ସରବନାଶ
ସେହି ସରକାର ଶାସନ ଫାଶ,
କରିଦିଅ ଛାରଖାର
ଚାଲରେ ଚାଲରେ ଚାଲ... ।୨।

ହାତ ମୁଠାକରି ଘେନରେ ପଣ,
ଲୁଟି କରି ନିଏ ଯିଏ ତୋ ଧନ;
ତାହାରି ସଙ୍ଗତେ କରିବା ରଣ
ନାଶିବା ଅତ୍ୟାଚାର
ଚାଲରେ ଚାଲରେ ଚାଲ... ।୩।

❖

Digitized by srujanika@gmail.com

ଆଜି ମଇ ପହିଲାରେ

ଆଜି ମଇ ପହିଲାରେ ସାଥୀ !
ଆଜି ମଇ ପହିଲାରେ ।
ଶତ ରାଜପଥ ଉନମତ୍ତ କୋଟି
ଜନତାର ପଟୁଆରେ (ସାଥୀ) ।
ପଦାଘାତେ ତୋର ନିପାତ କର
ବଣିକ-ରାଜାର ଗଣିକା ଦଳ
ଲେନିନ୍‌ର ସେନା ଚଳତୁ ଚଳ
ଗ୍ୟାଙ୍ଗ କୁଲି କୁଡ଼ିଆରେ, ସାଥୀ !
ବିଲବାଡ଼ି ପଡ଼ିଆରେ ସାଥୀ !
ମଶା ଓଡସରେ ନିକାଲ ନିକାଲ
କାରଖାନା କୁହୁଳାରେ...

ଝଡ଼ର ମଥାରେ, ଆସନ ଘେନିଛି
ଲେନିନ୍‌ର ଲାଲ୍ କେତୁ
ନଇ ପାହାଡ଼ର ବୁକୁର ହାଡ଼ରେ
ନୂଆ ଦୁନିଆର ସେତୁ
(ସାଥୀ) ଜନତାର ସରକାରେ,
ଆଜି ମଇ ପହିଲାରେ ।
ଇଟାଲି, ଜର୍ମାନୀ, ଫରାସୀ, ଜାପାନ୍,
ପାଇଟିଆଳର ପାର୍ଟି ଆଗୁଆନ୍
ବୀର ସୋଭିଏଟ୍, ବୀର ବଳବାନ୍
ଆଖି ଆଗେ ଗଢ଼ି ଚାଲେ (ସାଥୀ)

Digitized by srujanika@gmail.com

ଶତକ ବରଷ ଆଗେ
ଯେଉଁ ଦେଶେ ଆଜି ଡଲାର ବାଦଶା
ନଚାଏ କାଗଜ ବାଘେ;
ସେହି ଦେଶ ମଜଦୂର,
ଅପଣା ବୁକୁର ଉଷୁମ ଲହୁରେ
କରିଥିଲା ଭୁଡୁବୁଡ୍ ।
ଯେ ପତାକା ତାର ଲାଲ୍,
ମୁକ୍ତି ପ୍ରୟାସୀ ଅଜ୍ଞାତବାସୀ
ଯନ୍ତ୍ରଣା କାରାଗାର, କରି ଅଛି ତାକୁ ଦୂର
ସାଂଘାଇ ଯେବେ ଦଖଲ ହେଲାଣି
ଦିଲ୍ଲୀବା କେତେ ଦୂର ।
ଶୁଣ ଝଡ଼ର ପୁକାରେ, ସାଥୀ !
ଆଜି ମଇ ପହିଲାରେ ସାଥୀ,
ଆଜି ମଇ ପହିଲାରେ ।

❖

ରଚନାକାଳ : ୧୯୪୮

Digitized by srujanika@gmail.com

ନିକଲ୍ ଯାଅ

ନିକଲ ଯାଅ, ନିକଲ ଯାଅ, ପରଦେଶୀ ସରକାର
ଖତମ୍ ହୋ ଖତମ୍ ହୋ ଏ ଜାଲିମ୍ ଅତ୍ୟାଚାର
ନିକଇ ଯାଅ, ନିକଲ ଯାଅ, ଏ ଜନତା ହୁଁକାର
ପରଦେଶୀ ସରକାର, ପରଦେଶୀ ସରକାର ।
ହେଉପଛେ ଶତପାର୍ଟି ହେଉ ଶତଦଳ
ଚାଳିଶ କୋଟି ଆମେ ମୁକତି ପାଗଳ
ବହୁ ପଛେ ଲହୁ ଗଙ୍ଗା ରକତ ଜୁଆର
ପରଦେଶୀ ସରକାର ।
ଖୁନୀ ବନ୍ଧୁକ ବୁଣି ଯାଇଛି ଆଘାତ
ଅନ୍ନପୂର୍ଣ୍ଣା ଦେଶେ ନମିଳୁଛି ଭାତ
ଡ଼ାକେ କାରାଗାର ଡ଼ାକେ ଯୁଇଗାତ
ପରଦେଶୀ ସରକାର ।

❖

'ମୁକ୍ତି ଗୀତିକା' ନ୍ୟାସନାଲ ବୁକ ଟ୍ରଷ୍ଟ ଅଫ ଇଣ୍ଡିଆ

Digitized by srujanika@gmail.com

ପ୍ରହରୀ

ପ୍ରହରୀରେ !
ଉଜାଗର ଆଖିକୋଣୁ ଲୁହ ବାରି
ଏବେ ବି ଯାଇନି ମରି ! ଘୋଷା ।
ଅନ୍ନପୂର୍ଣ୍ଣା ଦେଶେ ମଲୁ ଉପବାସୀ
ପେଟ ଲାଗି ହେଲୁ ତୁ ନରକ ବାସୀ
ପରହାତେ ଦେଉ ଦେଉ କାଳ ଫାସି
ନିଜ ହାତେ ନେଲୁ ବରି ।୧।

ମେଘନାଦ କାନ୍ଥ ପାଚେରୀ ଉହାଡ଼େ
ବଇଶାଖ ଖରା ପଉଷର ଜାଡ଼େ
ରାତିର ଡିଉଟି ନିଭୁଁ ହାଡ଼େ ହାଡ଼େ
ଆୟୁ ତ ଯାଇଛି ସରି ।୨।

କି ଦରମା ତୋର କେତେ ପେଟପୋଷା
କେତେ ନାଲି ଆଖି କେତେ ରାଗ ଘୋଷା
ପ୍ରମୋଶନହୀନ ସର୍କାଇ ଜୀବନ
ଜେଲ ପରେ ଜେଲ ଘୁରି ।୩।

❖

Digitized by srujanika@gmail.com

ଜାଗରେ ସର୍ବହରା

ଜାଗରେ ସର୍ବହରା
ତ୍ୟାଗରେ ନିଦ୍ରା ତ୍ୱରା
ରୁଦ୍ଧ କାରା ଭାଙ୍ଗରେ ଭାଙ୍ଗରେ
ଭାଙ୍ଗରେ ଭାଙ୍ଗ
ଭାଙ୍ଗରେ ଭାଙ୍ଗ
ଗଗନେ ଶଙ୍ଖା ଫୁଟେ,
ପବନେ ଝଙ୍କା ଛୁଟେ
ସାଗରେ ଊର୍ମି ମାତେ, ଘୂର୍ଣ୍ଣି ସାଥେ
ଗାଏରେ ବଜ୍ର ମନ୍ତ୍ରେ, ଗାଏରେ କର୍ଣ୍ଣ ରନ୍ଧ୍ରେ,
ମୁକ୍ତ ଛନ୍ଦେ, ଜାଗରେ ଜାଗ
ଅନ୍ଧାରୀ ରାଜ୍ୟ ଛାଡ଼ି
ଆଲୋକ ପଥ ମାଡ଼ି
ଚାଲରେ ଯାତ୍ରୀ ଆଗେଇ ଉଲ୍କା ବେଗେ
ସଦମ୍ଭେ ଗୋଳା ଦାଗ, ଅରାତି ଦର୍ପ ଭାଙ୍ଗ
ସର୍ବଦାବୀ ମାଗରେ ମାଗ, ମାଗରେ ମାଗ ।

❖

ରଚନାକାଳ ୧୯୩୯

Digitized by srujanika@gmail.com

ଉଡ଼ାଇ ନିଶାଣ

ଉଡ଼ାଇ ନିଶାଣ, ବଜାରେ ବିଷାଣ
ଚାଲରେ ଶ୍ରମିକ ଦଳ,
ମଜଦୁର ଦଳ;
ମୁକ୍ତି ସମରେ, ଶକ୍ତି ଲଭିଣ
ଭାଙ୍ଗରେ ଅରାତି ବଳ

ମନ୍ଦ୍ରିତ କରି ଭୁବନ ଗଗନ ଉଠୁରେ ଜୟନାଦ
ଇନ୍ କିଲାବ ଜିନ୍ଦାବାଦ୍,
ଇନ୍ କିଲାବ ଜିନ୍ଦାବାଦ୍,

ବାହାଦୁର ଆମେ ମଜଦୁର
ଯେତେ ଗଢ଼ିବୁ ନୂତନ ବିଶ୍ୱ
କେହି ନ ରହିବେ ପୁଞ୍ଜିପତି ରେ
କେହି ନ ରହିବେ ନିସ୍ୱ

ଆମେରେ ଗଢ଼ିବୁ ସମାଜ ଶାସନ
ତୋଳିବୁ ସାମ୍ୟବାଦ,
ଇନ୍ କିଲାବ ଜିନ୍ଦାବାଦ୍,
ଇନ୍ କିଲାବ ଜିନ୍ଦାବାଦ୍,

❖

ରଚନାକାଳ : ୧୯୪୦

Digitized by srujanika@gmail.com

ବାହ ନନ୍ଦିଘୋଷ

କି ଦୁର୍ଯୋଗ
ବେଗେ ବେଗେ ବାହ, ବାହ ରଥ
ହେଇଟି ସୁଦୂରେ ଦେଖ
ମହେନ୍ଦ୍ର ପର୍ବତ
(ଉଜାଗର ଅତନ୍ଦ୍ର ପହରୀ)
ଆରେ! ଆରେ! ଧରାତଳେ
ପଡୁଅଛି ଢଳି
ଆକାଶକୁ ପଡୁଛି ଆଉଜି
ଦେଖ, ଦେଖ ଆଖି ଦେଲା ବୁଜି
ଆଜି ଏ ବିଷମ ବେଳା
ଏତେବେଳେ ଏପରି କି ହେଲା?
ହଠାତ୍ ପ୍ରହରୀ କେହ୍ନେ ତେଜିଲା ଡିଉଟି
କିଏ ଦେଲା ଛୁଟି?

ଉଜୁଡ଼ିଛି ଉଦ୍ୟାନ ସୁଫଳା
ମଞ୍ଜୁଷାର ଦୁଆର ମୁକୁଳା
ଗଲା ଗଲା ଗଲା ସବୁ ଲୁଟି
ଅନ୍ନ ଗଲା
ବସ୍ତ୍ର ଗଲା
ଶୁଭେ ଖାଲି ତୀବ୍ର ହାହାକାର
ଅନ୍ନପୂର୍ଣ୍ଣା ଦେଶେ ଆଜି
ଭୋଟ ପଟୁଆର।
କାହିଁ ସେ ପାଇକ କୁଳ, ବୀର ତନ୍ତୁବାୟ
ଅନ୍ନଦାତା ଘେନେ ଆଜି ଶତ୍ରୁର ଆଶ୍ରୟ
ଜାଗ ବଳରାମ ସେନା ହେ ହଳୀ ମୁଷଳୀ

Digitized by srujanika@gmail.com

ଜାଗରେ ଶବର ଗିରିଜନ ବୀରବାହୁ
ନିପାତ ଏ ମୃତ୍ୟୁ କାଳରାହୁ
ଜଗାଅ ଏ ସୁନାର ଧରଣୀ
ସୁନୀଳ ପରିଖା ରୂପୀ
ବୀଚିମାଳା ନିର୍ଘୋଷିତ
ସାଗର ସରଣୀ ।

ମଣିଷର ବୁକୁରେ ଯେ ଆଶା
ମଣିଷର ମୁଖରେ ଯେ ଭାଷା
ପ୍ରାଣଠାରୁ ଅଧିକ ଖୋରାକ
ଡାକ ଡାକ ଡାକ
ସେହି ଆଶା-ଭାଷା-ମିଶା ଡାକ
ସେ ଆଶାରେ ଡାକ
ସେ ଭାଷାରେ ଡାକ
ସେ ଆଶାରେ ସେ ଭାଷାରେ ଡାକ ।

ପିନ୍ଧ ପିନ୍ଧ ହେ ମହେନ୍ଦ୍ର
ଶ୍ୟାମ ଉର୍ଦ୍ଦି ପ୍ରହରୀ ପୋଷାକ
ଘୋଷ ଘୋଷରେ ବାରିଧୀ
ମୁକତିର ମହାମନ୍ତ୍ର ଘୋଷ
ବାଦାମଫୁଲର ବୃନ୍ତୁ ବହିଆଣୁ
ଅମୃତ ନିଶ୍ୱାସ–
ଛିଡ଼ାହୁଅ ନାରିକେଳ ପଲଟଣ-ବେଶ
ବେଗେ ବେଗେ ବାହ ନନ୍ଦିଘୋଷ ।

❖

ରଚନା କାଳ : ୧୯୬୯

Digitized by srujanika@gmail.com

ହୁଅ ଆଗୁସାର

ହୁଅ ଆଗୁସାର, ହୁଅ ଆଗୁସାର
ହୁଅ ଆଗୁସାର, ହୁଅ ଆଗୁସାର

ବାଜେ ତୂର୍ଯ୍ୟ; ଜାଗେ ସୂର୍ଯ୍ୟ
ନବୀନ ଉଷାର।

ଆରେ ଦୁର୍ମଦ ଜାତି
ଦେଶ ଦେଶାନ୍ତରେ, ମୁକତି ମନ୍ତ୍ରରେ
ଧରଣୀ ପଡୁଛି ଫାଟି,
ଭାତ ଲୋଡ଼ି ପାଇଲୁ ଯେବେ ଗୁଳି, ଲାଠି
ଜମି ଲୋଡ଼ି ପାଇଲୁ ତୁ ମଶାଣୀର ମାଟି
ଧମନୀରେ ତୋର ରକ୍ତର ତାତି
ଏବେ କି କରିନି ପୁକାର।
ହୁଅ ଆଗୁସାର, ହୁଅ ଆଗୁସାର
ବାଜେ ତୂର୍ଯ୍ୟ, ଜାଗେ ସୂର୍ଯ୍ୟ
ନବୀନ ଉଷାର।
କମାଣର ଭୋଜ ଲାଗି ଖୋଜେ ତୋତେ ଆମେରିକା
ହେବୁ କି ବଣିଆ ଗଣିକା,
ହେବୁ କିରେ କିଣା ବିକା;

ଆରେ ଦୁର୍ମଦ ଜାତି
ମୋର ଜନମ ମାଟି,
କୋରିଆ, ମାଳୟ, ଇଣ୍ଡୋଚୀନ

Digitized by srujanika@gmail.com

କଲୋନୀର ଜନତାର ଅଗ୍ରଜ ଚୀନ
ମୁକ୍ତିର ରକ୍ତ ଶିଖା,

ଶତ ସଂସ୍କୃତି ଶାଳିନୀ ଜନନୀ
ମନ୍ଦିର, ମୀନାର ବିନ୍ଧାଣି ଜନନୀ
ମୁକତି ପାଗଳ ଶତ ଭାଷା ବାଣୀ
ମୁଖରିତ ଦରବାର।

ହୁଅ ଆଗୁସାର, ହୁଅ ଆଗୁସାର
ବାଜେ ତୂର୍ଯ୍ୟ, ଜାଗେ ସୂର୍ଯ୍ୟ
ନବୀନ ଉଷାର,
ହୁଅ ଆଗୁସାର, ହୁଅ ଆଗୁସାର।

❖

ରଚନାକାଳ : ୧୯୫୨

Digitized by srujanika@gmail.com

ନୁହେଁ କାନ୍ଦଣା ବେଳ

ଲୁହକୁ ତୋର ସମ୍ଭାଳ
ନୁହଁ କାନ୍ଦଣା ବେଳରେ ।୦।
କନ୍ଦରପୁରରୁ ବନ୍ଦର ସେପାରି
କାନ୍ଦିଛି ଫେନିଳ ଲହରୀମାଳ ।

ଭାଙ୍ଗିଛି ବନ୍ଦର ତୁଟିଛି ଲଙ୍ଗର
ବିପଣୀ-ବୋଝାଇ ଜାହାଜ ଭେଳା,
ବିକଟାଳ ଦହ ପାଲଟିଛି ଆହା
ଯାହାଥିଲା କାଲି ସାଗରବେଳା ।
ଗଛ, ଦେଉଳ ମଥାନ ଚୂଳ,
ହେଲା ପ୍ରସବିନି ଅନ୍ଧୁଡ଼ିଶାଳରେ
ଲୁହକୁ ତୋର ସମ୍ଭାଳ...

ଜମ୍ବୁଦୀପେ ହେଲା ଶମ୍ଭୁ ଅଭିଷେକ
ପାଣିର ଅତଡ଼ା ତଳେ ବୁଡ଼ିଛି
ହଜାର ହଜାର ଘରଦ୍ୱାର ଚାଳ
ଗଗନେ ପବନେ କାହିଁ ଉଡ଼ିଛି ।
ଝନ୍‌ଜାର ଛାଟ ନିରାଟ ଘାତ
ଫସଲ-ଲକ୍ଷ୍ମୀ ନିର୍ଘାତେ ମରିଛିରେ
ଲୁହକୁ ତୋର ସମ୍ଭାଳ....

ପଥର ଭସାଇ ଜଗତେ ରସାଇ
ତୋଳିଲୁ କୀରତି କୋଣାର୍କ ବାନା
ପଥର ଉପରେ ପଥର ଥୋଇଲୁ
କାଠଯୋଡ଼ି ବନ୍ଧ କଲୁ ସର୍ଜନା ।
ଜଗତ ଜିଣା, ତୁ ମନକୁ ମନା
ଆଜି ବିପତ୍ତିରେ ହେବୁକି ବଣାରେ

Digitized by srujanika@gmail.com

ଲୁହକୁ ତୋର ସମ୍ଭାଳ...

ମଣିଷପଣିଆ ଦେଖାରେ ଓଡ଼ିଆ
ହକାରିଛି ତୋତେ ଭୋକିଲା ଜାତି
ସହସ୍ର ପୂକାରେ ଝଂକାର ଆବାଜେ
ପୂରିଉଠୁ ତୋର ବିଶାଳ ଛାତି ।
ଜଡ଼ତା କାଟି ଉଠରେ ମାତି
ପାହିଯିବ ଦେଖ ଏ ଦୁଃଖ ରାତିରେ
ଲୁହକୁ ତୋର ସମ୍ଭାଳ....

ମନେ ହେଜ ଥରେ କିସ କରିପାରେ ?
ଅଢ଼େଇ ଦିନିଆ ତୋଫାନ ଝଡ଼
ତୋ ମାଟିର କୋଳେ ଅମାପ ସମ୍ପତ୍ତି
ପ୍ରକୃତିର ଦାନ ତା'ଠାରୁ ବଡ଼ ।
ତା ତୁଳନାରେ
କି କରିପାରେ ?
ଅଢ଼େଇ ଦିନିଆ ତୋଫାନ ଝଡ଼ରେ
ଲୁହକୁ ତୋର ସମ୍ଭାଳ....

ହେ ହଳୀ ମୂଷଳୀ ବଳରାମ ସେନା
ଆହେ ଦେଢ଼କୋଟି ପାଇଟିଆଳ,
ଓଡ଼ିଆ ଜାତିର ହେ ପୋଷାଣାହାରୀ
ଲକ୍ଷ ଲକ୍ଷ ବିନ୍ଧାଣି ମଜଦୂର,
ହେ ମଧ୍ୟବିତ୍ତ
ହେଉ ବିଜିତ
ଏ ଝଡ଼ର ଶିକ୍ଷା ମହାମନ୍ତରରେ
ଲୁହକୁ ତୋର ସମ୍ଭାଳ...

ନିଜ ଭାଗ୍ୟ ଡୋରି ନିଜ ହାତେ ଧରି
ଭାଙ୍ଗ ଯୁଗ ଯୁଗ ଗଡ଼

Digitized by srujanika@gmail.com

ଭିକ୍ଷାଥାଳ ହାତେ ରୋକିଛି କେଉଁଠି
ପ୍ରକୃତିର କୋପ ତୋଫାନ ଝଡ଼ ।
ଛତର ଖାଇ, ରିଲିଫ୍ ପାଇ
କେବେ କେଉଁ ଜାତି ହୁଏ କି ବଡ଼ରେ ?
ଲୁହକୁ ତୋର ସମ୍ଭାଳ...

କିଏ ପଚାରୁଛି ତୁ କେଉଁ ଜାତିର
କେଉଁ ଇଷ୍ଟନାମ ତୁଣ୍ଡରେ ଧରୁ
କିଏ ନେତାନୀତ ରକ୍ଷକ ରକ୍ଷିତ
ବୁଝିବ କି ତାକୁ ଭୋକିଲା ମଲୁ ।
ହୁଅ ଏକତା, ମହା ଜନତା
ଆପଣା ଭାଗ୍ୟର ହୁଅ କରତା;
ଭେଦ ପାଚେରୀ ଦିଅତୁ ଚିରି
ସାକ୍ଷୀ ରହିଅଛି ଲଳିତଗିରିରେ
ଲୁହକୁ ତୋର ସମ୍ଭାଳ... ।

ଯେତେ ଗୋରୁମରା ବାହୁରୀ ଦାତା ସେ
ଚିପେ ନିର୍ବିକାରେ ତୋର ଘଣ୍ଟିକା
ତା'ଠାରୁ ଛଡ଼ାଇ ଆଣ ତୋ ମାଟିର
ସୁନାର ଫସଲ ଶ୍ରମଜୀବିକା;
ଏ ଭୂଇଁ ଛୁଇଁ, ପଣ ନେ ତୁହି
ପରାଣେ ଜାଳେ ତୋ ପାଗଳ ଜୁଇରେ
ଲୁହକୁ ତୋର ସମ୍ଭାଳ... ।
ନୁହେଁ କାନ୍ଦଣା ବେଳ ।

❖

ରଚନା : ୧୯୭୧ ବାତ୍ୟା ପରିପ୍ରେକ୍ଷୀରେ

Digitized by srujanika@gmail.com

ମନେପଡ଼େ

ଅଚାନକ ମନେ ପଡ଼ ଆଜି
ହେ ଶୁକୁର ମାଝି,
ପହିଲେ ଯେ ଦିନ ଦେଖା
ଏ ବୁକୁରେ ଲେଖା ।

ଚାରିପଟେ ନାଲିମିଶା କଳା କଳା ଝାଡ଼
ନାଲିମିଶା କଳା କଳା ଧୂସର ପାହାଡ଼
ପାହାଡ଼ ତ ନୁହେଁ ତାହା ସୁଧୁ ଖାଲି ଲୁହା,
ଲୁହାରେ ଛାଏଣୀ ମାଟି ଗଛପତ୍ର
ସବୁ ଦିଶେ ନୂଆ ।

ଠାକୁରାଣୀ ପରବତେ ଉଠୁଥିଲା ଧଳା ଧଳା ଧୂଆଁ,
ଝାଉଁଳିଲା ଗଛତଳେ ଶୋଇଥିଲା
ଚେକି ଚେକି ଖରା
ହଠାତ୍, ସେଇଠି ଆମ ଯାନ ଥମିଗଲା
ଦୁର୍ଭାଗ୍ୟ କି ଭାଗ୍ୟ ତାହା ନ ଥିଲି ତ ହେଜି
ହେ ଶୁକୁର ମାଝି
ଅଚାନକ ମନେ ପଡ଼ ଆଜି ।

ନାଗରା ବାଜିଲା ଡାକି
ଭୂମିରେ ତୋ' ହେବ କାରଖାନା
ଆକାଶର ସୀମା ଖୋଜି
ଲମ୍ୱି ଯିବ ଚିମ୍‌ନୀ ନିଶାଣା ।

ଲାଗିଲା ପିମ୍ପୁଡ଼ି ଧାର ମଣିଷ କାତର
କାକୁଏଲ କୁଲି କାମ ସରଗୁଁ ହିଁ ବଡ଼,
ଏବେ ସେ ଲାଇନ୍ ଲାଗେ ଭାରତର ଗ୍ରାମୁ ଗ୍ରାମାନ୍ତର ।

Digitized by srujanika@gmail.com

ସହସା ଜୀବନ ହେଲା ମଳା ଚିଠି
                    ହଜିଲା ଠିକଣା.....।
ହଟୋ ହଟୋ କାମ ନାହିଁ
                    ବାଜିଲା ଘୋଷଣା।
ଗୋଟିଏ ଶିସାରେ ତୁମ ବୁକୁ ହେଲା କଣା
ଗରାରେ ଗରାଏ ରକ୍ତ ଝରିଲା ଝରଣା
ଆପଣା ଦେଶ ମାଟିରେ ଆଖିବୁଜା
        ଦେଶୀ ଗୁଳି ଖାଇ
        ଶୁକୁର ହେ ତୁମେ ଗଲ ଶୋଇ।
        ଅଚାନକ ଆଜି ମନେପଡ଼େ
        ଅନ୍ତରଙ୍ଗ ଚଲାବାଟ କଡ଼େ
ଦୁଇ ପାଖେ ଧାନ କ୍ଷେତ
        ସୁରଭିରେ ପେଟ ଯାଏ ପୁରି
ଧରାର ଶ୍ୟାମ ପଣତ
        ଫୁଲି ଫୁଲି ଉଠଇ ଉତୁରି;
ଶରତର ହିଲ୍ଲୋଳରେ
        ମର୍ମରିତ ଦେବୀ ନଦୀ ବାଲି
ମନେହୁଏ, ଦେଖିଛି ବା କାଲି।

ବାଲୁତ କ୍ରନ୍ଦନ ଧ୍ୱନି ଚକିତେ ଶୁଣିଲି,
ଭରା ଯଉବନୀ କ୍ଷୀଣା ସୁଶୋଭିନୀ ବାଳା
କାଖରେ ଜାକିଛି ତାର ଏକୋଇର ବଳା;
କ୍ଷୁଧାର ବିକଳେ ପାଦ ହୁଏ ଟଳମଳ
ରସହୀନ ବୁକୁତଳେ ଚକା ଚକା ଫଳ;
        ଦରୋଟି କାନ୍ଦଣା ଡାକେ
                        ଭାତ ଦେଏ ଭାତ।
ବ୍ୟଥିତା ଜନନୀ କୁନି ମୁଖେ ହାତ ଦେଇ,
କହେ ବାପା ତୁନିହୁଅ, ପାଚିବ ଫସଲ
ଏ ଧାନକଟାରେ ମୁହିଁ ଲାଗିବଇଁ ମୂଳ,
କେଡ଼େ ସରୁ ଧାନ ଦେଖ ସରୁ ଭାତ ହେବ

Digitized by srujanika@gmail.com

ତାହା ମୋର ଧନ ପେଟ ପୂରାଇ ଖାଇବ।

ଏ ନିର୍ବୋଧ ଆଶା ମିଶା—ବୋଧଭାଷା ଶୁଣି
ନାଆଁ କ'ଣ ପଚାରିଲି 'ତମି ବାଉରୁଣି'
ତମି କି ଲାଗିଲା ମୂଇ
ସବୁ ଭାତ ତା ଶିଶୁ ଖାଇଲା ?
ଏ ଖବର କିଏ ଶୁଣାଇବ
କିଏ ଅଛି ଏ ଜାତିର ପିଲା ?

ଦଶବର୍ଷ ବହିଗଲା ଲାଗେ କାଲିପରି
ଜୀବନେ ଅଛ କି ନାହିଁ ରାମଦାସ ତୂରୀ
ହିମାଳୟ ଚା'ବଗିଚା କୁଲି
ଛଟେଇ ଚାକିରି ନେଲା
ଛାଡ଼ିଥିଲ ଜଳପାଇଗୁଡ଼ି।

ସଙ୍ଗେ ଥିଲା ଏକମାତ୍ର ମାଆମଲା
ଆଠବର୍ଷ ପୁଅ
କଲିକତା, ରାଜପଥେ
ଗାଡ଼ି, ବସ୍ ସୁଅ
ବାଳକ କାନ୍ଦଇ ଭୋକେ
"ମୁଢ଼ି ମୁଠେ ଦିଅ"

ତାର ମଥା ଛେଚି ଛେଚି
କରିଥିଲ ମୁଢ଼ି
ଖୋଜିଲ ପୁଅକୁ ତହିଁ
ରାମଦାସ ତୂରୀ
ମନେ ନାହିଁ ମୁଢ଼ି ହେଲା
ବାଳୁତର ମଥା,
ଆହେ ଜନ୍ମଦାତା !
ତୁମରି ସେ ଅଭିଶାପ ଚିତା
ଜାଳିଥିଲା ମୋହରି ସେ ଅଶ୍ରୁଳ କବିତା
ମନେ ପଡୁଛି ତା'।

Digitized by srujanika@gmail.com

କଲିକତା ହାଇକୋର୍ଟ
ଲୋକାରଣ୍ୟ
ସଙ୍ଗୀନ ମର୍ଡ଼ର କେଶ୍
ବସିଛି ସେସନ
ଅସହ୍ୟ ସେ ବୟାନ, ସେ କଥା
ଚାହିଁଥିଲା ଲୁହଆଖି ନିର୍ବାକ୍ ଜନତା ।
ଡାକିଲା ମିହିର ସେନ୍
ଯୋଗ୍ୟ ବାରିଷ୍ଟର,

ହେ ଧର୍ମାବତାର !
କଟକରେ ଜନ୍ମ ମୋର,
ଦେଖିଛି ଦାରିଦ୍ର୍ୟ ଦୁଃଖ ସନ୍ତାପ ଘୋର
ସନ୍ତରିଛି ସେତୁବନ୍ଧ ଇଂଲିଶ୍ ଚାନେଲ
କିନ୍ତୁ ଅସାଧ ଅରଣ୍ୟ ଏହି ବେଦନା ସାଗର,
ଦୟାକର ବାରେ ଦୟାକର
ବଞ୍ଚାଅ ଏ ହତଭାଗ୍ୟ ପିତା....... ।
ଏହାଥିଲା ସେ ଦିନର ଅଶ୍ରୁଳ କବିତା
ଭାଗ୍ୟ କି ଅଭାଗ୍ୟ ତାହା ନାହିଁ ଥିଲି ହେଜି,
ପ୍ରାଣଦଣ୍ଡ ମୁକୁଳିଲା......
ପଶିଥିଲ କାରାର ପ୍ରାଚେରୀ
ରାମଦାସ ତୂରୀ ।
ଆସିଛ କି ଆସିନାହିଁ ସେଇଠାକୁ ଫେରି ?

ମନେପଡ଼େ
ରକ୍ତାକ୍ତ
ସେହି ଛିଣ୍ଡାହାତ
ଯାର ଦାବିଦାର ଥିଲ ଛାତ୍ର ଲୋକନାଥ ।
ହଜାର ଟନ୍ ଓଜନ ଲୁହାର ଧାରଣା
ଯୁବକର ତାଜା ଲହୁଧାରେ ହେଲା ଛଣା
ଏ ଜାତିର ବିବେକରେ କରିଦେଲା କଣା

Digitized by srujanika@gmail.com

ଅନ୍ୟାୟର ପ୍ରତିକ୍ରିୟା ଅମୋଘ ଆଘାତ
ଛାତ୍ର ଲୋକନାଥ।
ଅଶ୍ରୁସମ ମସୀପାତ କରିଥିଲା ଏ ହୀନ ଲେଖନୀ
ଏବେଯାଏ ସେ ସ୍ମୃତି ଲିଭାଇ ପାରିନି !

ଆଉ କି କରିବୁ କହ ?
କରିନୁ କି ହୋଳାହଳ ବନ୍ଦ, ସତ୍ୟାଗ୍ରହ
ଦେଇନୁ କି ଅସଂଖ୍ୟ ଭାଷଣ
ପଢ଼ିନୁ କି ବିଜୟ ଘୋଷଣା
ନିତି ନିତି ସମ୍ବାଦ ପତରେ
ତଥାପି ତୃପତ ନୁହଁ ? କହୁଛି ସତରେ !

ଏହି ଦେଶ ନୁହେଁ ଆନଭଳି
ଏହି ଦେଶ ଫାଶିକାଠ
ପ୍ରଣୟିନୀ ବାହୁର ବଲ୍ଲରୀ;
ଏହି ଦେଶ ଗୁଳି
ମାତା ସ୍ତନଠାରୁ ସୁମଧୁର
ଏହି ଦେଶ ଲାଠି, ଅଶ୍ରୁଗ୍ୟାସ୍
ଚନ୍ଦନରୁ ଆହୁରି କୋମଳ....
ଏହି ଦେଶ ସାହୁକାର, ସେ ତ ଅନ୍ନଦାତା !
ଏହି ଦେଶ ଜମିଦାର, ସାକ୍ଷାତ୍ ଦେବତା !

ଏପରିକି
ଏହି ଦେଶ ଭେଜାଲ ବେପାରି,
ଚୋରା କାରବାରୀ
ଲୁଚି ଛପି ଗୁଡ଼ ଚାଟେ ପିମ୍ପୁଡ଼ିର ଧାଡ଼ି।
ଏହି ଦେଶ ନର୍କକୀଟ ଛାଡ଼ିଦିଏ
ଅମର୍ତ୍ତ୍ୟ ବିଭୂତି,
ଯାର ନାମ ଭାରତ ସଂସ୍କୃତି ?

ତେଣୁ ଶୁଣ !

Digitized by srujanika@gmail.com

ମୋ ଦେଶର ବେକାର ଲାଉନି,
　　　　ତମି ବାଉରାଣି
ଗୁଳିଖିଆ ପ୍ରେତ ଶୁକ୍ରୁ
　　　　ପୁତ୍ରହନ୍ତା ତୂରୀ
ଆତ୍ମଘାତୀ ଲୋକନାଥ
　　ଯେତେ ଯୁବା, ମଜଦୁର, କୁଲି;
　　ସଦ୍‌ବୁଦ୍ଧି କର
କାହିଁକି ପିଇଛ ତୁମ ଆଖି ହଳାହଳ ?
ଆଜି ହେଉ କାଲି ହେଉ
　　ମର ଦେହ ମିଶିବ ଭୂତଳ ।

ରାମ ନାମ ସତ୍ୟ
　ଯେହ୍ନେ ମୃତ୍ୟୁ ତେହ୍ନେ ସତ୍ୟ
　　ମରଣର ନିଶ୍ଚୟ ମୂକର
ତେବେ ସ୍ୱେଚ୍ଛେ ନୀରବରେ ମର
ଗଛମୂଳେ, ରେଳଦାଣ୍ଡେ ଯହିଁ ଖୁସି ମର,
ସାଢ଼େ ତିନିହାତ ମାଟି ଏ ସୁନା ଦେଶର
　　ନିଶ୍ଚୟ ମିଳିବ । ତେଣୁ ସୁନାପରି ମର ।
ଅଧିକ ଅମଳକ୍ଷମ ଧାନ ପାଇଁ ଯୋଗାଅ ସମ୍ଭାର.....

ତାହାହିଁ ସ୍ୱରଗ
　　ଏ ଦେଶ ଶ୍ମଶାନ ନାମ ତେଣୁ
　　　　—ସ୍ୱର୍ଗଦ୍ୱାର !

❖

ରଚନା କାଳ : ୧୯୭୦

Digitized by srujanika@gmail.com

ଷ୍ଟାଲିନ୍

ଦୀର୍ଘ ହେଉ ତୁମ ପରମାୟୁ
ଦୀର୍ଘ ହେଉ ତୁମ ଶାନ୍ତିବାହୁ
ଆମେ ଶାନ୍ତି ଚାହୁଁ, ଆମେ ମୁକ୍ତି ଚାହୁଁ
ଅନ୍ଧାର ରାତିର ବନ୍ଧା ଏ ଜାତିର ସିଂହଦ୍ୱାରେ
ଆମେ ଚାହୁଁ ଷ୍ଟାଲିନ୍ ପ୍ରଭାତ ।
ହେ ଇସ୍‌ପାତ, ହେ ଇସ୍‌ପାତ ।।

ବିଶ୍ୱ ଚାହାଲିର ଶିଷ୍ୟ ହେ !
ହେ ଜନତାର ତରବାରୀ !
ରିକ୍ତ ହାତ ସିକ୍ତ କଲ
ମୁକତିର ଅଭିଷେକ ବାରି
ନିର୍ଜିତ ଜର୍ଜିଆ କୋଣୁ ଦୂରୁ
ବାଛିଲ ଲେନିନ୍ ଦ୍ରୋଣଗୁରୁ
ଭାଙ୍ଗିଲ ବୁର୍ଜୁୟା-ଜାର୍-ସାହୁକାର,
ଶ୍ରମିକ ବାହିନୀ ପଦାଘାତେ
ହେ ଇସ୍‌ପାତ, ହେ ଇସ୍‌ପାତ ।

ହେ ଆଜିର ମାନବ ଅଭିଳାଷ !
ଶାନ୍ତିର ମୁକତିର ବୁଦ୍ଧିର ଯୁକତିର
ମହାମେରୁ କପିଳାସ ।

ନୁହେଁ ତୁମେ ଯୀଶୁ ନିରୀହ ଶିଶୁ
ବୁଦ୍ଧ ଶୁଦ୍ଧ ନିଷ୍କାମ !
ମାନବର କରଣୀୟ
ଯାହା କିଛି ମହନୀୟ

Digitized by srujanika@gmail.com

ଗରିମାର ସୀମା ତବ ନାମ।
ବାର ବାର
କାରାଗାର
ସହି ଅଛ ହତ୍ୟାକରୀ ଅତ୍ୟାଚାରୀ
ନିର୍ବାସନ କଷାଘାତ।
ହେ ଇସ୍‌ପାତ, ହେ ଇସ୍‌ପାତ॥

ଏ କି ଛୋଟ ଘଟଣା
ତୁମେ ଅଛ ଷ୍ଟାଲିନ୍
ତୁମେ ଅଛ ଇସପାତ୍
ବଲସେଭିକ ତବ ସୈନିକ ଦଳ
ରହେ ଉଜାଗର ଦିବାରାତି।
ସରଣୀର ପଦେ ପଦେ ଆଲୋକ ତୁମରି
ସଂଗ୍ରାମେ ଟାଣିନିଏ କୋଟି ନରନାରୀ
ଆପଣାର ପରିବାର ପ୍ରାଣଲାଗି ମିଳି
ମିଳାଏ ମାନବ ଜାତି।

ଗୋଟିଏ ରାଜଧାନୀ ପଦମୂଳେ
କୋଟିଏ ଜୀବନର ବାଟ୍
ହେ ଇସ୍‌ପାତ, ହେ ଇସ୍‌ପାତ॥

❖

ରଚନାକାଳ : ୧୯୫୧

Digitized by srujanika@gmail.com

ସ୍ୱାଗତ ସୀମାନ୍ତ ଗାନ୍ଧୀ

ସ୍ୱାଗତ, ସ୍ୱାଗତ !
ଏକଦା ଏ ଭାରତର
ଆହେ ନାଗରିକ,
ଆଜି ଅଭ୍ୟାଗତ !
ସ୍ୱାଗତ, ସ୍ୱାଗତ !

କହିବ କି ଆଉ କେତେ ଦୂର ?
ଶୁଣିଲୁଣି ପ୍ରଚଣ୍ଡ ପ୍ରଚୁର,
ଶୁଣି ଶୁଣି ହେଲାଣି ଉଦ୍ଧୁର,
ପ୍ରେମ ଆଉ ସତ୍ୟ ଆଉ ଶାନ୍ତି ଆଉ ଶ୍ରେଣୀହୀନ ଦେଶ,
ଏ ସବୁକି ହେବ ଖାଲି ଭାଷଣରେ ଶେଷ ?
ସୀମାନ୍ତର ହେ ନିରୀହ ମୁନି !
ତୁମକୁ ପଗଡ଼ି ଯେତେ ଲଗାନ୍ତି ଏ ଧ୍ୱନି,
ବେଇମାନ ଅପାଣ୍ଡବା ବିଭୀଷଣ ଦଳ
ପ୍ରଚାରନ୍ତି ପ୍ରେମକର, ପ୍ରେମକର
ଖାଲି ପ୍ରେମକର ।
ଜାତି, ଧର୍ମ, ଭାଷା ଆଉ ନୀଚ ଗୋଷ୍ଠୀବାଦ
ମାଲପାଣି, ଭୋଟ୍ ଟାଉଟ ଯେତେ ବରବାଦ
ଏହାଙ୍କର ଖେଳ !
ତୁମସାଥେ ଜମିଅଛି ଅପରୂପ ଜାନୁଆର ମେଳା !
ହେ ଖୁଦାଇ ଖିଦ୍‌ମଦ୍‌ଗାର
ନୀଜକୁ ପଚାର,
କାହାର ଭବନେ ବସି କାହା ଆଗେ ଅହିଂସା ପ୍ରଚାର ?

ଗାନ୍ଧୀ ବୁକେ ଗୁଳି ବିନ୍ଧି ଏଇମାନେ କଲେ ହାହାକାର ।
କ୍ଷୁଧାରେ ଆକଣ୍ଠ ଯେବେ କ୍ଷୁଧିତ ଜୀବନ;
ସୁନ୍ଦରୀ ବାଳାର ବୁକେ
ତନ୍ଦୁରୀ ଥାଳାର ମୁଖେ
ଏଇମାନେ କରିଥିଲେ ପୀରତି ଚୁମ୍ବନ,

Digitized by srujanika@gmail.com

ଭାଇ ଅନ୍ତପୁରେ ଚାଳି ଇମ୍ପଟିର ବାଢି
ଏଇମାନେ ସାଜିଥିଲେ କାଜି।

ଅହିଂସା, ସତ୍ୟର ଝୁଲା ଭରିଥିଲା ମାର୍କିନ ଧନ,
ଶିଶୁର ଖପୁରି ଚୂରା ଗୁଣ୍ଡ ଦୁଧ ମଧ୍ୟାହ୍ନଭୋଜନ
ଶ୍ରମିକର ସ୍ନାୟୁ ଘର୍ମେ ଅଭିଷିକ୍ତ ହରିତ ମଖନ
PL-480 (୧) ମ୍ଳେଚ୍ଛ ଭିକ୍ଷା ଥାଳ
ମାଇପାଣି ମାଫିଦିଆ ବ୍ୟାଲେଟ ପେପର
ଆଜି ଏ ବସୁଧା ବୁକେ ହୁଏ ଛତ୍ରଖାଳ

ଭରିଯାଏ ମଉରସୀ ଅଜଗର ବିଳ
ପ୍ରଭାତର ରକ୍ତସୂର୍ଯ୍ୟ ହୁଏ ବିଷ ନାଳ।
ଅହିଂସାର କାରୁକାର୍ଯ୍ୟ ସୁଶୋଭିତ
ହେ ଅରୁଣ ଖମ୍ବ!
ହେ ପ୍ରାଚୀନ ଦମ୍ଭ!!
କେଉଁଠାରେ ହେଇ ଆସି ଥୁଆ,
କାହିଁ କାହିଁ ସେହି ମୂଳଦୁଆ,
କାହିଁକି ଏ?

ମୌରସୀ ପୁଞ୍ଜିରକ୍ଷିତା ପ୍ରଚାର ପତ୍ରିକା?
ମାର୍କିନ ଡଲାରେ ଯିଏ ହୁଏ କିଣା ବିକା?
କୋଟି କୋଟି ଉଭାଧନେ ଖାଲିକରି ଜାତି ତହବିଲ
ବିଲାତର ପଟ୍ଟା ହେଲା ରାତାରାତି ମାର୍କିନ ଦଲିଲ
ନିଜାମ, ନବାବ, ରାଜା, ମହାରାଜା
ଯାର ନାମ ଉଚ୍ଚାରଣେ ଇତିହାସ ପାଇଥାଏ ଲାଜ;
ସେ ଶାଗୁଣା ଚିଲ
ସୁଖବାସୀ
ଆଦିବାସୀ
ଗୋରୁ ଖୋଜ ଖଣ୍ଡେ ଖଣ୍ଡେ ବିଲ
ଝାମ୍ପି ନେଲେ। ଏବେ ବସି କରିନ୍ତି ମସୁଧା;
ଗର୍ଭିଣୀର ପେଟେ ମାରି ବୁଟ୍ ଜୋତା କୁନ୍ଦା,
ଦୁଗ୍ଧବତୀ ଥନ କାଟି ସଙ୍ଗୀନରେ
ଯୋନିଦ୍ୱାର ଭୂଷି

Digitized by srujanika@gmail.com

ଏକ ନାରୀରେ ରମନ୍ତି ଗଣ୍ଡା ଗଣ୍ଡା ଯେତେ ମନ ଖୁସି।
ତଥାପି ତ ଚାଲେ ଗବେଷଣା
ଗାନ୍ଧୀର ଏ ଶତବାର୍ଷିକୀ ନାଁ!
ନୂଆ ନୂଆ ଅତ୍ୟାଚାର ହୁଏ ଉଦ୍‌ଭାବନା
ଭରିଲାଣି ଯେତେ ଜେଲଖାନା,
ସେଥିପାଇଁ ଏଥରକ ବନ୍ଦୀ ସବୁ ସାଥେ ସାଥେ ଗୁଳି
ଚାନ୍ଦମାରୀ ପରୀକ୍ଷାରେ ପଡ଼ିଯାନ୍ତି ବଳି।
      ଦିଗମ୍ବର ଗରିଜନ ଆହା! ନିରିଦୋଷ!
      ବନ୍ଦୀଶାଳେ ଯେବେ କରେ ଶୋଷ
                ମାଗେ ପୋଷେ ଜଳ
ଅନ୍ନ ବିନା ତହଳ ବିକଳ,
ଏ ଜୀଅନ୍ତା ଭୂତ
      ତାକୁ ସେଠି ଯାଚି ଥା'ନ୍ତି ମୃତ।
      ଲୋମ ମୂଳ ଥରି ଉଠେ
      ପ୍ରାଣେ ଲାଗେ ଗଭୀର ବିଷାଦ।

ତାର ଅପରାଧ?
ସେ କାହିଁକି ଅଭ୍ୟାସିଲା ଖାଇବାକୁ ଭାତ,
ଜଙ୍ଗଲୀ ଚେରଙ୍ଗା ମୂଳ ତା'ର ଥିଲା ଦାନା।
ସରକାରୀ ଜମି ପରେ କରିବ ସୋରିଷ
ତାକୁ ବିକି ମାଗିବ ପଇସା ପତାଇଣ ହାତ!
ସେ କାହିଁକି ଅସ୍ୱୀକାର କଲା ହେବାକୁ ଗୋଲାମ, ଗୋତି,
                        ଭାରବାହୀ ପଶୁ ସିଏ
ଏତେ ବଡ଼ ଭୁଲ କଥା ଏତେ ବଡ଼ ଦୋଷ!
ଜଙ୍ଗଲରେ ଚାଲୁ ଚାଲୁ କିମ୍ପା କଲା ଶୋଷ?
ତାର ଅପରାଧ!
ବସ୍ତାଏ ତେନ୍ତୁଳି ପାଇଁ ଦଶଟି ପଇସା
ନେବାକୁ ସେ କରିଲା ଆପତ୍ତି
ସେଥିପାଇଁ ଜଙ୍ଗଲୀ କୁଟୀରେ ଆଜି ଅଗ୍ନିକାଣ୍ଡ;
ଶୋଷଣର ଚାଲିଛି ଜୟନ୍ତୀ।
ଏଥିପାଇଁ ବସି ଅଛି କ୍ୟାମ୍ପ ଧାଡ଼ି ଧାଡ଼ି
ଫର୍ଲଙ୍ଗ ଦୂରରେ ଛିଡ଼ା ମିଲିଟାରୀ ଗାଡ଼ି

Digitized by srujanika@gmail.com

ଭିକମଗା ଢଙ୍କ ଧରା ହିଂସା ହତିଆରେ
ଇସ୍ତମାଲ ହୁଏ ଆଜି ଅନ୍ଧ ନିର୍ବିଚାରେ।
ଏଥିପାଇଁ ନିଦ ନାହିଁ ନୌକରସାହୀର
ନିଦ ନାହିଁ ପୁଞ୍ଜି ଚାକରର,
ଉଚ୍ଚ ପାହ୍ୟା ମିଳିତ ବୈଠକେ
ତନାଘନା ବିଲୁଆ ବିଚାର
ହେ ଖୁଦାଇ-ଖିଦ୍‌ମଦ୍‌ଗାର!
କହିଥିଲା କବିଗୁରୁ
ସେ ସେକ୍‌ସପିଅର (୨)
ସରଗ ଓ ଧରଣୀରେ ଯାହା ଘଟେ
ତୁମରି ଦର୍ଶନେ ତାହା ହେବ କି ଗୋଚର?

(୨)

ହେ ଉଦାର ଜନପ୍ରେମୀ ସୀମାନ୍ତ କେଶରୀ!
ଅବଶୋଷ କର ନାହିଁ,
ଏ ଭାରତ ଯାଇ ନାହିଁ ମରି
ଗୁପ୍ତ ଘାତୀ ଧର୍ମଦାଗୀ ବିଭେଦ ଶର୍ବରୀ
ଭ୍ରଷ୍ଟାଚାର, ଧୋକାବାଜ, ପ୍ରମାଦ ପ୍ରହରୀ
ତୁଚ୍ଛ କରି,
ଜାଗିଛି ଏ ବିପୁଳ ଜନତା
ପଞ୍ଜାବ ଗହଳ ପଲ୍ଲୀ ହିମାଚଳ ଘାଟି
ରାତ୍ରି ଯହିଁ ବିଭୀଷିକା ଦିନ ଯହିଁ ରାତି
କେରଳ ନଡ଼ିଆମାଳ, ସମୁଦ୍ରର ବେଳା
ଭାଗିରଥୀ ତଟ ଭୂମି, ଉର୍ବର ମେଖଳା
ମହା ଜାଗରଣ ଆଜି ଏ ମାହେନ୍ଦ୍ର ବେଳା
ହୁଏ ନାହିଁ ପ୍ରତେ?
ବାରେ ଛୁଟି ନେଇ ସେହି ପାପିଷ୍ଠ ଗହଣୁ
ଯେ ଗହଣେ ତୁମେ ପିଷ୍ଟ ହୁଅ।
ଉର୍ଦ୍ଦିଛଡ଼ା ଛଦ୍ମବେଶୀ ପୋଲିସ ଘେରାଉ
ଛିନ୍ନ କରି ଥରେ

Digitized by srujanika@gmail.com

ମାତ୍ର ଥରେ
ସୁଧାରିବା ହେଉ।
ପାଣି ମୂଲେ ଯିଏ ବିକିଥିଲା ପରମାୟୁ
ଲୁଗାକଳ ଯନ୍ତ୍ରୀ ଆଉ ଝୋଟକଳ କୁଲି
ଅଗ୍ନି ମୂଲ୍ୟ ତେଲ ଲୁଣ, ସଦା ପେଟ ଖାଲି
ଅକାଳ-ଅଳକ୍ଷୁ ଯେତେ ଖଣି ମଜଦୂର,
ପାଉଁଶ କରିଛି ଯିଏ ପ୍ରାଣ କୋହିନୂର
ବନ୍ଦର ଦପ୍ତର ଆଉ ପ୍ରତିରକ୍ଷାଶାଳା
ଇସ୍ପାତ ଇଞ୍ଜିନିଅରିଂ ଅବା ପାଠଶାଳା
ରେଳବାଇ, ଡାକତାର, ବିମା, ବ୍ୟାଙ୍କ, ଘେରି
ଭାରତର ଶ୍ରମିକର ବାଜେ ରଣ ଭେରୀ
ବେକାରୀର ନିର୍ଲଜ ଛାଉଣୀ,
ଗୋଲାମୀର ଗାଏ ଯିଏ ଜୟ!
ବନ୍ଧ୍ୟା ଡିଗ୍ରୀ, ବନ୍ଧ୍ୟା ଶିକ୍ଷା,
ଦୁର୍ନୀତିର ଚରମ ଆଶ୍ରୟ
ଏଇ ଦେଶେ ଯା'ର ନାମ ବିଶ୍ୱବିଦ୍ୟାଳୟ।
ପ୍ରସ୍ଫୁଟିତ ଫୁଲ ଯହିଁ ବୃନ୍ତୁ ପଡ଼େ ଛିଡ଼ି;
ଯିଏ ଟାଣେ ରିକ୍‌ସା, ବଳେ ପଥଧାରେ ବିଡ଼ି;
ଆଣ୍ଠୁଆଣି ନାଳି ଧୂଳି
ବୁଲି ବୁଲି ଟିଉସନ କରି
ପେଟ ନାହିଁ ପୁରେ
ଘରଣୀ ମଙ୍ଗଳ ଚୂଡ଼ି ବନ୍ଧାଦେଇ
ଯେଉଁ ଭବଘୁରେ
ଜୀବନଟା ସାରା କାଜୁଏଲ୍
ଘୁସ୍ ଦେଲେ ପାଶ ହୁଏ, ନାହିଁ ଦେଲେ ଫେଲ୍।
ସେହି ଯେ ସୁଯୋଗହୀନ ପରାହତ ଯୁବା
ଉର୍ଦ୍ଧ୍ୱେ ତୋଳି ବଜ୍ରମୁଷ୍ଟି ଦେଖ ଏବେ ଉଭା,
ଆଜିର ଏ ନବ-ଇତିହାସ
ଜୀବନକୁ ଯିଏ ତୁଚ୍ଛ କରେ

Digitized by srujanika@gmail.com

ମୃତ୍ୟୁକୁ ଯେ କରେ ଉପହାସ;
କାହାର ବା କେଉଁ ଜାତି, କିଏ ଇଷ୍ଟଦେବ,
ବୁଝିବାର କାହିଁ ଅବକାଶ !
କେତେ ନୀତି କେତେ ବଚନିକା
ଗୁଳି,ଲାଠି, ଲୁହ, ବାସ୍ପ ଫାଙ୍କେ ଫାଙ୍କେ ଚାଲେ,
କେତେ ଗୁପ୍ତଚର ଉସ୍କାନି
ସଙ୍ଗଠନେ ବିଭେଦ ଅଜାଡ଼େ ।
ତଥାପି ହେ ମହାଭାଗ !
ଏହା ରଖ ଜାଣି,
ସାଧାରଣ ମେହେନତି ଜନ
ଘେନି ଅଛୁ ଏ ଶପଥ ବାଣୀ
ଏ କସମ୍ ଆମରି ଇମାନ୍
ଏ ଜନନୀ ମାତୃଭୂମି ଆମପାଇଁ ସରଗ ସମାନ ।
ଏ ପଣ କଠୋର,
ଆମେ ସର୍ବେ ଭାରତୀୟ
ଖାଲି ଭାରତୀୟ
ଏ ପଚାଶ କ୍ରୋର୍
ତୁମେ କି ନ ଜାଣ ଏହା ?
ଖାଲି ସଙ୍ଗଦୋଷ,
ତୁମ ପ୍ରାଣେ ଦେଇଅଛି ଏହି ଅବଶୋଷ ।

(୩)

ହେ ଖୁଦାଇ ଖିଦ୍‌ମଦ୍‌ଗାର
ଖାଁ ସାହେବ, ଅବଦୁଲ ଗଫର୍ !
ଦୁଃଖଭାରେ ଭୁଲିଥିଲୁ......ଘେନ ନମସ୍କାର ।
ଶୁଣିଥିବ ଦୁନିଆଁର କଳାବୁକୁ ତଳେ
ସମାଜର ବୁନିଆଦ ଥରହର ଥରେ
ନାରୀ ଘାତୀ, ଶିଶୁ ଘାତୀ ବିଭୀତ୍‌ସା ଅନଳେ
କମ୍ପେ ଚରାଚର,
ଜଳିଯାଏ ଯିଶୁ, ବୁଦ୍ଧ, ଖୋଦା ଅବତାର ।
ହେ ଖୁଦାଇ ଖିଦ୍‌ମଦ୍‌ଗାର !

Digitized by srujanika@gmail.com

ଶ୍ୟାମଳ ଶସ୍ୟର ଘାସେ ବିଛୁ ହଳାହଳ (୩)
ଶବ୍ଦଭେଦୀ ଜେଟ ଯାନ କରେ କୋଳାହଳ
ମନ୍ଦିର, ପାଗୋଡ଼ା, ଗୀର୍ଜା, ମସଜିଦ୍ ଜଳେ
ନାପାମା (୪) ବୋମାର ମାଡ଼େ ମିଶେ ରସାତଳେ।
ରୋଗୀଶାଳା, ପାଠଶାଳା, ଶିଶୁର ଦରୋଟି
ଜୀବାଣୁର କୃମିକୀଟେ ଚରାଚର ଘୋଟି
ମୂଳପୋଛ ହୁଏ ସେଠି ମାନବର ସୃଷ୍ଟି।
ଶୁଣୁଛି ଟି? ସଭ୍ୟତାର ଅଶିବର୍ଷ ସାକ୍ଷୀ!
ହିଂସା ଆଉ ଅହିଂସାର କେତେ ହିସ୍‌ସା ବାକି?
ତୁମର ଏ ବ୍ୟର୍ଥ ଅବଶୋଷେ.......
ଶୋଷକର କିବା ଯାଏ ଆସେ?
ବାଲୁତ ଲହୁଣୀ-ମଖା ସେହି ଆର୍ତ୍ତଧ୍ୱନି
ପହିଲେ ଶୁଣିଲ କି ହେ ସୀମାନ୍ତର ମୁନି!
ୱାର୍‌ସ୍ ଇହୁଦୀ ଘେଟୋ (୫) ଚିକାଗୋର ନିଗ୍ରୋ ହାରଲେମ୍ (୬)
ଧଳା ଧଳା ମଣିଷ ଖପୁରୀ ହେଲା ଧୂମ୍ର ପାଉଁଶର ପ୍ରେମ୍ (୭)
ଯନ୍ତ୍ରଣା ଚିତ୍କାର କଲା କବି ୱାର୍ଡସୱାର୍ଥ (୮)
ଆହେ ଖୋଦା ଏ ଜୀବନ ହୋଇଲା ବିଅର୍ଥ
ମୋତେ କର ଜନ୍ତୁଧର୍ମୀ, ଲାଜ ଲାଗେ ମୁହିଁ ଖ୍ରୀଷ୍ଟିୟାନ।
ସଙ୍ଗୀନରେ ଗୁନ୍ଥାହେଲା ତାଜା ଦେହ ଶୋଷିତ ଶିକାର
ଶତ ଶତ ସୀତା ସତୀ କାମୁକର ପଥ୍ୟ ହେଲା
ବ୍ୟସ୍ତ ବ୍ୟଭିଚାର
ବିବସନା ଦ୍ରୌପଦୀର ଆଖି ନୀରେ ଜଳିଲା ଚିରାଗ
ବେଲସନ (୯) ପିକ୍‌ସ୍ପିଲ (୧୦) ଆଉ ଜାଲିଆନାୱାଲାବାଗ,
ଦାନ୍ତେ (୧୧) ର ନରକ ହେଲା ତୁଳାଦଣ୍ଡେ ସରଗ ସମାନ
ମନେପଡ଼େଟିକି, ଥରେ ଏ ହାଲି ଖବର,
ହେ ଖୁଦାଇ ଖିଦ୍‌ମଦ୍‌ଗାର!
ତୁମ ଭଳି ଶାନ୍ତିଦୂତେ କବିନ୍ଦ୍ର ରବୀନ୍ଦ୍ର (୧୨)
ଫେରାଇଲା ଦ୍ୱାରୁ
ଦେଇ ଭଦ୍ର ଏକ ବ୍ୟର୍ଥ ନମସ୍କାର!

Digitized by srujanika@gmail.com

ଅରଣ୍ୟର ବାଘ ଆଖି ପରି ଏକ ନାଆଁ
ଝଟକୁଛି ଏବେ ଦେଖ ହେ ବାଦ୍‌ଶା ଖାଁ
ଶୁଭୁଛି ଟି କାଳ ରଡ଼ି ବିକଟ ଘୋଷଣା
''ମାଇଲାଇ'' (୧୩) ଡାକ ଛାଡେ ଛୋଟ ଏକ ଗାଁ।
ଗୁଳି ଜୀର୍ଣ୍ଣ କଙ୍କାଳ ଉହାଡ଼େ
ଅହିଂସ ନିରସ୍ତ୍ର କୋଟି ଦଧିଚୀର ହାଡେ
ଗଢ଼ାହୁଏ ଅସନି ସର୍ଜନା।
ନୁହେଁ ବେଶି ବାଟ,
ନିକଟ ସେ ମେକଙ୍ଗର ତଟ,
ଶୁଭୁଚିଟି ? ''ସଙ୍ଗମାଇ'' (୧୪) ''ପିଙ୍କଭିଲେ'' (୧୫) ନାମ
ଗୌରବର ମହାମେରୁ ଭୀମ ଭିଏଟନାମ !
ହେ ଖୁଦାଇ ଖିଦ୍‌ମଦ୍‌ଗାର,
ଗର୍ଜେ ହିଂସ୍ର ପୁଞ୍ଜି-ଜାନୁଆର
ଉପନିବେଶିକ ଦସ୍ୟୁ ସାହୁକାର ରାହୁ।
ବେଢ଼ି ଆସେ ଜନତାର କୁଳିଶ ଘେରାଉ।
ଦୁନିଆଁ-ଜନତା ମାଡ଼େ ଭାରତରେ ନେଉଛି ଶରଣ
ଏହି ତାର ନିଶ୍ଚିତ ମରଣ।
ଅମେ ଚାହୁଁ,
ନାଁ ବାଳକ ରୋଦନର ବେଳ ନାହିଁ ଆଉ,
ଦୀର୍ଘ ହେଉ ତୁମ ପରମାୟୁ
ଉଠାଅ ସେ ବାହୁ
ଯେ ଯେତେ ଶୋଷିତ, ଆସ ପ୍ରଳୟର ଢେଉ
ଶୋଷକର ହିଂସା ସାଥେ ମୁକାବିଲା ହେଉ
ଶୋଷିତର ପ୍ରତିହିଂସା କ୍ରାନ୍ତି ତଲବାର
ହେ ଖୁଦାଇ ଖିଦ୍‌ମଦ୍‌ଗାର।
କେଉଁ ପଥ ?

କୁମେରୁରେ ଡାକି କହେ ସୁମେରୁ ପର୍ବତ
ଇତିହାସ କହେ ଯଦି ସତ
ଏକ ଆଡ଼େ ହିନ୍ଦେସିଆ, ଗ୍ରୀକ୍ ଆଉ ସ୍ପେନ୍
ଫାସିବାଦୀ କ୍ୟାନ୍‌ସର୍ କ୍ଷତ,
ଅନ୍ୟ ଆଡ଼େ ବୀର ଭିଏଟ୍‌ନାମ୍

Digitized by srujanika@gmail.com

ଲକ୍ଷ ଫାଲଗୁନୀ ହାତେ ଲକ୍ଷ ପାଶୁପତ
ଲାଓସ୍, ମାଲୟ, ବର୍ମା, ଫିଲିପିନ, ଶ୍ୟାମ,
ଆରବ ମୁକୁଟମଣୀ ସେ ଜେରୁଜେଲାମ୍
ମୋଜାମ୍ବିକ ଆଫ୍ରିକାର ଆଗ୍ନେୟ ଶପଥ।
କେଉଁ ପଥ ?

ବାଛି ନେବ ଏ ମହାଭାରତ ?
ଗାନ୍ଧୀ ଯେବେ ଏ ଦେଶୁଁ ମରିଛି
ଅହିଂସାର ଅଧ୍ୟାୟ ସରିଛି।
ଦୁର୍ନୀତି-ବିଷ୍ଠା ଅତିଷ୍ଠ, କର୍ଦ୍ଦମାକ୍ତ ମାଟି
ବିଳପଇ ବସୁନ୍ଧରା ଏହି ଜନ୍ମମାଟି
ଉଦ୍ଧରିବା ପାଇଁ ତାରେ କଲେ ତନୁକ୍ଷୟ
ମାନବ ଜୀବନ ପରା ହୋଇବ ସଫଳ
କହି ଅଛି ଉତ୍କଳର ମହାନ୍ ତନୟ (୧୬)
ଆଉ କେତେ କାଳ ?

ପୁଞ୍ଜି ପଙ୍ଗପାଳ;
ତାଙ୍କ ପାଇଁ ଶୀତ ତାପ ନିୟନ୍ତ୍ରିତ ଘର
ଆମ ପାଇଁ ହାତୀ ଅନ୍ଧ ଭଙ୍ଗା ତୁଟା ଚାଳ
ସହରର ଫୁଟ୍‌ପାଥ୍ ରାସ୍ତାର କିନାର
ନତୁବା ପ୍ରଶସ୍ତ ଛାୟା ଘନ ବୃକ୍ଷତଳ,
ଆଉ କେତେ କାଳ !
ମୁନାଫାର ଶିକାରରେ ସିଠା ହେବ ଜୀଅନ୍ତା କଙ୍କାଳ।
ଆଉ କେତେ କାଳ !
ଏ ମାଟି ହୋଇବ ଆମ ଲହୁଧାରେ ଲାଲ
ନିର୍ଦ୍ଵନ୍ଦେ ବଢ଼ାଇ ନିଜ ବେତନ ଓ ଭତ୍ତା

ଏ ଦେଶର ମନ୍ତ୍ରୀ ନଉକର,
ଅବଧାନ ଶିକ୍ଷକରେ ''ସର୍ମନ'' ଝାଡ଼ିଲେ
କିରାଣୀ, ଅମଲା, ଛାତ୍ର, କୁଲି କର୍ମଚାରୀ
ବଞ୍ଚିବା ଖୋଜିଲେ ହେଲେ ପଥର ଭିକାରୀ
ଗୁଳିରେ ଗଡ଼ିଲେ।

Digitized by srujanika@gmail.com

ଆଉ କେତେ କାଳ !

ସରି ଆସେ ଭାରତର ଶୋଷଣ ଜଞ୍ଜାଳ,
କୋଟି ହାତେ ଜଳିଛି ମଶାଲ
ମୁକତିର ଦୀପ୍ତ ରକ୍ତ ଶିଖା
ମେକି-ଧର୍ମୀ ଭ୍ରାତୃମେଧ ତୁଚ୍ଛ ବଣନିଆଁ
ଏ ମଶାଲେ ହୋଇବ କାବାର ।
ସଂପ୍ରଦାୟ ଆର୍ଶି ବିଷ କାଟିଦେବ କ୍ରାନ୍ତି ହଳାହଳ
ବିଷର ବିଷ ମୌଷଧି
ବିପ୍ଳବର ବାଣ,
ଇତିହାସ ଏହାର ପ୍ରମାଣ ।

ଅହିଂସାର ହେ ମହା କରତା !
ମନେ ଅଛି ସେ କାଳର କଥା
ଫେବୃୟାରୀ ଉଣେଇଶ
ସାଲ ଛୟାଳିଶ
ହେଲା ଏବେ ବାଇଶି ବରଷ ।
ଉଭାଳ ଶ୍ରମିକ, ଚାଷୀ, ଛାତ୍ର, ବୁଦ୍ଧିଜୀବୀ,
ଉଭାଳ ଜନତା,

ଜାଗିଥିଲା ବାୟୁସେନା, ପଦାତିକ, ବୋଇତବାହିନୀ
ବିଦ୍ରୋହ-ନିଶାଣ ଉଡ଼ିଥିଲା ଅନିକୀନି
"ହିନ୍ଦୁସ୍ଥାନ" ଆଉ "ତଲୱାର" (୧୭)
ସେଦିନ ନିଶ୍ଚିତ ଥିଲା ବ୍ରିଟିଶ କାବାର
ବିଦେଶୀ ବଣିକ ରାଜା ପ୍ରମାଦର ବେଳ
ସେ ଦିନ ତ ସରୁଥିଲା ଖେଳ !
ସେ ଜନତା ଲେଖିଥା'ନ୍ତା ଲାଲ ଇସ୍ତାହାର
ସବୁ ଜାତି, ଧର୍ମ, ଭାଷା, ମୁକ୍ତି, ସ୍ୱାଧିକାର ।
କୋଟି କୋଟି ହାତମୁଠା
କୋଟି କୋଟି ରକତ ସ୍ୱାକ୍ଷର
ସରଜନ୍ତା ଏ ମହାଭାରତ,
ଆଜି କିମ୍ଭା ଦେଶେ ତୁମେ ହୋଇଥାନ୍ତ
ପର ଅଭ୍ୟାଗତ ! !

Digitized by srujanika@gmail.com

ଆଜି କିମ୍ବା ଚାଲିଥାନ୍ତା କିଳାପୋତା
ଥଳିର ବଦାନ୍ୟ;
ଗୋସାଇଁଙ୍କୁ ମାରି ଏହି ମୃତ୍ୟୁ ଶଯ୍ୟାଦାନ ।
ଏବେ ଆଜି ଏ ରୋଗ କ୍ୟାନସର
ଅହିଂସା ଧୋ'ବାୟା ଗୀତ ଏଥିପାଇଁ ନୁହେଁ ଉପଚାର ।
ସେଥିପାଇଁ ଭୀଷ୍ମରଥୀ ଆହେ ପିତାମହ !
ଏ ମହାଭାରତ ଯୁଦ୍ଧ
ରହ ବାରେ ନିବର୍ତ୍ତିଣ ରହ ।

ଅମେ ଆଜି କରୁଛୁ ଘୋଷଣା
ଆମର ଏ ଲାଲ ଇସ୍ତାହାର
ଆମେ ଦୁନିଆଁର......ଏହି ଭାରତର
ଅନ୍ନଦାତା, ସେବାକାରୀ, ଖିଦ୍‌ମଦ୍‌ଗାର ।

ଆମେ ତେଣୁ ଖୋଦା !
ଆମେ ଖୋଦା......କୋଟି କୋଟି ଯୋଦ୍ଧା,
ଆମେ ଯିଶୁ......କୋଟି କୋଟି ଶିଶୁ,
ଆମେ ମେରୀ......କୋଟି କୋଟି ନାରୀ,
ଆମେ ବୁଦ୍ଧ......କୋଟି କୋଟି ବୃଦ୍ଧ,
ଆମେ ରାମ......କୋଟି କୋଟି ମାଟିର ଗୋଲାମ
ଆମେ ଜୈନ, ଆମେ ମହାବୀର;
ଆମେ ଧାତା ବିଷ୍ଣୁ, ଶିବ, ନାନକ, କବୀର ।

ଆମେ ଇ ରହିମ୍,
ବିଷୁବ ଉତ୍ତାପ ଆମେ ମହାମେରୁ ହିମ
ଆମେ କୋଟି ମାଟିର ସନ୍ତାନ
ହଜରତ୍, ମହମ୍ମଦ, ପବିତ୍ର କୋରାନ୍
ଆମେ ଚଣ୍ଡୀ, ଭୈରବୀ, କାଳିକା
ଅମେ କର୍ତ୍ତା, ତ୍ରିଭୁବନ ଜୀବନ ପାଳିକା ।
ଆମେ ହିଁ ଋତୁରାଜର ପ୍ରଥମ ମୁକୁଳ,
ଆମେ ହିଁ ଇସ୍‌ପାତ ।
ଆମରି ଆଦେଶେ ହୁଏ ସବୁ ଆତଯାତ ।

Digitized by srujanika@gmail.com

ଆମେ ଆଦିମୂଳ......ଆଦିବାସୀ, ଆର୍ଯ୍ୟ,
ମୁକ୍ତିଦାତା, ଭ୍ରାତା ଆମେ
ଆମେ ହିଁ ବର୍ଣ୍ଣିଳ ସୂର୍ଯ୍ୟ ନବ ପ୍ରଭାତର
ଏ ଜଗତ ଆମ କାରୁକାର୍ଯ୍ୟ।

ଆମେ ତେଲେଙ୍ଗାନା (୧୮), କାକଦ୍ୱୀପ (୧୯)
ଆମେ ହିଁ ପ୍ରଥମ ସାକ୍ଷୀ ପ୍ରଥମ ପ୍ରଦୀପ
ଆମେ ହିଁ ପାଇକ ଭେଣ୍ଡା ରଇତ ଦୁଲାଳ
ଆମେ ଭାଗବତ, ଆମେ ଯଶୋଦାର ଲାଲ,
ଆମେ ହିଁ ଭଗତ ସିଂହ, ଆମେ ଖୁଦିରାମ
କାୟୁର (୨୦) ପୁନାପ୍ରା (୨୧) ଭାୟାଲୋର ଆମ ନାମ।
ଆମେ ବାହାଦୂର......ମଜଦୁର
ଆମେ ଡାକରଡ଼ା ପଲ୍ଲୀ ଓ ସୋନାରପୁର
ଆମେ ସୂର୍ଯ୍ୟସେନ (୨୨), ଆମେ ବୀର ଚଟ୍ଟଗ୍ରାମ
ଆମେ ଧର୍ମ, ଆମେ ସତ୍ୟ, ଶୋଷିତର ମୁକତି ସଂଗ୍ରାମ।

ଆମେ ସେଇ ବଳିଆର ଭୁଜ,
ଝଡ଼ର ତନୁଜ
ସୁରେନ୍ଦ୍ର ସାଏ, ବକ୍‌ସି, ଜୟୀ ରାଜଗୁରୁ
ଚୌରୀଚୌରା (୨୩) ଚମ୍ପାରଣେ (୨୪) ଯେ ଲଢ଼ାଇ ସୁରୁ
ତାର ଆମେ ଉତ୍ତର ଦାୟାଦ।

ହେ ମହାନ୍ ଧାରା
ଭାଙ୍ଗିଥିଲୁ ବାଷ୍ଟାଇଲ (୨୫) କାରା।
ପଦାଘାତେ ନିପାତିଲୁ ରୁଷିଆର ବଣିକ-ସାମ୍ରାଜ୍ୟ
ସଂଘାଇ (୨୬) ଲେନିନ୍‌ଗ୍ରାଡ଼ (୨୭) ଦାନ୍‌ଙ୍ଗ (୨୮) ଇଣ୍ଡୋଚୀନ
ଲକ୍ଷ୍ମୀପୁର ଜନପଦେ ଆମ ପଦ ଚିହ୍ନ
ଆମେ ସେଇ ରକତ ନିଶାଣ,
ସର୍ବହରା ଆମେ, ସର୍ବଜୟୀ ମେହେନତୀ
ଏକତା ମିଶାଣ।

ବୃଥା କିମ୍ପା କର ଅବଶୋଷ, ହେ ମହାପୁରୁଷ!
ଧର୍ମଦାଗୀ ଭ୍ରାତୃଘାତୀ ଯେତେ ଜାନୁଆର

Digitized by srujanika@gmail.com

ଗୋଟିଏ ବି ନ ବର୍ତ୍ତିତେ–
ଜନତାର କଠୋର ବିଚାର ।

ନରମେଧୀ ଶ୍ୱାନ ଯେତେ ସେଥିଆଗୁଁ ଯଦି
ଏ ଧରାରୁ ନ ନେବେ ବିଦାୟ
ସେ ସଭିଙ୍କୁ ଗ୍ରାସିବ ସେ
ଜନତାର ଅଦାଲତ ରାୟ,
ତିଳେ ମାତ୍ର ନ ରଖ ସଂଶୟ ।
ଏବେ ଜଳେ ଅସଂଖ୍ୟ ମଶାଲ
ଦୃଢ଼ ହାତେ ବଦ୍ଧମୁଷ୍ଟି ହୁଏ ଏକଠୁଳ
କୋଟି କୋଟି କଲ୍‌କି କରବାଳ
ପୂଜା ହୁଏ ପ୍ରତି ଘରେ ଘରେ,
ତରଙ୍ଗିତ ଅଗ୍ନିସିନ୍ଧୁ ଗ୍ରାମ ଠାରୁ ଗ୍ରାମ...ଗ୍ରାମାନ୍ତରେ
ସଞ୍ଚରଇ ଇସ୍‌ପାତ ଅଗ୍ନୁଳି
ନିଶବ୍ଦ ଏ ଆୟୋଜନ ଯାଅ ନାହିଁ ଭୂଲି
ଏ ଆଘାତେ ଶୋଷଣର ଗଡ଼ ହେବ ଧୂଳି ।

ଆଜି ତୁମେ ଯା'ରେ ଦୟାକର
ଦୀନ ତୁଚ୍ଛ ମଜୁରି ଗୋଲାମ
ଭାଟି ଦ୍ୱାରେ ସଞ୍ଜେ କରେ ଇଜ୍ଜତ ନିଲାମ
ସଂକଳ୍ପର ହୋମାନଳେ ସେ କାଲି ଜଳିବ
ଆଉ ଥରେ ଜନ୍ମ ନେବ ଶୃଙ୍ଖଳ ଦୀକ୍ଷାରେ ।

ବିଦ୍ୟୁତ ଇଶାରା ଆଖି ଉଲ୍‌କାର ଗତି
ପ୍ରଚଣ୍ଡ ଗର୍ଜନା ଆଉ ଧ୍ୱଂସର ଶକତି
ସେହି ମଜଦୂର;
ତା'ର ମୁଖେ କାଲି ପ୍ରକଟିବ,
କ୍ରାନ୍ତିର ଦୀପ୍ତିରେ ସିଏ ହେବ ଭରପୁର ।

ଆଉ ସିଏ ନିର୍ବୋଧ ପରାଣ,
ଯାର ନାମ ଭାରତ କିଷାଣ
ସର୍ବଂସହା ବସୁନ୍ଧରା ଭଳି ସେ ନିର୍ବାକ
କୋଣାର୍କର ମୂଗୁନି ପାଷାଣ ।

Digitized by srujanika@gmail.com

ମାଡକାଲା ଭାଗ୍ୟବାଦୀ ତାଡ଼ନାର ଯୋଗ୍ୟ
ଯା' ଘରଣୀ ସବୁଙ୍କର ଶାଳୀ, ଉପଭୋଗ୍ୟ,
କାଲି ତାର ସଂଗଠନ, ତାର ସହିଷ୍ଣୁତା
ବିଜ୍ଞାନୀ ବିଚାରବୁଦ୍ଧି ସୃଜନ ପ୍ରତିଭା
ସଂଗ୍ରାମର ଯଜ୍ଞେ ନେବ ନୂତନ ସ୍ୱାକ୍ଷର

ଆଉ ଆଘାତର ଲକ୍ଷ୍ୟସ୍ଥଳ ?
ପ୍ରହାର ନିଶାଣ ? ?

ବୁଦ୍ଧିଜୀବୀ ନୋହୁ ବାଟବଣା–
ସେଥିପାଇଁ ଲୋଡ଼ା ନାହିଁ ବେଶି ଗବେଷଣା ।
ଡଲାର ସାମ୍ରାଜ୍ୟବାଦ ପ୍ରଥମ ନିଶାଣ;
ଦ୍ୱିତୀୟରେ ଯେତେ ତାର ପଦଲେହୀ ଶ୍ୱାନ
ଶିଖଣ୍ଡୀ ଭେଟଣା;
ଅନ୍ୟର ଶୋଷଣୁ ଯିଏ ଭରଇ ଉଦର
ଶତକଡ଼ା ପଚାଶରୁ ବେଶୀ ଯାର ଉପାର୍ଜନ,

ଆଧାରିତ ହୋଇଛି ଶୋଷଣ,
ଯିଏ କିଛି କରେ ନାହିଁ କେବେ ଉପୁଜାତ
ଯିଏ ଖାଏ, ମୋଟା ହୁଏ, ହାରାମୀର ଭାତ ।

ଆଉ ତିନି ଯେତେ ସଂଶୋଧନୀ,
ଭୀରୁ, ବିପ୍ଳବ-କାତର

ଆମ ପଥେ ବାଧା
ହଠକାରୀ ନୀତିବାଲା ସେ ହାରାମଜାଦା,
ବିପ୍ଳବୀ ଯେ ବୁଦ୍ଧିଜୀବୀ
ଏମାନଙ୍କୁ ବୁଝି ଖବରଦାର
ଠିକଣା ବାଟରେ ମଙ୍ଗଧର ହୋସିଆର !
ଶ୍ରମିକ ନେତୃତ୍ୱ ସାଥେ କୃଷକର ଥାଟ
ହିମାଚଳୁ କୁମାରୀକା କରିବ ଉଚ୍ଚାଟ
ଶୋଷଣ ଦେଵାଳ ଭାଙ୍ଗି ଖୋଲିବ ତୋରଣ
କାଲି ହେବ ସାଇଗନ (୨୯)
ପ'ରଦିନ ବ୍ୟାଙ୍କକ (୩୦) ରେଙ୍ଗୁନ (୩୧)

Digitized by srujanika@gmail.com

ତାର ପର..........
ତୁଚ୍ଛେ ଓପାଡ଼ି ମାଟିରୁ ପୁଞ୍ଜି ମହୀରୁହ
ସୀମାନ୍ତର ନିରମୂଳି ଲଟା
ଆକାଶରେ ଢାଙ୍କିଦେବ ରୁଦ୍ର ଘନଘଟା
ସାଗରେ ମାଡ଼ିବ ଊର୍ମି ଘୂର୍ଣ୍ଣିଝଡ଼ ଘୋଟିବ ଦିଗନ୍ତ
ହେବ ବହ୍ନିମାନ
ଆକାଶରେ ରକ୍ତତାରା, ରଚିବ ଅମ୍ଳାନ।
ଜଳିବ କାଗଜ ବାଘ ଶୋଷଣର ଯନ୍ତ୍ର,
ଡଲାର ବାଦଶା' ଯୁଗ ହୋଇବ ସମାପ୍ତ।
କରୁ ନିମନ୍ତ୍ରଣ
ଏ ଜନତା ଖୋଦା କରେ ଆଶୀର୍ବାଦ ଘେନ।
ହେ ଅଗ୍ରଜ!
ସମଯୋଦ୍ଧା ଏହି ମୁକ୍ତି ରଣେ
ଦୀର୍ଘଜୀବୀ ହୁଅ!
ଆଗାମୀର ସେହି ଶ୍ରମ ଯୁଗ ଉରରଣେ
ତୁମେ ଯୋଗଦିଅ।
ଆଜିର ଏ ହତାଶାର ହେଉ ପରିଶୋଧ
ସେଇ ଅନୁରୋଧ।

ଟୀକା

୧। ଆମେରିକାର Public Law-480 ଅନୁସାରେ ଭାରତ ଆମେରିକା ଠାରୁ ଗହମ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ଭାରତୀୟ ମୁଦ୍ରାରେ କିଣିଥାଏ। ଏହି ମୁଦ୍ରା ଆମେରିକା ଦୂତାବାସ ଭାରତରେ ମନଇଚ୍ଛା ଖର୍ଚ୍ଚ କରନ୍ତି। ଏହି ବିପୁଳ ଖର୍ଚ୍ଚ ହିସାବ ସରକାରଙ୍କୁ ଦିଅନ୍ତି ନାହିଁ।

୨। ମହାକବି ସେକ୍‌ସପିଅରଙ୍କ ହାମଲେଟରୁ।

୩। ଦକ୍ଷିଣ ଭିଏଟ୍‌ନାମରେ ଆମେରିକା ସାମରିକ ବାହିନୀ ପକ୍ଷରୁ ଫସଲ ବିଧ୍ୱଂସୀ ରାସାୟନିକ ବୋମା ପକାଯାଉଥାଏ, ଖୋଦ ଆମେରିକା ବୈଜ୍ଞାନିକ ଅନୁସନ୍ଧାନକାରୀଙ୍କ ରିପୋର୍ଟ ଅନୁସାରେ ଏହା ଫଳରେ ଦକ୍ଷିଣ-ଭିଏଟ୍‌ନାମର ସାନ୍ଦ୍ର ଜଙ୍ଗଲ ସବୁ ଜଳି ଯାଏ, ଯେଉଁଠି ଆସନ୍ତା ବହୁବର୍ଷ ଯାଏ ପତ୍ରଟିଏ ବି କଅଁଳିବ ନାହିଁ।

Digitized by srujanika@gmail.com

୪ । ଏ ପ୍ରକାର ମାରଣବୋମା ଏହା କେବଳ ବେସାମରିକ ଲୋକଙ୍କୁ ଜାଳିପୋଡ଼ି ଦେବାକୁ ବ୍ୟବହୃତ ହୁଏ ।

୫ । ୟୁରୋପରେ ଇହୁଦୀ ବିଦ୍ୱେଷ ଏକ ପୁରାତନ ଦୁଃଖଦାୟକ ଘଟଣା । ଏହା ଚରମ ହୋଇଥିଲା ହିଟଲରଙ୍କର ଜର୍ମାନୀ ରାଜୁତି ବେଳେ । ଇହୁଦୀମାନଙ୍କର ବସତିକୁ ଘେଟୋ ବୋଲି କୁହାଯାଏ ।

୬ । ଆମେରିକାର କୃଷ୍ଣକାୟ ନିଗ୍ରୋଙ୍କର ବସତିକୁ 'ହାରଲେମ୍' କୁହାଯାଏ ।

୭ । ଗତ ଯୁଦ୍ଧରେ ନାତ୍ସୀମାନେ ମଲାମଣିଷ ଖପୁରୀକୁ (ଆଷ୍ଟ୍ରେ) ସିଗାରେଟ୍ ପାଉଁଶରଖା ପାତ୍ର କରିଥିଲେ ।

୮ । ବିଲାତର କବି ଓ୍ୱାର୍ଡ୍‌ସ୍‌ଓ୍ୱାର୍ଥ । ଇଂରାଜୀ ହେଲା–

Great God, I will rather be a Pagan suckled to a creed outworn.

୯ । 'ବେଲସନ' ହିଟଲର ଜର୍ମାନୀରେ ଏକ ଜେଲଖାନା । ଏହାର ବିଭତ୍ସ ଅତ୍ୟାଚାରର ବିଷୟ ନ୍ୟୁରେମ୍‌ବର୍ଗ ଯୁଦ୍ଧଦାଗୀ ବିଚାରରେ ଜଣାପଡ଼ିଥିଲା ।

୧୦ । ପିକ୍‌ସ୍କିଲ-ଆମେରିକା ନିଗ୍ରୋ ଦଳନର କଳଙ୍କିତ ଇତିହାସ ଏଇଠି ଘଟିଥିଲା । ଏ ବିଷୟରେ ଲେଖକ ହାଓଆର୍ଡ଼ ଫାଷ୍ଟଙ୍କର ଏହି ନାମର ବହି ପଢ଼ନ୍ତୁ ।

୧୧ । ଇଟାଲୀୟ କବି ଦାନ୍ତେ ତାଙ୍କର INFERNO ବା ନରକର ବର୍ଣ୍ଣନା ସାହିତ୍ୟ ପ୍ରସିଦ୍ଧ ।

୧୨ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ''ଭଗବାନ୍, ତୁମି ଯୁଗେ ଯୁଗେ; ଦୂତ୍ ପାଠାୟେଛ ବାରେ ବାରେ ।''

୧୩, ୧୪ ଓ ୧୫ । 'ମାଇଲାଇ', 'ସଙ୍ଗମାଇ' ଓ 'ପିଙ୍କଭିଲେ' ଦକ୍ଷିଣ ଭିଏଟ୍‌ନାମର ଗ୍ରାମାଞ୍ଚଳ । ଏଠାରେ ବେସାମରିକ ନିରସ୍ତ୍ର ଗ୍ରାମବାସୀମାନଙ୍କୁ ବିଶେଷତଃ ସ୍ତ୍ରୀ, ବାଳକମାନଙ୍କୁ ଆମେରିକା ମିଲିଟାରୀ ଅଫିସରମାନେ ୧୯୬୯ ମାର୍ଚ୍ଚ ମାସରେ ଗଣହତ୍ୟା କରିଥିଲେ । ଏହି ଘଟଣା ସାରା ସଂସାରର ଜନତାକୁ କ୍ଷୁବ୍‌ଧ ଓ କ୍ରୁଦ୍ଧ କରିଛି ।

୧୬ । ବନ୍ଦୀର ଆତ୍ମକଥା ୰ପଣ୍ଡିତ ଗୋପବନ୍ଧୁ ଦାସ

୧୭ । ବ୍ରିଟିଶ ଅମଳର ଭାରତୀୟ ନୌବାହିନୀର ଦୁଇଟି ରଣତରୀ । ଏହାର ନାବିକମାନେ ବିଦ୍ରୋହ କରି କଂଗ୍ରେସ ଓ ଲିଗ୍‌ର ଝଣ୍ଡା ଏବଂ ଲାଲଝଣ୍ଡା ଦୁଇ ଜାହାଜରେ ଉଡ଼ାଇଥିଲେ ।

Digitized by srujanika@gmail.com

୧୮ । ଆନ୍ଧ୍ର ପ୍ରଦେଶର ତେଲେଙ୍ଗାନାଠାରେ ସଶସ୍ତ୍ର ଚାଷୀ ବିଦ୍ରୋହ ଘଟିଥିଲା ୧୯୪୮-୧୯୪୯ ।

୧୯ । ବଙ୍ଗଳାର ଚାଷୀ ଆନ୍ଦୋଳନର ଘାଟି

୨୦ । ଆନ୍ଧ୍ରର ଚାଷୀ ସଂଗ୍ରାମ । କାୟୁରର ୬ ଜଣ ଚାଷୀ ଯୁବକଙ୍କୁ ଫାଶୀ ଦିଆଯାଇଥିଲା ।

୨୧ । ପୂର୍ବର ତ୍ରାଭାଙ୍କୋର ଓ ଏବର କେରଳର ଏକ ସ୍ଥାନ ଚାଷୀ ସଂଗ୍ରାମର ଘାଟୀ । ଏଠାରେ ଗୁଳି ହୋଇଥିଲା ।

୨୨ । ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଣ୍ଠନର ନେତା ଥିଲେ । ସେହି ଲଢ଼େଇରେ ସେ ପ୍ରାଣ ଦେଇଥିଲେ ।

୨୩ । ଅସହଯୋଗ ଆନ୍ଦୋଳନ ବେଳେ ଉତ୍ତ୍ୟକ୍ତ ଜନତା ଏହି ପୋଲିସ ଷ୍ଟେସନ ପୋଡ଼ି ଦେଇଥିଲେ ।

୨୪ । ନୀଳଚାଷୀଙ୍କର ବିଦ୍ରୋହ ପାଇଁ ବିଖ୍ୟାତ ଚମ୍ପାରଣ ସତ୍ୟାଗ୍ରହ ।

୨୫ । ବାଷ୍ଟାଇଲ ଫ୍ରାନ୍‌ସର କୁଖ୍ୟାତ ବନ୍ଦୀଶାଳା । ଫରାସୀ ରାଷ୍ଟ୍ରବିପ୍ଳବୀମାନେ ଏହାକୁ ଭାଙ୍ଗି ରାଜବନ୍ଦୀମାନଙ୍କୁ ମୁକ୍ତ କରିଥିଲେ ।

୨୬ । ସାଂଘାଇ ଚୀନ ଗଣତନ୍ତ୍ରର ବୃହତ୍ତମ ଓ ପୃଥିବୀରେ ତୃତୀୟ ବୃହତ୍ତମ ବନ୍ଦର । ଚୀନ ଗଣମୁକ୍ତି ବାହିନୀ ଏହାକୁ ଆମେରିକା ଓ ଅନ୍ୟାନ୍ୟ ସାମ୍ରାଜ୍ୟବାଦୀମାନଙ୍କ କବଳରୁ ମୁକ୍ତ କରିଥିଲେ ।

୨୭ । ହିଟଲରବାଦ ବିରୋଧୀ ଯୁଦ୍ଧରେ ଏକ ପ୍ରଧାନ ବୀରତ୍ୱପୂର୍ଣ୍ଣ ଘାଟିଥିଲା । ଅଢ଼େଇବର୍ଷ ଅବରୁଦ୍ଧ ହୋଇ ବି ଲେନିନଗ୍ରାଡ଼ ଅଟଳ ରହିଥିଲା ।

୨୮ । ଦାନାଂ ଦକ୍ଷିଣ ଭିଏଟନାମର ଏକ ବିପ୍ଳବୀ ଘାଟି ।

୨୯ । ସାଇଗନ ଦକ୍ଷିଣ ଭିଏଟ୍‌ନାମର ବୃହତ ସହର ।

୩୦ । ଥାଇଲାଣ୍ଡର ରାଜଧାନୀ ।

୩୧ । ବର୍ମାର ରାଜଧାନୀ ।

ରଚନାକାଳ : ୧୯୭୦

Digitized by srujanika@gmail.com

ଉତ୍କଳମଣି ତୁମ ଜୟ ଜୟ

ଉତ୍କଳମଣି ତୁମ ଜୟ ଜୟ
ତୁମେ ମୃତ୍ୟୁ ପଥେ ଦେଲ ବରାଭୟ (ଘୋଷା)
କର୍ଣ୍ଣଧାର ଥିଲ ଜୀବନ ପଥେ
ଚିର କର୍ଣ୍ଣଧାର ତୁମେ ମୁକ୍ତି ରଥେ
କୋଟି ଜଳବିନ୍ଦୁ ଜାତି ଜଳ ପ୍ରପାତେ
ଆସିବେ, ହେବେ ଲୟ
ଉତ୍କଳମଣି ତୁମ ଜୟ ଜୟ ।୧।
ଜାତି ପଟୁଆରେ ତୁମେ ରୋଷଣି ପରି
ଜାତି ଆଖିଧାରେ ଦେଲ ଦମ୍ଭ ଭରି
ପଥହରା ଦେଶ ବାଟେ ଆଣିବ ବରି
ତୁମେ ମୁକତି ଅକ୍ଷୟ ।
ଉତ୍କଳମଣି ତୁମ ଜୟ ଜୟ ।୨।

❖

ଗୋପବଂଧୁ ଶ୍ରାଦ୍ଧ ଦିବସ ୧୯୪୩
ଲେଖକର 'ମହାଦୀକ୍ଷା' ନାଟକରୁ ଗୃହୀତ ।
ରଚନାସ୍ଥାନ ବ୍ରହ୍ମପୁର ଅତିରିକ୍ତ ଜେଲ ।

Digitized by srujanika@gmail.com

ପ୍ରଥମ କବିତା

(ରାଗ ରସକୁଲ୍ୟା)

ତୁଟିଛି ଜଡ଼ତା ପରାଣୁ ଆଜି
ଉଠିଛି ମିଳନ ମୁରଲୀ ବାଜି
ଜାଗିଛି ନିଦ୍ରିତ ଓଡ଼ିଆ ଜାତି
ନିଶ୍ଚଳ ରକତ ଉଠିଛି ମାତି ହେ
ତୁମରି ଆଦର୍ଶ ଶିଖା ହେ
ଓଡ଼ିଆ ଜାତିର ଅନ୍ଧାରିତ ପଥେ
ପକାଇଛି ରଶ୍ମିରେଖା ।
ଶିକ୍ଷ ସଉଧର ବିଳାସଖଣି
ଓଡ଼ିଆ ଜାତିର ମଉଡ଼ମଣି
ଦେଖି ଉତ୍କଳର ଦଶା ଦୁଃସହ
ତୁମ ପରି କିଏ କାନ୍ଦିଛି କହ ହେ
ସ୍ୱାର୍ଥ ଦେଇ ଜଳାଞ୍ଜଳି ହେ
ଲାଗିଅଛି କିଏ ମାତୃପୂଜା ପାଇଁ
ଭୂଷଣ ଖୋଜାରେ ଖାଲି ହେ ।
କାଲି ଥିଲା ଯାହା ସପନେ ଜଡ଼ି
ଖାଲି ଥିଲା ଯେଉଁ ଆସନ ପଡ଼ି ।
ପୂର୍ଣ୍ଣ ହୋଇଛି ତା ତୁମକୁ ପାଇ
ଉତ୍କଳ ଉଠିଛି ବନ୍ଦନା ଗାଇ ହେ
ଧନ୍ୟ ଧନ୍ୟ ଗଜପତି ହେ

Digitized by srujanika@gmail.com

ପୂର୍ବ ପୁରୁଷର ବିଶାଳ ପ୍ରତିଷ୍ଠା
ସଙ୍ଗେ ମିଳିବ ଏ କୀର୍ତ୍ତି ହେ ।
ଯେ ବନ୍ଦନା ଗାଏ ସାରା ପ୍ରକୃତି
ଯା ଲାଗି ବିଭୋର ଓଡ଼ିଆ ଜାତି
ବିହଙ୍ଗର କଳକଣ୍ଠ ସହିତ
ମିଶାଇ ଗାଇବୁ ଆମ ସଙ୍ଗୀତ ହେ
ଜଗତୁଁ ପଡ଼ିବ ଦୃଷ୍ଟି ହେ
ବିରାଟ ଉତ୍କଳ ମୁଣ୍ଡଟେକି ଉଠି
ଚମକାଇ ଦେବ ସୃଷ୍ଟି ହେ ।।

❖

ଏହି କବିତାଟି ଶ୍ରୀ ମନମୋହନ ମିଶ୍ର ୧୯୩୪ ମସିହାରେ ବିଦ୍ୟାଳୟରେ ପଢୁଥିଲା ବେଳେ ପାରଳାକେମଣ୍ଡି ମହାରାଜଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ । ଏହା କବିଙ୍କର ପ୍ରଥମ କବିତା ଏବଂ ଏହି କବିତା ପାଇଁ ତାଙ୍କୁ ପ୍ରଥମ ପୁରସ୍କାର ମିଳିଥିଲା ।

—ସମ୍ପାଦକ

Digitized by srujanika@gmail.com

ଲାଲ ପତାକା

ଲାଲ ପତାକା, ଲାଲ ପତାକା
ଦେଶେ ଦେଶେ ଗଢ଼େ ଚାଷୀ କୂଲି ଇଲାକା । ° ।
ଦିନେ ମଇ ପହିଲାର ମିହି ପ୍ରଭାତେ
ଗୁଳିଘାତ ଲହୁଟିକା ମଜୁର ହାତେ
ଘେନି ଉଡ଼ିଥିଲୁ ତୁ ଅବିଚଳ ଶାଖା ।।
ଲାଲ ପତାକା.........

ଦିନେ ନିଶିଥର ଫୁଲ ମଥିତ ଶେଯେ
ଚମକି ବୁର୍ଜୋୟା ଚାହିଁଥିଲା ତୋ ତେଜେ
''ପ୍ୟାରୀ କମ୍ୟୁନ୍''ର ବୁକେ ରକ୍ତ ତାରକା ।
ଲାଲ ପତାକା.........

ଲକ୍ଷ ଶହୀଦର ବୁକୁ ରକତ ଛାଣି
ନଭେମ୍ବର ରାତେ ନେଭା ନଦୀ ଉଜାଣୀ
ଲେନିନ୍ ତପି ତୋତେ ହାତରେ ଆପି
ଅତ୍ୟାଚାରୀ 'ଜାରେ' ଦେଲା ମରଣ ଧକ୍କା ।
ଲାଲ ପତାକା......... । ° ।

ଲୋଟୁ ଥିଲୁ ଗଗନେ ତୁ ଗରବେ ହସି
ତୋ ଲାଗି ଆଶ୍ୱାସ ଲଭେ ଭୋକିଲା ଶୋଷି
ଦୁନିଆର ଶୋଷିତର ତୁହି ତ ସଖା
ଲାଲ ପତାକା, ଲାଲ ପତାକା......... । ° ।

❖

ରଚନାକାଳ : ଡିସେମ୍ବର ୧୯୪୭

Digitized by srujanika@gmail.com

ସୀମାହୀନ ମୁକତିର

ସୀମାହୀନ ମୁକତିର
　　　　　　ମୁକତିର ମୁକତିର
　　　　　　ଜୀବନ ମରଣ ଦୁଇତୀର ।
ଦରୋଟି କଣ୍ଠେ କୋମଳ ଶିଶୁ ଡାକେ
　　ଡାକେ ଗୁରୁ ଗମ୍ଭୀର ।
ଜନତା ବିଜୟ ସାଜେ
　　　　　　ଶୃଙ୍ଖଳ ଖସେ ଲାଜେ
ବନ୍ଧୁକ ମୁନେ ଶୁଣରେ ଶୋଷକ
　　ହୀନ ପରାଜୟ ବାଜେ,
ବାଜେ ବାଜେ ବାଜେ
　　　　　　ବାଜେ ତୋ ମରଣ ଭେରୀ
ଭେଦି ଜାଭା ବନଗିରି, ଇରାବତୀ ବୁକୁଚିରି
ଆକାଶେ ନିଶାଣ ସାଜେ, ଆକାଶେ ନିଶାଣ ସାଜେ
　　ଜନତା - ଜଳଧିର;
　　　　　　ସୀମାହୀନ ମୁକତିର...
ଏ ହାତେ ଦେଇଛି ଭିକ୍ଷା ଝୁଲି, ବୁକୁରେ ଝାଞ୍ଜି ବତାସୀ
ତେଣୁ କୋମଳ ଶିଶୁ ଖସିଛି ତୁମରି ବନ୍ଧୁକେ ଉପହାସି
　　　　　　ନିମନ୍ତ୍ରଣ...ନିମନ୍ତ୍ରଣ
ଆଜି ଆସିଛି ତୁମର ଗୋଳାବାରୁଦର ଭୋଜି,
　　ଆସିଛୁ ତାହାରେ ଖୋଜି...
ଦେଶେ ଦେଶେ ଆଜି ଲକ୍ଷ ଜନତା ଚଳେ
ଦେଶେ ଦେଶେ ଆଜି ଲକ୍ଷ ଜନତା ଚଳେ
　　ଚଳେ ଅବିଚଳ ଶିର ।
　　　　　　ସୀମାହୀନ ମୁକତିର...

❖

ରଚନାକାଳ : ୧୯୪୬ (ରାମେଶ୍ୱର ବାନାର୍ଜି ନାମକ ଛାତ୍ର ପୁଲିସ ଗୁଳିରେ ସହିଦ ହେବା ପରେ)

Digitized by srujanika@gmail.com

ସେଇ ଦୁର୍ଦ୍ଦାନ୍ତ ଛିଣ୍ଡାହାତ

ଏଣିକି କମିସନ ବସାଅ
ଅନଶନ ମନାଅ
ପ୍ରବୀଣମାନେ ଅଶ୍ରୁତର୍ପଣ କର
ମନ୍ତ୍ରୀପଣ ପ୍ରତ୍ୟର୍ପଣ କର
କାରଣ, ଘଟଣା ଜଣା ହୋଇଗଲା ।
ହଜାର ହଜାର ମେଟ୍ରିକ୍ ଟନ୍‌ର ଓଜନ୍‌ର
ପଟୁଆର ତଳେ
ଏ ଜାତିର ବିବେକ ବଣା ହୋଇଗଲା ।
ରେଳ ଧାରଣାର ଶୀତଳ ଲୁହା
ତରୁଣର ତାତିଲା ଲହୁରେ ଛଣା ହୋଇଗଲା;
ଗୋଟିଏ ରକ୍ତାକ୍ତ ଛିଣ୍ଡା ହାତରେ
ଏ ଜାତିର ବୁକୁ କଣା ହୋଇଗଲା ।
ଜାଣିରଖ,
ସେହି ଛିଣ୍ଡା ହାତର ଲହୁରେ
ତୁମର ଏଆରକଂଡିସନ ଉତ୍ତପ୍ତ ହେବ,
ତୁମର ଡିସଟେଂପର ବିଧ୍ୱସ୍ତ ହେବ ।
ରେଳ ଚକ୍ର ଚାପର ସଂଜୀବନୀରେ ଚାର୍ଯ୍ୟ ହୋଇ
ଯାହାର ନାମ ଆଚାର୍ଯ୍ୟ
ସେଇ ଛିଂଡା ହାତ,
ଯାହାର ନାମ ଲୋକନାଥ;
ବିଗତ ଛାତ୍ର ଦାବାନଳରେ ପୁଂଜୀଭୂତ ତେଜ
ଯାହାର ନାମ ଓଡ଼ିଶାର ସ୍କୁଲ ଓ କଲେଜ
ଏ ଜାତିର ଅଗ୍ନି ପଟୁଆର
ଏବେବି ଜାଗ୍ରତ
ଜାଣିରଖ,
ଏହା ପ୍ରଥମ ପ୍ରତିବାଦର ତୂର୍ଯ୍ୟ

Digitized by srujanika@gmail.com

ଏହା ନବୋଦିତ ଜୀବନର ସୂର୍ଯ୍ୟ
ଏହାର ନାମ ଲୋକନାଥ ଆଚାର୍ଯ୍ୟ ।
ଏ ଆତ୍ମହତ୍ୟା, ଭୀରୁତା ?
ତୁମେ ଯିଏ ବେନାମି ବ୍ୟବସାୟ କର
ମନୁଷ୍ୟର ମର୍ଜି, ମଜୁରୀ ଆଉ ମାଉଁସକୁ
ମାଲପାଣିରେ ମାପ
ଥରେ ଦେଖି ଏ ଭୀରୁତା ଦେଖାଅ ?
ଉତ୍‌କୋଚ୍ ପାହାଡ଼ର କର୍କକର ଲାଙ୍ଗରୁ ଛୁଟି ନେବାକୁ
ବାରେ ଭଲା ଏ ହୀନତା ଶିଖାଅ ?
ସେ ଦିନ ଆସୁଛି
ଯେଉଁଦିନ କୋଟି ବୁଭୁକ୍ଷାର ଉପହାସରୁ
ଉତ୍‌ପୀଡ଼ିତ କ୍ରୋଧର ଚଂଦ୍ରହାସରୁ
ତୁମେ ତ୍ରାହି ତ୍ରାହି ଡାକିବ;
ଶୁଭିବ ଫେରୁ ଆର୍ତ୍ତନାଦ
'ବଞ୍ଚାଅ', 'ବଞ୍ଚାଅ'
ସେ ଦିନ ଡେରି ନାହିଁ;
ମନେ ରଖ, ଏ ଜୁଆର ଫେରିନାହିଁ;
ଯିଏ ଗୁଳି ଚୋଟରେ ମରିଛି, ସେ ମରିନାହିଁ
ଯିଏ ରେଳଚାପାରେ ସରିଛି ସେ ଡରି ନାହିଁ ।
ସେ ହୁଏତ ଏଯାଏ ଜୀବନକୁ ଭଜି ନାହିଁ
କିନ୍ତୁ ସେ ସିମେଂଟ କଂକ୍ରିଟର ଦୌଲତରେ
ବ୍ୟାଙ୍କ ବ୍ୟାଲେଂସର ମହୁରତ୍‌ରେ ହଜି ନାହିଁ ।
ଏ ଜୁଆରର ପ୍ରତ୍ୟେକ ତରଙ୍ଗରେ
ସେ ଆସୁଛି
ଆଗାମୀ ତୋଫାନର ପ୍ରତି ନିଃଶ୍ୱାସରେ ସେ ମିଶୁଛି ।
ତା'ର ଅନ୍ୟତର ସଂକେତ, ଲୋକନାଥ
ଆଉ ତାର ଦୁର୍ଦ୍ଧାନ୍ତ, ରକ୍ତାକ୍ତ
ଛିଣ୍ଡାହାତ ।

❖

Digitized by srujanika@gmail.com

ପଟିଆ ବନ୍ଧ

ପଟିଆ ବନ୍ଧ ତୁ ଗଢିନୁ ଭାଇରେ
ଗଢିଛୁ ନୂଆ ଦେଉଳ,
କୁଆ ଖାଇ ବୁକେ ଫାଶ ପକାଇଛୁ
ଗଢିଛୁ ନୂଆ ଭୁଗୋଳ ।

ଗଣ୍ଡରପୁରର ମୁଣ୍ଡିଆ ଭାଇରେ
ବିଲେ ନେବ ହଳ ଚାଷ
ନିଜ ବାହୁବଳେ ଗଢିଛୁ ଭାଇ ତୁ
ପଟିଆର ଇତିହାସ ।

ଫୋପାଡି ଦେଏ ତୁ ପୁରୁଣା ପୋଥି ତୋ
ପୁରୁଣା ଅଙ୍କ କିତାବ,
ବାଲିଚରେ ବାର ହଜାର ଖଜଣା
ଯହିଁ ହୋଇଛି ହିସାବ ।

କନିକାରେ ମଣ୍ଡି ଗାନ୍ଧି ଟୋପି ତୋତେ
ଯିଏ ଦେଲା ଚିତାକାଟି
ସାଥୀରେ.........

ପକ୍କି ମହାଲର ସୱାଲ ପୋଛି ଦେ
ତାକୁ ଶିଖା ରାଜନୀତି ।
ସାଥିରେ......

❖

Digitized by srujanika@gmail.com

ପଡିଲା ପଣ୍ଡିତ ନେହୁରୁ ପାଦଧୂଳି !

(ଲାଗିଲା, ମନ୍ତ୍ରୀ ସଭାରେ ଭଲା ମନ୍ତ୍ରଣା ସୁରରେ)

ପଡ଼ିଲା,
ପଣ୍ଡିତ୍ ନେହୁରୁ ପାଦଧୂଳି
ଭୁବନ ଈଶ୍ୱର କଟକ
ସମଲ ଈଶ୍ୱରୀ ମୁଲକ
ହୀରାକୁଦ ମହାନଦୀ ଡ଼ରିଲା । ଘୋଷା ।

ବିରଲା କାଗଜ କଳ ମାଲିକ (ହାୟ)
ଭେଟି ଦେଲା ଗାନ୍ଧି ପାଣ୍ଠି ଥଳିକ (ହାୟ)
ଝୁନ୍‌ଝୁନ୍‌ବାଲା ବେକୁବ
ଝିଅ ବିବାହରେ କି ଶୁଭ
ଭୋଜି ଭାତର ଦିନ ନ ଯୁଟିଲା ।୧।
ମୋତି ପଣ୍ଡିତଙ୍କ ଘର ଧଉଳା (ହାୟ)
ଦେଖି ହାକିମେ ହୁଅନ୍ତି କାଉଳା (ହାୟ)
ଡ଼ିନାର ପାର୍ଟିର କଟକଣା
ଚାହିଁ ଚାହିଁ ଆଖି ହେଲା କଣା
ରିହର୍ସାଲ ନ କଲେ ନ ଚଳିଲା ।୨।

ରୁମାଲରେ ଢ଼ାଙ୍କିବେ କି ଅତର (ହାୟ)
କେଡ଼େ ବେଗି ଚାଳିନେବେ ମଟର (ହାୟ)
କର୍ଣ୍ଣ କଟଟି ଆଭରଣ
ବର୍ଣ୍ଣ କଷଟି ପ୍ରହାରଣ
ମେମ୍ ସାହେବଙ୍କୁ ହେଲା ତଦରା ।୩।

ରଘୁପତି ରାଘବ ରାଜାରାମ (ହାୟ)
ଓଡ଼ିଶା ମୁଲକେ ବଡ଼ ଆରାମ (ହାୟ)

Digitized by srujanika@gmail.com

ଆଠଣାକୁ ସେରେ ଚାଉଳ ଦାମ
ଦଶରୁପୟାରୁ ଏକ ଛଦାମ
ଲୁଗା ଖଣ୍ଡେ କମ୍ କାହିଁ ନୋହିଲା ।୪।

ସ୍ତ୍ରୀରି ଯୁବତୀଏ ଏବେ ଗଞ୍ଜାମେ
ସମ୍ଭାଳନ୍ତି ଇଜ୍ଜତକୁ ଆରାମେ
ପୋଲିସ ଆଉ ରାଜାଙ୍କ
ଗୁଣ୍ଡା ଲଗାନ୍ତି ଆତଙ୍କ
ଲମ୍ପଟୀର ଶାନ୍ତି ପାଇଁ ଶାସନ ଚଳିଲା ।।୫।।

ଯେତେ ଗଡ଼ଜାତି ନବାବ ରାଜା
ସୁଖେ ପାଇ ବୃତ୍ତି ବାଡ଼ି କି ଖଞ୍ଜା
ନେହେରୁ ପଟେଲ ଦୁଇଭାଇ
ରାଜାଙ୍କୁ କରନ୍ତି ବଧାଇ
ଅନ୍ଧ ଉତ୍ତାରେ ଶାନ୍ତି କେହ୍ନେ ହୋଇଲା ।।୬।।

ଦଶ ବରଷ ଲାଗି ମୁଚାଲିକା
ଲେଖି, ଜନତାକୁ ହରି ତାଲିକା
ମାର୍କିନ୍ ସାଙ୍ଗେ ବିରଳା
ବଡ଼ ଜୋଇଁ ଆଉ ହୀନ ଶିଳା
ଲୁଟିବାର ଫନ୍ଦି ଏବେ ଯୁଟିଲା ।।୭।।

ଭାତ ଲୁଗା ପାଇଁ କିଆଁ ଖାତର ?
ଦଶ ବରଷ ତୁ ଭାଇ ସତାର !
ବାନ୍ଧିଲେ ଆମେ ହୀରାକୁଦା
ଭାତ ଲୁଗା ହେବ ଗଦା ଗଦା
ରହ ସେବେ ଯାଏ ଭୋକି ଲଙ୍ଗଳା ।।୮।।

❖

୧୯୪୮ ମସିହା ଜୁଲାଇ, ଅଗଷ୍ଟ
କଟକ

Digitized by srujanika@gmail.com

ଜୟ କୃଷକ ସଭା

ଜୟ ଜୟ କୃଷକ ସଭା, ଜୟ ଜୟ ମଜୁର ଚାଷୀ
କଲ୍ୟାଣ କରେ ଭୋକୀ, କଲ୍ୟାଣ କରେ ଶୋଷୀ ।୦।
ଧରି ଏ ନାଲି ପତାକା
ବେଠି ଭେଟି ହେଲୁଁ ପାରି;
ନିବାରିଲୁ ବେଆଇନ
ମହାଜନୀ ସାହୁକାରୀ,
ଯେତେ ପୁରୁଣା ଶୋଷଣ ବୁକୁ ରକତରେ ନାଶି ।୧।

ଶିଝି ଖରା ଝାଞ୍ଜି ମାଡ଼େ ଭିଜି ଶିରାବଣ ଧାରା
ମାଟିବସୁଧାରେ ସୁନା ମାଖୁଁ ଖଟି ବର୍ଷ ସାରା
ନିଜେ ଚଷିଲୁଁ ଦାଇଲୁ ମଲୁଁ ଅଧା ଉପବାସୀ ।୨।

ମର ପିଆଦା ଚାହେଁ ଭଙ୍ଗା ଚାଳକଣ୍ଡୁ
ସୁନା ଫଳାଇ ଯେତେ ଆମେ ମରଣ ଦିନ ଗଣୁ
ଭୂମି ମାଲିକର ଜୁଡ଼ା ଆମରକ୍ତ ନେଲା ଶୋଷି ।୩।

ଯିଏ ଦେଖି ନାହିଁ ବିଲ ଯିଏ ମାଖିଲାନି ମାଟି,
ତା'ର ଅମାର ପୂରିଲା, ତା'ର ବିଲ ବାଟି ବାଟି
ମାଣେ ପଦିକେ ଜମିକୁ, ଆମେ ମଲୁଁ ଅବଶୋଷି ।୪।

ଡ଼କାୟତ କଲା ଯେହୁ
ତା'ର ଆଇନ କଚେରୀ
ତା'ର ସହେ ଚଉରାଳିଶ

Digitized by srujanika@gmail.com

ତାର ପିଆଦା ପଗଡ଼ି;
ଯେଣୁ ଆମେ ଖଟିଖିଆ
ତେଣୁ ହୋଇଥିଲୁଁ ଦୋଷୀ ।୫।
ଯିଏ ନିଖଟୁ ତସ୍କର ସିଏ ବୋଲାଇଲା ଦାନୀ,
ତା'ର ଖିରୀ ଖେଚେଡିର, ଅଇଁଠାରେ ଯିବୁ ଭାସି
କଳିକାଳ ଭେଣ୍ଡା ଦଳ, ହେଲ ଏଡ଼ିକି ଗୁମାନି ।୬।

ସରିଲାଣି ଏ ଫିସାଦ
ଜଣାଗଲା ଦାନୀ ପଣ
ଲାଲ ପତାକାକୁ ଧରି
ଆମେ ଘେନୁଛୁ ଏ ପଣ
ଭାଇ ହାତେ ହାତ ଛନ୍ଦି
ଆମ ଏକତାକୁ ଘୋଷି ।୭।

❖

Digitized by srujanika@gmail.com

ପ୍ରାଚୀର ପତ୍ର
(ଲେନିନ୍)

ସାଥୀ !
ସଭିଏଁ ଲେନିନ ହୁଅନ୍ତି ନାହିଁ ଅଥବା ଷ୍ଟାଲିନ୍
କିନ୍ତୁ, ସେଥିପାଇଁ ଲାଗେ ନାହିଁ ବର୍ଷ, ମାସ, ବୟସ ବା ଦିନ;
ଚୀନ୍
ତାର କେଉଁ ବାଲିପଡ଼ିଆର
ଏକ କାଠ କୁଡ଼ିଆର
ଜଣେ ଗୁଲିଚଟା ଚୁ-ତେ
ତା'ର ନିର୍ଦ୍ଦେଶେ ଆଜି ଲାଲ୍‌ସେନା ଛୁଟେ।
ରାଶି ରାଶି ଡଲାର ପର୍ବତ
ପୁଞ୍ଜି ଐରାବତ
ଜନତାର ପଦାଘାତେ ଧରାତଳେ ଲୁଟେ
ଚୀନର କେଉଁ ବାଲିପଡ଼ିଆର
ଏକ କାଠ କୁଡ଼ିଆର
ଜଣେ ଗୁଲିଚଟା ଚୁ-ତେ,
ତା'ର ନିର୍ଦ୍ଦେଶେ ଆଜି ଲାଇସେନା ଛୁଟେ।
କିନ୍ତୁ ବୁଖାରିନ୍ !
ବଣିକ ଫିସାଦ ପୋଥୀ କରି ଛିନ୍ନ ଭିନ୍ନ
ଯେହୁ ଦେଲା ସର୍ବହରା ହାତେ
ଦର୍ଶନର ବିଜୟ ଅକ୍ଷୟ

ସେହି ବୁଖାରିନେ ....ବୁଖାରିନେ
ଭୀରୁତାର ପେଚା ପୁଣି ଯାବୁଡ଼ିଲା ଦିନେ।
ଆପଣାର ପରାଜୟବାଦେ

Digitized by srujanika@gmail.com

କାରାଗାରେ
        ନିଜ ନାମେ ଲେଖିଗଲା ରାୟ ।
ସେଥିପାଇଁ ସାଥୀ !
ଆଗରୁ କହିଛି ରଖି
ସଭିଏଁ ଲେନିନ୍ ହୁଅନ୍ତି ନାହିଁ ଅଥବା ଷ୍ଟାଲିନ୍
କିନ୍ତୁ ସେଥିପାଇଁ ଲାଗେ ନାହିଁ ବର୍ଷ, ମାସ, ବୟସ ବା ଦିନ ।

ଝଡ଼ର ସାମନାରେ ଯିଏ ନିର୍ବିକାରେ ଛିଡ଼ା ହୁଏ
ଆପଣାର
        ଭଙ୍ଗୁର ସାଥୀ ଜୀବନ ଯେହୁଁ ଗଢ଼ିନିଏ
ଟାଣିନିଏ ଉର୍ଦ୍ଧ୍ୱେ ଶତ ଭଗ୍ନ ମହାରଥୀ
ସାଥୀ !
ଦୁର୍ବଳତା ଆଉ ଭୀରୁତା ଆବୃତ୍ତି
ଯେହୁ ଜଳିଯାଏ
ଯାରେ ଦେଖି ଜାଗେ ପ୍ରାଣେ ମମତା ପୀରତି
ବନ୍ଧୁର ମୃତ୍ୟୁର ବୁକେ
            ସେହି ଅମୃତର ସାଥୀ ।

ସେଥିପାଇଁ ଲେନିନ୍ ଲେନିନ୍
ସେଥିପାଇଁ ଷ୍ଟାଲିନ୍ ଷ୍ଟାଲିନ୍
ସେଥିପାଇଁ ବୁଖାରିନ୍ ଗ୍ରନ୍ଥକୀଟ ଭୀରୁ ବିଭୀଷଣ
ସେଥିପାଇଁ କାଲିକାର ଗୁଲିଚଟା ଚୁ-ତେ,
            ନେତା ପରେ ବରେ ମହାଚୀନ୍ ।

❖

ରଚନାକାଳ : ୧୯୫୨

Digitized by srujanika@gmail.com

ତିନିବାର ସତ୍ୟ

ହେ ସହିତ ଗାନ୍ଧୀ
ଆବର୍ଜନା ଜର୍ଜରିତ ଦିଲ୍ଲୀ ରାଜପଥ
ଏବେ ବି କମ୍ପିତ ହୁଏ
ଏବେ ବି ସ୍ପନ୍ଦିତ ହୁଏ
ଏବେ ବି ଘୋଷଣା କରେ ସେହି ଏକ ସତ୍ୟ
ସେହି ଏକ ସତ୍ୟ
ସେହି ଏକ ସତ୍ୟ
ସତ୍ୟ ସତ୍ୟ ତିନିବାର ସେହି ଏକ ସତ୍ୟ ।

ଅନେକ ମୂଲ୍ୟ ଦେଇ ଆମେ ସେ ସତ୍ୟ କିଣିଥିଲୁ
ଏବେ ଦିନେ ମାର୍କିନ ମୁଲକରେ
ମାର୍ଟିନ ଲୁଥର କିଂ
ବୁକୁର ଲହୁରେ ସେହି ସତ୍ୟ ଆମେ ଛାଣିଥିଲୁ
ପାର୍ଥସାରଥୀର ପଦକୋରକ ରକ୍ତାକ୍ତ କରି
ସେହି ସତ୍ୟ ଆମେ ଜାଣିଥିଲୁ
ଯିଶୁର ଛାତିରେ କ୍ରୁଶବିଦ୍ଧ କରି
ସେହି ସତ୍ୟ ଆମେ କିଣିଥିଲୁ
ଆର ଶତାବ୍ଦୀର ମଣିଷ ଜାତିର କୋହିନୂରକୁ ହରାଇ
ସେହି ସତ୍ୟ ଆମେ ଜିଣିଥିଲୁ ।

ଆବର୍ଜନା ଜର୍ଜରିତ ଦିଲ୍ଲୀ ରାଜପଥ
ଏବେ ବି ସ୍ପନ୍ଦିତ ହୁଏ
ଏବେ ବି କମ୍ପିତ ହୁଏ
ଏବେ ମଧ୍ୟ ରଟିଯାଏ ସେଇ ଏକ ସତ୍ୟ
ସତ୍ୟ ସତ୍ୟ ତିନିବାର ସେହି ଏକ ସତ୍ୟ

Digitized by srujanika@gmail.com

ଆତତାୟୀ ବିଭେଦୀ ବୁଲେଟ୍ ସତ୍ୟ ନୁହେଁ
ଏ ତୁଚ୍ଛ ଘଟଣା, ସତ୍ୟ ନୁହେଁ ନୀଚ ଆବର୍ଜନା
ଶୋଷଣର ସାହୁକାର ଶେଠ୍
ଜୁଲମର ଇସ୍‌ପାତି ଟେଟ୍

ଧର୍ମ ସତ୍ୟ, ସତ୍ୟ ନୁହେଁ ଧର୍ମ କୋଳାହଳ
ଭାଷା ସତ୍ୟ, ସତ୍ୟ ନୁହେଁ ଭାଷାର କନ୍ଦଳ
ଜାତି ସତ୍ୟ, ସତ୍ୟ ନୁହେଁ ଜାତି ତକରାଳ

ବର୍ଣ୍ଣ ସତ୍ୟ, ସତ୍ୟ ନୁହେଁ ବର୍ଣ୍ଣ ଅହଙ୍କାର
ଲୋକ ସତ୍ୟ, ସତ୍ୟ ନୁହେଁ ଶୋଷକର ହିଂସ୍ର ତଲବାର
ଭୋକ ସତ୍ୟ, ସତ୍ୟ ନୁହେଁ ମୁନାଫାର ଭୀମ ଜାନୁଆର
ସତ୍ୟ ନୁହେଁ ଶୃଙ୍ଖଳାର ଚତୁର ପାଲିସ୍ ।

ଯେଉଁ ସତ୍ୟ ଗଢ଼େ କୋଟି ଅନାହାରୀ ଜନ
    ସେହି ସତ୍ୟ ତୁମେ ଗଢ଼ିଥିଲ
ଆଚମ୍ବିତେ ଫାଷ୍ଟକ୍ଲାସ ରେଳଡ଼ବା ପରେ
    ଜୀବନର ପହିଲି ପହରେ
        ନେଟାଲ ସହରେ
    ଦୀପ୍ତ ଅନୁରାଗେ
    ନରଘାତୀ କମାଣର ଦାଗେ
    ରୁଦ୍ଧ ଜାଲିଆନାବାଲା ବାଗେ
ଆଜାନୁ ଲମ୍ବିତ ବାହୁ, ଖର୍ବତନୁ, ଦୀପ୍ତ ଆଖି ଭାଗେ
    ସେହି ସତ୍ୟ ତୁମେ ଖୋଜିଥିଲ ।

ଯେଉଁ ସତ୍ୟ ଗଢ଼େ କୋଟି ମାଟିର ମଣିଷ
ଅନ୍ୟର ଖମାର ଭରି ରହିଛି ଉପାସ
ଶୋଷଣର କ୍ଷତ ବହି ହସେ ନିର୍ବିକାର
ଏକଯୋଟ୍ ବଦ୍ଧମୁଷ୍ଟି ଲୁହାର ପ୍ରାକାର

Digitized by srujanika@gmail.com

ଯାହାର ଭୀମ ଆଘାତେ ହୁଏ ଧରାଶାୟୀ
ସେହି ସତ୍ୟ, ସେହି ଦୀପ୍ତିମୟୀ
ସେ ସହଜଜ୍ଞାନ
ସେହି ସତ୍ୟ ତୁମ ପାଇଁ ଥିଲା ଭଗବାନ।
ସତ୍ୟ ଆଉ ଭଗବାନ ଏକ ତାର ନାମ
ସତ୍ୟ ଏକ, ସତ୍ୟ ଏକା ଶୋଷିତର ମୁକତି ସଂଗ୍ରାମ।

ସେହି ଏକ ସତ୍ୟ
ଗୁଳିର ଶିସାରେ ସିଞ୍ଚି ବୁକୁର ରକତ
ଏ ଜାତିର କୋଟି କୋଟି ଜନ୍ମର ଜଞ୍ଜାଳ
ନିର୍ବିକାରେ କରି ପରିଷ୍କାର
ଆପଣାକୁ ବଳିଦେଲ, ଏ ଜାତିର ରଖିଲ ମହତ
ସେହି ଏକ ସତ୍ୟ
ସସାଗରା ଧରାବୁକେ ଗୌରବର ନଂଗା ପରବତ
ସେହି ଏକ ସତ୍ୟ

ହେ ସହିତ ଗାନ୍ଧୀ ରଚିଅଛ ଦିଲ୍ଲୀ ଜନପଥ
ସେହି ଏକ ସତ୍ୟ।
ଏ ଜାତିର ବୁକୁତଳେ ସେ ଅକ୍ଷୟ କ୍ଷତ
ଏକତାର, ଜୀବନର ଆହେ ପାଶୁପତ
ଲଜ୍ଜା ଲାଗେ, ଲାଗେ ଶଙ୍କା ଶତ
ଏ ଜାତି ପାରିବ ସତେ ବୁକେ ଘେନି ତୁମ ମହାବ୍ରତ
ସେଇ ଏକ ସତ୍ୟ ?

❖

ରଚନାକାଳ : ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀରେ

Digitized by srujanika@gmail.com

ନଭେମ୍ବର ସାତ

ଆହେ ମଣିଷର ସୁନିଆଁ
ଶ୍ରମିକ ଛାତିର ତାତିଲା ଭାତିରୁ
ଗଢ଼ିଦେଇ ନୂଆ ଦୁନିଆଁ ।୦।
ସେ ଦିନ ଶିଶିର ରାତିରେ
ଡାକିଲା ଲେନିନ୍ "ସାଥୀରେ
ସମାଜବାଦର ବିଜୟ କେତନ
ଉଡ଼ିଲା ବସୁଧା ଛାତିରେ"।

ସେଦିନ ଭାଜିଛ ତୁମେ ବରାଭୟ ଦଧୀଚି-ହାଡ଼
ସେ ଦିନୁ ଭାଜିଛି ଗୋଟି ଗୋଟି ହୋଇ ଶୋଷଣ ବାଡ
ଜାଣୁ ବା ନ ଜାଣୁ ତୁମେ ଅଛ ବୋଲି ବାବନା ଦାସ,
ପରର ଜମିରେ ଯିଏ କରେ ଭାଗ ବଖରା ଚାଷ
ଦେଖୁ ବା ନଦେଖୁ ବଡ଼ବିଲ ଖଣି ମୂଲିଆ ହେରି
ତୁମରି ଅଭୟ ତା ଶିରେ ରହିଛି ଛତ୍ର ଘେରି
ନେଇଛି ଯା ବାସ, ବୁକୁର ପରାସ ବନ୍ୟାମାଡ଼
ତା'ପାଇଁ ରହିଛ ତୁମେ ବରାଭୟ ଦଧିଚି-ହାଡ଼।
ତୁମରି ଆଦେଶେ ମରୁଭୂମି ପଥେ ବହିଛି ଧାରା
କାରଖାନା ଘରେ ବନ୍ଦୀ ପଡ଼ିଲେ ତପନ ତାରା।
ପାଦ ତଳ ଧୂଳି ଯାର ମୋହିଥିଲା ଅଧିକାରରେ।
ଖଟିଲା ତା'ପଦେ ପରମାଣୁ ହୋଇ ସେବା ଚାକରେ

ତୁମେ ମଣିଷର ଶାନ୍ତି ପରବ
ଯୁଦ୍ଧ ଖୋରର ଛାନିଆଁ
ଶ୍ରମିକ ଛାତିର ତାତିଲା ଭାତିରୁ

Digitized by srujanika@gmail.com

ଜାଗିଛ ହେ ମହା ମୁନିଆଁ ।
ହେ ମହାପରବ
ହେ ମୋର ଗରବ
ରକତ ହବି,
କେଉଁ ଭାଷାରେ ମୁଁ
ତୁମରି ମହିମା ଗାଇବି କବି ।

ହଜାର ବାସୁକୀ ଫଣାରୁ ପ୍ରବଳ ପାଇଟିଆଳ
ତୁମରି ପ୍ରଭାତେ ଆକାଶେ ଛାଟିଲା ଭିକ୍ଷା ଥାଳ
ବୁଡ଼ିଗଲା କାହିଁ ରାଜାର ମୁକୁଟ ଶୋଷଣ ସାଜ
ବୁଡ଼ିଗଲା କାହିଁ ହଜାର ଯୁଗର କଷଣ ରାଜ
ଆପଣା ବୁକୁର ରକତ ଜବାରେ ଯତନ କରି
ଲେଖିଲା ଆକାଶେ ତରାଟିଏ ସିଏ ଯତନେ ଭରି ।

ରବି ଶଶି ମେଳେ
ଏବେ ଦେଖ ଝଳେ
ସେହି ତାରା ପାଞ୍ଚ ମୁନିଆଁ
ତୁମରି ମହିମା ଗାଏ ସେହି ତାରା
ଆହେ ମଣିଷର ମୁନିଆଁ ।

ହେ ରୁକୁଣା ରଥ,
ତୁମ ଗତି ପଥ
ରୋକିବା ଲାଗି
କେତେ ଚଳାଇଲେ କାକର ଦହଡ଼ ଯୁଦ୍ଧ ଦାଗୀ ।
କେତେ ମଉରସୀ ପରମାଣୁ ବୋମା ଆସ୍ଫାଳନ;
କେତେ ଭେଇଲେ ହିଟଲର ଦଳ ଯୁଦ୍ଧଘାଟି
କେତେ ଭିଡ଼ାଇଲ ସାମରିକବଳ ବିଶ୍ୱଘାତୀ
କେବେ ରୋଇଲେ କୋରିଆ ତ କେବେ ଇଣ୍ଡୋଚିନ

Digitized by srujanika@gmail.com

ଝରାଇଲେ କେତେ ମାନବ ରକତ ନିର୍ବିଚାରେ
ଶାନ୍ତି କେତନ ହସିଛି ତୁମର ନିର୍ବିଚାରେ ।
ତୁମେ ଶିଖାଇଲ ମୋତେ ମୋ ପଡ଼ୋସି
ଭଲ ପାଇବାର ଶିଖାଣ
ତୁମେ ଶିଖାଇଲ ସରବହରାରେ
ଚାଷୀ ତୁଲେ ହେବା ମିଶାଣ
ତୁମେ ମିଶାଇଲ କଳା ତୁଲେ ଗୋରା
ପଶ୍ଚିମ ସାଥେ ପୂରୁବ
ତୁମେ ଠୁଳାଇଲ ଶାନ୍ତିର ହୋମେ
ଜନତାର ଶ୍ରୁତ ଶ୍ରୁରୁବ ।
ତୁମରି ଷୋହଳ କଳାରୁ କଳାଏ
ଚାଇନା ମହାନ ଜନତା ବହିଲା
ଉଠରେ ବାଧକା ପୀଡ଼ିତ ଏସିଆ
ବାଂନ୍ଧୁ ଡାକି କହିଲା
ତୁମେ କରାଇଲ ଜହରଲାଲରେ
ସୋଭିଏଟ୍ ଭୂମି କୁଣିଆ
ତୁମେ ବିଚିତ୍ର ବିନ୍ଧାଣି, ତୁମେ
ମଣିଷର ମହା ସୁନିଆଁ;
ମଣିଷ ଜାତିର ତାତିଲା ଭାତିର
ତୁମେ ପ୍ରକଟିଲ ଦୁନିଆଁ ।

❖

ରଚନାକାଳ : ନଭେମ୍ବର ସାତ ୧୯୫୫

Digitized by srujanika@gmail.com

ଅପଲକ ଦୁଇ ଆଖି

ହେ କାରା ପାଚେରୀ !
　　ବାରେକ ନୁଆଁଅ ମଥା,
ଏହି ତ ପବନ ! ନିଃଶ୍ୱାସେ ଭରେ
　　କେତେ ମୋ କରୁଣ ବ୍ୟଥା ।

ମନ୍ଦାର-ଆଖି କେତେ ଉଜାଗର ରାତି
ଏହି ପଥେ ଆଜି ଶୋଇଥିବେ କାନପାତି,
କେତେ ବାଲିଘର ବେଳାତଟେ ଢେଉମାଳେ
ଫେଣହାର ପିନ୍ଧି ମିଳାଇ ଯିବେଣି ଭାଳେ
କେତେ ଝାଉଁବଣ ହତାଶିଆ ସିରିସିରି
ଯାଇଥିବ ନୀଳ ଗଗନ ବଉଦ ଚିରି ।
ସ୍ମରଣରେ ନାହିଁ ମଣିଛି କିବା ତା'ରେ
ସନ୍ଦେହ ହୁଏ ଏ ଜୀବନ ବହେ
　　ଅନ୍ଧାର ନଦୀ ଧାରେ...
ହେ କାରା ପାଚେରୀ !
　　ବାରେକ ନୁଆଁଅ ମଥା
ଖୋଜିକି ପାଇବି 　　ଛଅ ବରଷର
　　ସାଇତା ଗୋପନ କଥା ।

ମନେ ରଖି ନାହିଁ କର୍ମରେ ବାଇବିଛ
କେହି କାନେ କହେ ସବୁକଥା ଖାଲି ମିଛ;
ଆକାଶର ଏକ ନିକାଞ୍ଚନ କୋଣେ ବସି
ମଲ୍ଲୀଫୁଟା ଜହ୍ନ ଫୁଲିଉଠେ ହସି ହସି ।

Digitized by srujanika@gmail.com

ମନେ ହୁଏ ଯେହ୍ନେ ହଜାଇଛି କିଛି କାହିଁ
ମନେହୁଏ ଯେହ୍ନେ ମୋ ମନ ଆକାଶେ ନାହିଁ।
ହେନା-ସଉରଭ-ଆକୁଳ ପବନ ଧାଏଁ
ଯା ଭ୍ରମର କେଶ ମୋହରି ନିଶ୍ୱାସ
ଭରିଥିଲା, କାହିଁ ସିଏ ?

ମନର ସନ୍ତାପ ସ୍ମୃତି ମୋ ମୂରତି ମନ୍ତ
ତା' ଦେହେ ଜଳଇ ସାଇତା ଯେତେ ଉଦନ୍ତ
ବାହୁଡ଼ା ବିସ୍ମୃତି ମୋତେ ବୋଲ ମାନିଛି କାହିଁ ?
ଅବିହିତ ପଥେ ଅତରକିତେ ସେ
ମୋ ମୁଖେ ରହିଛି ଚାହିଁ।

ମନେ ରଖିଥିଲେ ଏତେ କି ହୁଅନ୍ତି ଘାଣ୍ଟି
ଜୀବନର ଛୋଟ ଅବସର ଦେଇ ବାଣ୍ଟି,
ତା'ର ମୁଖ ଶୋଭା ହରିଣୀ ଚଞ୍ଚଳ ପାଦ,
ହେଜିଥାନ୍ତି ସୁଖେ ମନେ ବହି ଆହାଲାଦ।
ବନ୍ଦୀଶାଳା ଏ, କେସନେ କହିବି ନାହିଁ!
ସେଦିନ ଆମରି ସପନ ଦୁଆରେ ଚାହିଁ....
ଦେଖିଲୁ ଆସିଲା ଭୋକିଲା ବାଷ୍ପତରୀ
ବେଳାରେ ଲାଗିଲା ଟାଣିଲା ମୋ ହାତ ଧରି
ଲଗାଇଲା ସିଏ ଯିବ ବୋଲି ମୋ ଗହଣ
ଲବଣୀ କୋମଳ ହେବ ଭସ୍ମ ଆବରଣ
ନିରୀହ ଆଖିରେ ତୋଳିଲା ନାହିଁ ସଂଶୟ
ଭବିତବ୍ୟ ହେବି ପାଇଲି ଦାରୁଣ ଭୟ
ମେଲାଣିର ପାଇଁ କାହିଁଥିଲା ଅବସର
ଆର୍ଦ୍ର ଢେଉ କାଟି ଚାଲିଲା ତରଣୀ
ସେ-ପାର ବନ୍ଦୀଘର।

Digitized by srujanika@gmail.com

ଝରା ହେନା କାନ୍ଦେ ବ୍ୟଥାରେ ଭିଜେ ଆକାଶ
ନିରୀହ ଜୋଛନା ଏବେ କରେ ଉପହାସ
ଅବୋଧ ମନ ମୋ କାହିଁରେ ପାରିନି ଲାଖି
ଗୋଧୂଳି ଅନ୍ଧାରୁ ଅଭିଯୋଗୀ ଦୁଇ ଆଖି
ତୀକ୍ଷ୍ଣ ପଲକେ ବନାନୀର ଛାୟା ଢାଙ୍କି
ଚାହିଁ ରହେ ଯେହ୍ନେ କିଛି ରହିଗଲା ବାକି
ଏଡ଼ାଇ ମୋହର ସ୍ମୃତିଘର ଜଗୁଆଳ
କେତେବେଳେ ତା'ର ସ୍ୱରୂପ ଯାଇଛି ଚାଲି।

ଅଶୋକ ବୃନ୍ତୁ ତା ଅଧରରାଗ ଆଣି,
କୋକିଳ କଣ୍ଠୁ ଯେତେ ମୁଁ ଭରିଛି ବାଣୀ
ଯେତେ ମୁଁ ଗଢ଼ିଛି ଚାରୁ ଲପନ ସେନେହେ
ସେତେ ସେ ମିଶିଛି ଏ ମହା ଦିଗନ୍ତ ଦେହେ
କରମେ ବୁଡିଛି ଲଭି ନୁଖୁରା ସନ୍ତୋଷ
ହେତୁ-ଅଦାଲତୁ ଯେତେ ଥର ନିରଦୋଷ
ମୋ ମନ ପତରେ ଲେଖେ ନିର୍ବୋଧ ରାୟ
ଅତରକିତେ କି ଗୋପନ କୋଣରୁ ହାୟ!
ଉଭା ହୁଏ ଆସି ଅହେତୁକ ମହାସାକ୍ଷୀ
ଅଭିଯୋଗୀ ତା'ର ଦୁଇ ଅପଲକ ଆଖି।

❖

ରଚନାକାଳ : ବ୍ରହ୍ମପୁର ଜେଲ (ସେଲ୍) ୧୯୪୩

Digitized by srujanika@gmail.com

ହେ ମୋର ଲେଖନୀ

ହେ ମୋର ଲେଖନୀ
ମୋହରି ଆରତତ୍ରାଣ
ମୋହରି ପଞ୍ଚପ୍ରାଣ

ଆଜି ତୋତେ ମୋର ଏହି ରାଣ ।
ମିଳାଇଦ୍ଧୁ ମୋତେ
ଏ ମାଟିର କୋଟି କୋଟି
ମଣିଷର ସାଥେ
ମୋର ଏହି ଭଙ୍ଗା ହୃଦୟର
ରଙ୍ଗା ରାକ୍ଷୀ ଟିକୁ
ବାନ୍ଧିଦ୍ଧୁ ତୁ ସର୍ବହରା
ଶ୍ରମିକର ହାତେ ।

ଏ ଜନନୀ ଉତ୍କଳର
ମହେନ୍ଦ୍ରରୁ ମେଘାସନ ଗିରି
ବିନ୍ଧ୍ୟାଚଳୁ ମହୋଦଧି ବାଲି

ଅନ୍ତରଙ୍ଗ ଧୀବରର ମାଛଧରା ଜାଲି
ବଡ଼ବିଲ ଖଣିର ଅଳନ୍ଧୁ ଯେତେ
ତାଳଚେର କୋଇଲା କଟାଳି
ଇବନଦୀ, ଇନ୍ଦ୍ରାବତୀ ଆଉ ନାଗାବଳୀ
ଗହନ କାନନ ଘେରା
ବକ୍‌ସାଇଟ ଖଣି ଭରା
ମାଲକାନଗିରି ।
ପାବନି ବ୍ରାହ୍ମଣୀ ତଟ ଇସପାତ ଶ୍ରମିକର ମେଳା
ଧୂମ ଧୂସରିତ ଧାମ ସେ ରାଉରକେଲା,

Digitized by srujanika@gmail.com

ଗିରିଜନ ପଲ୍ଲୀମାଳ ବୀରମିତ୍ରପୁର।
ହେ ମୋର ଲେଖନୀ ନୁହଁ ବାଟବଣା
ପ୍ରତି ହୃଦେ ଅଙ୍କିତ ତୋ ତୋଫାନୀ ମୂର୍ଚ୍ଛନା।

ବହୁ ଶତ ବର୍ଷ ତଳେ
ବୃକ୍ଷ ଡାଳେ ଶୁଣିଥିଲା
କ୍ରୌଞ୍ଚର ବନିତା।
ଆଦି କବି ଅଶ୍ରୁଳ କବିତା;

ଅଶୋକ ବନେ ବନ୍ଦିନୀ ଏ ଭାରତ ସୀତା
ତା'ର କର୍ଣ୍ଣେ ତୁହିଥିଲୁ ବାଲ୍ମିକ ତୂରୀ
ଏ ମାଟିର ଦେଓମାଳି ଠାରୁ ଦେବଗଡ଼
ତୋ'ର ଧ୍ୱନି ରହିଅଛି ପୂରି
ସେହି ମୋର ବିନୀତ ସ୍ୱାକ୍ଷର
ଦଳିତ ଶୋଷିତ ପ୍ରାଣ
ରକ୍ତ ଇସ୍ତାହାର।

ହେ ଲେଖନୀ!
ଫେରି ନାହିଁ ଅରି,
ସରି ନାହିଁ ଯୁଦ୍ଧ
ବିଶ୍ରାମ ନାହିଁ ତୋହରି ହେ ମୋର ଆୟୁଧ,
ଘେନ ଏ ପ୍ରଣାମ, ହେବୁ ନାହିଁ ଆତୁର ତୁ'
ସାହୁକାର ତରାଜୁରେ ହେବାକୁ ନିଲାମ
ଏବେ ଯାଏ ସରିନି ସଂଗ୍ରାମ।

❖

ରଚନାକାଳ : ଜାନୁଆରୀ ୧୨, ୧୯୯୪

Digitized by srujanika@gmail.com

ମୋର ପରିଚୟ

ମୁଁ ଏକ ବେଗବାନ୍ ଜାତିର ପ୍ରତିନିଧି
ଏକ ବେଗବାନ୍ ଏକଚକ୍ରର ସାରଥି,
ଏକ ରହସ୍ୟମୟୀ, ହାସ୍ୟମୟୀ,
ଜନ୍ମ ମାଟିର
ରଙ୍ଗୀ କଳାକାର।
କେତେ ଖଣ୍ଡ ଛୋଟ ବଡ଼ ପର୍ବତମାଳା
କେତୋଟି ଜୀର୍ଣ୍ଣ ମୁଗୁନିର ଅଶ୍ଳୀଳ ମୂର୍ତ୍ତି
ଦୁଇ ପଇସା ଡ଼ାକ ଟିକଟର ସୁଦର୍ଶନ ଘୋଡ଼ା
ପାଷାଣରେ ଲଟାଯିତା କେତୋଟି କାମରତା
ପଲ୍ଲବନର ପକ୍ଷ-ବତୀ-ପରୀ-
ମୋର ପରିଚୟ ନୁହେଁ।
ଛୋଟ ବଡ଼ କେତୋଟି ନଦୀ
ଏବଂ ସେହି ନଦୀର ରୋଷ-ବହ୍ନିକୁ ଅଟକ ରଖିଥିବା
ଜଉଗଡ଼ର ଫାଟକ ମୁଁ ନୁହେଁ
ଇତିହାସର ଯାତ୍ରାପଥରେ ଝରୁଥିବା
ମାଇଲ ପାଷାଣର
ମିଶାଣ ମୁଁ ନୁହେଁ-
ମୁଁ ଏକ ବେଗବାନ୍ ଜାତିର ପ୍ରତିନିଧି
ମୁଁ ସ୍ରଷ୍ଟା
ମୋ ବିନା ଆଜିର ଏ ସୃଷ୍ଟି ସାଧ ନୁହେଁ
ମୁଁ ଖଟୁଲିରେ ପୋକର ଖାଦ୍ୟ ନୁହେଁ
କୌଣସି ମୁନି-ଅତୀତର ମନ୍ତ୍ର-ବିଧିରେ

Digitized by srujanika@gmail.com

ମୁଗ୍ଧ ନୁହେଁ, ବାଧ ନୁହେଁ
ତୁମର କି ଅଧିକାର ଅଛି
ଅତୀତର ମନୁମେଣ୍ଟର ଆଢୁଆଳରେ
ମୋତେ ଖୋଜିବାକୁ
ଏଭରେଷ୍ଟର ଉନ୍ନତ ଚୂଡ଼ାର
ଅଚଳାୟତନ ମୁଁ ନୁହେଁ
ହୀରାକୁଦର
ପ୍ରତି ବୁଦ୍‌ବୁଦର
ମୁଁ ଅସ୍ଥିରତା ।
ପ୍ରତି ମୁହୂର୍ତ୍ତରେ ମୁଁ ଶକ୍ତି ରୂପେ
ବର୍ତ୍ତୀ ରୂପେ ଜନ୍ମ ହୁଏଁ;
ପ୍ରତି କୁଟୀରର ଆଲୋକ-ଠଣାରେ
ଇସ୍ପାତର ଚଞ୍ଚଳ ରଶ୍ମି-କଣାରେ
ଅହରହ ମୋର କ୍ଷୟ ଆଉ ଜନ୍ମ
ଜନ୍ମ ଆଉ କ୍ଷୟ-
ସେହି ମୋର ପରିଚୟ ।
ମୋର ପ୍ରଚଣ୍ଡ ଦାହନର ନିଶ୍ୱାସରେ
ଅତୀତର ଯାହା ସ୍ୱର୍ଣ୍ଣ ରହେ
ତାହା ସ୍ୱର୍ଣ୍ଣ ହୁଏ
ମୋର ମାନଦଣ୍ଡର ଉଭାସରେ
ଅତୀତର ଯାହା ଚୂର୍ଣ୍ଣ ହୁଏ
ତାହା ଚୂର୍ଣ୍ଣ ହୁଏ;
ଏକାମ୍ର କୋଣାର୍କର
ସ୍ମାରକ ମୁଁ, ବାହକ ମୁଁ
ବସୁଧାର, ତୂଳିର, ରଞ୍ଜନର

Digitized by srujanika@gmail.com

ନୂପୁର ଝିଂକାରର
ଆଖିର ଅଞ୍ଜନର
ପାଠକ ମୁଁ ଗ୍ରାହକ ମୁଁ
ମୋର ଜନ୍ମଭୂଇଁର ବକ୍ଷ ଛୁଇଁ
ଯେତେ ଅଭାବ ଜଳେ
        ଦୁଃଖ ବଳେ,
        ତାର ଦାହକ ମୁଁ
କର୍ମ-ମୁଖର, ଚରମ ସୁଖର ଗାୟକ ମୁଁ,
ନାୟକ ମୁଁ;
ଭବିଷ୍ୟତର ପୌର୍ଣ୍ଣମାସୀର ଶଶାଙ୍କ ମୁଁ
ମୁଁ ଶାନ୍ତିଜୟୀ
        ଶାନ୍ତିମୟୀ ସୃଷ୍ଟିର ଭାରତୀ
ମୁଁ ଏକ ବେଗବାନ୍ ଏକଚକ୍ରର ସାରଥି,
ମୁଁ ଏକ ସ୍ୱପ୍ନିଳ ବାସ୍ତବର କର୍ମ-ବିଧି,
ମୁଁ ଏକ ବେଗବାନ୍ ଜାତିର ପ୍ରତିନିଧି।
ମୁଁ ଏକ ବେଗବାନ୍ ଜାତିର ପ୍ରତିନିଧି।

❖

Digitized by srujanika@gmail.com

ସମ୍ମବାମି

ବହୁ ଦିନୁ ମୁଁ ସ୍ୱାକ୍ଷର କରିସାରିଛି
ହୋଲି ଆଉ ଇଦ୍‌ର ଚାନ୍ଦ୍
ଏହି ଆକାଶରେ ଠିକ୍ ସମୟରେ ଉଠିବ
ଚିନ୍ତା ନାହିଁ;
ଏହା ମଞ୍ଜୁର ହୋଇଛି, ସ୍ୱାକ୍ଷର ସରିଛି।
ହିମାଳୟର ଭାଳରେ ଏ ସ୍ୱାକ୍ଷର
ମହୋଦଧିର ତରଙ୍ଗରେ
କଣାରଖର ଚୂଡ଼ାରେ, ଏହି ଅମଳିନ ସ୍ୱାକ୍ଷର।
ବହୁ ପୁରାତନ
ଏହି ହିନ୍ଦୁସ୍ଥାନର ଏ ସ୍ୱାକ୍ଷର
ମମତାର, ଏକତାର, ସମତାର,
ମାନବତାର ଏ ସ୍ୱାକ୍ଷର
ବହୁ ପ୍ରାଚୀନ
ଅମଳିନ, ଏ ସ୍ୱାକ୍ଷର ସରିଛି।

ଜଗନ୍ନାଥର ମୁଖଶାଳାର
ପ୍ରଦୀପମାଳା ସାକ୍ଷୀ ଥିଲେ
ଜୁମା ନମାଜ୍‌ର ପ୍ରତିଧ୍ୱନି ମାଳା ଡାକିଥିଲେ;
ମୋର ଆଖିର ସୂର୍ଯ୍ୟ
ମୋର କଣ୍ଠର ତୂର୍ଯ୍ୟ
ମୋର ବାହୁର ରକେଟ୍
ଆଉ ମୋର ଲେଖନୀର ରେଡ଼ିୟମ ଛୁରୀ, ଟାକିଥିଲେ
ଯେତେବେଳେ ମୁଁ ମଞ୍ଜୁର କଲି
ହୋଲି ଆଉ ଇଦ୍‌ର ଚାନ୍ଦ୍, ଠିକ୍ ସମୟରେ ଉଠିବ।
ଏହି ମୋର ଆଦେଶ;

Digitized by srujanika@gmail.com

ବିରୋଧରେ, ବହୁ ଦରଖାସ୍ତ ପଡ଼ିଛି ।
ବହୁ ଅପଦାର୍ଥ, ଅବରଦାସ୍ତ ଦରଖାସ୍ତ
ହଜାର କୋଶିସ୍, ଲକ୍ଷ କୁର୍ଣ୍ଣୀସ୍
ତିନିଟା ପାନିପଥ ଆଉ କୁରୁକ୍ଷେତ୍ର ଆଉ ପଲାସୀ
ବହୁ ଘାତ ପ୍ରତିଘାତ ଲୁଟି କାଳଫାଶୀ
ଭ୍ରାତୃହତ୍ୟାର ତରବାରୀ, ନାଥୁରାମ ଆଉ ଜିଜିୟା
ଆଉ ଧାଡ଼ି ଧାଡ଼ି ରିଫ୍ୟୁଜି ଗାଡ଼ି.....ଏବେ ବି ଚାଲିଛି
ଜାଲିମ୍‌ର ଘୃଣ୍ୟ ବିଜ୍ଞାପନ
ବର୍ବରତାର ଗୌରବ ଭୂଷଣ
ବାଦ୍ ଅବ୍‌ଶୋଷ୍
କଞ୍ଚା ମାଂସର ପଲପ୍ ଖଳି, ମେଦର ମେରୁ ପାହାଡ଼
ରାଶି ରାଶି ଅମାନୁଷୀ ମଣିଷର ହାଡ଼
ତଥାପି ମୋ କଣ୍ଠର ଅଯୁତ ସରସ୍ୱତୀ
ଅଯୁତ ଭାଷାରେ ଘୋଷଣା କରିଛି
ସେହି ଅମୃତ ଉଚ୍ଚାରଣ
କ୍ଷମାକର କ୍ଷମାକର
ଆଲ୍ଲା ହୋ ଆକ୍‌ବର
ଶରଣମ୍ ଗଚ୍ଛାମି
ସେ ଅମୃତ ଭୟ ରଖ
ଯୁଗର ଲୋମ ମୂଳେ
ଜଗାଇଛି ଶିହରଣ
"ଯୁଗେ ଯୁଗେ ସମ୍ଭବାମି ।"

ଗାଗାରିନ୍ ଅର୍ବାଚୀନ
ତାର ବହୁ ପୂର୍ବରୁ
ଚରାଚରୁ, ମୋର ସଂପ୍ରୀତିର ସାମ୍ରାଜ୍ୟ ଲୋଡ଼ିଛି
ହିମାଳୟର ବୁକୁରେ ଶରଣ ପଞ୍ଜର ବାନା ତୋଳିଛି
ପ୍ରାଚୀର ପାରାବାର ମୁଖରେ ମମତାର ପରାଗ ବୋଳିଛି

Digitized by srujanika@gmail.com

ମିସିସିପିର ଦର୍ପଣରେ କଣାରକର ମୁଖ ପଖାଳିଛି।
ମୋର ଦେହାତୀତ
ଗୁରୁତାହୀନ,
ପାର୍ଥିବ ଆଦେଶ ଘେନି
ସୂର୍ଯ୍ୟ ମୋର ଖାଦ୍ୟ ତିଆରିଛି
ଆଉ ମୋର ଆଦେଶରେ ବାଧ ହୋଇଛି
ପୂର୍ଣ୍ଣିମା ଆଉ ଇଦ୍‌ର ଚାନ୍ଦ୍।

ତୁମେ ଚିନ୍ତା କର ନାହିଁ
ତାହା ଏହି ଆସମାନ୍‌ରେ, ଯଥାବିଧିରେ ଉଠିବ।
କାରଣ,
ମୁଁ ହିନ୍ଦୁସ୍ଥାନର କବି
ଏକର ନୁହେଁ ଅନେକର
କୋଟିକଣ୍ଠର ଅଭିଷେକର।

ମୁଁ ପଥରର ଛାତି,
ମୁଁ ଅନ୍ଧାରର ଭାତି
ମୁଁ ନୀଳକଣ୍ଠର ସର୍ପହାର
ହିମାଚଳ ମୋର ବାହୁ
ପୃଥିବୀ ମୋର ପାଦ
ସାଗର ମୋର ପାନୀୟ
ଚରାଚର ମୋର ସାଥୀ।

ମୋର ଛୋଟ ହେବାର ଉପାୟ ନାହିଁ;
କାରଣ,
ମୋର ସ୍ୱାକ୍ଷରରେ
ପୂର୍ଣ୍ଣିମା ଓ ଇଦ୍‌ର ଚନ୍ଦ୍ର ଠିକ୍ ସମୟରେ ଉଠିବ।

❖

ଜୁଲାଇ ୧୯୭୪

Digitized by srujanika@gmail.com

ଦୀପାବଳୀ ୧୯୯୨

ଆଜିର ବହଳ ଅନ୍ଧାର ନିଶି
ଦୀପାଳି ଜାଳୁଛ ଯେଉଁ ଦେଶବାସୀ
ପଚାରୁଛି ମୁହିଁ କବି ଅକିଞ୍ଚନ ?
କହ ଭଲା
କାହାର ବାରଟା ବାଜିଗଲା ?
ଶୋଷଣର ?
କଷଣର ?
ମଣିଷ ମାଉଁସ ନିଲାମକାରୀର ?
ଦୁର୍ନୀତି ଦାନବ ଦୂଷଣର ?
କହ ଭଲା
କାହାର ବାରଟା ବାଜିଗଲା ?
ତେର ନଦୀ ସାତ ସମୁଦ୍ରର,
ମୃତ୍ୟୁ ତୋଫାନ ଭୟଙ୍କର, ତ୍ରାହି ତ୍ରାହି !
ଯୁଦ୍ଧ ଶାଗୁଣା ପକ୍ଷ ଛିଡୁଛି
ଶାନ୍ତି କପୋତ ଅବରୋଧି ।
ଟାଣୁଛି କୁଣ୍ଠିତ ମାରକିନ ହାତ
ବିଶ୍ୱ ଜନତା ହସ୍ତ-ବନସ୍ତ
ମହା-ମାନବତା ମହୋଦଧି
ମାନିବାକୁ ହେବ
ଆଗାମୀ ପ୍ରଭାତ ଡେରି ନାହିଁ
ତଥାପି ଅନ୍ଧାର ଫେରି ନାହିଁ ।

Digitized by srujanika@gmail.com

ତଥାପି ଅନ୍ଧାର ଫେରି ନାହିଁ,
ଯେଉଁଠି ଶୋଇଛି ଭୋକି ମୁରଦାର
ପୁର ପଲ୍ଲୀ ଫାଟେ, ମୂକ ହାହାକାର !
ବୋହିଛି ବାଳୁତ, ଶ୍ରମିକ ରୁଧୀର
ନାରୀର ଆର୍ତ୍ତକଣ୍ଠ ବଧୀର
ସାହୁକାର, ସାମନ୍ତସାହି
ତଥାପି ଅନ୍ଧାର ଫେରି ନାହିଁ ।
ସଭ୍ୟତା ଯହିଁ ବାରନାରୀ
ଜାତୀୟତା ଯହିଁ ସୌଦାଗରର ବଳିହାରି ।
ଭିଖାରୀ, ତସ୍କର, ଡିଗ୍ରୀଧାରୀ
ଭିଡ଼େ ବେକାରୀ ଛାଉଣି ଧାଡ଼ି ଧାଡ଼ି
ପଞ୍ଚତାରକା ପାନଶାଳା ତଳେ
ଅୟସୀ ଶାସକ ନିର୍ଲଜେ ଟହଲେ
ଭାତ ରୋଟି କଥା କିଏ ସେ ପଚାରେ
ପିଇବାକୁ ଟୋପେ ପାଣି ନାହିଁ ।
ମନେରଖ,
ତଥାପି ପ୍ରଭାତ ଡେରି ନାହିଁ
ଯଦି ଚ ଅନ୍ଧାର ମରିନାହିଁ
ଅଙ୍କୁରୁ ବଢ଼େ ସୁନାର ଫସଲ
ଆଲୋକ, ଉଦକ, ମାଟିପାଇ
ମାନବ ଶାବକ ମାନବ ବୋଲାଏ
କର୍ମ ଜୀବନ-ତରୀ ବାହି ।
ଆପଣା ଛାଏଁ ତା ହୁଏ ନାହିଁ
କୋଟି ମଣିଷର ବାହୁର ଝଲକ
ମଜୁରିଦାରର ଆଖିର ପଲକ

Digitized by srujanika@gmail.com

ତୋଳେ ଯେଉଁ ମହାକ୍ରାନ୍ତି ବୈରଖ
ତାହା ଯେବେ ଗାଏ
ଗଗନ, ପବନ, ଭୂତଳ ସାଗର
ଘେରି ନାହିଁ,
ସେ ଯାଏ ଅନ୍ଧାର ଫେରିନାହିଁ।

ସେ ପଟେ ସିନ୍ଦୁରା ଫାଟିଲାଣି
କୁମ୍ଭାଟୁଆ ପକ୍ଷୀ ଡାକିଲାଣି
ଦିଗେ ଦିଗେ ଶୁଣ! ମହା ଆଗମନୀ
ଜାଗରଣୀ
ଦୁଃଶାସନର ମୃତ୍ୟୁ ଘଣ୍ଟା ବାଜିଲାଣି;
ଉଦୟ-ଗିରିର ଶିଖରୀ ଆଡ଼କୁ
କମଳା-କଳିକା ଖୋଜିଲାଣି
ପ୍ରଭାତ ଆସୁଛି, ପ୍ରଭାତ ଆସୁଛି
ଡେରି ନାହିଁ!
ତେବେ ମନେରଖ,
ହେ ଭଉଣୀ ଭାଇ
ଆପଣା ଛାଏଁ ସେ ଆସେ ନାହିଁ।

❖

Digitized by srujanika@gmail.com

ଆହେ ଓଡ଼ିଶାର ଜନତା

ଆହେ ଓଡ଼ିଶାର ଜନତା
ପୋଡିଯାଉ ମୋର ଲେଖକ ହେବାର
ନଗଲା ଯଦି ମୋ ବାରତା ।
ପୋଡିଯାଉ ମୋର ସଲଖ ସୁନ୍ଦର
ନାନା କାରୁକାମ ଶବଦ,
ପୋଡିଯାଉ ମୋର ସଜଫୁଟା ଫୁଲ
ଭଳି ସନାତନ ଦରଦ ।
ମୋ ଗୀତ ପଢିକେ ତୁମର କାହାଣୀ
ତୁମେ ଯଦି ବୁଝି ନପାର,
ଧିକ ଧିକ ମୋର କବି ବୋଲାଇବା
ଧିକ ମୋ ଲେଖକ ହେବାର
ତୁମେ ଯଦି ହେଲ କଚେରୀ ଦୁଆରେ
ସାହୁକାରେ ହାତେ ନିଲାମ
ବାଲି ଗରଡାଟି ପାଲଟିଲା ସିଏ
ମଣିଥିଲ ଶାଳଗିରାମ ।
ଆଠ କାଳି ବାରମାସି ଖଟି ଖଟି
ପେଟକୁ ଦାନା ନ ଯୁଟିଲା
ସେହି ପେଟ ଲାଗି ଏକଠୁଳ ହେବ
ଏକଥା ଯେବେ ନ ଫୁଟିଲା,
ଯାଏ ଆସେ କେତେ କେତେଟା ପତ୍ରିକା
ମୋ କବିତା ଲେଖା ଛାପିଲେ
ଯାଏ ଆସେ କେତେ କେଉଁ ଗୁଣିଆ ସେ
ମୋ କବିତା ଗୁଣ ମାପିଲେ,
ଆହେ ଓଡ଼ିଶାର ଜନତା
ତୁମକୁ କରିଲି ଅବ୍ୟୟ ମୁହିଁ ଆପେ ବୋଲାଇଲି କରତା ।
ମୋତେ ବହଲାଇ କେତେ ବଚନିକା

Digitized by srujanika@gmail.com

କରି ନାହିଁ ମୁହଁ ତିଆରି !
"କବିତା କି ତୁଚ୍ଛା ଅଦାର ବେପାର
ମୂରୁଖର ସାଗ କିଆରି ?"
ତୁମକୁ କରିଲି ଅଭ୍ଭ ମୂରୁଖ
ମୋ ଲେଖାକୁ କଲି ଆରସି
ତୁମକୁ ବିଚାରେ ଅରସିକ ଜନ
ମୋ ଗୀତକୁ ନାହିଁ ପରଶି ।
ମୋ କବି ପଣିଆ ରହିଲା ମୋ ପାଶେ
ତୁମେ କଲ ଦୂରୁଁ ଜୁହାର
ଢାଳେ ନ ଢାଳିଲ କରୁଣା ପଲକ
ଯେତେ ବହି କଲି ବାହାର ।
ନବ ଯଉବନୀ ଛବି ଚମକାଇ
କେତେ ପତ୍ରିକା ଛାପିଲି
କେତେ ନାଗରୀର ଚରଣ ଅଳତା
ଲେଖି ଲେଖି କାଳ ଯାପିଲି ।
ନୂଆ ରସକେଳି ନବ ନଟୁଚୋରୀ
ଯେତେ ଯେତେ କଲି ବାହାର
ଜନନୀ ଭଗିନୀ ଅପମାନେ ମଲେ
ତେବେ ନ ଚହଲିଲା ବେଭାର !
କିଏ ମନ କଲୁଁ ବିଲାତର କବି
ଏଲିଏଟ୍ ହେବୁ ଏ ଦେଶେ
ନବୀନ ଭଞ୍ଜ ସମରାଟ ହେବୁଁ
ଜନତାକୁ ଦେବୁ ଆଦେଶେ ।
କିଏ ସେ ସାଜିଲୁଁ ବଢିଆ କଥକ
ମୋ-ପାସାଁ ବନିଲୁ କଟକେ
କିଏ ସେ ମାଜିଲୁ କଲମ ମୂନରେ
ନୋବେଲ ପ୍ରାଇଜ ଝଟକେ ।
ଆପେ ଲେଖି ଆପେ ଗ୍ରାହକ ହୋଇଲୁ
ପରସ୍ପରେ ଦେଲୁ ବଧାଇ,

Digitized by srujanika@gmail.com

ଆମେ ପାଳଟିଲୁ ଷିରୀ ଚଇତନ
ଆମେ ହିଁ ଜଗାଇ ମାଧାଇ ।
ତଥାପି ତୁମର ଚେତନା ନୋହିଲା
ହେଳ ଅଗୁଆଁର ଏତିକି
ଶାରଳା ଭାରତ, ଭାଗବତ ପୋଥି
ଲଗାଇଲା କେଉଁ ଭେଳିକି ।
ସୁଖେ ଖାଇପିଇ ମୁଖ ପୋଛେ ଯିଏ
ସେ ଲେଖେ ଭୋକର ବେଦନା,
ହେ ଭୋକିଲା ଦଳ, ତୁମେ ନ ପଢ଼ିଲ
ଏଥୁ ବଳି ଅଛି ଶୋଚନା ?
ଆହେ ଓଡ଼ିଶାର ଜନତା
ତୁମର କବିଏ ଘୋଷଣା କରୁଛି
ଅକାତରେ ଏଇ ବାରତା;
ନହେଉ ପଛେ ମୋ ରବୀନ୍ଦ୍ର ହେବାର
ଭାବ ବିନୋଦିଆ ପରବ
ନ ହେଉ ପଛେ ମୋ ଅଭିଜାତ ପୁର
କବି ତୁମେ ଗଣା ଗରବ ।
ନ ପଡୁ ପଛେ ସେ ଏକାଡେମୀ ଘରେ
ମୋ ନାଆଁର ଗାର ନ ପଡୁ,
ଭାନୁମତୀ ଦେଶ ଉପମା ଫସଲେ
ମୋ ଭାବ ଅମାର ନ ବଢୁ ।
ଯେତିକି ପାରିବି ସେତିକି ତୁମକୁ
ଯେସନେ ପାରେ ମୁଁ ଫୁଟାଇ,
ସେଥିପାଇଁ ଯେତେ ପୋଲା ବାହାଦୁରି
ସବୁ ତକ ଦେଲି ଉଡ଼ାଇ ।
ଆହେ ଓଡ଼ିଶାର ଜନତା
ଏତିକି ମାଗୁଣି ମୋହରି ବାଣୀରେ
ତୁମେ ହୁଅ ଚିର କରତା ।

❖

Digitized by srujanika@gmail.com

ବିନିମୟ

ତୁମେ ମୋତେ ଆଶୀର୍ବାଦ କର
ମୁହିଁ ବଞ୍ଚି ରହେଁ।
ବଞ୍ଚିରହୁ ବଞ୍ଚିତା ଜନନୀ
ବଞ୍ଚିରହୁ ଏ ଜନମ ମାଟି,
ବଞ୍ଚିରହୁ ଶାଳିଆ ବିପିନ
ଆଉ କାଳିଜାୟୀ ନାମ
ବଞ୍ଚିରହୁ ମୋର ଏ ଲେଖନୀ
ଆଉ ଏହି ମହାଜାତି
ଗ୍ଲାନି କଣ୍ଟକିତ।
ବଞ୍ଚିରହୁ ଚିଲିକାର ନୀଳ ବୀଚିମାଳା
ମଧୁମାସ ସାରସ ବଳାକା
ବଞ୍ଚିରହୁ ଆଗନ୍ତୁକ ଶିଶୁର ଦରୋଟି
ଓଡ଼ିଶାର ବିଲ ବନ ଗିରି ..।
ତୁମକୁ ମୁଁ ଆଶୀର୍ବାଦ କରେଁ
ତୁମେ ବଞ୍ଚିରହ।
ଆକାଶରେ ନୁହେଁ
ଅବା ନୁହେଁ ପିତୃଲୋକେ,
ନୁହେଁ କେଉଁ ଫଟୋର ପାଖୁଡ଼ା
ଅବା ମର୍ମର ମୂର୍ତ୍ତିରେ।
ତୁମେ ବଞ୍ଚିରହ
ମୋ ପରି କୋଟି କୋଟି ମଣିଷ ଦେହରେ,

Digitized by srujanika@gmail.com

କୋଟି ଗଣ୍ଡୁଷରେ ଭର ଆପଣା ଆଖିର
ମହନୀୟ ତେଜ ଆଉ ଲୋତକ କଣିକା ।
ମୁଁ ଯଦି ମରିବି ଆଉ
ଏ ଜାତି ମରିବ,
ଯଦିବା ନିଶ୍ଚିହ୍ନ ହେବ ଏହି ଦେଶମାଟି
ତୁମେ କି ବଞ୍ଚିବ କହ ହେ ମହା ଓଡ଼ିଆ
ତୁମେ କି ବଞ୍ଚିବ ?
ତୁମେ ଯଦି ନ ବଞ୍ଚିବ
ଏ ଜାତି ପରାଣୁ
ଯୁବକର ତେଜ ଆଉ ପ୍ରୌଢ଼ର ପ୍ରତିଭା
ଜୀବନର ଯେତେ ଆଦରଶ
କେଉଁଠି ରହିବ, କହ,
କେଉଁଠି ରହିବ ?

❖

Digitized by srujanika@gmail.com

ସହାବସ୍ଥାନୀ କବିତା

ଏଣିକି !
ସହାବସ୍ଥାନୀ କବିତାର
ନଦୀ ଶୁଖିଗଲା.....

ମିଶ୍ରରାଗର ମିଠା କଡ଼ା ବା ଅହିଦୋଳେ
ସାବାଳକ ଗଛଚେରରେ ଶକତି ଚଢ଼ିଗଲା
ହାତମାରି ଦେଖ ମୋହର ମଥାରେ, ବୁକୁତଳେ
କଳିଜା ମୋ କେତେ ଦମ୍ଭିଲା
ମୋହର ମଥାରେ ମଥାଏ ମଗଜ ଆସିଗଲା....
ସହାବସ୍ଥାନୀ କବିତା ତଟିନୀ ଶୁଖିଗଲା....

ସାବାଳକ ଗଛ
ଶୀର୍ଷରୁ ଦେଖେ
କେତେ ପଦଚିହ୍ନ, ପଦରେଖା
ଏହି ଗଛମୂଳ ଯାଏ ପଡ଼ିରହେ ଦିଏ ଦେଖା
ବହୁ ପୁରୁଷର ବହୁ ଜନମର
କଟିର ଶକତି ହୁଳା ଘେନି
ରକ୍ତକଣିକା ପ୍ରଧାବିତ ମୋର
ଚଳଚଞ୍ଚଳ ଏ ଧମନୀ
ତେବେ ତ କାହିଁକି କୋଟି ହତ୍ୟାର
କଳଙ୍କଭାଗୀ ହାତ ମୋର
ମଣିଷପୁଅ ମୁଁ ମାନିନେଲି କିଆଁ
ମଣିଷପୁରର ଛାରଖାର;

Digitized by srujanika@gmail.com

ସହାବସ୍ଥାନୀ ତଟିନୀ ତଟ ବିଧୂ ଧୂ ଧୂ ବାଲି...
ଚାରିଶହବିଶ୍ ଫିସାଦର ଛକି ପଶାପାଲି

ଏକୋଇ ଦେଶର ଦୁଇନୀତି
ସୁନ୍ଦରୀ ବାଳା ତନ୍ଦୁରୀ ଥାଳା
ପୁଣି, ସମାଜବାଦ ସଂପ୍ରୀତି
ଦୁର୍ନୀତି ଖାଲି ଦୁର୍ନୀତି
କୂଳିର ହାତରେ ଶରାସନ ଦେଇ ଠିକ୍ କଲି...
ଛିନ୍ନ କରିବି ଚାରିଶହବିଶ୍ ପଶାପାଲି
ମଣିଷ ମାଉଁଶ ନିଲାମକାରୀର ଆହୂତିରେ
ମୁହିଁ ସ୍ୱାହା ସ୍ୱାହା କଲି।

କଲମ ମୋହର ଶ୍ରୁବ ହେଲା
ସହାବସ୍ଥାନୀ କବିତା ତଟିନୀ ସରିଗଲା....
ମିଶ୍ର-କବିତା ମରିଗଲା.....
ଅନଳର ଲାଭା ଚରିଗଲା......

❖

ରଚନାକାଳ : ୧୯୭୨

Digitized by srujanika@gmail.com

ଟଟ୍ଟୁଘୋଡ଼ା

ଲହୁଣୀରେ ଗଢ଼ା, ଟଟ୍ଟୁଘୋଡ଼ା ତୋର
ଭାଙ୍ଗିଗଲା ଭାଇ ଭାଙ୍ଗିଗଲା
ଘେନାଘେନି ଯେତେ ଚାତର ଚାହାଣୀ
ହଜିଗଲା କାହିଁ ହଜିଗଲା।
ପ୍ରିୟା ବକ୍ଷର କନ୍ଦୁକଠାରୁ ବନ୍ଧୁକ ମୁଠା କେତେଦୂର
କାହିଁ ପାର୍କର ପୀରତି ସଉଦା କାହିଁ ଭୀମ ହୋସିଆରପୁର
ଶାଣଦିଆ ତୋର ପ୍ରୀତିଛୁରୀ ପରେ
ସାବରଜେଟ୍ ବାଜିଗଲା
ଲହୁଣୀରେ ଗଢ଼ା ଟଟ୍ଟୁଘୋଡ଼ା ତୋର
ଭାଙ୍ଗିଗଲା ଭାଇ ଭାଙ୍ଗିଗଲା।
ଛିନା ଛିନା ଛାତି, ଛାପି ଛାପି ଆଶା
ପୀରତି ନଉକା ବାହି ବାହି
କେତେ ଭଉଁରୀରେ ବୁଡ଼ିବା ଭାସିବା
ଙ୍ଗଜ କବିତା ଗାଇ ଗାଇ।
କେତେ ସଞ୍ଜର ମଦୀରା ସପନ ଭାସିଗଲା,
ଅସଲ ପୀରତି ଅନଙ୍ଗ ଶପଥ ଆସିଗଲା।
ଆଜି ଏ ଝଡ଼ରେ ରୀତି କବିତାର
ଲବଣୀ ପିତୁଳା ହଜିଗଲା
ଲହୁଣୀରେ ଗଢ଼ା ଟଟ୍ଟୁଘୋଡ଼ା ତୋର
ଭାଙ୍ଗିଗଲା ଭାଇ ଭାଙ୍ଗିଗଲା।
ବଙ୍କାଗଣ୍ଠିର ଜଡ଼ିତ ଜଡ଼ୋଉ,
ସୂଚ୍ୟଗ୍ର ଯେତେ ଉପାନହ
ବହୁ ନୂତନତା ଖୋଜିଥିଲୁ ସାଥୀ....
ପାଇଲୁକି ତହିଁ କିଛି କହ?
ସେଇ ଯେ ବ୍ରେଜ୍ରିସ ମାନସୀ ବେଗମ,

Digitized by srujanika@gmail.com

ହେଲେନ ହୃଦୟ ସାହାଜାଦି,
କ୍ରନ୍ଦସୀ ଫେଇ ଉର୍ବଶୀକୁଳ
ବୁକୁ-ପରେ ନେଲୁ ସମାଦି ।
ସେଇ ଯେ ଆଦିମ ଜନନ ଯୌନ,
ଯଉବନପୁର ରାଜଧାନୀ
ଉନ୍ନତ ଯେତେ ସ୍ତନର ଚୂଚୂକ
ଅମୃତଭରା ସାବଧାନୀ ।
ହୋମାନଳ ତୁଲେ କାମନା ଶିଖାର
ସହାବସ୍ଥାନୀ ଗାଇ ଗାଇ
ଅଥରବ ଏହି ଜୀବନ ସକାଳେ
ଅକାଳେ ପାଇଲୁ ହାଇ ହାଇ ।
ଆଜି ରକେଟ୍‌ର ଝଲସେ ମାନବୀ
ଶୂନ୍ୟରେ ମୁହଁ ମାଜିଗଲା
ଲହୁଣୀରେ ଗଢ଼ା ତଟୁଘୋଡ଼ା ତୋର
ଭାଜିଗଲା ଭାଇ ଭାଜିଗଲା ।
ଯୌବନ ଖାଲି ମଧୁଶେଯ ନୁହେଁ
ଦୁର୍ଗମ ସେ ଯେ ମରୁବାଲି
ଜନ୍ମଭୂମିର ପ୍ରଣୟ ହିଁ ତୋର
ଦୟିତାପ୍ରିୟାର ବରମାଳି ।
ବାହୁ ବନ୍ଧନ ଶିଥିଳ କର ତୁ କଟି କିଙ୍କିଣୀ ଭାଜିଗଲା
ଏଣେ କମାଣର ଭେରୀ ବାଜିଗଲା
ଲହୁଣୀରେ ଗଢ଼ା ତଟୁଘୋଡ଼ା ତୋର
ଭାଜିଗଲା କାହିଁ ଭାଜିଗଲା !
କରାଚି ସହରେ
ପରାଚି ପହରେ
ବିପୁଳ ସିଂଧୁ ଧାରା
ଆବେଗର ଭରେ
ଆବେଶର ଥରେ....

Digitized by srujanika@gmail.com

ଆସୁଛି ବିପଣି ଭରା;
କି ଚିଜ ଆଣିଛି ଭରି
ବୋଇତ ନୁହେଁ ତ, ଏ ତ ଭୀମ ରଣତରୀ।
ବିପୁଳ ସିନ୍ଧୁ ଧାରା
ଅନାଦି ଅତୀତ ସ୍ମରଣ ଅତୀତ
ବୋହିଛି କାହାଣୀ ଭରା।
ଆସମାନୀ ଖୋଦା, ଏ ମାଟିରେ ଖୋଜି
ପାଇଗଲା ମସଜିଦ
ସାଜାହାନ ରାଜ୍ କଳପନା ତାଜ୍
ଲହରେ ରଚିଲା ନିଦ।
ଅୟୁତଯୁଗର ବହୁତ ଗୁମର ଜୀବନର ପରବାହ
ଏହାରି ଗରବ ଗଉରବ ଗାନ ହରଷ ବେଦନା ଦାହ;
ଏ ମାଟିର ରସେ କୋଟି କୋଟି ପ୍ରାଣ କରିଥିଲା ଅବଗାହ
କବରୁ ଚାହିଁଚି ଟିପୁ ସୁଲତାନ ବୀର ବାହାଦୁରସାହ।
ବିପୁଳ ସିନ୍ଧୁ ଧାରା
ଆକାଶେ ଦେଖିଛି ଝଡ଼ର ଇଗଲ ଛାଇଛି ଚନ୍ଦ୍ର ତାରା
ଅକାଳ ପଡ଼ିଛି, ମଣିଷ ମରିଛି, ଆଣିବ ଖାଦ୍ୟ ଭରି ?
ବୋଇତ ଏ ନୁହେଁ, ଏ ତ ଭୀମ ରଣତାରୀ।
ଗରଭେ ତାହାର ବିପଣୀ ହୋଇଛି ଆଧୁନିକ ରାଇଫଲ,
ଟ୍ୟାଙ୍କ, କମାଣ, ସେବରଜେଟ୍, ଅଗ୍ନିର ନଳୀନଳ।
ପେଟରେ ଯାହାର ଜଳେ ହୁତାଶନ
ଫୋଡ଼ିବାକୁ ବୁକୁ ତା'ର
ଦାମିକା ଡଲାର ମୂଲ୍ୟେ କିଣିଛି ନିର୍ମମ ହତିଆର।

❖

ରଚନାକାଳ : ୧୯୬୯

Digitized by srujanika@gmail.com

ଅଛପରା ପାଷାଣ ଘରେ

ଅଛପରା ପାଷାଣ ଘରେ
ସୁଦୂର ଗଗନ ଦେବତା।
ତୁମ ହିଆ କବିତା ମୋର
ତୁମ ସୁରେ ଶୁଣାଗୋ ଥରେ।
ମାଟିର ମାନବ କୁହାଟ
ଲୋଡେ ତୁମ ମନ୍ଦିର ବାଟ;
ଦୁନିଆର କୁହେଳି ତଳୁ
ରଖ ନେଇ ତୁମ ମନ୍ଦିରେ।
ତୁମ ସିଂହାସନ ପଥରେ
ଜଗତର ଅଶେଷ ଛନ୍ଦ;
ମଥାପିଟେ ତୁମରି ଲାଗି
ତୁମେ ଚିର ଲଳିତ ଅଙ୍ଗ।
କୁହ ତୁମେ ମୂକ ଦେବତା
ଜୀବନେ କି ଏତିକି କଥା,
ମରଣେ କି ହୋଇବ ଶେଷ
ତୁମ ହିଆ ଅଭିଳାଷରେ।
ଅଛପରା ପାଷାଣ ଘରେ
ସୁଦୂର ଗଗନ ଦେବତା
ତୁମହିଆ କବିତା ମୋର
ତୁମ ସୁରେ ଶୁଣାଗୋ ଥରେ।

❖

Digitized by srujanika@gmail.com

ଜଗନ୍ନାଥ ହୋ !

ଜଗନ୍ନାଥ ହୋ !
ମୁଁ ତ ଆଜନ୍ମ କଷ୍ଟି ।
କାହାକୁ ଦେଇଛ ପାଟ ପିତାମ୍ବରୀ
କା ଫେର ଯାଉଛି ଧୂଳିରେ ଲୋଟି ।୦।
ଛିଣ୍ଡାକନା ଖଣ୍ଡେ ଗୁଡାଇ ପିନ୍ଧିଛି
ତହିଁରେ ପଡିଛି ସତର ଗଣ୍ଠି
କାହାକୁ ଦେଉଛ ପୁରି, ମାଲପୁଆ
ଘିଅ ଦୁଧରେ ତା' ପୁରୁଛି ତଣ୍ଟି ।
ଜଗନ୍ନାଥ ହୋ ! ମୁଁ ତ ଆଜନ୍ମ କଷ୍ଟି ।
କାହାକୁ ନମିଳେ ମୁଣ୍ଡି ଖୁଦ ଯାଉ
ବୁଲି ଖାଉଅଛି ପତର ଚାଟି,
କାହାକୁ ଦେଇଛ ଚୂନଲିପା ଘର
ଯାଉଁଳି କବାଟ ପଥରଖୁଣ୍ଟି;
ପତ୍ର କୁଡିଆରେ କା' ଦିନ ଯାଉଛି
ତହିଁରେ ଲାଗିଛି ବରଡା ଟାଟି ।
ଜଗନ୍ନାଥ ହୋ ! ମୁଁ ତ ଆଜନ୍ମ କଷ୍ଟି ।
ମାଗୁନାହିଁ ଧନ ମାଗୁନାହିଁ ଜନ
ମାଗୁଅଛି ତୋର କୈବଲ୍ୟ ଗଣ୍ଠି;
ଜଗନ୍ନାଥ ହୋ !
ମୁଁ ତ ଆଜନ୍ମ କଷ୍ଟି ।

❖

Digitized by srujanika@gmail.com

କଟକ ବସ୍ତିବାଲା

(ପୀଲେ ଲେ ହରିନାମକା ପ୍ୟାଲା ସୁରରେ)

ଆମେଁ ବାବୁ କଟକ ବସ୍ତିବାଲା
ନଇନ୍ ଯୋଡ଼ି ପାଣି   କରିଛୁ ତୋଡ଼ାଣି
ସଡ଼କ ଧୂଳି ମସଲା । ଘୋଷା ।
ଦୋଳମୁଣ୍ଡେଇ ରାସ୍ତା କଡ଼େ ଭଙ୍ଗା ନନ୍ଦ କୂଅ,
କେଶରପୁର ସଡ଼କରେ ଆଣ୍ଠୁଏ କାଦୁଅ
ରୁଅ ରୁଅ ଆରେ ଚଷା ପୁଅ ଧାନ ହେବ ଶସ୍ତା
ଅଧିକ ଫସଲ ଉପୁଜିବ ଭଲ
ଝୋଲା ସାହୀ ରାସ୍ତା
କଂଗ୍ରେସୀ ମ୍ୟୁନିସପାଲଟି   କରିଛି ବ୍ୟବସ୍ଥା
ଜପୁଁ ତାଙ୍କ କୀର୍ତ୍ତିମାଳା   ।୧।

ମ୍ୟୁନିସିପାଲଟି ହାକିମ (ହୋ ହାକିମ, ହୋ ହାକିମ)
ରାସ୍ତାରେ ରୋକି ସରଗ ପାଣି
ପୋଷିଲ ମାଛ କଟିମ
ତିନି ଛଟାଙ୍କି ପଡ଼ିରେ   ଆମ ହାଣ୍ଡି ଗଡ଼ାଗଡ଼ିରେ
ଭୋକୀ ଭଗବାନ ପେଟେ ଛାଡ଼େ
ଘୋର ରଡ଼ିରେ ।
ନାଲି ଧୂଳି ଅବୀର କଲୁଁ ପଙ୍କ ପିଚକାରୀ
ତୁମ କଲ୍ୟାଣେ ଆମେ   ଖେଳୁଁ ବର୍ଷଯାକ ହୋରି
ବାବୁ, ବର୍ଷଯାକ ହୋରି
ଧାଡ଼ି ଧାଡ଼ି, ମଇଳା ଗାଡ଼ି (ବାବୁ) ମଇଳା ଗାଡ଼ି
ଦିନ ଦି'ପହରରେ

Digitized by srujanika@gmail.com

ନାକ କଥା କେ ପଚାରେ
କାନ ହେଲା କାଲା ବାବୁ ।୨।
ହାଣ୍ଡିଶାଳେ ବେଙ୍ଗରାଣୀ କଲାଣି ଅନ୍ଧୁଡ଼ି
ନିଶା ରାତି ପରଦେଶୀ ବାଟ ନ ଯା' ହୁଡ଼ି
ଧୀରେ ଧୀରେ, ଆରେ, ବାଟୋଇରେ
ତୁ ପାଦ ଗଣି ଯା ....
ଝୁଲୁ ଝୁଲୁ ପୋକ ଆମ ବିଜୁଳି ଉଜାଲା ବାବୁ ।୩।

ଟିକସ ଦାରୋଗା ଡ଼ାକ ନ ହେଲା ପଡ଼ିଆ
ମଥାନରେ ଡିବୁଲିଆ ଅଗଣାରେ ଢିଆ (ବାବୁ)
ମଶା ଗରଜନେ
ଗରଜନେ, ଗରଜନେ
ମଶା ଗରଜନେ ଆମ ରକତ ଉତାଲା ବାବୁ ।୪।

❖

୧୯୪୬ ମସିହା, କଟକ ସହର

Digitized by srujanika@gmail.com

କଳିର ପୁରାଣ

(ପୂର୍ବେ ଯାତ୍ରା ମେଳା ଇତ୍ୟାଦି ସ୍ଥାନମାନଙ୍କରେ ଗୋଟାଏ
ବାୟସ୍କୋପ ଦେଖିବାକୁ ମିଳୁଥିଲା । ପଇସେ ଦୁଇ ପଇସା ଦେଲେ
ଗୋଟାଏ ନଳୀ ଭିତରେ ତୁମେ ମୁହଁ ଦେଇ ଚାହିଁବ । ସେଠୁଁ
ଭିତରେ ଗୋଟାଏ ଛବି ଦିଶିବ । ବୋତାମ ଟିପି ଦେଲେ
ଆଉ ଗୋଟାଏ ଛବି । ଏଭଳି ତିନି ଚାରିଟା ଦେଖିବାକୁ
ମିଳିବ ଏବଂ ବାୟସ୍କୋପ ବାଲା ହରଦମ୍
ତୁମକୁ କହୁଥିବ 'ବମ୍ବାଇ ସହର ଦେଖ'
'କଟକ ବଜାର ଦେଖ' 'ଛମାସିଆ
ପିଲା ଦେଖ' ଇତ୍ୟାଦି ।
ସେହି ସ୍ୱରରେ ଏହି ଗୀତ
ଗାଇବାକୁ ହେବ)

ହୋ ଓଡ଼ିଶା ମୁଲକ ଭାଇ
ଶୁଣ ହୋ କଳିର ପୁରାଣ ....
ସତ୍ୟ ଅବତାର ଦେଖ
ଲାଙ୍ଗୁଡ କୁଭାର ଦେଖ
ପେଟା କିଳାପୋତା ଚଢ଼େ ଭଳି ଭଳି କାର୍ ଦେଖ ।

ଶ୍ରମିକଙ୍କ ଲିଡ଼ର ଦେଖ
ଆଇ.ଏନ୍.ଟି.ୟୁ.ସି. ଗିଧଡ଼ ଦେଖ
ବତିପେଲା ଗବା ଆଜି ମନ୍ତ୍ରୀ ପଦେ ପଣ୍ଡ ପଣ୍ଡ ଦେଖ ।

ଲାଟ ସଭାର ଜଙ୍ଗଲ ଦେଖ
ଦୁଃଖୀ ଦେଶର ମଙ୍ଗଳ ଦେଖ
ମୋଟା ମୋଟା କଳା କଳା କାନୁନର ଜଙ୍ଗଲ ଦେଖ ।

Digitized by srujanika@gmail.com

ଖର୍ଚ୍ଚ କମ ସ୍କିମ୍ ଦେଖ
ଚୋରା ବଜାରୀ ଭୀମ ଦେଖ
ହୀରାକୁଦ ହାତୀ ଗଳେ ଗଣ ପିମ୍ପୁଡ଼ିର ଡ଼ିମ୍ ଦେଖ।

ତିନିରଙ୍ଗିଆ ଢ଼ୋଲ ଦେଖ
ବାର ରଙ୍ଗିଆ ବୋଲ ଦେଖ
ତେର ଜଣ ରାତି ଉଜାଗର ମୁଗୁରା ପଛରେ ପୋଲ ଦେଖ।

ଓଡ଼ିଶା ଗିଳିବାକୁ ଦେଖ
ପାଞ୍ଚସାଳିଆ ଡ଼ାକୁ ଦେଖ
ଜନତାର ବିଚାରରେ ଖସିବ କେଉଁ ଫାଙ୍କୁ ଦେଖ ।

ଚିଙ୍ଗୁଡ଼ି ମାଛର ଝୋଳ ଚାଖ
ହରିଆ ହରିଆ ବୋଲ ଡ଼ାକ
ଜାତକ ହାତ ଦେଖାରେ ତ, ମନ୍ତ୍ରୀ ପଦେ ଭୋଳ ଦେଖ ।

ନିଇଠାର ଛାଇ ଦେଖ
ରାତି ଯାଉଛି ପାହି ଦେଖ
ଦୁଆର କିଳି ହସେ ଚାଲୁଣୀ ବୁଞ୍ଜ ଜଳା ଚାହିଁ ଦେଖ।

❖

୧୯୫୩ ଡିସେମ୍ବର, କଟକ ସହର।

Digitized by srujanika@gmail.com

ଜନତା ସାକ୍ଷୀ

(ମନ୍ ସାଫ୍ ତେରା ହୈୟା ନାହିଁ ସୁରରେ)

ଡର ନାହିଁ ତୋର ଅଛି ଜନତା ସାକ୍ଷୀ
ଚିହ୍ନିଛିରେ ତୋତେ ସେହୁ ରଖିନି ବାକୀ
ଆରେ ରଖିନି ବାକି ।ଘୋଷା।
ଚୋରା ବଜାର-ପଇସା ପାହାଡ଼ ଶିଖିଁ
ଦେଶପ୍ରେମ ଯେ ବିକିବ ଛାଡ଼ ସେ ବିକୁ
କାଙ୍ଗାଳ ଖପରା ହାତେ ଯେ ନିରିମାଖି ।
ଚିହ୍ନିଛିରେ ତୋତେ ସେହୁ ରଖିନିବାକୀ ।୧।
ମୁଲକ ମରୁ ତହିଁକି ନାହିଁ ଶୋଚନା
ଛତରଖିଆଙ୍କ ପାଇଁ କଂଗ୍ରେସ ମନା
କିଳାପୋଡିଆ କେ ତାରେ ଆଣରେ ଡ଼ାକି
ଚିହ୍ନିଛିରେ ଦେଶବାସୀ ଫାଙ୍କି ଚାଲାକି ।୨।
ମୁକତି ଝୁଲି କି ପାତି ମାର୍କିନ ପାଶେ,
ସାବାସିବା ଲୁହ ଢ଼ାଳି ନେତା ସୁବାସେ
ଏଣେ ବିଲାତର ଦରବାରେ ରହିବା ଟାକି
ଚିହ୍ନିଛିରେ ଦେଶବାସୀ ଫାଙ୍କି ଚାଲାକି ।୩।
ମାଗଣାରେ ମିଳିଗଲା ରାମରାଇଜ
ମାଗଣାରେ ମିଳେ ଜମି ମିଳେ ବଣିଜ
ମାଗିଦେଲେ ମୂଲ ଶ୍ରମିକର ବିଦାକି
ଚିହ୍ନିଛିରେ ଦେଶବାସୀ ଫାଙ୍କି ଚାଲାକି ।୪।
ମୂଲିଆ ପାଇଲେ ତର ଖାଇବେ ମଦ
ଶ୍ରମିକ 'ନେତା' ମୁହଁରେ ବିରଲା ପଦ
ମାଲଗୋଦାମ ପଇସା ଅଣ୍ଡାରେ ଢାକି
ଚିହ୍ନିଛିରେ ଦେଶବାସୀ ଫାଙ୍କି ଚାଲାକି ।୫।
ଛତରଖିଆର ହାତେ ତୋଳ ନିଶାଣ,
କୋଟି କୋଟି ଭୋକିଲାରେ କର ମିଶାଣ
ତୋ ଯୁଗ ଦୁଆରେ ଦେଖ ଗଲାଣି ଡାକି
ଡ଼ର ନାହିଁ ତୋର ଅଛି ଜନତା ସାକ୍ଷୀ ।୬।

❖

କଟକ ଟାଉନ୍‌ହଲ – ୧୯୪୬ ମସିହା ।

Digitized by srujanika@gmail.com

ଶୁକୁର ମାଝି

ତାର ନାଁ ଶୁକୁର ମାଝି
ଘର କାରା ଖାଦାନ୍‌ର କୁଲି ହାଟିଂ ।
ନୁହେଁ ଥୁଆଥୋଇ ମାଇଝିର ପିଲା,
ମାଷ୍ଟର ରୋଲରେ ଲେଖାଥିଲା
କାନୁନୀ ମା, ବାପା ଆଦି
ତା'ର ନାଁ ଶୁକୁର ମାଝି ।
ଏକ୍ କୋଦାଳି
ସେଇ ଏକ୍ ଫଂଖାଳି
ଖରା ବର୍ଷା ଶୀତ କାକର କୁହେଳି
ସବୁ ହଜମ କରି ସେ ରାଜି
ତା'ର ନାଁ ଶୁକୁର ମାଝି ।
ଜନମ୍‌ଟା ଠିକ୍ ଥିଲା
ଧାଙ୍ଗଡ଼ା ଧାଙ୍ଗଡ଼ିର ଗୋଡ଼ିଆଗୋଡ଼ିର
ମକର ପରବର ଦଶମାସ ଦଶ ଦିନେ,
ଗୋଟା ଗୋଟା ଶାଳ କାଠ
ନିଆଁରେ ଉହ୍ଲେଇଁ ଥିଲା...
ଆଉ ପିକା ଧୂଆଁ ବି ଥିଲା ।
ଝଡ ବତାସ,
ପୋଡୁ ଚାଷ,
ଖରାଦିନ ପର୍ବତ ନିଆଁ,
ପାଉଡି ପରବ,
ଠିକାଦାରର ପଇସା
ମହୁଲ ନିଶା.... ....
ସବୁ ଠିକ ଥିଲା ।
ଖାଲି ଗୋଟିଏ ଇନ୍ତଜାର.....
ଟ୍ରକ ଯାଏ ଆସେ
ଲୁହା, ମ୍ୟାଙ୍ଗାନିଜ ପଥର ....

Digitized by srujanika@gmail.com

ଲୋତା ଖାଲି ସେଇ ଖବର
ସେଇ ଇନ୍ତଜାର ....।
ସେ ପଟେ ଖରା
ଖୁବ୍ ଖରା
ତା'ର ନରମ ଗରମ ପାପୁଲି,
ଥଣ୍ଡା ଥଣ୍ଡା ଝରଣା ପାଣିରେ ମୁହଁ ଦେଖିବାର
ଆଲୁଅ ଝରା ଖରା।
ସେଇ ଖରା କିରିବୁରୁ ପାହାଡରେ ପଡିବ।
ଶୁକୁର ଗଲା ପାହାଡ ପାହାଡ଼ ଖୋଜି
ପଞ୍ଜୁରୀର ଚଢେଇ ବାଟ ଖୋଜିଲା ପରି ..।
ପଅରିଦିନ, କାଲି, ଆଜି
ତା'ର ନାମ ଶୁକୁର ମାଝି।
ପାହାଡ଼ି ବାବାମାନଙ୍କର ଇସ୍କୁଲ
ରବିବାରର ଚାପେଲ
ସବୁଠି ଶୁକୁର ଶୁଣିଲା
ଏ ଶାଳ ବଣରୁ ଆହୁରି ସୁନ୍ଦର
ଏକ ମୁଲକର ଖିସ୍‌ସା,
ମହୁଆ ମାଦକର ନିଶା .....
ଠକାମି? ଠାର? ମିଛ?
କେଜାଣି କ'ଣ କି?
ତେବେ ସେଠି ମିଳେ ଚାଉଳ;
ତୋରାଣି ହାଣ୍ଡିଆ କେତେ ମାରେ?
ଏକଥା ମଳର ଛାଡ଼ପରେ ନେବାର
ଲୋକର କଥା ନୁହେଁ,
ଜୀବନ୍ତ ଲୋକର କଥା ...।
ସେଠାରେ ମାଇକିନା ଝିଅର
କାନରେ ଫୁଲରି ଅଭର ...
ସେଠାରେ ବଡ଼ ବଡ଼ କିତାବ ଆଉ
ଧଳା ଧଳା ପିଙ୍କା,
ଯାହାକୁ ଯେତେ ଖୁଜ୍‌ରି-ମଲମ୍
ହାତରେ ଟିକି ଟିକିଆ ଘଡି ଫାଉଣ୍ଟେନ କଲମ୍।

Digitized by srujanika@gmail.com

ତା' ପରେ,
ସେଇ ଶୁକୁର ମାଝିର ନାମ
ଗୋଟିଏ ହଜିଲା ଲୋକର ଠିକଣା ହୋଇଗଲା ।
ତା'ର ନାମ ଡକା ହେଲା ନାହିଁ
ଜୀବନର କାତାର ଟା ଆକାଶର କୃତ୍ରିମ ଗ୍ରହର ପରିଧି
ସେଥିରେ ଘୁରିବା ହିଁ ସାର ସେଇ ତାର ନିଧି ..।
ଘୁରୁ ଘରୁ ଜୀବନର ଘଣ୍ଟାକଣ୍ଟା ପଛରେ ପଡିଗଲା,
ତା'ର ବୟସ ଗଡିଗଲା ।
ଅସହାୟ,
ନିରୁପାୟ ଶୀତର କାଲୁଆ
ଶୁକୁର ପାଇଁ ଉଷୁମ୍ ଲୋଡା, ଟାଣି ଆଣେ
କମ୍ବଳ ନାଇଁ, ଗୋଟିଏ ଧାଙ୍ଗଡିସମ୍ବଳ ।
ତା'ର ବି ଲୋଡା ଦେହରେ ଦେହର ହେବାର ଉଷୁମ
ତା'ର ବେକ ତଳ ଚ଼କା ଚ଼କା ମିଠାଫଳ ଦୁଇଟାରେ
ପ୍ରଥମ ମାସ ଦୁଇମାସ ବଡ ଲୋଭ ଥିଲା ।
ସେ ଲୋଭ ବି ସରିଲା;
ତେବେ ବି ସେମାନେ ଉଷୁମ ଲାଗି ଏକାଠି
ରାତିରେ ଶୁଅନ୍ତି ।
ଆଉ ପ୍ରତ୍ୟେକ ନୂଆ ଛୁଆର ହତାଶ କାନ୍ଦଣା ଶୁଣି ହସନ୍ତି ......
ନର୍ସ ଆମ୍ମା ସିନେମା ଦେଖାଏ ....
ବହୁତ ଛୁଆ ବଡ଼ ଝକ୍‌ମାରି
ଛୋଟ ପରିବାର ସୁଖୀ ପରିବାର
ଶୁକୁର ଶୁଣେ ତା'ର ମାଇଝି ଶୁଣେ;
ହସେ ....
ଜଙ୍ଗଲରେ ବାଘ ଗର୍ଜେ
ହେଣ୍ଟାଳେ ଜାନୁଆର ।
ନଅଙ୍କ ଆସେ ରୋଗର ଚ଼ିତ୍କାର
ଶୁକୁରର ହସ ପରି ଶୁଭେ,
ନିୟନ୍ତ୍ରିତ ହୁଏ ତା'ର ପରିବାର ।

Digitized by srujanika@gmail.com

ଭଗବତୀ ପ୍ରିୟ ସାଥୀ

('ନୂଆ ଗପଟିଏ ଲେଖ' କବିତା ବହିର ଅଂଶବିଶେଷ)

ଭଗବତୀ ପ୍ରିୟ ସାଥୀ
ସେ ଦିନ ନିର୍ଜନ ରାତି
ଆଦିବାସୀ ଝୁଆ ଘିନୁଆ ବାଣୁଆ
ପାରିଧିରେ ଥିଲା ମାତି।
ପଶୁ ମହାବଳ ପଶିଥିଲା ଗୋଠେ
ମଣିଷ ରକତ ଭରି ନିଶ ଓଠେ
ମାଇଲା ଘିନୁଆ ବନ୍ଧୁକ ଚୋଟେ
ହୁକୁମ ହୋଇଲା ଦଶଟଙ୍କା ମୋଟେ
ତଥାପି ସେ ଗୋରା ପ୍ରଶଂସା ପତର
ଲେଖି ଦେଲା ହାତ କାଟି।
କେତେ ଦିନ ଗଲା ବିତି
ମଣିଷ-ବାଘର ହୋଇଲେ ଶିକାର
କେତେ ଲୋକ ନିତି ନିତି।

କାହା ଭୂଇଁ ଗଲା, ଗଲା କାହା ଘର
କା' ହଳ ଫିଟିଲା କେ ଗୋଟି ଚାକର
କୁଳ ଭୂଆସୁଣି ଝିଅ ବୋହୂଙ୍କର
ମହତ ହୋଇଲା ତୁଠର ପଥର
ଜଣେ ଅଧେ ନୁହେଁ ଶହ ଶହ ଘର
ହା'ହା'କାରେ ଗଲା ଫାଟି।
ସେ ଦିନ ନିର୍ଜନରାତି!
ଲହୁ ସର ସର ଗାମୁଛା ଗୁଡ଼ାଇ
ଚାଲିଛି ଘିନୁଆ ତରବର ହୋଇ
ପହିଲି କଚେରୀ ସକାଳୁ ବସଇ

Digitized by srujanika@gmail.com

ହାକିମ ଆସିବା ମଟର ଶୁଭଇ
ଜମା ହେଲେ ଲୋକେ କିଭଳି ବାଘ ସେ
ବାଣୁଆ ଆଣିଛି କାଟି ।

ହଟିଗଲେ ଲୋକେ ଏତ ରାମ କାର୍ଜି !
କେତେ ଭୂଇଁ ବାଡ଼ ବାହୁ ବଳେ ଅର୍ଜୀ
ଥିଲା ଲୋକଟାଏ ଥିଲା ପରି ଥିଲା

ଆବ୍‌ବା, ଆବ୍‌ବା ! କେହ୍ନେ ଏଢ଼େ କଥା ହେଲା !
ଶୁଣିବୁ ସାହେବ କହିଲା ଘିନୁଆ
ବାଘ ମହାବଳ ହେଲେ ପଶୁଛୁଆ,
ମଣିଷ ପେଟରୁ ଜନମି ଏ ଶଳା
ମଣିଷ ସର୍ଜନା ନିତି ପଦା କଲା
ଶହେ ବାଘ ଠାରୁ ଅଧିକ ଏ ଶଳା
ବଧାଇ ନ ଦେବୁ କାଟି
ଏଥର ତାଲୁକା ଉଶ୍ୱାସ ହୋଇଛି
ଉଶ୍ୱାସ ହୋଇଛି ମାଟି ।
ଗରଜେ ନିର୍ଜନ ରାତି,
ଭଗବତୀ ପ୍ରିୟ ସାଥୀ !
ବଧାଇ ବେଳର ଘଣ୍ଟି ବାଜିଲା
ହାତ ଗୋଡ଼ ବେଡ଼ି ଛନ୍ଦ ଶୁଭିଲା
ତେଲ ସରସର ଚିକ୍‌କଣ ସେ ରସି
ବଧାଇ ପାଗଳ ସେ ବାଣୁଆ ହସି

ହସି ଛାତି ଦେଲା ପାତି,
ପେଶଳ ବୁକୁର ଶିରା ଫୁଲି ଫୁଲି
ଚୁମିଲା ଜନମ ମାଟି ।
ଗରଜିଲା ନିଶାରାତି
ବାଘର ପାରିଧି ଆଉ ହୁଏ ନାହିଁ
କାହାର ନ ପାଏ ଛାତି ।

Digitized by srujanika@gmail.com

ବହୁ ଦିନ ତଳେ ଥରେ
ଫାଶି ପାଇଥିଲା ଲେନିନ୍‌ର ଭାଇ
ରୁଷିଆର ବନ୍ଦୀ ଘରେ ।
ପୋଛି ପୁତ୍ରହରା ଜନନୀର ଚକ୍ଷୁଲୁହ
ପୁକାରିଲା ଦମ୍ଭେ ମଣିଷର ଶ୍ରେଷ୍ଠ ପୁଅ;
ନୁହେଁ ଏଇ ବାଟ ବଜାରେ ଦଳିତ ବାଜା
ତୋ ବୁକୁ ଲହୁରେ ତୋ ନିଶାଣ ତୁହି ଭିଜା ।
ଜାଗରେ ସର୍ବହରା,
ହାରିବାକୁ ହେବ ବନ୍ଧନ ଫାଶ
ଜିଣିବାକୁ ହେବ ଧରା ।
ଘିନୁଆ ଛାଡ଼ିଛି ଡାକ
ବିପୁଳ ମୋ କାନ୍ଧ ଉପରେ ଏ ପଟେ
ମୋ ଜାତି ନିଶାଣ ଟେକ ।

ଶିଆଳର ପରି ପଳାଉ ଶେଠଜୀ
ମରୁ ମହାରାଜା ବିଲାତକୁ ଭଜି
ଜାତିର ସମରୁ ଯାଇଅଛି ହଜି
କଂଗ୍ରେସୀ ବୁର୍ଜୁଆ ରଜା ।
ଆଜି ନୂଆ କରି ଜାତି ଗଢ଼ା ହେବ
ବଜାଅ ସମର ବାଜା ।

ଭଗବତୀ ପ୍ରିୟ ସାଥୀ
ଫୁଲି ଫୁଲି ଉଠେ ଲହୁର ଲହରି !
ଟୋକି ଏ ମହାନ୍ ଜାତି ।
ଘିନୁଆର ଏବେ ହେବ ଦିନେ ଅଭିଷେକ
ସାଥୀ ଭଗବତୀ ନୂଆ ଗପଟିଏ ଲେଖ ।

❖

Digitized by srujanika@gmail.com

କାରଖାନା, ଖଳାବାଡି, ଖାଦାନ, ବାଗାନରେ
ଏକ ହୁଅ
ଏକ ହୁଅ ତୁ ଭାରତ ଜନତା
ସଂଗ୍ରାମର ମଇଦାନରେ

ବିଦ୍ୟାରତ୍ନ ପ୍ରକାଶନ

Digitized by srujanika@gmail.com